# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୬/୨୦୨୪ (୧୬ ପୃଷ୍ଠା) | Bhubaneswar, Saturday, October 26/2024 Page 16 | ₹ 7.00 | SAMBALPUR

୫୦ଶ ଭାଗ ୩୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 331 | ମୂଲ୍ୟ ₹୭/-




## ସାଣ୍ଟନରଙ୍କ ପ୍ରଭାବୀ ବୋଲିଂ

ଭାରତ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ୭ ଉଇକେଟ ନେଇ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଛନ୍ତି ନ୍ୟୁଜିଲାଣ୍ଡ ସ୍ପିନର ମିଚେଲ ସାଣ୍ଟନର।

୧୪

୦୨

## ରିୟା ଚକ୍ରବର୍ତ୍ତୀଙ୍କୁ ସୁପ୍ରିମ୍‌କୋର୍ଟ ଆଶ୍ୱସ୍ତି

ସିବିଆଇ ପକ୍ଷରୁ ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀ ଓ ତାଙ୍କ ପରିବାର ବିରୋଧରେ ଜାରି ଲୁକ୍‌ଆଉଟ୍ ସର୍କୁଲରକୁ ଶୁକ୍ରବାର ସୁପ୍ରିମ୍‌କୋର୍ଟ ରଦ୍ଦ କରିଦେଇଛନ୍ତି।



# ଜେଲର, ୱାର୍ଡରଙ୍କୁ କଏଦୀଙ୍କ ସଂଘବଦ୍ଧ ଆକ୍ରମଣ

ଭୁବନେଶ୍ୱରର ଝାରପଡ଼ା ଜେଲରେ ନିୟମିତ ଭାବେ ନିଶା କାରବାର, ଗ୍ୟାଙ୍ଗୱାର, ଛୁରି ଧରି ଭୟଭୀତ କରାଇବା ଆଦିର ଭିଡିଓ ଭାଇରାଲ ହେଉଥିବା ଦେଖିବାକୁ ମିଳୁଛି। ଏହି ସବୁଥିରେ ଜେଲ ଅଧିକାରୀ ଓ କର୍ମଚାରୀ ସମ୍ପୃକ୍ତ ରହି ମାଲାମାଲ ହେଉଥିବା ନିକଟରେ ଅଭିଯୋଗ ହୋଇଥିଲା। ଏପରି କି ସେମାନେ ଜେଲରେ ଥିବା ଗ୍ୟାଙ୍ଗଷ୍ଟରଙ୍କ ସମର୍ଥକ ପାଲଟି ଅନ୍ୟ କଏଦୀଙ୍କୁ ଅତ୍ୟାଚାର କରୁଥିବା ଖବର ପଦାକୁ ଆସିଥିଲା। ଏହାର ତଦନ୍ତ କରାଯାଇଥିଲେ ମଧ୍ୟ ତାହାକୁ ଚାପି ଦିଆଯାଇଥିବା କୁହାଯାଉଛି। ଅନେକ ବିବାଦଘେରରେ ଥିବା ଝାରପଡ଼ା ଜେଲରେ ଶୁକ୍ରବାର ଘଟିଛି ଅପ୍ରୀତିକର ସ୍ଥିତି। କଏଦୀ ସଂଘବଦ୍ଧ ହୋଇ ଜେଲର ଓ ୱାର୍ଡରଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଛନ୍ତି। ତେବେ ଜେଲ ଭିତରକୁ ଛୁରି, ପାତ, ବ୍ଲେଡ୍ ଭଳି ମାରଣାସ୍ତ୍ର, ନିଶାଦ୍ରବ୍ୟ ଅବାଧରେ ନିଆଯାଇପାରୁଥିବାରୁ ଏଭଳି ଘଟଣା ଘଟିଲା ବୋଲି କୁହାଯାଉଛି।

### ଝାରପଡ଼ା ଜେଲ: ୧୫ ବର୍ଷ ପରେ ବାଜିଲା ସାଇରନ୍

ଭୁବନେଶ୍ୱର,୨୫।୧୦(ସତ୍ୟଜିତ୍ ରାଉତ)

ବିଶୃଙ୍ଖଳା ସୃଷ୍ଟି କରି ଝାରପଡ଼ା ଜେଲ ହାଇସିକ୍ୟୁରିଟି ୱାର୍ଡରେ ଥିବା ୫ଜଣ କଏଦୀ ପୁଣି ଆତଙ୍କରାଜ ଘଟାଇଛନ୍ତି। ସେମାନେ ସଂଘବଦ୍ଧ ଭାବେ ଜେଲର ଓ ୱାର୍ଡରଙ୍କୁ ମାଡ଼ ମାରିବା ସହ ବ୍ଲେଡ୍‌ରେ ଆକ୍ରମଣ କରି ରକ୍ତାକ୍ତ କରିଦେଇଛନ୍ତି। ଏଭଳି ଜରୁରିକାଳୀନ ସ୍ଥିତି ସୃଷ୍ଟି ହେବାରୁ ଜେଲ କର୍ତ୍ତୃପକ୍ଷ ଏମର୍ଜେନ୍ସି ସାଇରନ୍ ବଜାଇଛନ୍ତି। କଏଦୀଙ୍କ ଆକ୍ରମଣରେ ଜେଲର୍ ପ୍ରସନ୍ନ ସାହୁଙ୍କ ସହ ଦୁଇଜଣ ୱାର୍ଡର ରାଜେଶ ପାତ୍ର ଓ ପୃଥ୍ୱୀ ଆହତ ହୋଇଛନ୍ତି। କଏଦୀ ଅଜୟ ନାୟକ ଓରଫ ନନ୍ଦୁ, ନାରଣ ମହାନ୍ତି, ସନ୍ତୋଷ ଓରଫ ତାଓ୍ୱା, ଲିଙ୍ଗରାଜ ବାରିକ ଓ ସଞ୍ଜୟ ମଲ୍ଲିକ ଏଭଳି କାଣ୍ଡ ଘଟାଇଛନ୍ତି। ଏମାନେ ନିଶା କାରବାର, ଲୁଟ୍, ହତ୍ୟା ଆଦି ମାମଲାରେ ବାରମ୍ବାର ଗିରଫ ☞ପୃଷ୍ଠା-୪

## ଆଜି ୫ ଜିଲାରେ ସ୍କୁଲ ଛୁଟି

ଭୁବନେଶ୍ୱର,୨୫।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

ବାତ୍ୟା ପାଇଁ ୩ଦିନ ସ୍କୁଲ ବନ୍ଦ ରହିଥିଲା। ଶନିବାର ସ୍କୁଲ ଖୋଲୁଛି। ମାତ୍ର ବର୍ଷା ଲାଗି ରହିଥିବାରୁ ରାଜ୍ୟର ୫ ଜିଲାରେ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱରର ଆକଳନ ଅନୁଯାୟୀ, ଶନିବାର ପ୍ରବଳ ବର୍ଷା ହେବା ନେଇ ୨୧ ଜିଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ତେବେ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଶନିବାର ଏହି ୫ଟି ଜିଲାର ଜିଲାପାଳ ସ୍କୁଲକୁ ଛୁଟି ଘୋଷଣା କରିଛନ୍ତି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ସୂଚନା ଜାରି କରାଯାଇଛି।






# ଜିରୋ କାଜୁଆଲ୍ଟି ଲକ୍ଷ୍ୟ ହାସଲ କରିଛୁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୧୦(ଅନିଲ ଦାସ)

### ଜନସାଧାରଣ, ପ୍ରଶାସନିକ ଅଧିକାରୀଙ୍କୁ ଧନ୍ୟବାଦ ଦେଲେ

ବାତ୍ୟା 'ଦାନା' ଗୁରୁବାର ମଧ୍ୟରାତ୍ରରୁ ଶୁକ୍ରବାର ସକାଳ ୭ଟା ମଧ୍ୟରେ ଭିତରକନିକା ଓ ଧାମରା ମଧ୍ୟବର୍ତ୍ତୀ ଅଞ୍ଚଳରେ ଲ୍ୟାଣ୍ଡଫଲ୍ ହୋଇଛି। ବାତ୍ୟା ମୁକାବିଲାରେ ଆମେ ସମ୍ପୂର୍ଣ୍ଣ ସଫଳତା ହାସଲ କରିଛୁ। ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ ଆମେ ଆମର 'ଜିରୋ କାଜୁଆଲ୍ଟି' ଲକ୍ଷ୍ୟ ହାସଲ କରିଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବାତ୍ୟା 'ଦାନା'ର ଲ୍ୟାଣ୍ଡଫଲ୍ ପରେ ମୁଖ୍ୟମନ୍ତ୍ରୀ ଶୁକ୍ରବାର ସକାଳୁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟକୁ ଯାଇ ପରିସ୍ଥିତିର ସମୀକ୍ଷା କରିବା ସହିତ ପରବର୍ତ୍ତୀ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସମୀକ୍ଷା ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବାତ୍ୟା ପରବର୍ତ୍ତୀ କ୍ଷୟକ୍ଷତି ଆକଳନ କରିବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟରେ ନିୟୋଜିତ ଥିବା ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି। ସରକାର ଓ ପ୍ରଶାସନର ତତ୍ପରତା ଯୋଗୁ ପ୍ରାୟତଃ କ୍ଷୟକ୍ଷତି ଘଟିନାହିଁ।



ମୋହନ ଚରଣ ମାଝୀ

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେଉଁ ସବୁ ଜାଗାରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା ସେ ସବୁକୁ ହଟାଯାଇଛି। ବିଦ୍ୟୁତ୍ ସରବରାହ ବ୍ୟାଘାତ ହୋଇଥିବା ସ୍ଥାନଗୁଡ଼ିକରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦିଆଯିବ। ରେଳସେବା ମଧ୍ୟ ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର ଓ ପୁରୀରୁ ନିର୍ଦ୍ଧାରିତ ସମୟରେ ରେଳ ଚଳାଚଳ କରିବ ବୋଲି ସେ କହିଛନ୍ତି। ସେହିପରି ବିମାନ ଚଳାଚଳ ☞ପୃଷ୍ଠା-୪

ସୂଚନା: ଅନିବାର୍ଯ୍ୟ କାରଣରୁ ଏ ସପ୍ତାହର 'ପିଲାଙ୍କ ଧରିତ୍ରୀ' ପ୍ରକାଶ ପାଇପାରୁନାହିଁ।

**ଆଜିର ସମ୍ପାଦକୀୟ**

ବିପରୀତ ନିଷ୍ପତ୍ତି

୭ ଦିନରେ କ୍ଷୟକ୍ଷତିର ଆକଳନ

ଘର ଭାଙ୍ଗିଥିବା ଲୋକଙ୍କୁ ପକ୍କା ଘର ମିଳିବ: ରାଜସ୍ୱ ମନ୍ତ୍ରୀ

ପୃଷ୍ଠା-୩


No.T-83

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମ୍ଭାବ୍ୟ ବାତ୍ୟା 'ଦାନା' ଓ ପରବର୍ତ୍ତୀ ସାହାଯ୍ୟ ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି, ଆସନ୍ତା ସୋମବାର ଇଂରାଜୀ ତା୨୮।୧୦।୨୦୨୪ରିଖ ଦିନ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ସ୍ଥଗିତ ରଖାଗଲା।** ଯେଉଁମାନେ ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଅନ୍‌ଲାଇନ ଯୋଗେ ପଞ୍ଜୀକରଣ କରିଥିଲେ, ସେମାନେ ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣି ପାଇଁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ। ସେମାନଙ୍କ ପାଇଁ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0032/2425





## ସଂକ୍ଷେପରେ

### ଗାଜାରେ ଇସ୍ରାଏଲ୍‌ର ବୋମାମାଡ଼: ୩୮ ମୃତ

ବେରୁଟ୍‌,୨୫।୧୦

ଗାଜାର ଖାନ୍‌ୟୁନିସ୍‌ରେ ଶୁକ୍ରବାର ସକାଳେ ଇସ୍ରାଏଲୀ ସେନାର ବୋମାମାଡ଼ରେ ୩୮ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଛୋଟ ପିଲା। ସେହିପରି ଲେବାନନ୍‌ର ଦକ୍ଷିଣ ଭାଗରେ ହୋଇଥିବା ଆକ୍ରମଣରେ ୩ ଜଣ ଖବରଦାତା ପ୍ରାଣ ହରାଇଛନ୍ତି। ହମାସ୍‌କୁ ଧ୍ୱଂସ କରିବା ପାଇଁ ଇସ୍ରାଏଲ୍‌ର ଲକ୍ଷ୍ୟ ପୂରଣ ଦିଗରେ ସଫଳତାର ସହ କାର୍ଯ୍ୟ କରିଛି। ଏବେ ଉଭୟ ପକ୍ଷ ବୁଝାମଣା ଜରିଆରେ ଯୁଦ୍ଧ ବନ୍ଦ କରିବା ପାଇଁ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିବାର ଦିନକ ପରେ ଇସ୍ରାଏଲ୍ ସେନା ଗାଜା ଉପରେ ଏୟାରଷ୍ଟ୍ରାଇକ୍ କରିଛି। ସେହିପରି ଲେବାନନ୍‌ର ଏକ ଗେଷ୍ଟହାଉସ୍‌ରେ ଏୟାରଷ୍ଟ୍ରାଇକ୍ ଯୋଗୁ ୩ ଜଣ ଗଣମାଧ୍ୟମ ପ୍ରତିନିଧିଙ୍କ ମୃତ୍ୟୁ ଘଟିଛି। ଆକ୍ରମଣ ପୂର୍ବରୁ ଇସ୍ରାଏଲ୍ କୌଣସି ସୂଚନା ଦେଇ ନ ଥିବାରୁ ଏହାକୁ ନ୍ୟୁଜ୍ ନେଟ୍‌ୱର୍କର ପ୍ରତିନିଧି ଏବଂ ଲେବାନନ୍ ରାଜନେତାମାନେ ଯୁଦ୍ଧ ଅପରାଧ ବୋଲି କହିଛନ୍ତି।

### ଆତଙ୍କବାଦୀ ଆକ୍ରମଣ: ୧୦ ପାକ୍ ସୁରକ୍ଷା କର୍ମୀ ନିହତ

ପେଶାଓ୍ୱର, ୨୫।୧୦(ପି.ଟି.)

ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶରେ ଆତଙ୍କବାଦୀ ଆକ୍ରମଣରେ ୧୦ ସୁରକ୍ଷା କର୍ମୀ ନିହତ ହେବା ସହ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ଡେରା ଇସ୍‌ମାଇଲ ଖାନ୍ ଜିଲାର ଦରବାନ୍ ଅଞ୍ଚଳରେ ଗୁରୁବାର ଏହି ଆକ୍ରମଣ ହୋଇଥିଲା। ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ତେବେ ତେହରିକ୍-ଇ-ତାଲିବାନ୍ ପାକିସ୍ତାନ (ଟିଟିପି) ଉକ୍ତ ଅଞ୍ଚଳରେ ସକ୍ରିୟ ରହିବା ସହ ଅନେକ ସମୟରେ ସୁରକ୍ଷା ବଳକୁ ଟାର୍ଗେଟ କରୁଥିବାରୁ ଉକ୍ତ ଆକ୍ରମଣରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ପଞ୍ଜାବ ପ୍ରଦେଶ ମିଆନୱାଲି ସହରରେ ପୋଲିସ ଗୁଳିରେ ଟିଟିପିର ୧୦ ଆତଙ୍କବାଦୀ ନିହତ ହୋଇଛନ୍ତି।

# ଡେପ୍‌ସାଙ୍ଗ, ଡେମ୍‌ଚୋକ୍‌ରୁ ସେନା ପ୍ରତ୍ୟାହାର ଆରମ୍ଭ

ନୂଆଦିଲ୍ଲୀ,୨୫।୧୦(ପି.ଟି.)

ଭାରତ ଓ ଚାଇନା ପୂର୍ବ ଲଦାଖର ୨ ଫ୍ରିକ୍ସନ ପଏଣ୍ଟ ଡେମ୍‌ଚୋକ୍ ଏବଂ ଡେପ୍‌ସାଙ୍ଗରୁ ସେନା ପ୍ରତ୍ୟାହାର ଆରମ୍ଭ କରିଛନ୍ତି। ଆସନ୍ତା ୨୯ ତାରିଖ ସୁଦ୍ଧା ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ବୋଲି ସେନା ସୂତ୍ରରୁ ଶୁକ୍ରବାର କୁହାଯାଇଛି। ପୂର୍ବ ଲଦାଖ ଅନ୍ତର୍ଗତ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଉଭୟ ଦେଶ ପାଟ୍ରୋଲିଂ କରିବା ସହ ସୈନ୍ୟ ପ୍ରତ୍ୟାହାର କରିନେବା ପାଇଁ ବୁଝାମଣା ପରେ ଡିସ୍‌ଏନ୍‌ଗେଜ୍‌ମେଣ୍ଟ ଆରମ୍ଭ ହୋଇଛି। ଫଳରେ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଉକ୍ତ ଅଞ୍ଚଳରେ ଲାଗିରହିଥିବା ଅଚଳାବସ୍ଥା ଦୂର ହେବାକୁ ଯାଉଛି।

ସେନା ସୂତ୍ର ଅନୁଯାୟୀ, ୨ ଫ୍ରିକ୍ସନ ପଏଣ୍ଟରେ ପାଟ୍ରୋଲିଂ ଆରମ୍ଭ ହୋଇଛି। ଉଭୟ ଦେଶ ସେମାନଙ୍କ ସୈନ୍ୟମାନଙ୍କୁ ଫେରାଇ ନେବା ପରେ ଅସ୍ଥାୟୀ ନିର୍ମାଣକୁ ଭାଙ୍ଗିଦିଆଯିବ। ୨୦୨୦ ଏପ୍ରିଲ ପୂର୍ବରୁ ଯେଭଳି ପାଟ୍ରୋଲିଂ ଚାଲୁଥିଲା, ସେହିଭଳି ପାଟ୍ରୋଲିଂ ଷ୍ଟାଟସ୍ ଜାରି ରହିବ ବୋଲି



ଆଶା କରାଯାଉଛି। ଏଥିପାଇଁ ପ୍ରଥମେ କୂଟନୈତିକ ସ୍ତରରେ ଏବଂ ପରେ ସାମରିକ ସ୍ତରରେ ଚୁକ୍ତିନାମା ହୋଇଥିଲା। ତଦନୁଯାୟୀ ଭାରତୀୟ ସେନା ଏହାର ସାମରିକ ଉପକରଣଗୁଡ଼ିକୁ ଉକ୍ତ ଅଞ୍ଚଳରୁ ପଛକୁ ହଟାଇବା ଆରମ୍ଭ କରିଛି। ଗତ କିଛି ମାସର ଆଲୋଚନା ପରେ ବୁଝାମଣା ଚୂଡ଼ାନ୍ତ ହୋଇଥିବା ଗତ ୨୧ ତାରିଖରେ ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ୨୩ରେ ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସହ ଆଲୋଚନା ବେଳେ ପୂର୍ବ ଲଦାଖ ଅନ୍ତର୍ଗତ ଏଲ୍‌ଏସିରେ ପାଟ୍ରୋଲିଂ ଏବଂ ସୈନ୍ୟ ପ୍ରତ୍ୟାହାର ପାଇଁ ହୋଇଥିବା ବୁଝାମଣାକୁ ସମର୍ଥନ କରିଥିଲେ।

ସୂଚନାଯୋଗ୍ୟ, ୨୦୨୦ ମେ ୫ରେ ପୂର୍ବ ଲଦାଖର ପାଙ୍ଗୋଙ୍ଗ୍ ହ୍ରଦ ଅଞ୍ଚଳରେ ଭାରତୀୟ ଯବାନ ଏବଂ ଚାଇନାର ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍‌ଏ) ସୈନ୍ୟ ମୁହାଁମୁହିଁ ପରେ ସୀମାରେ ଉତ୍ତେଜନା ଦେଖାଦେଇଥିଲା। ଗଲ୍‌ୱାନ ଭ୍ୟାଲିର ପାଟ୍ରୋଲ ପଏଣ୍ଟ ୧୪ ନିକଟରେ ଜୁନ୍ ୧୫ ଓ ୧୬ରେ ଉଭୟ ପକ୍ଷଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ଭାରତର ଅନ୍ୟୂନ ୨୦ ଯବାନ ଶହୀଦ ହୋଇଥିବାବେଳେ ପିଏଲ୍‌ଏର ମଧ୍ୟ କେତେଜଣ ସୈନ୍ୟ ନିହତ ହୋଇଥିଲେ। ଏହି ସଂଘର୍ଷ ଦୁଇ ପଡ଼ୋଶୀ ମଧ୍ୟରେ ତିକ୍ତତା ବୃଦ୍ଧିର କାରଣ ହୋଇଥିଲା। ସେବେଠୁ ଗଲ୍‌ୱାନ ଉପତ୍ୟକାରେ ଭାରତ ଓ ଚାଇନା ବିପୁଳ ଅସ୍ତ୍ରଶସ୍ତ୍ର ଠୁଳ କରି ଅନେକ ହଜାର ସୈନ୍ୟଙ୍କୁ ମୁତୟନ କରିଥିଲେ, ଯାହା ଅଦ୍ୟାବଧି ବଳବତ୍ତର ରହିଛି। ସୀମାରେ ଶାନ୍ତି ନ ଫେରିବା ପର୍ଯ୍ୟନ୍ତ ଚାଇନା ସହ ସମ୍ପର୍କ ସ୍ୱାଭାବିକ ହେବ ନାହିଁ ବୋଲି ନୂଆଦିଲ୍ଲୀ କହିଆସୁଥିବାବେଳେ ଏଲ୍‌ଏସିରେ ସାମରିକ ଉତ୍ତେଜନା ହ୍ରାସ ପାଇଁ ଗତ କିଛିମାସ ହେଲା ଉଭୟ ଦେଶ କୂଟନୈତିକ ତଥା ସାମରିକ ସ୍ତରରେ ଆଲୋଚନା ଜାରି ରଖିଥିଲେ। ନିକଟରେ ସେନା କମାଣ୍ଡର ସ୍ତରୀୟ ଆଲୋଚନା ବେଳେ ଏଲ୍‌ଏସିରେ ପାଟ୍ରୋଲିଂ ନେଇ ସହମତି ପ୍ରକାଶ ପାଇଥିଲା।

# ରିୟା ଚକ୍ରବର୍ତ୍ତୀଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୨୫।୧୦

### ସିବିଆଇକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

> ଅଭିନେତ୍ରୀ ରିୟା ଏକ ହାଇପ୍ରୋଫାଇଲ ପୃଷ୍ଠଭୂମିରୁ ଆସିଥିବାରୁ ସିବିଆଇ ତାଙ୍କ ସହ ପରିବାର ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର ଜାରି କରିବା ଦୁର୍ଭାଗ୍ୟଜନକ।

ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାରେ ତାଙ୍କ ବାନ୍ଧବୀ ରିୟା ଚକ୍ରବର୍ତ୍ତୀଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ଏହି ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ରିୟା ଓ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରିଥିଲା। ବମ୍ବେ ହାଇକୋର୍ଟ ଏହାକୁ ରଦ୍ଦ କରିଥିବା ନିଷ୍ପତ୍ତିକୁ ଶୁକ୍ରବାର ସୁପ୍ରିମକୋର୍ଟ ବଳବତ୍ତର ରଖିଛନ୍ତି। ଅଭିନେତ୍ରୀ ରିୟା କେବଳ ଏକ ହାଇପ୍ରୋଫାଇଲ୍ ବ୍ୟାକ୍‌ଗ୍ରାଉଣ୍ଡରୁ ଆସିଥିବାରୁ ଆବେଦନକାରୀମାନେ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରିବା ଅନୁଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ସିବିଆଇ, ମହାରାଷ୍ଟ୍ର ସରକାର ଏବଂ ବ୍ୟୁରୋ ଅଫ୍ ଇମିଗ୍ରେଶନ୍‌କୁ ଭର୍ତ୍ସନା କରିଛନ୍ତି। ଜଷ୍ଟିସ୍ ଗଭାଇ କହିଛନ୍ତି, ଅଭିଯୁକ୍ତ ରିୟାଙ୍କ ବିରୋଧରେ ଆଗତ ଆବେଦନ ଉପରଠାଉରିଆ। ଆମେ ତୁମକୁ ଚେତାବନୀ ଦେଉଛୁ। ଅଭିଯୁକ୍ତ ଜଣେ ହାଇପ୍ରୋଫାଇଲ୍ ବ୍ୟକ୍ତିତ୍ୱ ବୋଲି ତୁମେ ଏଭଳି ପିଟିଶନ ଦାଖଲ କରୁଛ। ଏହାକୁ ଖାରଜ କରାଯାଉଛି।

ପ୍ରକାଶ ଯେ, ୨୦୨୦ ଜୁନ୍ ୧୪ରେ ସୁଶାନ୍ତ ସିଂ ରାଜପୁତଙ୍କ ବାନ୍ଦ୍ରାସ୍ଥିତ ତାଙ୍କ ଆପାର୍ଟମେଣ୍ଟରେ ମୃତ୍ୟୁ ଘଟିଥିଲା। ଜୁଲାଇ ୨୪ରେ ଏହାର ତଦନ୍ତ ଦାବିରେ ତାଙ୍କ ପରିବାର ପକ୍ଷରୁ ପାଟନାରେ ଏଫ୍‌ଆଇଆର୍ କରାଯାଇଥିଲା। ରିୟା ଓ ତାଙ୍କ ପରିବାର ସୁଶାନ୍ତଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇଥିବା ଏଥିରେ ଦର୍ଶାଯାଇଥିଲା। ଏହା ପରେ ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଆଯାଇଥିଲା। ସିବିଆଇ ରିୟା, ତାଙ୍କ ଭାଇ ଶୋୖିକ୍ ଚକ୍ରବର୍ତ୍ତୀ, ବାପା



ଲ୍ୟୁଟ୍‌ନାଣ୍ଟ କଲୋନେଲ ଇନ୍ଦ୍ରଜିତ ଚକ୍ରବର୍ତ୍ତୀ ଓ ମା' ସନ୍ଧ୍ୟା ଚକ୍ରବର୍ତ୍ତୀଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର ଜାରି କରିଥିଲା। ସର୍କୁଲାର ଜାରି କରିବାର ପର୍ଯ୍ୟାପ୍ତ କାରଣ ନ ଥିବା ଦର୍ଶାଇ ହାଇକୋର୍ଟ ଗତ ଫେବୃଆରୀ ୨୨ରେ ଏହାକୁ ଖାରଜ କରିଦେଇଥିଲେ। ଇତିମଧ୍ୟରେ ୨୦୨୦ରେ ରିୟା ଓ ଶୋୖିକ୍‌ଙ୍କୁ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଡ୍ରଗ୍ସ ମାମଲାରେ ଗିରଫ କରିଥିଲା। ପରେ ଉଭୟେ ଜାମିନ ପାଇଥିଲେ।




'ଦାନା' ପ୍ରଭାବରେ କୋଲକାତା ରାସ୍ତାରେ ପାଣି ଜମି ରହିଥିବାବେଳେ କୋଲକାତା ମହାନଗର ନିଗମ (କେଏମ୍‌ସି) ପକ୍ଷରୁ ନିଷ୍କାସନ ବ୍ୟବସ୍ଥା କରାଯାଉଛି।

## ପଶ୍ଚିମବଙ୍ଗରେ 'ଦାନା' ମୃତ୍ୟୁ

କୋଲକାତା,୨୫।୧୦

ସାମୁଦ୍ରିକ ଝଡ଼ 'ଦାନା'ର ପ୍ରଭାବ ପଡ଼ୋଶୀ ପଶ୍ଚିମବଙ୍ଗରେ ମଧ୍ୟ ଦେଖିବାକୁ ମିଳିଛି। ଝଡ଼ ବେଳେ ଦକ୍ଷିଣ ୨୪ ପ୍ରଗଣା ଜିଲାର ପଥରପ୍ରତିମାରେ କେବଳ କାମ କରୁଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ବାତ୍ୟାର ପ୍ରଭାବ ଇଷ୍ଟ ମେଦିନୀପୁର ଓ କୋଲକାତାରେ ମଧ୍ୟ ଅନୁଭୂତ ହୋଇଛି। ବିଭିନ୍ନ ସ୍ଥାନରେ ବର୍ଷା ଜଳ ଜମିରହିବାରୁ ଯାନବାହନ ଚଳାଚଳରେ ବାଧା ଉପୁଜିଛି। କୋଲକାତାସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ଗୁରୁବାର ରାତିଠାରୁ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ବିମାନ ଚଳାଚଳ ବନ୍ଦ ରହିଥିଲା। ରାଜ୍ୟର ୨,୪୩,୩୭୪ ଜଣ ଶିବିରଗୁଡ଼ିକରେ ଆଶ୍ରୟ ନେଇଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୂଚନା ଦେଇଛନ୍ତି। ମଶା ପ୍ରବଣ ଅଞ୍ଚଳରେ ମଶାରି ଓ ଔଷଧ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଜର୍ମାନ ଚାନ୍‌ସେଲରଙ୍କ ସହ ମୋଦିଙ୍କ ଆଲୋଚନା

ନୂଆଦିଲ୍ଲୀ,୨୫।୧୦

### ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିକୁ ଗୁରୁତ୍ୱ

ଭାରତକୁ ୩ ଦିନିଆ ଗସ୍ତରେ ଆସିଥିବା ଜର୍ମାନ ଚାନ୍‌ସେଲର ଓଲଫ ସ୍କୋଲ୍‌ଜଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ପ୍ରତିରକ୍ଷା, ବାଣିଜ୍ୟ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ବିଭିନ୍ନ ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ୟୁକ୍ରେନ୍ ଏବଂ ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧକୁ ନେଇ ଚିନ୍ତାବ୍ୟକ୍ତ କରିବା ସହ ଶାନ୍ତି ଫେରାଇ ଆଣିବା ଦିଗରେ ଭାରତ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରସ୍ତୁତ ବୋଲି କହିଥିଲେ। ଦୀର୍ଘଦିନ ହେଲା ୟୁକ୍ରେନ୍‌ରେ ଲାଗିରହିଥିବା ଯୁଦ୍ଧର ରାଜନୈତିକ ସମାଧାନ ପାଇଁ ସ୍କୋଲ୍‌ଜ ଭାରତର ସହାୟତା ଲୋଡ଼ିବାରୁ ପ୍ରଧାନମନ୍ତ୍ରୀ ଉପରୋକ୍ତ ପ୍ରତିଶ୍ରୁତି ଦେଇଛନ୍ତି।

ବିଂଶ ଶତାବ୍ଦୀରେ ପ୍ରତିଷ୍ଠିତ ବୈଶ୍ୱିକ ଫୋରମ୍‌ଗୁଡ଼ିକ ଏକବିଂଶ ଶତାବ୍ଦୀର ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ପାଇଁ ଯଥେଷ୍ଟ ନୁହେଁ। ଜାତିସଂଘ ସୁରକ୍ଷା ପରିଷଦ ସମେତ ବହୁପାକ୍ଷିକ ଅନୁଷ୍ଠାନଗୁଡ଼ିକରେ ସଂସ୍କାରର ଆବଶ୍ୟକତା ରହିଥିବା ପ୍ରଧାନମନ୍ତ୍ରୀ କହିଥିଲେ। ବିଭିନ୍ନ ଅଞ୍ଚଳରେ ଉତ୍ତେଜନା, ଦ୍ୱନ୍ଦ୍ୱ ଏବଂ ଅନିଶ୍ଚିତତା ଲାଗିରହିଥିବାବେଳେ ଭାରତ ଏବଂ ଜର୍ମାନୀ ମଧ୍ୟରେ ରଣନୈତିକ ସହଭାଗିତା ସୁଦୃଢ଼ ହୋଇଥିବା ମୋଦି କହିଛନ୍ତି।



ନୂଆଦିଲ୍ଲୀର ହାଇଦ୍ରାବାଦ୍ ହାଉସଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଜର୍ମାନ୍ ଚାନ୍‌ସେଲର ଓଲଫ ସ୍କୋଲ୍‌ଜ।

# ଗ୍ୟାଙ୍ଗ୍‌ଷ୍ଟର ବିଷ୍ଣୋଇଙ୍କ ଭାଇଙ୍କୁ ଧରାଇ ଦେଲେ ୧୦ ଲକ୍ଷ ଟଙ୍କା ପୁରସ୍କାର



ନୂଆଦିଲ୍ଲୀ,୨୫।୧୦

### ଏନ୍‌ଆଇଏର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଅନ୍‌ମୋଲ ବିଷ୍ଣୋଇ

ଜେଲରେ ଥିବା ଗ୍ୟାଙ୍ଗ୍‌ଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ଭାଇ ଅନ୍‌ମୋଲ ବିଷ୍ଣୋଇଙ୍କୁ ଧରାଇଦେବା ନିମନ୍ତେ ସୂଚନା ଦେଲେ ୧୦ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶୁକ୍ରବାର ଘୋଷଣା କରିଛି। ଗତ ଏପ୍ରିଲରେ ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍‌ଙ୍କ ବାସଭବନ ବାହାରେ ଗୁଳି ଚଳାଇବା ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଅନ୍‌ମୋଲ ଏନ୍‌ଆଇଏର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ରହିଛି। ଅନ୍‌ମୋଲ ବିଷ୍ଣୋଇ ଓରଫ ଭାନୁ କାନାଡାରେ ରହିବା ସହ ନିୟମିତ ଆମେରିକା ଯାତାୟାତ କରୁଥିବା ବିଶ୍ୱାସ କରାଯାଉଛି। ଗତ ୧୨ ତାରିଖରେ ମୁମ୍ବାଇର ବାନ୍ଦ୍ରା ଅଞ୍ଚଳରେ ଏନ୍‌ସିପି ନେତା ବାବା ସିଦ୍ଦିକିଙ୍କୁ ହତ୍ୟା ପଛରେ ଅନ୍‌ମୋଲ ରହିଥିବା ଅଭିଯୋଗ ହୋଇଛି। ଗତ ଏପ୍ରିଲରେ ଅନ୍‌ମୋଲଙ୍କ ନାଁରେ ଲୁକ୍‌ଆଉଟ୍ ସର୍କୁଲାର ଜାରି ହୋଇଥିଲା। ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଶୁକ୍ରବାର ପଞ୍ଜାବ ସମେତ ବିଭିନ୍ନ ରାଜ୍ୟରୁ ଲରେନ୍ସ ବିଷ୍ଣୋଇଙ୍କ ଗ୍ୟାଙ୍ଗ୍‌ର ୧୦ ଜଣଙ୍କୁ ଗିରଫ କରିଛି।

# ରତନ ଟାଟାଙ୍କ ଇଚ୍ଛାପତ୍ରରେ ଶାନ୍ତନୁଙ୍କ ଋଣ ଛାଡ଼



ଶାନ୍ତନୁ ନାଇଡୁଙ୍କ ସହ ରତନ ଟାଟା। (ଫାଇଲ୍ ଫଟୋ)

ନୂଆଦିଲ୍ଲୀ,୨୫।୧୦

### 'ଟିଟୋ' ପାଇଁ ଅସୀମିତ ଯତ୍ନ ବ୍ୟବସ୍ଥା

ଭାରତର ବିଶିଷ୍ଟ ଶିଳ୍ପପତି ତଥା ପରୋପକାରୀ ରତନ ଟାଟାଙ୍କର ଗତ ୯ ତାରିଖରେ ପରଲୋକ ହୋଇଥିବାବେଳେ ସେ ଏକ ଇଚ୍ଛାପତ୍ର ଛାଡ଼ିଯାଇଛନ୍ତି। ଏଥିରେ ସେ ତାଙ୍କର ୧୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତିରୁ କେବଳ ତାଙ୍କ ଭଉଣୀଭାଇମାନଙ୍କ ପାଇଁ ଭାଗ ବ୍ୟବସ୍ଥା କରିଯାଇ ନାହାନ୍ତି, ବରଂ ତାଙ୍କର ପ୍ରିୟ କୁକୁର ଟିଟୋ, ମୁଖ୍ୟ ସେବକ ସୁବୈୟା ଏବଂ ଘନିଷ୍ଠ କର୍ମଚାରୀ ଶାନ୍ତନୁ ନାଇଡୁଙ୍କ ପାଇଁ ସୁବିଧା କରିଦେଇ ଯାଇଛନ୍ତି।

ଟାଟାଙ୍କର ପୂର୍ବରୁ ଥିବା କୁକୁରର ମୃତ୍ୟୁ ପରେ ୬ ବର୍ଷ ପୂର୍ବରୁ ସେ ଜର୍ମାନ୍ ଶେଫାର୍ଡ ଟିଟୋକୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ତାଙ୍କର ଦୀର୍ଘଦିନର ରୋଷେୟା ରାଜନ ଶା'ଙ୍କୁ ଟିଟୋର ଅସୀମିତ ଯତ୍ନ ଦାୟିତ୍ୱ ଦିଆଯାଇଛି ଏବଂ ଏଥିପାଇଁ ରତନ ତାଙ୍କ ଇଚ୍ଛାପତ୍ରରେ ସମ୍ପତ୍ତି ବ୍ୟବସ୍ଥା କରିଯାଇଛନ୍ତି। ପାଶ୍ଚାତ୍ୟ ଦେଶରେ ପୋଷା କୁକୁର ପାଇଁ ସମ୍ପତ୍ତି ଛାଡ଼ିଯିବା ଦେଖାଯାଇଥାଏ। କିନ୍ତୁ ଭାରତରେ ଏହା ବିରଳ ଘଟଣା।

ରତନଙ୍କ ସମ୍ପତ୍ତିରୁ ତାଙ୍କ ଫାଉଣ୍ଡେଶନ, ଭାଇ ଜିମି ଟାଟା, ସାବତ ଭଉଣୀ ଶିରୀନ ଏବଂ ଡିନା ଜେଜିଭୋଏ ଏବଂ ପରିବାରର କର୍ମଚାରୀମାନେ ଭାଗ ପାଇବେ। ଏହା ବ୍ୟତୀତ ୩ ଦଶନ୍ଧି ଧରି ଘନିଷ୍ଠ ଥିବା ତାଙ୍କ ମୁଖ୍ୟ ସେବକ ସୁବୈୟା ଏବଂ କାର୍ଯ୍ୟନିର୍ବାହୀ ସହଯୋଗୀ ଶାନ୍ତନୁ ନାଇଡୁଙ୍କ ନିମନ୍ତେ ମଧ୍ୟ ୱିଲ୍‌ରେ ବ୍ୟବସ୍ଥା ରହିଛି। ଶାନ୍ତନୁଙ୍କ ଗୁଡ୍‌ଫେଲୋଜ୍ ଭେଞ୍ଚରରେ ଥିବା ଅଂଶଧନକୁ ଟାଟା ଛାଡ଼ିଦେବା ସହ ବିଦେଶରେ ଶିକ୍ଷା ପାଇଁ ସେ ନେଇଥିବା ଋଣକୁ ମଧ୍ୟ ଛାଡ଼ କରିଦେଇଛନ୍ତି।

ରତନ ଟାଟାଙ୍କର ସମ୍ପତ୍ତି ମଧ୍ୟରେ ରହିଛି ମହାରାଷ୍ଟ୍ରର ଆଲିବାଗ୍‌ରେ ୨,୦୦୦ ବର୍ଗଫୁଟ୍‌ର ବେଳାଭୂମି ବଙ୍ଗଳା, ମୁମ୍ବାଇର ଜୁହୁ ତାରା ରୋଡ୍‌ରେ ଦୁଇ ମହଲା ବିଲ୍ଡିଂ, ୩୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସ୍ଥାୟୀ ଜମା। ଏହା ବ୍ୟତୀତ ୧୬୫ ବିଲିୟନ ଡଲାର ଟାଟା ଗ୍ରୁପ୍‌ର ମୂଳ କମ୍ପାନୀ ଟାଟା ସନ୍ସରେ ୦.୮୩% ଅଂଶଧନ ରତନଙ୍କର ରହିଛି। ଉକ୍ତ ଅଂଶଧନକୁ ରତନ ଟାଟା ଏଣ୍ଡାଓମେଣ୍ଟ ଫାଉଣ୍ଡେଶନ (ଆର୍‌ଟିଇଏଫ୍)କୁ ସ୍ଥାନାନ୍ତର କରାଯିବ।

# ସ୍ୱାମୀଙ୍କୁ ଗଛରେ ବାନ୍ଧି ସ୍ତ୍ରୀଙ୍କୁ ଗଣବଳାତ୍କାର

ଭୋପାଳ,୨୫।୧୦

ମଧ୍ୟପ୍ରଦେଶରେ ଦୁଇଟି ଜଘନ୍ୟ ବଳାତ୍କାର ସାମ୍ନାକୁ ଆସିଛି। ଗୋଟିଏ ଦେଶର 'ସବୁଠୁ ସ୍ୱଚ୍ଛ ସହର' ଇନ୍ଦୋରରେ ଏବଂ ଅନ୍ୟଟି ରେୱାରେ ଘଟିଛି। ରେୱା ମାମଲାରେ ଏକ ପିକ୍‌ନିକ୍ ସ୍ପଟ୍ ନିକଟରେ ଏକ ଦମ୍ପତିଙ୍କୁ ଆକ୍ରମଣ କରାଯାଇଥିଲା। ସ୍ୱାମୀଙ୍କୁ ଏକ ଗଛରେ ବାନ୍ଧି ତାଙ୍କ ସ୍ତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିଲା। ବଳାତ୍କାରୀମାନେ ଏହି ବର୍ବରତା ଦୃଶ୍ୟର ଭିଡିଓ ସୁଟିଂ ମଧ୍ୟ କରିଥିଲେ। ଏତିକିରେ ଥମି ନ ଥିଲା ବର୍ବରତା। ପୋଲିସକୁ ଜଣାଇଥିଲେ ଅନ୍‌ଲାଇନରେ ଭିଡିଓ ରିଲିଜ୍ କରିଦେବୁ ବୋଲି ସେମାନେ ଧମକ ମଧ୍ୟ ଦେଇଥିଲେ। ଗତ ୨୧ରେ ଏହି ଗଣବଳାତ୍କାର ଘଟିଥିବାବେଳେ ଦିନକ ପରେ ପୋଲିସ ମାମଲା ରୁଜୁ କରିଥିଲା। ଏନେଇ କେତେଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।



### ଇନ୍ଦୋରରେ ବଳାତ୍କାର

ଇତିମଧ୍ୟରେ ଇନ୍ଦୋରରେ ଜଣେ ମାନସିକ ଭିନ୍ନକ୍ଷମ ମହିଳାଙ୍କୁ ଜଣେ ଦିନ ମଜୁରିଆ ଏକ ବର୍ଜ୍ୟବସ୍ତୁ ପରିଚାଳନା ସଂସ୍ଥାରେ ବଳାତ୍କାର କରିଥିବା ଅଭିଯୋଗ ଆସିଛି। ପୀଡ଼ିତା ଜଣକଙ୍କ ଦେହରେ ବସ୍ତ୍ର ନାହିଁ। ରକ୍ତସ୍ରାବ ହେଉଛି। ସହରର ସଦର ବଜାର ଅଞ୍ଚଳରେ ମଙ୍ଗଳବାର ଭୋର ୩ଟା ୪୫ ମିନିଟ୍‌ର ଏହି ଦୃଶ୍ୟ ସିସିଟିଭି ଫୁଟେଜ୍‌ରେ ଦେଖିବାକୁ ମିଳିଛି। ପୋଲିସ ଏହାକୁ ଅନୁଧ୍ୟାନ କରିବା ପରେ ଶ୍ରମିକ ସୋନୁଙ୍କୁ ଗିରଫ କରିଛି। ସୋନୁ ବଳାତ୍କାର କରିଥିବା ସ୍ୱୀକାର କରିଛନ୍ତି। ଲଗାତର ଦୁଇଟି ବଳାତ୍କାର ଘଟଣାକୁ ନେଇ ବିରୋଧୀ କଂଗ୍ରେସ ଶାସକ ଭାଜପାକୁ ସମାଲୋଚନା କରିଛି। ମଧ୍ୟପ୍ରଦେଶ କଂଗ୍ରେସ ସଭାପତି ଜିତୁ ପଟୱାରି ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଯାଦବ 'ଲାଡ୍‌ଲି ବେହନା' କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବାବେଳେ ରାସ୍ତାରେ ଝିଅ ଉଲଗ୍ନ ବୁଲୁଛନ୍ତି।

# ଧନୀ ହିରୋଇନ୍ ତାଲିକାରେ ଐଶ୍ୱର୍ଯ୍ୟା ରାୟ

ମୁମ୍ବାଇ:ବଲିଉଡ ଅଭିନେତ୍ରୀଙ୍କ ସୁନ୍ଦରତାକୁ ନେଇ ଅନେକ ସମୟରେ ଚର୍ଚ୍ଚା ଆଉ ପ୍ରତିଯୋଗିତା ହୁଏ। କେଉଁ ହିରୋଇନ ସବୁଠୁ ସୁନ୍ଦର ସେନେଇ ଖଟି ଠାରୁ ଆରମ୍ଭ କରି ସୋସିଆଲ ମିଡିଆ ଯାଏ ଚର୍ଚ୍ଚା କରନ୍ତି ଫ୍ୟାନ। କିନ୍ତୁ ବର୍ତ୍ତମାନ ସମୟରେ କେଉଁ ହିରୋଇନ ବେଶି ଧନୀ ତାହା ଫ୍ୟାନ୍ସଙ୍କ ମଧ୍ୟରେ ଉତ୍ସାହ ବଢ଼ାଇଛି। ସୋସିଆଲ ମିଡିଆରେ ୧୦ ଜଣ ଧନୀ ହିରୋଇନଙ୍କ ତାଲିକା ଭାଇରାଲ ହେଉଛି। ଏହି ତାଲିକାର ବଲିଉଡ ବିଉଟି ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଅଛନ୍ତି। ନିକଟରେ ହୁରୁନ ଇଣ୍ଡିଆ ଭାରତର ଶ୍ରେଷ୍ଠ ୧୦ ଧନୀ ହିରୋଇନଙ୍କ ତାଲିକା ପ୍ରକାଶ କରିଛି। ଏହି ତାଲିକାରେ ୮୦ ଦଶକରୁ ଆରମ୍ଭ କରି ବର୍ତ୍ତମାନର ଆଧୁନିକ ସମୟର ହିରୋଇନ ସାମିଲ ଅଛନ୍ତି। କିନ୍ତୁ ସମସ୍ତଙ୍କୁ ପଛରେ ପକାଇ ୯୦ ଦଶକର ଜଣେ ହିରୋଇନ ଧନୀ ତାଲିକାର ପ୍ରଥମ ସ୍ଥାନ ନେଇଯାଇଛନ୍ତି।

୯୦ ଦଶକ କଥା କହିଲେ ଆପଣ କରୀନା କପୁର, କାଜଲ, କରିଷ୍ମା କପୁର, ରାଣୀ ମୁଖାର୍ଜୀ, ମାଧୁରୀ ଦୀକ୍ଷିତଙ୍କ କଥା ଭାବୁଥିବେ ନିଶ୍ଚୟ। କିନ୍ତୁ ନା, ଏମାନେ କେହି ଭାରତର ଧନୀ ହିରୋଇଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ନାହାନ୍ତି, ବରଂ ଦୀର୍ଘ ଦିନ ହେବ କ୍ୟାମେରାରୁ ଦୂରେଇ ରହିଥିବା ଜୁହି ଚାୱଲା ଏହି ସ୍ଥାନ ଅଳଙ୍କୃତ କରିଛନ୍ତି। ସେ ହେଉଛନ୍ତି ଭାରତର ସବୁଠୁ ଧନୀ ହିରୋଇନ। ତାଙ୍କ ପରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ହେଉଛନ୍ତି ଦ୍ୱିତୀୟ ଶ୍ରେଷ୍ଠ ଧନୀ ହିରୋଇନ। ଐଶ୍ୱର୍ଯ୍ୟାଙ୍କ ସମ୍ପତ୍ତି ମୂଲ୍ୟ ୮୫୦ କୋଟି ଟଙ୍କା ହୋଇଥିବାବେଳେ ଜୁହି ଚାୱଲାଙ୍କ ସମ୍ପତ୍ତି ମୂଲ୍ୟ ୪,୬୦୦ କୋଟି ଟଙ୍କା। ଏହାପରେ ୬୫୦ କୋଟି ଟଙ୍କା ସହ ତୃତୀୟରେ ଅଛନ୍ତି ପ୍ରିୟଙ୍କା ଚୋପ୍ରା। ଚତୁର୍ଥରେ ଆଲିଆ ଭଟ୍ଟ ଏବଂ ପଞ୍ଚମରେ ଦୀପିକା ପାଦୁକୋନ ଅଛନ୍ତି।

ଜୁହି ଚାୱଲା ଅଭିନୟ ଜଗତରେ ନ ଥିଲେ ମଧ୍ୟ ତାଙ୍କର ଅନେକ ବ୍ୟବସାୟୀକ ସଂସ୍ଥା ରହିଛି। ତାଙ୍କ ସ୍ୱାମୀ ଜୟ ମେହତା ଜଣେ ବ୍ୟବସାୟୀ। ଜୁହି ଚାୱଲା ମଧ୍ୟ ରେଡ ଚିଲ୍ଲିଜ ଗ୍ରୁପର ସହପ୍ରତିଷ୍ଠାତା ଅଛନ୍ତି। ଏଥିସହ ସେ ଶାହରୁଖ ଖାନଙ୍କ ଆଇପିଏଲ ଟିମ କୋଲକାତା ନାଇଟ ରାଇଡର୍ସର ସହ-ମାଲିକ ଅଛନ୍ତି।






# ଅଭିବ୍ୟକ୍ତି ସ୍ୱାଧୀନତାକୁ ସଂକୁଚିତ କରୁଛି ଆଇନ: ଅନନ୍ତ ନାଥ

**ସାମ୍ବାଦିକତା ଜଗତରେ ଜଣାଶୁଣା ବ୍ୟକ୍ତିତ୍ୱ ଅନନ୍ତ ନାଥ ୨୦୧୦ରେ 'ଦି କାରାଭାନ' ପତ୍ରିକା ପୁନଃ ଆରମ୍ଭ କରିଥିଲେ। ତାଙ୍କ ସମ୍ପାଦନାରେ ବାସ୍ତବ କାହାଣୀଗୁଡ଼ିକର ବ୍ୟାଖ୍ୟାନ ଏହି ପତ୍ରିକାକୁ ବୁଦ୍ଧିମନ୍ତ କରିଛି। ଆଇଆଇଏମ୍ ଲକ୍ଷ୍ନୌରୁ ଏମ୍‌ବିଏ ଶିକ୍ଷାଲାଭ ପରେ ଅନନ୍ତ ନ୍ୟୁୟର୍କସ୍ଥିତ କଲମ୍ବିଆ ୟୁନିଭର୍ସିଟିରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଦେଶର ଅନ୍ୟତମ ସର୍ବାଧିକ ସମ୍ମାନାସ୍ପଦ ପ୍ରକାଶନର ସମ୍ପାଦକ ଅନନ୍ତ ଭୁବନେଶ୍ୱରରେ ଶନିବାର ଅନୁଷ୍ଠିତ ହେବାକୁ ଥିବା 'ଅପର୍ଚୁନିଟିଜ୍ ଆଣ୍ଡ ଚ୍ୟାଲେଞ୍ଜେସ୍ ଇନ୍ ରିଜିଓନାଲ ମିଡିଆ' ଶୀର୍ଷକ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି। ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ (ଇଜିଆଇ) ଏବଂ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି କନ୍‌କ୍ଲେଭ୍ ଅବସରରେ ଇଜିଆଇ ଅଧ୍ୟକ୍ଷ ଅନନ୍ତଙ୍କୁ ଭେଟି ସାମ୍ବାଦିକ, ଛାପା ଗଣମାଧ୍ୟମ ଓ ସାମ୍ବାଦିକତାର ଭବିଷ୍ୟତ ଉପରେ ଆଲୋଚନା କରିଛନ୍ତି 'ଓଡ଼ିଶା ପୋଷ୍ଟ'ର ଅରିନ୍ଦମ୍ ଗାଙ୍ଗୁଲି।**

**କନ୍‌କ୍ଲେଭ୍ ସମ୍ପର୍କରେ କିଛି କୁହନ୍ତୁ?**
ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ଉପସ୍ଥିତି ସାରା ଦେଶରେ ବ୍ୟାପକ କରିବା ସହ ଏହାକୁ ଏକ ଦିଲ୍ଲୀକୈନ୍ଦ୍ରିକ ସଂସ୍ଥା ବୋଲି ରହିଥିବା ଲୋକଙ୍କ ଧାରଣାକୁ ଦୂର କରିବା ଉଦ୍ଦେଶ୍ୟରେ ଇଜିଆଇ ଭୁବନେଶ୍ୱରରେ ଏହି କନ୍‌କ୍ଲେଭ୍‌ର ଆୟୋଜନ କରିଛି। ସମଗ୍ର ଦେଶର ସମ୍ପାଦକମାନଙ୍କ ପ୍ରତିନିଧିତ୍ୱ ହେଉଛି ସଂଗଠନର ଉଦ୍ଦେଶ୍ୟ।


ଅନନ୍ତ ନାଥ

ଖବରଦାତାମାନଙ୍କ ଅଧିକାର ଓ ଗଣମାଧ୍ୟମର ସ୍ୱାଧୀନତାକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଇଜିଆଇ ଏହାର ପରିସର ବୃଦ୍ଧିକୁ ଗୁରୁତ୍ୱ ଦେଇଆସୁଛି। ବିଶେଷକରି ଆଞ୍ଚଳିକ ଗଣମାଧ୍ୟମର ସାମ୍ବାଦିକମାନେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ହୃଦୟଙ୍ଗମ କରି ସେସବୁର ସମାଧାନ ଦିଗରେ ପ୍ରୟାସ କରିବା ଏହି କନ୍‌କ୍ଲେଭ୍ ଆୟୋଜନର ଲକ୍ଷ୍ୟ।

**ଗଣମାଧ୍ୟମ ଶିଳ୍ପ ସମ୍ମୁଖୀନ ହେଉଥିବା ବଡ଼ ଆହ୍ୱାନ କ'ଣ?**
ସମ୍ପ୍ରତି ଆମେ ସମ୍ମୁଖୀନ ହେଉଥିବା ସବୁଠୁ ବଡ଼ ଚ୍ୟାଲେଞ୍ଜ ହେଉଛି ଅଭିବ୍ୟକ୍ତି ସ୍ୱାଧୀନତାକୁ ଆଇନ ସଙ୍କୁଚିତ କରିଦେବା। ଖବରଦାତା ଏବଂ ଛାପା ଗଣମାଧ୍ୟମ ସଂସ୍ଥା, ଡିଜିଟାଲ ଓ ପ୍ରସାରଣ ଚ୍ୟାନେଲ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏଜେନ୍ସିଗୁଡ଼ିକୁ ପର୍ଯ୍ୟାପ୍ତ କ୍ଷମତା ପ୍ରଦାନ କରାଯାଇଛି। ଦ୍ୱିତୀୟ ଚ୍ୟାଲେଞ୍ଜ ହେଲା ସରକାରଙ୍କୁ ପ୍ରଶ୍ନ କରୁଥିବା ସଂସ୍ଥାଗୁଡ଼ିକର ସ୍ୱାଧୀନତାକୁ ସଙ୍କୁଚିତ କରୁଥିବା ସରକାରୀ ପ୍ରୋତ୍ସାହନ ଉପରେ ମିଡିଆର ଅତ୍ୟଧିକ ନିର୍ଭରଶୀଳତା। ସମ୍ପୃକ୍ତ ଗଣମାଧ୍ୟମଗୁଡ଼ିକ ବିରୋଧରେ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ଆଇନର ଦୁରୁପଯୋଗ କରିବା ପ୍ରବୃତ୍ତି ବଢ଼ିବାରେ ଲାଗିଛି। ଏହା ମଧ୍ୟ ଏକ ବଡ଼ ଚ୍ୟାଲେଞ୍ଜ।

**ଡିଜିଟାଲ ଉପଭୋକ୍ତାବାଦର ଦୌଡ଼ ଭିତରେ ପାରମ୍ପରିକ ଗଣମାଧ୍ୟମ କିଭଳି ଛିଡ଼ାହେବା ଉଚିତ?**
ବର୍ତ୍ତମାନ ପାଠିକାପାଠକଙ୍କ ପାଇଁ ବିଭିନ୍ନ ରୂପରେ ଅନେକ ବିଷୟବସ୍ତୁ ଉପଲବ୍ଧ, ଯାହାକି ଏହାର ବିଶ୍ୱସନୀୟତାକୁ ନେଇ ଅନେକଙ୍କୁ ଚିନ୍ତାରେ ପକାଇଛି। ଏହାଦ୍ୱାରା ବାସ୍ତବ ତଥ୍ୟର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ସୂଚନା ପ୍ରଦାନପୂର୍ବକ ପ୍ରକୃତ ସାମ୍ବାଦିକତାକୁ ପ୍ରଦର୍ଶିତ କରିବା ପାଇଁ ଜଣାଶୁଣା ଗଣମାଧ୍ୟମ ସଂସ୍ଥାଗୁଡ଼ିକ ସକାଶେ ସୁଯୋଗ ସୃଷ୍ଟି ହୋଇଛି। କଣ୍ଟେଣ୍ଟ ଜେନେରେଶନ ପାଇଁ ଇଣ୍ଟରନେଟ୍ ଓ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ମନଇଚ୍ଛା ପୋଷ୍ଟ କରୁଥିବା ବ୍ୟକ୍ତି ବା ସଂସ୍ଥା ଓ ଆମ ମଧ୍ୟରେ ଥିବା ପ୍ରଭେଦକୁ ଏହା ଦର୍ଶାଏ।

## ୨୯ରୁ ମୁଖ୍ୟମନ୍ତ୍ରୀଙ୍କ ୨ଦିନିଆ ନୂଆଦିଲ୍ଲୀ ଗସ୍ତ

ଭୁବନେଶ୍ୱର, ୨୫।୧୦(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୨୯ ଏବଂ ୩୦ ତାରିଖ ୨ ଦିନ ପାଇଁ ନୂଆଦିଲ୍ଲୀ ଗସ୍ତ କରିବେ। ଦିଲ୍ଲୀଠାରେ ଆୟୋଜିତ କେନ୍ଦ୍ର ସରକାରଙ୍କ ଏକ ବୈଠକରେ ସେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ହେଲେ ନିର୍ଦ୍ଦିଷ୍ଟ ଭାବେ କେଉଁ କାର୍ଯ୍ୟକ୍ରମରେ ସେ ଯୋଗଦେବେ ସେନେଇ ଜଣାପଡିନାହିଁ। ଏହି ଅବସରରେ ସେ ବାତ୍ୟା 'ଦାନା' ପ୍ରଭାବରେ ଓଡ଼ିଶାରେ ହୋଇଥିବା କ୍ଷୟକ୍ଷତି ନେଇ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରିବେ। ଏହା ବ୍ୟତିତ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କ ସହ ମଧ ତାଙ୍କର ଭେଟଘାଟର କାର୍ଯ୍ୟକ୍ରମ ଥିବା ଜଣାପଡିଛି।

## ବାତ୍ୟାରେ ନୂଆ ଦୁନିଆ ଦେଖିଲେ ୨୧୯୮ ଶିଶୁ

### ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫।୧୦(ବନ୍ଦନା ସେଠୀ)

ବାତ୍ୟା 'ଦାନା'ର ଭୟ ଓ ଆଶଙ୍କା ଭିତରେ ସୁରକ୍ଷିତ ଭାବେ ମାତୃତ୍ୱ ଲାଭ କରିଛନ୍ତି ୨୨୦୧ ମହିଳା। ଆଶାର ଆଲୋକବର୍ତ୍ତିକା ସାଜି ୨୧୯୮ ଶିଶୁ ନୂଆ ଦୁନିଆ ଦେଖିଥିବାବେଳେ ୨୦ ଶିଶୁ ମୃତାବସ୍ଥାରେ ଜନ୍ମ ହୋଇଛନ୍ତି। ତେବେ କୌଣସି ପ୍ରସବଜନିତ ମାତୃ ମୃତ୍ୟୁ ହୋଇ ନ ଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ବଳିଷ୍ଠ ନେତୃତ୍ୱ ତଥା ସମ୍ମିଳିତ ନିରନ୍ତର ଉଦ୍ୟମ ଯୋଗୁ ଏହି ସଫଳତା ମିଳିଛି। ଏଥିପାଇଁ ବିଭାଗର ଅଧିକାରୀ, ମେଡିକାଲ କର୍ତ୍ତୃପକ୍ଷ, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପକ୍ଷରେ ଖୁସିରେ ବହୁ ପରିବାର ନବଜାତକଙ୍କ ନାଁ 'ଦାନବୀର', 'ଦାନଶ୍ରୀ' ଆଦିଦେଇଥିବା ଜଣାପଡିଛି।

ବାତ୍ୟା ଆସିବା ପୂର୍ବରୁ ୧୪ ଜିଲାର ୩୪ହଜାର ୮୦ଜଣ ଗର୍ଭବତୀଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ଚଳିତ ସପ୍ତାହରେ ପ୍ରସବ ତାରିଖ ଥିବା ୯ ହଜାର ୮୭୭ଜଣ ମହିଳାଙ୍କ ମଧ୍ୟରୁ ୪ହଜାର ୭୯୭ଜଣଙ୍କୁ ନିକଟସ୍ଥ ଡାକ୍ତରଖାନାର ପ୍ରସବ କେନ୍ଦ୍ର/ମା'ଗୃହକୁ ସ୍ଥାନାନ୍ତର ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଅର୍ଥାତ୍ ୪୮୫୯ ମହିଳାଙ୍କୁ ବିଭାଗ ପକ୍ଷରୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୨୦୧ଜଣ ମହିଳା ସନ୍ତାନ ପ୍ରସବ କରିଛନ୍ତି। ୧୮୫୮ଜଣ ସାଧାରଣ ପ୍ରସବ ଏବଂ ୩୪୩ଜଣ ଅସ୍ତ୍ରୋପଚାର ମାଧ୍ୟମରେ ଶିଶୁ ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। ଏହି ସମସ୍ତ ମହିଳାଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ରଖାଯାଇ ପ୍ରସବ ପରବର୍ତ୍ତୀ ଯତ୍ନ ନିଆଯାଉଛି। ପାଣିପାଗ ଅନୁକୂଳ ହେବା ପରେ ସେମାନଙ୍କ ରହିବାର ସୁବନ୍ଦୋବସ୍ତ ହେବା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ରହିବାର ବ୍ୟବସ୍ଥା କରାଯାଇଛି। ଏହା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଗୁଣାତ୍ମକ ତଥା ଉତ୍ସର୍ଗୀକୃତ ସେବା ମନୋଭାବକୁ ପ୍ରମାଣିତ କରୁଛି ଏବଂ ମୁଖ୍ୟମନ୍ତ୍ରୀଙ୍କ ଶୂନ ମୃତ୍ୟୁ ଆହ୍ୱାନ ସଫଳ ହୋଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି।

ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ବାତ୍ୟା ପ୍ରପୀଡିତ କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲାରେ ୩ଜଣ ଅତିରିକ୍ତ ନିର୍ଦ୍ଦେଶକ ପାହ୍ୟାର ଅଧିକାରୀଙ୍କୁ ଜିଲା ଜନସ୍ୱାସ୍ଥ୍ୟ ଓ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହାୟତା ନିମନ୍ତେ ଅବସ୍ଥାପିତ କରାଯାଇଛି। ଏଥିସହିତ ଜିଲାଗୁଡ଼ିକରେ ୨୮ଜଣ ଡାକ୍ତର ଏବଂ ବିଭିନ୍ନ ବର୍ଗର ୪୫ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ବାତ୍ୟା ଆସିବା ପୂର୍ବରୁ ୧୨୪୦ଟି ଜେନେରେଟରକୁ ଇନ୍ଧନ ସହ ପ୍ରସ୍ତୁତ କରି ରଖାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ସାପକାମୁଡ଼ା ଇଞ୍ଜେକ୍ସନ ଏବଂ ଅନ୍ୟାନ୍ୟ ଦରକାରୀ ଔଷଧ ଓ ରକ୍ତଭଣ୍ଡାରଗୁଡ଼ିକରେ ପର୍ଯ୍ୟାପ୍ତ ରକ୍ତ ମହଜୁଦ ରଖାଯାଇଥିଲା। ୧୪ ଜିଲାରେ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯିବା ସହ ୨୩୮ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟଦଳ ନିୟୋଜିତ ହୋଇଥିଲେ। ବାତ୍ୟା ଆଶ୍ରୟ କେନ୍ଦ୍ରରେ ଆଶାକର୍ମୀଙ୍କୁ ନିୟୋଜନ କରାଯାଇଥିଲା ଏବଂ ଦିନକୁ ଦୁଇଥର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟଦଳ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି। ଏହାବ୍ୟତୀତ ବାତ୍ୟା ପରବର୍ତ୍ତୀ ଅବସ୍ଥାରେ ବିଶୁଦ୍ଧ ପାନୀୟ ଜଳର ଅଭାବ ଓ ଝାଡ଼ାବାନ୍ତିର ପ୍ରକୋପକୁ ଲକ୍ଷ୍ୟ କରି ବିଭାଗ ପକ୍ଷରୁ ଯଥେଷ୍ଟ ପରିମାଣର ହାଲୋଜେନ ବଟିକା, ବ୍ଲିଚିଂ ପାଉଡର୍, ଓଆର୍‌ଏସ୍ ଏବଂ ଅନ୍ୟାନ୍ୟ ଔଷଧ ଆଶାଦିଦିଙ୍କ ପର୍ଯ୍ୟନ୍ତ ଉପଲବ୍ଧ କରାଯାଇଥିବା ସୂଚନା ଦିଆଯାଇଛି।

## ଶନିବାର, ରବିବାର ସରକାରୀ ଛୁଟି ବାତିଲ

ଭୁବନେଶ୍ୱର, ୨୫।୧୦(ଅନିଲ ଦାସ)

ବାତ୍ୟା 'ଦାନା' ପ୍ରଭାବରେ କ୍ଷତିଗ୍ରସ୍ତ ଅଞ୍ଚଳରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶନିବାର ଓ ରବିବାର ୨ଦିନ ସରକାରୀ ଛୁଟିକୁ ବାତିଲ କରିଛନ୍ତି।

ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ଦେଓରଞ୍ଜନ କୁମାର ସିଂ ଶୁକ୍ରବାର ସମସ୍ତ ବିଭାଗକୁ ଚିଠି ଲେଖିଛନ୍ତି। 'ଦାନା' ପରବର୍ତ୍ତୀ ବିପର୍ଯ୍ୟୟ ପରିଚାଳନା ଓ ଅନ୍ୟାନ୍ୟ କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ ସମ୍ପାଦନ କରାଯିବାର ଆବଶ୍ୟକତା ରହିଥିବା ଏସ୍‌ଆର୍‌ସି କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ବିଭାଗୀୟ ଅଫିସ୍ ଖୋଲା ରଖିବାକୁ ଘୋଷଣା କରିଛନ୍ତି। ଚତୁର୍ଥ ଶନିବାର ଓ ରବିବାର ସରକାରୀ କାର୍ଯ୍ୟାଳୟ ଛୁଟି ରହିଥାଏ। ବାତ୍ୟା ଦାନା ଯୋଗୁ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ ଅକ୍ଟୋବର ୨୬ ଓ ୨୭ ଦୁଇଦିନ ଖୋଲା ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଶାସନିକ ବିଭାଗଗୁଡ଼ିକ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଏସ୍‌ଆର୍‌ସି କହିଛନ୍ତି।

## ଓଲଟିଲା ବୋଲେରୋ, ୨ ମୃତ

ଢେଙ୍କାନାଳ, ୨୫।୧୦(ରତନ ନାୟାର)


ରାସ୍ତାକଡ଼କୁ ଓଲଟି ପଡିଥିବା ବୋଲେରୋ।

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଅଧୀନ ଭାପୁର-କାଣ୍ଡବିନ୍ଧା ରାସ୍ତାର ତାମଣ୍ଡା ଘାଟିଠାରେ ଶୁକ୍ରବାର ଅପରାହ୍ନ ୩ଟାରେ ଏକ ବୋଲେରୋ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଗାଡ଼ି ଚଳାଉଥିବା ବୋଲେରୋ ମାଲିକ ସାଗର ଚନ୍ଦ୍ର ପରିଡ଼ା(୨୯)ଙ୍କ ସହ ସିଲୁ ବେହେରା(୨୦)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗାଡ଼ିରେ ଯାଉଥିବା ଅନିଲ ପ୍ରଧାନ(୩୨) ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ମୃତାହତଙ୍କ ଘର କାଣ୍ଡବିନ୍ଧା ଗ୍ରାମରେ। ଉକ୍ତ ରାସ୍ତା ଦେଇ ଯାଉଥିବା ଗ୍ରାମାଞ୍ଚଳ ପରିବହନ ସେବାର ଜଣେ କର୍ମଚାରୀ ଦୁର୍ଘଟଣାସ୍ଥଳରୁ ୩ ଜଣଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ସାଗର ଓ ସିଲୁଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସଦର ଥାନା ଓ ଭାପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ତଦନ୍ତ ଚଳାଇଛି।

## ଘର ଭାଙ୍ଗିଥିବା ଲୋକଙ୍କୁ ପକ୍କାଘର ମିଳିବ: ରାଜସ୍ୱ ମନ୍ତ୍ରୀ

### ୭ ଦିନରେ କ୍ଷୟକ୍ଷତି ଆକଳନ

ଭୁବନେଶ୍ୱର, ୨୫।୧୦(ଅନିଲ ଦାସ)

ବାତ୍ୟା 'ଦାନା' ପ୍ରଭାବରେ ଘର ଭାଙ୍ଗିଥିବା ଲୋକଙ୍କୁ ପକ୍କାଘର ଯୋଗାଇ ଦିଆଯିବ। ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକ ପରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ବାତ୍ୟା ପରବର୍ତ୍ତୀ ଅଞ୍ଚଳ ଯାଇ କ୍ଷେତ୍ର ପରିଦର୍ଶନ କାମ ଶନିବାରଠାରୁ ଆରମ୍ଭ ହେବ।

ଆସନ୍ତା ୭ ଦିନ ମଧ୍ୟରେ ଫସଲ ଓ ବାସଗୃହ କ୍ଷୟକ୍ଷତି ନେଇ ଆକଳନ କରାଯିବ। ବାତ୍ୟା ଦାନା ପାଇଁ ଭଦ୍ରକ ଓ କେନ୍ଦ୍ରାପଡ଼ା ବିଶେଷ ପ୍ରଭାବିତ ହୋଇଥିବା ରାଜସ୍ୱମନ୍ତ୍ରୀ କହିଛନ୍ତି। ବାତ୍ୟା ଲ୍ୟାଣ୍ଡଫଲ୍‌ର ୪ ଘଣ୍ଟା ମଧ୍ୟରେ ରାସ୍ତା ସଫା ହୋଇସାରିଛି। ଟେଲିକମ୍ୟୁନିକେଶନ ବିଭାଗରୁ କୌଣସି ଅଭିଯୋଗ ଆସି ନାହିଁ। ଶକ୍ତି ଓ ସ୍ୱାସ୍ଥ୍ୟ ବିଭାଗ ଭଲ କାମ କରିଥିବା ରାଜସ୍ୱମନ୍ତ୍ରୀ କହିଛନ୍ତି।

## ଅଡାଙ୍ଗି ଜଙ୍ଗଲରେ ପୋଲିସ ଗୁଳିରେ ମାଓବାଦୀ ନିହତ

### ଏକେ-୪୭ ସହ ରକେଟ ଲଞ୍ଚର ଜବତ


ଜବତ ଏକେ-୪୭ ସହ ଅନ୍ୟାନ୍ୟ ସାମଗ୍ରୀ।

ଫୁଲବାଣୀ/ବାଲିଗୁଡା, ୨୫।୧୦
(ରାକେଶ ରାଉତ/ସଞ୍ଜୟ କୁମାର ପାଣିଗ୍ରାହୀ)

ଛତିଶଗଡ଼ରେ ଗତ କିଛିଦିନ ତଳେ ପୋଲିସ ଗୁଳିରେ ବହୁ ମାଓବାଦୀ ନିହତ ହେବା ପରେ ସେମାନେ ଏବେ ଓଡ଼ିଶାମୁହାଁ ହୋଇଛନ୍ତି। କନ୍ଧମାଳ ଜିଲାରେ ମାଓବାଦୀଙ୍କ ଅବସ୍ଥିତି ପୂର୍ବରୁ ଥିଲେ ହେଁ କିଛିଦିନ ହେବ ସେମାନଙ୍କ ଉପସ୍ଥିତି ବଢ଼ିଛି। ଗତ ୧୭ ତାରିଖରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଦୁଇଦିନିଆ କନ୍ଧମାଳ ଗସ୍ତରେ ଆସି ମାଓବାଦୀଙ୍କ ଉପସ୍ଥିତି ନେଇ ସ୍ଥିତି ସମୀକ୍ଷା କରିଥିଲେ। ତେବେ ଶୁକ୍ରବାର ପୋଲିସ-ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ବାଲିଗୁଡା ଥାନା ମିଡିଆକିଆ ପାଖ ଡାଙ୍ଗମାଲି ଜଙ୍ଗଲରେ ପୋଲିସ-ମାଓବାଦୀ ମୁହାଁମୁହିଁ ହେବା ପରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ଖବର ଲେଖା ହେବାଯାଏ ରାତି ସାଢ଼େ ୮ଟା ସୁଦ୍ଧା ନିହତ ମାଓବାଦୀଙ୍କ ପରିଚୟ ଜଣାପଡ଼ିନାହିଁ। ଡାଙ୍ଗମାଲି ଜଙ୍ଗଲରେ ସର୍ଚ୍ଚ ଅପରେଶନ ଜାରି ରହିଥିବା ଜିଲା ପୋଲିସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଡିଆଇଜି ଡ. ସାର୍ଥକ ଷଡ଼ଙ୍ଗୀ କହିଛନ୍ତି।

ବାଲିଗୁଡ଼ା ଥାନାଠାରୁ ୧୨/୧୩ କି.ମି. ଦୂର ଡାଙ୍ଗମାଲି ଜଙ୍ଗଲରେ ମାଓବାଦୀମାନେ କ୍ୟାମ୍ପ ପକାଇବା ଏବଂ ପାଖ ଗ୍ରାମକୁ ଆସି ଖାଇବାକୁ ମାଗିବା ନେଇ ପୋଲିସ ନିକଟରେ ଖବର ପହଞ୍ଚିଥିଲା। ଶୁକ୍ରବାର ପୋଲିସ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲା। ସକାଳ ୯ଟାରେ ସମ୍ମୁଖରୁ ଆସୁଥିବା ୪ଜଣଙ୍କୁ ଯବାନମାନେ ଅଟକାଇ ପଚରାଉଚରା କରିଥିଲେ। ଏହି ସମୟରେ ସେମାନେ ଦୌଡ଼ି କିଛି ବାଟ ପଳାଇ ପରେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ଯବାନମାନେ ମଧ୍ୟ ପାଲଟା ଗୁଳି ଚଳାଇଥିଲେ। ଉଭୟପକ୍ଷଙ୍କ ମଧ୍ୟରେ ୧୫ରୁ ୨୦ ମିନିଟ ଧରି ଗୁଳି ବିନିମୟ ହୋଇଥିଲା। ପରେ ଜଙ୍ଗଲରେ ତଲାସି ବେଳେ ଜଣେ ମାଓବାଦୀଙ୍କ ମୃତଦେହ ମିଳିଥିଲା ବୋଲି ଡିଆଇଜି ଷଡ଼ଙ୍ଗୀ କହିଛନ୍ତି। ଅନ୍ୟ ୩ ଜଣଙ୍କୁ ଖୋଜାଖୋଜି କରାଯାଉଛି। ଜଙ୍ଗଲରେ ସର୍ଚ୍ଚ ଅପରେଶନ ଜାରି ରହିଛି। ଘଟଣାସ୍ଥଳରୁ ରକେଟ ଲଞ୍ଚର, ଗୋଟିଏ ଏକେ-୪୭ ରାଇଫଲ ମିଳିଛି। ଫଳରେ ନିହତ ମାଓବାଦୀ ଜଣକ କ୍ୟାଡର ମାଓବାଦୀ ହୋଇଥିବା ଅନୁମାନ କରାଯାଉଛି ବୋଲି ଡିଆଇଜି ଷଡ଼ଙ୍ଗୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କନ୍ଧମାଳ ଏସ୍‌ପି ହରିଶ ବି.ସି. ଉପସ୍ଥିତ ଥିଲେ।

## ଆଉ ୩ ଦିନ ବନ୍ଦ ରହିବ ଶିମିଳିପାଳ

ବାରିପଦା, ୨୫।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା 'ଦାନା' ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ନିମନ୍ତେ ବନ୍ଦ ରହିବ। ପୂର୍ବରୁ ବର୍ଷା ଆଶଙ୍କାରେ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଶିମିଳିପାଳ ବନ୍ଦ ରହିଥିବା ବେଳେ ଏବେ ଏହାକୁ ଆଉ ୩ ଦିନ ବଢ଼ାଇ ଦିଆଯାଇଛି। ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଶିମିଳିପାଳ ମଧ୍ୟରେ ପାହାଡ଼ିଆ ମାଟି ରାସ୍ତାରେ ଅଘଟଣକୁ ରୋକିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ(ଦକ୍ଷିଣ)ର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି। ଏହି ସମୟ ମଧ୍ୟରେ ଅଭୟାରଣ୍ୟ ମଧ୍ୟକୁ କୌଣସି ଗାଡ଼ି ପ୍ରବେଶ କିମ୍ବା ପ୍ରସ୍ଥାନ କରିବ ନାହିଁ। ସ୍ଥିତିକୁ ଦେଖି ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ୬ ମାଓବାଦୀଙ୍କ ଆତ୍ମସମର୍ପଣ


ପୋଲିସ ଆତ୍ମସମର୍ପଣକାରୀ ମାଓବାଦୀଙ୍କୁ ପୁରସ୍କାର ପ୍ରଦାନ କରୁଛି।

ମାଲକାନଗିରି, ୨୫।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମାରେ ୬ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ର ନକ୍ସଲବାଦ ବିଲୋପ, ପୁନର୍ବାସ ନୀତି ଏବଂ ନିୟାଦ ନେଲା ନାୟାର ଯୋଜନା ତଥା ଘରକୁ ଫେର ଅଭିଯାନରେ ମାଓବାଦୀମାନେ ପ୍ରଭାବିତ ହୋଇ ଜଣେ ଦମ୍ପତିଙ୍କ ସହ ୬ ମାଓବାଦୀ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ଆତ୍ମସମର୍ପଣ ମଧ୍ୟରେ ଦମ୍ପତିଙ୍କ ନାମରେ ମୋଟ ୧୦ଲକ୍ଷ ପୁରସ୍କାର ରାଶି ଘୋଷଣା କରାଯାଇଥିବାବେଳେ ଅନ୍ୟ ୪ଜଣଙ୍କ ନାମରେ ମୋଟ ୧୪ ଲକ୍ଷ ପୁରସ୍କାର ରହିଥିବା ଜଣାପଡ଼ିଛି। ଆତ୍ମସମର୍ପଣ ନୀତି ଅନୁଯାୟୀ ସମସ୍ତ ଆତ୍ମସମର୍ପଣକାରୀ ମାଓବାଦୀଙ୍କୁ ଆଗାମୀ ଦିନରେ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବା ନେଇ ସୁକ୍‌ମା ଏସ୍‌ପି କିରଣ ଚୌହାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ଓଡ଼ିଶା ଏଡିଶନ ପକ୍ଷରୁ 'ଅପର୍ଚ୍ୟୁନିଟିଜ୍ ଆଣ୍ଡ ଚ୍ୟାଲେଞ୍ଜେସ୍ ଅଫ୍ ରିଜିଓନାଲ ମିଡିଆ' ଶୀର୍ଷକ ସମ୍ମେଳନ, ସ୍ଥାନ: ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ସମୟ: ସକାଳ ୯ଟା।
- ୧୦ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୫ଟା ୪୫।
- ୧୮ତମ ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା
- ପରମାଣୁ ଶକ୍ତି ବିଭାଗର ପ୍ରଥମ କନ୍‌କ୍ଲେଭ ଏବଂ ପ୍ଲାଟିନମ ଜୁବୁଲି ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ପଠାଣିସାମନ୍ତ ପ୍ରେକ୍ଷାଳୟ ନାଇଜର, ଜଟଣୀ, ସମୟ: ଅପରାହ୍ନ ୩ଟା ୩୦।
- ଜଟଣୀ ବାଣ ବଜାର ଉଦ୍‌ଘାଟନ, ସ୍ଥାନ: ଶରତ ପାଇକରାୟ ଖେଳପଡ଼ିଆ, ଜଟଣୀ ମହାବିଦ୍ୟାଳୟ ନିକଟ, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ବାତ୍ୟା କ୍ଷୟକ୍ଷତି ଆକଳନ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ଆନନ୍ଦପୁର ବିଧାୟକଙ୍କ ବାତ୍ୟାସ୍ଥଳ ପରିଦର୍ଶନ ଏବଂ ସମୀକ୍ଷା, ସ୍ଥାନ: ହାଟଡିହୀ, ସମୟ: ପୂର୍ବାହ୍ନ ୧୦ ଟା।
- କେନ୍ଦୁଝର ଜିଲାପରିଷଦ ସିଡିଓ, ଆନନ୍ଦପୁର ବିଧାୟକ, ହାଟଡ଼ିହୀ ବିଡିଓ ଓ ତହସିଲଦାରଙ୍କ ବାତ୍ୟାସ୍ଥିତି ସମୀକ୍ଷା, ସ୍ଥାନ: ହାଟଡ଼ିହୀ ବ୍ଲକ୍, ସମୟ : ପୂର୍ବାହ୍ନ ୧୧ ଟା।
- ଶନିଙ୍କ ମନ୍ଦିର ପ୍ରାଙ୍ଗଣରେ ପୂଜା, ମେଳା ଏବଂ ଭଜନ, କୀର୍ତ୍ତନ, ସ୍ଥାନ: ଛେନାପଦୀ, ମୋଟରାଗଡ଼ିଆ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ରୋଟାରୀ କ୍ଲବ ପକ୍ଷରୁ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ,ସମୟ: ସକାଳ ୮ଟା।
- ଜାତୀୟ ପର୍ଯ୍ୟଟନ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ୫ମ ଦିବସ ଶତପଥୀ ଲାୟନ୍ସ ବନାମ ବିକାଶ ୱାରିୟରସ୍, ସ୍ଥାନ: କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ୫ମ ଦିବସରେ ଅଣ୍ଡର ବାଲଙ୍କେଶ୍ୱର ବନାମ ଇଶାନ ରୟାଲ୍, ସ୍ଥାନ: କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ଓ ପ୍ରବଚନର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟାରୁ ରାତି ୯ଟା ୩୦।

## ରାୟଗଡ଼ା
- କାର୍ତ୍ତିକ ମାସ ଉତ୍ସବ ପାଳନ ଅବସରରେ ଲକ୍ଷ୍ମୀ ନାରାୟଣ ବିବାହ, ସ୍ଥାନ: ବାସବି କନକା ପରମେଶ୍ୱରୀ ମନ୍ଦିର, ଗୁଡାରି, ସମୟ: ପୂର୍ବାହ୍ନ ୧୦ ଟା।
- ଅଷ୍ଟ ପ୍ରହରୀ ନାମ ସଙ୍କୀର୍ତ୍ତନ ଅଧିବାସ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୬ ଟା।

## ନବରଙ୍ଗପୁର
- ଶ୍ରୀ ଅନ୍ନ ଯୋଜନାରେ ବ୍ଲକସ୍ତରୀୟ ଖାଦ୍ୟ ମେଳା, ସ୍ଥାନ: ଝରିଗାଁ ବ୍ଲକ ପୂର୍ଣ୍ଣିଗୁଡା ଗ୍ରାମ, ସମୟ: ସକାଳ ୧୦ଟା।

## ସମ୍ବଲପୁର
- ଯୋଗ କ୍ଲବ ପକ୍ଷରୁ ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା।
- ୨୫ତମ ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ମ୍ୟାଚ, ଇଣ୍ଡିଆନ ପବ୍ଲିକ ସ୍କୁଲ ବନାମ ସେଭେନ ହିଲ୍ସ ପବ୍ଲିକ ସ୍କୁଲ , ଧନକଉଡା ହାଇସ୍କୁଲ ବନାମ ବିକାଶ କନସେପ୍ଟ ସ୍କୁଲ, ସ୍ଥାନ: ସିଂହପାଲି- କାଇଁଶିର ଖେଳ ପଡିଆ, ସମୟ: ଅପରାହ୍ନ ୨ଟା।
- ସେଣ୍ଟ ଯୋଶେଫ କନଭେଣ୍ଟ ସ୍କୁଲ ବନାମ ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ ମଧ୍ୟରେ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ସିଂହପାଲି – କାଇଁଶିର ଖେଳ ପଡିଆ, ସମୟ: ଅପରାହ୍ନ ୪ଟା।
- ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ଆୟୋଜିତ ଶ୍ରୀମଦ ଭାଗବତ କଥାମୃତ, ସ୍ଥାନ: ଖାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ବଲାଙ୍ଗୀର ଦିନ୍ ଉତ୍ସବ ଉପଲକ୍ଷେ ଫ୍ୟାନ୍ସି ଡ୍ରେସ ଓ ର୍ୟାମ୍ପ ଶୋ ପ୍ରତିଯୋଗିତା, ସ୍ଥାନ: ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ପିପି ଏକାଡେମୀ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର
- ସପ୍ତାହ ପାରାୟଣର ଉଦ୍‌ଯାପନୀ, ସ୍ଥାନ: ବୀରମହାରାଜପୁର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀ ପୂଜାର ପୂର୍ଣ୍ଣାହୁତି, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ, ସ୍ଥାନ: ପଣ୍ଡିଆପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମା ' ପୂର୍ଣ୍ଣମାସୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ, ସ୍ଥାନ: ବୁଟୁଖମନ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଗଜଲକ୍ଷ୍ମୀ ଭସାଣି ଉତ୍ସବ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୧ଟା।
- ଗଜଲକ୍ଷ୍ମୀ ପୂଜା ଅବସରରେ ଗାୟିକା ସାରିକା ସିଂହଙ୍କ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ସୋନପୁର କଲେଜ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଶନିପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- କ୍ୟାନସର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀ ଭବନ, ବରଗଡ଼, ସମୟ: ଅପରାହ୍ନ ୪ଟା।
- ଜିଲା ଅମଲା ସଂଘର ବୈଠକ, ସ୍ଥାନ: ମିଳନ ମଣ୍ଡପ, ବରଗଡ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଚେସ୍ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ, ସ୍ଥାନ: ଇମ୍ପେରିୟଲ କଲେଜ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକ ବୈଠକ, ସ୍ଥାନ: ସେକ୍ଟର-୧୪ ଦିଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୮ଟା।
- ଗାରିମାର ଶ୍ରେଷ୍ଠ ଓଡ଼ିଆଣୀ କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ବାଣ ଲାଇସେନ୍ସ ଲଟେରି ଉଠାଣ, ସ୍ଥାନ: ପିଏଆଇଟିଡିଏ, ସମୟ: ପୂର୍ବାହ୍ନ ୧୦ଟା।
- ବାସନ୍ତୀ ପାଠାଗାରର ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼
- ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ପକ୍ଷରୁ ଫାଇନାଲ ଫୁଟ୍‌ବଲ ମ୍ୟାଚ, ସ୍ଥାନ: କଣ୍ଢେଇ ଗ୍ରାମ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ପକ୍ଷରୁ ପୂଜା ଓ ବିଶ୍ରାମ, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଶ୍ୱଭାରତୀ ଡ୍ୟାନ୍ସ ଗ୍ରୁପ୍ ଭୁବନେଶ୍ୱର, ସ୍ଥାନ: ବାରକୋଟ ବ୍ଲକ, ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ଗ୍ରାମ ପୂଜା ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା।
- ଅନ୍ନ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ, ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଜମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
- ଟିକେଟ ଶୋ' ଅପେରା ଗୌରୀ, ସ୍ଥାନ: କଣ୍ଢେଇ ଗ୍ରାମ ମଣ୍ଡପ ନିକଟ, ସମୟ: ରାତି ୧୧ଟା।

## ନୂଆପଡ଼ା
- ବୃନ୍ଦିକୋମନା ସ୍ପୋର୍ଟସ ଆସୋସିଏଶନ ନୂଆପଡ଼ା ପକ୍ଷରୁ ୩ୟ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: କୋମନା ବ୍ଲକ ବୃନ୍ଦିକୋମନା ମା' ବସ୍ତ୍ରାଣୀ ଖେଳପଡିଆ, ସମୟ: ଅପରାହ୍ନ ୩ଟା ୩୦।
- ଖଡିଆଳ ଫୁଟ୍‌ବଲ ମହାକୁମ୍ଭ ସପ୍ତମ ଦିବସ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୪ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଖଡ଼ିଆଳ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଶ୍ରୀମଦଦେବୀ ଭାଗବତ ନବ ଦିନାତ୍ମକ ପାରାୟଣ ଓ ପ୍ରବଚନ ଉଦ୍‌ଯାପନ, ସ୍ଥାନ: ମହାନଦୀ ଆଳତି ଘାଟ , ଚନ୍ଦ୍ରଚୂଡ ମନ୍ଦିର ବୌଦ୍ଧ , ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅଶ୍ୱିନୀ ନକ୍ଷତ୍ରର କର୍ମକ୍ଷେତ୍ରରେ ପୂର୍ବର ସମସ୍ୟା ସୁଧୁରି ଯିବାରୁ ଆଶ୍ୱସ୍ତି ଅନୁଭବ କରିବେ। ଗତକାଲିର ଯୋଜନା ମୁତାବକ କାମରେ ସଫଳତା ଯୋଗୁ ଟେନସନ୍ କମିଯିବ। ପରିବାରରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ସତ୍‌ସଙ୍ଗ, ସଭାସମିତି, ସଂଗଠନ, ରାଜନୀତି କ୍ଷେତ୍ରରେ ଉନ୍ନତ ଫଳ ପାଇବେ।

**ବୃଷ** କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରନ୍ତୁ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ଅଭିଯୋଗ ପାଇବେ। ବନ୍ଧୁଙ୍କ ଆଗରେ ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବାର ଅଭିନୟ କରିବେ। ରୋହିଣୀ ନକ୍ଷତ୍ର ସକାଶେ ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

**ମିଥୁନ** ଆଜିର କର୍ମକ୍ଷେତ୍ରରେ ପରିସ୍ଥିତିକୁ ଆଖି ଆଗରେ ରଖି କାମ କରିବା ଭଲ। ମୃଗଶିରା ନକ୍ଷତ୍ର ମନ ବୁଝିଲାଭଳି କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ରାଜନୀତିରେ କିମ୍ବା କର୍ମକ୍ଷେତ୍ରରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବ ଯାହାକି ମନକୁ ଆଶ୍ୱାସନା ଦେବ।

**କର୍କଟ** ପୁନର୍ବସୁ ନକ୍ଷତ୍ରର ସ୍ୱାସ୍ଥ୍ୟରେ ଉନ୍ନତି ସହ କର୍ମକ୍ଷେତ୍ରର ସ୍ଥିତି ସ୍ୱାଭାବିକ ରହିବ। ଭୁଲ୍ ବୁଝାମଣା ହେତୁ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇନେବେ। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ଓ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହେବେ। ସହକର୍ମୀଙ୍କ ସହଯୋଗ ଆପଣଙ୍କ କାମକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବାର ସୂଚନା ରହିଛି।

**ସିଂହ** ପାରିବାରିକ କ୍ଷେତ୍ରରେ ସମସ୍ୟା ନ ସରୁଣୁ ଅନ୍ୟ ଏକ ସମସ୍ୟାର ଉପସ୍ଥିତି ମନକୁ ବିଭ୍ରାନ୍ତ କରିପାରେ। ଆର୍ଥିକ ସ୍ୱଚ୍ଛଳତା ନ ରହିବା କାରଣରୁ ମାନସିକ ଶାନ୍ତି ବ୍ୟାହତ ହେବ। ବନ୍ଧୁଙ୍କ ପ୍ରରୋଚନାରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ପୂର୍ବାଫାଲଗୁନୀ ନକ୍ଷତ୍ର ସାଂଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** ହସ୍ତା ନକ୍ଷତ୍ରର ପାରିବାରିକ ଜୀବନଚର୍ଯ୍ୟା ପ୍ରୀତିପ୍ରଦ ରହିବ। ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁମାନେ ସହଯୋଗ ପ୍ରତିଶ୍ରୁତି ଦେବେ କିନ୍ତୁ କଛିବି କରିବେ ନାହିଁ। ଆଇନ ଅଦାଲତରୁ ସୁଫଳ ପାଇବେ ଯାହାକି ମନକୁ ଆଶ୍ୱାସନା ଦେବାରେ ସାହାଯ୍ୟ କରିବ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ଯୋଗୁ ସାମାନ୍ୟ ହଡ଼ବଡ଼େଇ ଯାଇପାରନ୍ତି।

**ତୁଳା** ଗ୍ରହଙ୍କ ଶୁଭଦୃ କାରଣରୁ କର୍ମକ୍ଷେତ୍ର ଓ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। ରପ୍ତାନି ବାଣିଜ୍ୟରେ ଉନ୍ନତି ସହ ଋଣ ପରିଶୋଧ ସକାଶେ ଅନୁକୂଳ ସୁବିଧା ପାଇବେ। ଚିତ୍ରା ନକ୍ଷତ୍ରର ସାମୟିକ ଭାବରେ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ଆକସ୍ମିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ବିଛା** ଅନୁରାଧା ନକ୍ଷତ୍ର ପାଇଁ ଧୈର୍ଯ୍ୟର ସୀମା ଲଙ୍ଘନ ପୂର୍ବକ କଠୋର ବାକ୍ୟାଳାପ ପରିସ୍ଥିତିକୁ ଗମ୍ଭୀର କରିଦେବ। ଦୂରଦର୍ଶିତା ଅଭାବରୁ ହାତ ମୁଠାରୁ ସୁଯୋଗ ଖସିଯାଇପାରେ। ସାମାଜିକ ସ୍ତରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଆତ୍ମୀୟଙ୍କ ସହାୟତା ଲାଭକରି ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**ଧନୁ** ଉତ୍ତରାଷାଢ଼ା ନକ୍ଷତ୍ର ଆଜି ସହକର୍ମୀଙ୍କ ସହଯୋଗରୁ ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ରକ୍ତଚାପ କିମ୍ବା ଡାଇବେଟିସ୍ ରୋଗରେ କଷ୍ଟ ପାଇବେ।

**ମକର** ଯେତେ ସୁବିଧାରେ ଚଳିବାକୁ ଚେଷ୍ଟା କଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ଅନୁଭବ କରିବେ। ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦେଖାଦେଇପାରେ। ଧନିଷ୍ଠା ନକ୍ଷତ୍ର ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ମନୋରଞ୍ଜନ ସକାଶେ ମନ ବଳାଇବେ। ବ୍ୟାଙ୍କ ଲୋନ୍ ମାଧ୍ୟମରେ ଆର୍ଥିକ ଦୁରବସ୍ଥାକୁ ସାମୟିକ ସୁଧାରି ନେଇପାରନ୍ତି।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସହ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ। ବନ୍ଧୁଙ୍କ ସହଯୋଗରେ ସାହିତ୍ୟ, କଳା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ଗୁରୁତ୍ୱପୂର୍ଣ୍ଣ ବିଷୟରେ ଅନ୍ୟ ଉପରେ ଭରସା କରିବା ଅସୁବିଧାର କାରଣ ହେବ। ଶତଭିଷା ନକ୍ଷତ୍ର ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମୀନ** ସ୍ଥଗିତ କାର୍ଯ୍ୟ ସମ୍ପାଦନରେ ଆପଣଙ୍କ ଚେଷ୍ଟା ଅବ୍ୟାହତ ରହିଲେ ନିର୍ଦ୍ଦିଷ୍ଟ ସମୟରେ କାମ ହାସଲ କରିପାରିବେ। ରେବତୀ ନକ୍ଷତ୍ର ସକାଶେ ଅନ୍ୟମାନଙ୍କ ସହ ସୁସମ୍ପର୍କ ଅଭାବଜନିତ କାମରେ ପ୍ରତିବନ୍ଧକ ସୃଷ୍ଟି ହେବ। ଦୂରାଗତ ବନ୍ଧୁଙ୍କ ଦ୍ୱାରା ହଜି ଯାଇଥିବା ଜିନିଷ ପାଇପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିବାରୁ ମନ ଖୁସି ରହିବ।

ଆଜି ଅକ୍ଟୋବର ୨୬ ତାରିଖ, କାର୍ତ୍ତିକ କୃଷ୍ଣ ଦଶମୀ ଶନିବାର, ରାଶିନକ୍ଷତ୍ର-ଦିବା ଘ.୦୯।୪୬ ପର୍ଯ୍ୟନ୍ତ ଅଶ୍ଳେଷା/କର୍କଟ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୨୦ ଗତେ ଘ.୦୮।୩୯ ମଧ୍ୟେ, ଘ.୧୧।୫୩ ଗତେ ଘ.୧୨।୫୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୩୯ ଗତେ ଘ.୧୦।୦୫ ମଧ୍ୟେ ରାହୁ କାଳ।

# ଶିବାନୀଙ୍କୁ ଧନ୍ୟବାଦ ଜଣାଇ କଥା ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୧୦(ଅନିଲ ଦାସ)

କେନ୍ଦ୍ରାପଡ଼ା ଜିଲା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆଶା କର୍ମୀ ଶିବାନୀ ମଣ୍ଡଳଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଅପରାହ୍ନରେ ଟେଲିଫୋନ୍ ଯୋଗେ କଥା ହୋଇ ବାତ୍ୟା ସମୟରେ ମାନବିକତାର ପ୍ରକୃତ ନିଦର୍ଶନ ଦେଖାଇଥିବାରୁ ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କର ଏହି ଉତ୍ସର୍ଗୀକୃତ ସେବାର ଉଚ୍ଚ ପ୍ରଶଂସା କରିବା ସହିତ ସରକାର ଏବଂ ବ୍ୟକ୍ତିଗତ ଭାବେ ତୁମ କାମ ଉପରେ ବହୁତ ଖୁସି। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ସବୁବେଳେ ଭଲରେ ରଖନ୍ତୁ। ବିପଦ ବେଳେ ତୁମେ ସମସ୍ତଙ୍କୁ ଏହିଭଳି ସାହାଯ୍ୟ କରୁଥାଅ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ପରିବାରର ଭଲମନ୍ଦ ବିଷୟରେ ବୁଝିଥିଲେ ଏବଂ ତାଙ୍କର ଘର ନ ଥିବାରୁ ଟେଲିଫୋନ୍ ଯୋଗେ ରାଜନଗର ବିଡିଓଙ୍କୁ ତାଙ୍କୁ ତୁରନ୍ତ ଏକ ଘର ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ଶିବନୀଙ୍କୁ ଅନ୍ୟାନ୍ୟ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଶା କର୍ମୀ ଶିବାନୀ ମଣ୍ଡଳ ବାତ୍ୟା ପୂର୍ବରୁ ଖସାମୁଣ୍ଡା ଗାଁର ଲୋକମାନଙ୍କୁ ଆଶ୍ରୟ ସ୍ଥଳୀକୁ ସୁରକ୍ଷିତ ଭାବେ ସ୍ଥାନାନ୍ତରିତ କରିବାର ଦାୟିତ୍ୱ ନେଇଥିଲେ। ଏହି ଦାୟିତ୍ୱ ସେ ସୁନ୍ଦରଭାବେ ନିର୍ବାହ କରିଛନ୍ତି। ଗାଁର ଜନୈକ ବୟସ୍କା ମହିଳା ପକ୍ଷାଘାତ ଆକ୍ରାନ୍ତ ଏବଂ ପ୍ରବଳ ବର୍ଷା ଯୋଗୁ ଆଶ୍ରୟସ୍ଥଳକୁ ଯାଇପାରୁ ନ ଥିଲେ। ଶିବାନୀ ତାଙ୍କୁ ନିଜ ପିଠିରେ ବୋହି ଦେଢ଼ କିଲୋମିଟର ଦୂରରେ ଥିବା ଆଶ୍ରୟସ୍ଥଳକୁ ନେଇ କର୍ତ୍ତବ୍ୟ ପାଳନ କ୍ଷେତ୍ରରେ ସମସ୍ତଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ମୁଖ୍ୟମନ୍ତ୍ରୀ ଆଶା ଦିଦିଙ୍କ ସହ ଫୋନରେ କଥା ହେବା ପରେ ଜାଣିବାକୁ ପାଇଥିଲେ ଯେ ସେଦିନ ସେ ୭ଜଣ ବୟସ୍କ ଏବଂ ୨ ଜଣ ପ୍ରସୂତିଙ୍କୁ ପିଠିରେ ବୋହି ଆଶ୍ରୟ ସ୍ଥଳକୁ ନେଇଥିଲେ।




# ଆସିପାରେ ଆଉ ଏକ ବାତ୍ୟା

ଭୁବନେଶ୍ୱର,୨୫।୧୦ (ଅନିଲ ଦାସ)

ବାତ୍ୟା 'ଦାନା' ଶୁକ୍ରବାର ଓଡ଼ିଶା ଉପକୂଳ ଅତିକ୍ରମ କରିଯାଇଛି। ଏହାର ବେଗ ଅଧିକ ନ ଥିବାରୁ ଓଡ଼ିଶା ବିପର୍ଯ୍ୟୟରୁ ବର୍ତ୍ତିଯାଇଛି। ତେବେ ରାଜ୍ୟ ଉପରୁ ବାତ୍ୟାର ଭୟ ଟଳି ନାହିଁ। ଚାଇନା ସାଗର ଉପକୂଳରେ ଏକ ବାତ୍ୟା ଦାନା ବାନ୍ଧୁଛି। ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରେ ଏହା ଭୟଙ୍କର ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି । ୟୁରୋପିଆନ ସେଣ୍ଟର ଫର ମିଡିୟମ ରେଞ୍ଜ ଫୋରକାଷ୍ଟ (ଇସିଏମ୍‌ଡବ୍ଲ୍ୟୁଏଫ୍) ସମେତ କେତେକ ଅନ୍ତର୍ଜାତୀୟ ପାଣିପାଗ ମଡେଲ ସୂଚନା ଅନୁଯାୟୀ ନଭେମ୍ବର ୬ କିମ୍ବା ୭ ତାରିଖ ବେଳକୁ ଚାଇନା ସାଗରରେ ଥିବା ଘୂର୍ଣ୍ଣିବଳୟ ସାମୁଦ୍ରିକ ଝଡ଼ରେ ପରିଣତ ହୋଇପାରେ। ଏହା ଓଡ଼ିଶା କିମ୍ବା ତାମିଲନାଡୁ ଉପକୂଳମୁହାଁ ହେବାର ସମ୍ଭାବନା ରହିଛି। ତେବେ ଏ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଅନେକ ସମୟ ଥିବାରୁ ଏବେଠାରୁ ବାତ୍ୟାକୁ ନେଇ ଆକଳନ କରାଯାଇପାରିବ ନାହିଁ। ଆସନ୍ତା ୩୦ କିମ୍ବା ୩୧ ତାରିଖ ବେଳକୁ ଏ ନେଇ କିଛି ସୂଚନା ମିଳି ପାରିବ ବୋଲି ଜଣେ ପାଣିପାଗ ବିଶେଷଜ୍ଞ କହିଛନ୍ତି। ପାଣିପାଗ ବିଜ୍ଞାନୀଙ୍କ ମତରେ ସାଧାରଣତଃ ଅକ୍ଟୋବର ଏବଂ ନଭେମ୍ବର ମାସରେ ଓଡ଼ିଶାକୁ ବାତ୍ୟାର ଭୟ ରହିଥାଏ। ଏହି ସମୟରେ ବାତ୍ୟା ପାଇଁ ପାଗ ଅନୁକୂଳ ହୋଇଥାଏ। ବିଗତ ବର୍ଷଗୁଡ଼ିକୁ ଦେଖିଲେ ଏହି ୨ ମାସରେ ଓଡ଼ିଶାକୁ ଅଧିକ ବାତ୍ୟା ବିପଦର ସମ୍ମୁଖୀନ ହେବାକୁ ପଡ଼ିଛି। ନଭେମ୍ବର ଶେଷ ଯାଏ ସତର୍କ ରହିବାକୁ ପଡ଼ିବ।

# 'ଦାନା' ଦୁର୍ବଳ, ୨ ଦିନ ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୫।୧୦ (ଅନୁରାଧା ମହାରଣା)

**୫ ଜିଲାକୁ ରେଡ୍ ୱାର୍ନିଂ**

ବାତ୍ୟା 'ଦାନା' ସ୍ଥଳଭାଗ ଛୁଇଁବା ପରେ କ୍ରମଶଃ ଦୁର୍ବଳ ହୋଇ ଗଭୀର ଅବପାତରେ ପରିଣତ ହୋଇଛି। ତେବେ ଏହା ପ୍ରଭାବରେ ଉତ୍ତର ଉପକୂଳ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ତୁହାକୁ ତୁହା ବର୍ଷା ଜାରି ରହିଛି। ଶନିବାର ସୁଦ୍ଧା ଏହି ଗଭୀର ଅବପାତ ଅବପାତର ରୂପ ନେବ। ଫଳରେ ଉତ୍ତର ଓଡ଼ିଶା, ଦକ୍ଷିଣ ଉପକୂଳ ଓଡ଼ିଶା ସହ ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିବ। ତେବେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝରରେ ଅତିପ୍ରବଳ ବର୍ଷା ହେବାର ଆଶଙ୍କା ରହିଥିବାରୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ସେହିପରି ପ୍ରବଳ ବର୍ଷା ନେଇ ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ କଟକ ଜିଲାକୁ ଅରେଞ୍ଜ ୱାର୍ନିଂ ଏବଂ ଅନୁଗୋଳ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ନୟାଗଡ଼ ଓ ପୁରୀ ଜିଲାକୁ ୟେଲୋ ୱାର୍ନିଂ ରହିଛି। ୨୭ ତାରିଖରେ ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବାର ଆଶଙ୍କା ରହିଥିବାବେଳେ ଏଥିପାଇଁ ବାଲେଶ୍ୱର ଓ ମୟୂରଭଞ୍ଜକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଡାକ୍ତରମାନେ ନିଷ୍ଠାର ସହ କାର୍ଯ୍ୟ କରନ୍ତୁ: ରାଷ୍ଟ୍ରପତି

ଭୁବନେଶ୍ୱର,୨୫।୧୦(ଅନୁରାଧା ମହାରଣା)

**ଏମ୍‌ସ ରାୟପୁରର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ**

ଏମ୍‌ସ ରାୟପୁରର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ ଶୁକ୍ରବାରଠ୍ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ ୧୦ଜଣଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିବା ସହ ସହ ମୋଟ ୫୧୪ ଗ୍ରାଜୁଏଟଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଶିକ୍ଷାର୍ଥୀଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ଡାକ୍ତର ତଥା ସ୍ୱାସ୍ଥ୍ୟ କର୍ମୀ ଲୋକଙ୍କ ଜୀବନ ବଞ୍ଚାଇବା ଭଳି ଗୁରୁଦାୟିତ୍ୱ ତୁଲାଇଥାନ୍ତି। ତେଣୁ ଏହି ଶିକ୍ଷାନୁଷ୍ଠାନରୁ ଉତ୍ତୀର୍ଣ୍ଣ ଡାକ୍ତର ଏବଂ ପାରାମେଡିକାଲ ଛାତ୍ରୀଛାତ୍ର ଦକ୍ଷତା ଓ ନିଷ୍ଠାର ସହ ଦାୟିତ୍ୱ ତୁଲାଇବାର ଆବଶ୍ୟକତା ରହିଛି। ସମ୍ମାନିତ ଅତିଥି ଭାବେ ଛତିଶଗଡ଼ ରାଜ୍ୟପାଳ ରାମେନ୍ ଡେକା, ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓସାଇ, ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ୟାମ ବିହାରୀ ଜୈଶୱାଲ, ଏମ୍‌ସ ରାୟପୁରର ପ୍ରେସିଡେଣ୍ଟ ପ୍ରଫେସର ଜର୍ଜ ଏ ଡିସୋଜା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଶୋକ କୁମାର ଜିନ୍ଦଲ ପ୍ରମୁଖ ଯୋଗଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ଜେଲର, ୱାର୍ଡରଙ୍କୁ ...

ହୋଇ ଜେଲରେ ରହିଆସିଛନ୍ତି। ଏହି ଘଟଣା ପରେ ଝାରପଡ଼ା ଜେଲରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣି ପ୍ରଶ୍ନ ଉଠିଛି। ଗତ ମଙ୍ଗଳବାର ଜେଲ ଭିତରୁ ଏକ ଭିଡିଓ ଭାଇରାଲ ହୋଇଥିଲା। ବିଚାରାଧୀନ କଏଦୀ ନନ୍ଦୁ ହାତରେ ଛୁରି ଧରି ଭୟଭୀତ କରୁଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳିଥିଲା। ଏହାପରେ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୯ନଂ. ବାରାକ୍‌ରେ ଚଢ଼ାଉ କରାଯାଇଥିଲା। ସେଠାରେ ଏକ ସ୍ଥାନରେ ଲୁଚାଇ ରଖାଯାଇଥିବା ସ୍ମାର୍ଟ ଫୋନ୍ ଓ ଛୁରି ଜବତ ହୋଇଥିଲା। ଏହି ଘଟଣାରେ ନନ୍ଦୁଙ୍କ ନାଁରେ ଜେଲ କର୍ତ୍ତୃପକ୍ଷ ଲକ୍ଷ୍ମୀସାଗର ଥାନାରେ ଏତଲା ଦେଇଥିଲେ। ଏଥିସହ ମାରଣାସ୍ତ୍ର ଓ ମୋବାଇଲ ରଖିବା ଅଭିଯୋଗରେ ଏବଂ ଅନ୍ୟ କଏଦୀଙ୍କ ସୁରକ୍ଷା ଦୃଷ୍ଟିରୁ ନନ୍ଦୁଙ୍କ ସମେତ ସମ୍ପୃକ୍ତ ୫ କଏଦୀଙ୍କୁ ହାଇସିକ୍ୟୁରିଟି ୱାର୍ଡରେ ରଖାଯାଇଥିଲା। ହେଲେ ସେଠାରେ ନ ରହିବାକୁ ସେମାନେ ବିରୋଧ କରିଆସୁଥିଲେ। ଡ୍ୟୁଟିରେ ରହୁଥିବା ୱାର୍ଡରଙ୍କୁ ସେମାନେ ବିଭିନ୍ନ ସମୟରେ ଗାଳିଗୁଲଜ କରୁଥିଲେ। ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ରେ ସେମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଉତ୍ପାତ କରିଥିଲେ। ଜଣେ ୱାର୍ଡର ସେଠାକୁ ଯାଇ ପଚାରିବାରୁ ତାଙ୍କୁ ସେମାନେ ସଂଘବଦ୍ଧ ଭାବେ ତଳେ ପକାଇ ମାଡ଼ ମାରିଥିଲେ। ଏହାଦେଖି ପାଖରେ ଥିବା ଅନ୍ୟଜଣେ ୱାର୍ଡର ହୁଇସିଲ୍ ବଜାଇଥିଲେ। ଜେଲର ଏବଂ ୱାର୍ଡର ପହଞ୍ଚି ସେମାନଙ୍କୁ ବୁଝାଶୁଝା କରୁଥିଲେ। ଏହି ସମୟରେ ସମ୍ପୃକ୍ତ ୫ କଏଦୀ ପ୍ରଥମେ ଜେଲରଙ୍କୁ ଧକ୍କା ପକାଇବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ପରେ ୱାର୍ଡର ଓ ଜେଲରଙ୍କୁ ସେମାନେ ସଂଘବଦ୍ଧ ଆକ୍ରମଣ କରିବା ସହ ବ୍ଲେଡ୍‌ରେ କାଟି ରକ୍ତାକ୍ତ କରିଦେଇଥିଲେ। ଫଳରେ ଜେଲର ପ୍ରସନ୍ନଙ୍କ ହାତ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେହିପରି ଦୁଇ ୱାର୍ଡରଙ୍କର ମଧ୍ୟ ଗଭୀର ଆଘାତ ଲାଗିଛି। ସ୍ଥିତି ଅଣାୟତ୍ତ ହୋଇପଡ଼ିବାରୁ ଜେଲରଙ୍କ ନିର୍ଦ୍ଦେଶକ୍ରମେ ଏମର୍ଜେନ୍ସି ସାଇରନ୍ ବଜାଯାଇଥିଲା। ଅନ୍ୟପକ୍ଷରେ ପ୍ରାୟ ୧୫ବର୍ଷ ପରେ ଝାରପଡ଼ା ଜେଲରେ ଏମର୍ଜେନ୍ସି ସାଇରନ୍ ଶୁଣି ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଭୟ ସୃଷ୍ଟି ହୋଇଥିଲା। ଏହାପରେ ଲକ୍ଷ୍ମୀସାଗର ଥାନାଧିକାରୀ ଗୋଟିଏ ପ୍ଲାଟୁନ୍ ଫୋର୍ସ ସହ ଜେଲ ଭିତରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ତେବେ ଶନିବାର ଏତଲା ପରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ପି. ଶ୍ୟାମସୁନ୍ଦର ରାଓ କହିଛନ୍ତି।

ବାରମ୍ବାର ଝାରପଡ଼ା ଜେଲରେ ଆପରାଧିକ କାଣ୍ଡ ଘଟୁଥିବାରୁ ବିଭିନ୍ନ ମହଲରେ ନାନା ଚର୍ଚ୍ଚା ହୋଇଛି। କେତେବେଳେ କଏଦୀ ତ ଆଉ କେତେବେଳେ ଜେଲ କର୍ମଚାରୀଙ୍କୁ ଆକ୍ରମଣ ହେଉଛି। ଜେଲ ଡିଜି ଅରୁଣ କୁମାର ରାୟ କହିଛନ୍ତି, ଜେଲର ଓ ୱାର୍ଡରଙ୍କୁ କଏଦୀଙ୍କ ଆକ୍ରମଣ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଜେଲ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ହୋଇଛି। ରିପୋର୍ଟ ଆସିବା ପରେ ଜେଲ ମାନୁଆଲ ଅନୁଯାୟୀ ସମ୍ପୃକ୍ତ କଏଦୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାୟ କହିଛନ୍ତି।


କଏଦୀଙ୍କ ଆକ୍ରମଣରେ ଆହତ ଜେଲର ପ୍ରସନ୍ନ ସାହୁ।

### ଜିରୋ କାଜୁଆଲ୍ଟି ଲକ୍ଷ୍ୟ ...

ମଧ୍ୟ ସ୍ୱାଭାବିକ ହୋଇଛି। ଭୁବନେଶ୍ୱର ବିମାନବନ୍ଦରରେ ବିମାନ ଅବତରଣ କରିଛି। ପ୍ରଭାବିତ ଅଞ୍ଚଳରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଓ ମା' ଗୃହକୁ ସ୍ଥାନାନ୍ତରିତ ହୋଇଥିବା ଗର୍ଭବତୀଙ୍କ ମଧ୍ୟରୁ ୧୬୦୦ରୁ ଅଧିକ ମହିଳା ନବଜାତ ଶିଶୁଙ୍କୁ ସୁରକ୍ଷିତ ଭାବେ ଜନ୍ମ ଦେଇଛନ୍ତି। ଆମ ପାଇଁ ଖୁସିର କଥା ଉଭୟ ମା' ଓ ଶିଶୁମାନେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବାତ୍ୟା 'ଦାନା'ର ପ୍ରଭାବ କମି ଗଲାଣି। ଲୋକମାନେ ଆଶ୍ରୟ ସ୍ଥଳୀରୁ ନିଜ ନିଜ ଘରକୁ ଫେରିବା ଆରମ୍ଭ କଲେଣି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଶେଷ କୃପା ଓ ଆମର ଟିମ୍ ସ୍ପିରିଟ୍ ଯୋଗୁ ଆମେ ବାତ୍ୟାର ସଫଳ ମୁକାବିଲା କରିପାରିଲୁ।

ମୁଖ୍ୟମନ୍ତ୍ରୀ ଏଥିପାଇଁ ଜନସାଧାରଣ, ପ୍ରଶାସନିକ ଅଧିକାରୀ, ଉଦ୍ଧାରକାରୀ ଦଳ, ଡାକ୍ତରୀ ଦଳ, ପୋଲିସ୍, ଅଗ୍ନିଶମ ବାହିନୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

# ବୁଡ଼ିଲା ପଞ୍ଚଲିଙ୍ଗେଶ୍ୱର ଶୈବପୀଠ



ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ପାଣି।

■ ପୂଜାମଣ୍ଡପ ଉପରେ ଲହଡ଼ି ମାରୁଛି ଝରଣା ପାଣି
■ ପ୍ରଶାସନ ପକ୍ଷରୁ ୩ ଦିନ ବନ୍ଦ

**ନୀଳଗିରି,୨୫।୧୦(ପ୍ରଶାନ୍ତ ବିଶ୍ୱାଳ)**

ବାତ୍ୟା 'ଦାନା' ପ୍ରଭାବରେ ବାଲେଶ୍ୱର ଜିଲା ନୀଳଗିରିରେ ବ୍ୟାପକ କ୍ଷତି ହୋଇଛି। ଅନେକ ଚାଳ ଛପର ଘର ଭାଙ୍ଗିଯାଇଥିବା ବେଳେ ଗୋରୁଗୁହାଳ ଭୁଶୁଡ଼ି ପଡିଛି। ଅନେକ ସ୍ଥାନରେ ବିଦ୍ୟୁତ୍‌ଖୁଣ୍ଟ ଉପୁଡି ପଡ଼ିଛି। ଏଥିସହ ବାତ୍ୟା 'ଦାନା' ପାଇଁ ପ୍ରଶାସନ ତରଫରୁ ଉତ୍ତରଓଡ଼ିଶାର ଅନ୍ୟତମ ଶୈବପୀଠ ନୀଳଗିରିର ପଞ୍ଚଲିଙ୍ଗେଶ୍ୱର ୩ଦିନ ପାଇଁ ବନ୍ଦ ରଖାଯାଇଛି। ବାତ୍ୟା ଦାନା ଓ ଲଗାଣ ବର୍ଷା ପ୍ରଭାବରେ ଦେବଗିରି ପାହାଡ଼ର ଝରଣା ପାଣିର ପ୍ରଖରସ୍ରୋତ ଆସି ଶୈବପୀଠସ୍ଥଳୀ ଓ ପୂଜାମଣ୍ଡପର ଦୀପ ଜାଳିବା ସ୍ଥାନରେ ଲହଡ଼ି ମାରୁଛି। ସେହିପରି ପୁରୁଣା ପାର୍କିଂଷ୍ଟାଣ୍ଡ ଓ ମୁଖ୍ୟ ଫାଟକ ଆଗରେ ଏହି ବାତ୍ୟାରେ ଗଛ ଉପୁଡ଼ି ପଡିଥିବା ବେଳେ ଟ୍ରଷ୍ଟବୋର୍ଡ଼ ମ୍ୟାନେଜର ଶିଶିର କୁମାର ମିଶ୍ରଙ୍କ ଉଦ୍ୟମରେ ଗଛ ସବୁ କଟାଯାଇ ରାସ୍ତା ପରିଷ୍କାର କରାଯାଇଛି। ଏହି ଶୈବପୀଠ କୁଲଡିହା ଅଭୟାରଣ୍ୟର ପାଦଦେଶରେ ହୋଇଥିବାରୁ ଏହି ଅଞ୍ଚଳରେ ବହୁତ ବଡ଼ ବଡ଼ ଗଛ ଓ ପଥରମାନ ରହିଛି। ବାତ୍ୟା ପ୍ରଭାବରେ ଗଛ ଭାଙ୍ଗିବା ଏବଂ ପଥର ଭୁଶୁଡ଼ିବା ଆଶଙ୍କା ରହିଥିବା ଯୋଗୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ଗତ ୨୪ରୁ ୨୬ତାରିଖ ପର୍ଯ୍ୟନ୍ତ ପଞ୍ଚଲିଙ୍ଗେଶ୍ୱର ପୀଠକୁ ଆସୁଥିବା ଭକ୍ତ ଏବଂ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ପୀଠକୁ ମ୍ୟାନେଜିଂ ଟ୍ରଷ୍ଟି ପକ୍ଷରୁ ବନ୍ଦ ରଖାଯାଇଛି।

ଅନ୍ୟପକ୍ଷରେ ବାତ୍ୟା ପ୍ରଭାବରେ ସୋନ ନଦୀରେ ଜଳସ୍ତର ବୃଦ୍ଧି ପାଇଥିବା ବେଳେ ନଦୀକୂଳିଆବାସୀ ଆତଙ୍କିତ ହୋଇପଡିଛନ୍ତି। ସେହିପରି ନୀଳଗିରି ଏନ୍‌ଏସିରେ ଅନେକ ସ୍ଥାନରେ ଜଳ ନିଷ୍କାସନ ହୋଇପାରି ନ ଥିବା ବେଳେ ଗଛ ଉପୁଡ଼ି ପଡ଼ିଛି। ପ୍ରଶାସନ ତରଫରୁ ଓଡ୍ରାଫ ଓ ଦମକଳ ବାହିନୀ ଯାଇ ଗଛ କାଟିବା ଆରମ୍ଭ କରିଛନ୍ତି। ଗ୍ରାଉଣ୍ଡ ଜିରୋରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଓ ଉପଜିଲାପାଳ ଶୁଭଶ୍ରୀ ରଥ କ୍ଷୟକ୍ଷତି ଆକଳନ କରି ପ୍ରତିକାର ପାଇଁ ପଦକ୍ଷେପ ନେଇଛନ୍ତି।

# ତାମିଲନାଡୁରେ ଗୁମ୍ମା ବ୍ଲକର ଦାଦନ ଶ୍ରମିକଙ୍କ ମୃତ୍ୟୁ

**ଗୁମ୍ମା,୨୫।୧୦(ପ୍ରବୀଣ କୁମାର ଲିମା)**



ପ୍ରତିନିଧି ବେବାର୍ତ୍ତା। (ଫାଇଲ ଫଟୋ)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ପଞ୍ଚାୟତ ଗାଇବା ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ତାମିଲନାଡୁରେ ମୃତ୍ୟୁ ହୋଇଛି। ଗାଇବା ଗ୍ରାମର ପ୍ରତିନିଧି ବେବର୍ତ୍ତା (୫୩) ଦୀର୍ଘବର୍ଷ ହେଲା ନିଜ ପରିବାର ନେଇ ତାମିଲନାଡୁର ପାଲିକାରନି ଜିଲା ଚିଁଲାପକମ୍ ସହରରେ ଦାଦନ ଶ୍ରମିକ ଭାବେ କାମ କରିଆସୁଥିଲେ। କୋଠା ନିର୍ମାଣ କାମରେ ପରିବାରର ସମସ୍ତେ କାମ କରୁଥିଲେ। ହଠାତ୍ କିଛିଦିନ ତଳେ ପ୍ରତିନିଧି ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ଏକ ଘରୋଇ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ପ୍ରତିନିଧିଙ୍କ ମୃତ୍ୟୁ ହୋଇଥିଲା। ପରିବାର ଲୋକେ ଅର୍ଥାଭାବରୁ ମୃତଦେହ ଗ୍ରାମକୁ ଆଣିବାକୁ ଅସମର୍ଥ ହେବାରୁ ଓଡ଼ିଶାରୁ ଯେତେ ଦାଦନ ଶ୍ରମିକ ତାମିଲନାଡୁରେ କାମ କରୁଛନ୍ତି ସମସ୍ତେ ପ୍ରତିନିଧିଙ୍କ ମୃତ୍ୟୁ ଖବର ଶୁଣି କିଛି କିଛି ଟଙ୍କା ଚାନ୍ଦା କରି ମୃତକଙ୍କ ପରିବାରକୁ ଦେଇଥିଲେ। ସେହି ଟଙ୍କାରେ ପରିବାର ଲୋକେ ଶୁକ୍ରବାର ମୃତଦେହ ନିଜ ଗାଁକୁ ଆଣିଛନ୍ତି। ସୂଚନାଯୋଗ୍ୟ, ଗୁମ୍ମା ବ୍ଲକରେ ନିଜ ଜନ୍ମମାଟିରେ କୁଲି ମଜୁରି ମିଳୁ ନ ଥିବାରୁ ଲୋକେ ପରିବାର ଚଳାଇବା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# ଭାରତୀୟ ସମାଜ ଓ ବଜାର ପାଇଁ ଷ୍ଟାର୍ଟଅପ୍‌ଗୁଡ଼ିକୁ ବିକଶିତ କରିବା ଉପରେ ଆଲୋଚନାକଲେ ଧର୍ମେନ୍ଦ୍ର



**ଭୁବନେଶ୍ୱର,୨୫।୧୦(ସୁନିତ୍ ମିଶ୍ର)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଷ୍ଟ୍ରେଲିଆ ଗସ୍ତର ଅନ୍ତିମ ଦିନରେ ଗବେଷଣା କ୍ଷେତ୍ରରେ ଅଧ୍ୟୟନ କରୁଥିବା ଭାରତୀୟ ଛାତ୍ରୀଛାତ୍ର ଏବଂ ବରିଷ୍ଠ ଗବେଷକଙ୍କୁ ଭେଟି ୨ ଦେଶର ଶିକ୍ଷା ବ୍ୟବସ୍ଥା ଓ ଗବେଷଣା ଉପରେ ଆଲୋଚନା କରିଛନ୍ତି। ଏହାସହ ଅଷ୍ଟ୍ରେଲିଆର କେତୋଟି ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଥିବା ଟେକ୍ନୋଲୋଜି ଓ କ୍ରୀଡ଼ା ଆଧାରିତ ଅଭିନବ କ୍ୟାମ୍ପସ ଓ ଅନୁଷ୍ଠାନକୁ ମଧ୍ୟ ସେ ପରିଦର୍ଶନ କରିଛନ୍ତି। ଅଷ୍ଟ୍ରେଲିଆର ଗବେଷଣାଭିତ୍ତିକ ବିଶ୍ୱବିଦ୍ୟାଳୟ ସମୂହ 'ଗ୍ରୁପ୍ ଅଫ୍ ୮' ଏବଂ 'ୟୁନିଭର୍ସିଟି ଅଫ୍ ନ୍ୟୁ ସାଉଥ ୱେଲ୍ସ' ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଅଷ୍ଟ୍ରେଲିଆରେ ଅଧ୍ୟୟନ କରୁଥିବା ଭାରତୀୟ ଛାତ୍ରୀଛାତ୍ର ଓ ଗବେଷକଙ୍କ ସହ ଶିକ୍ଷାମନ୍ତ୍ରୀ ସାକ୍ଷାତ ଆଲୋଚନା କରିଛନ୍ତି। ରୋବୋଟିକ୍ସ, କେମିକାଲ୍ସ, ଆଷ୍ଟ୍ରୋଫିଜିକ୍ସ, ସୁପର-କଣ୍ଡକ୍ଟିଭିଟି, ବିନିର୍ମାଣ କ୍ଷେତ୍ରରେ ଏଆଇ, ସ୍ୱାସ୍ଥ୍ୟସେବା, ମେଡ୍ ଟେକ୍, ଜଳବାୟୁ ପରିବର୍ତ୍ତନ, ୱାଟର ମ୍ୟାନେଜମେଣ୍ଟ ଏବଂ ଅର୍ବାନ ପ୍ଲାନିଂ କ୍ଷେତ୍ରରେ ଅତ୍ୟାଧୁନିକ ଗବେଷଣା ଉପରେ ଭାରତର ଛାତ୍ରୀଛାତ୍ର ଏବଂ ଗବେଷକମାନେ କାର୍ଯ୍ୟ କରୁଥିବା ଜାଣି କେନ୍ଦ୍ରମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି।

ଏହି ଅବସରରେ ସେ କହିଛନ୍ତି, ଗବେଷଣା ସହଯୋଗ ହେଉଛି ଅଷ୍ଟ୍ରେଲିଆ ଏବଂ ଭାରତ ମଧ୍ୟରେ ଥିବା ସମ୍ପର୍କର ମୂଳ ଆଧାର। ଆଜିର ସାକ୍ଷାତ ଆଲୋଚନା କାର୍ଯ୍ୟକ୍ରମ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବ୍ୟାପକ ଏବଂ ଗଭୀର ଗବେଷଣା ସହଯୋଗର ଆବଶ୍ୟକତାକୁ ଆଗକୁ ନେବା ପାଇଁ ଏକ ଭଲ ସୂଚନା ପ୍ରଦାନ କରିଛି। ଧର୍ମେନ୍ଦ୍ର ସିଡ୍‌ନୀ ସ୍ଥିତ ମ୍ୟାକ୍ୱାରି ବିଶ୍ୱବିଦ୍ୟାଳୟ ପରିସରରେ ଥିବା ମ୍ୟାକ୍ୱାରି ପାର୍କ ଇନୋଭେଶନ୍ ଡିଷ୍ଟ୍ରିକ୍ଟ (ଏମ୍‌ପିଆଇଡି) ପରିଦର୍ଶନ କରିଛନ୍ତି। ଗବେଷକ ଏବଂ ଉଦ୍ୟମିତା ଆଇଡିଆକୁ ବିକଶିତ କରିବା ଦିଗରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦିଆଯାଉଥିବା ସହଯୋଗକୁ ସେ ପ୍ରଶଂସା କରିଛନ୍ତି। ସେହିପରି ୟୁନିଭର୍ସିଟି ଅଫ୍ ନ୍ୟୁ ସାଉଥ ୱେଲ୍ସ (ୟୁଏନ୍‌ଏସ୍‌ଡବ୍ଲ୍ୟୁ)ର ବିଭିନ୍ନ ବିଦ୍ୟାଳୟ ଦ୍ୱାରା ପରିଚାଳିତ ଷ୍ଟାର୍ଟଅପ୍‌ଗୁଡ଼ିକର ମୁଖ୍ୟ ଏବଂ ଅନ୍ୟ ସଦସ୍ୟଙ୍କ ସହ ଆଲୋଚନା କରିଛନ୍ତି। ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଷ୍ଟାର୍ଟଅପଗୁଡିକର କାର୍ଯ୍ୟକୁ ପ୍ରଶଂସାକରିବା ସହ ଭାରତୀୟ ସମାଜ ଏବଂ ବଜାର ପାଇଁ ଥିବା ସମସ୍ୟାର ସମାଧାନ ନିମନ୍ତେ ବିକଶିତ କରିବା ଲାଗି ସେ ପ୍ରୋତ୍ସାହିତ କରିଛନ୍ତି। କେନ୍ଦ୍ରମନ୍ତ୍ରୀ କ୍ରୀଡ଼ା ଶିକ୍ଷା ଓ କ୍ରୀଡ଼ା ଗବେଷଣା କ୍ଷେତ୍ରରେ ସହଯୋଗ ଲୋଡ଼ିବା ପାଇଁ ସିଡ୍‌ନୀ ସ୍ଥିତ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି କ୍ୟାମ୍ପସ ପରିସରରେ ଥିବା ୟୁଟିଏସ୍ ମୁର୍ ପାର୍କ ଗସ୍ତ କରିଛନ୍ତି। ୟୁଟିଏସ୍‌ର ମୁର୍ ପାର୍କ ପରିସର ହେଉଛି ଏକ ଅତ୍ୟାଧୁନିକ ଶିକ୍ଷାଦାନ, ଗବେଷଣା ଏବଂ କ୍ରୀଡ଼ା ସୁବିଧା ଯୁକ୍ତ ଅନୁଷ୍ଠାନ। ଏହି ଶିକ୍ଷାନୁଷ୍ଠାନରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମଗୁଡିକ ଖେଳ ସହ ଜଡ଼ିତ ଥିବାର ଅଭିନବ କାର୍ଯ୍ୟକ୍ରମକୁ ଧର୍ମେନ୍ଦ୍ର ପ୍ରଶଂସା କରଛନ୍ତି।

# ଏସ୍‌ସିବି ରକ୍ତଭଣ୍ଡାରରୁ ମିଳିଲାନି ରକ୍ତ

**କଟକ,୨୫।୧୦(ଶିଳ୍ପା ପ୍ରିୟଦର୍ଶିନୀ)**



DEPARTMENT OF TRANSFUSION MEDICINE & BLOOD CENTRE,
SCB MCH, CUTTACK
Name Kanchan Jena Age: 45 Gender
OPD / IPD Regd. No. 50475 Ward
ABO & Rh Blood Group (CAT Method) O +VE
Signature of Lab. Technician
Department of Transfusion Medicine & Blood Centre, SCB MCH, Cuttack
Signature of Medical Officer
Department of Transfusion Medicine & Blood Centre, SCB MCH, Cuttack

ରକ୍ତ ପାଇଁ ଡାକ୍ତର ଲେଖିଥିବା ଚିଠା।

■ ଡୋନର ଆଣିବାକୁ କହି ଫେରାଇଦେଲେ କର୍ମଚାରୀ
■ କାମ ଦେଲାନି ଅଧକ୍ଷାଙ୍କ ନିର୍ଦ୍ଦେଶ

ବାତ୍ୟା ମୁକାବିଲା ପାଇଁ ଏସ୍‌ସିବି ମେଡିକାଲ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଏପରି କି ରକ୍ତ ଆବଶ୍ୟକ କରୁଥିବା ରୋଗୀଙ୍କୁ ବିନା ଡୋନରରେ ରକ୍ତ ଯୋଗାଇବା ନିମନ୍ତେ ମେଡିକାଲ ପକ୍ଷରୁ ବାତ୍ୟା ମୁକାବିଲା ପାଇଁ ଆୟୋଜିତ ଜରୁରିକାଳୀନ ବୈଠକରେ ମେଡିକାଲ କଲେଜ ଅଧକ୍ଷା ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସ ନିର୍ଦ୍ଦେଶ ଦେଇଥିଲେ। ହେଲେ ଗୁରୁବାର ବାତ୍ୟାବେଳେ ରୋଗୀ ରକ୍ତ ଆବଶ୍ୟକ କରୁଥିବାବେଳେ ଏସ୍‌ସିବି ମେଡିକାଲ ରକ୍ତଭଣ୍ଡାରରୁ ରୋଗୀ ସମ୍ପର୍କୀୟଙ୍କୁ କର୍ମଚାରୀ ରକ୍ତ ନ ଦେଇ ଫେରାଇ ଦେଇଛନ୍ତି। ଏହାକୁ ନେଇ ରୋଗୀ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଯାଜପୁର ଜିଲା ମଙ୍ଗଳପୁର ଅଞ୍ଚଳର କାଞ୍ଚନ ଜେନା(୪୫) ଏସ୍‌ସିବି ମେଡିକାଲ ଭେଷଜ ବିଭାଗରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ରକ୍ତ ଆବଶ୍ୟକତା ପଡିବାରୁ ସମ୍ପର୍କୀୟ ଡାକ୍ତରଙ୍କ ଚିଠା ନେଇ ଏସ୍‌ସିବି ମେଡିକାଲ ରକ୍ତଭଣ୍ଡାରକୁ ରକ୍ତ ଆଣିବା ପାଇଁ ଯାଇଥିଲେ। ସେଠାରେ ଉପସ୍ଥିତ ଥିବା କର୍ମଚାରୀ ରକ୍ତ ନେବାକୁ ହେଲେ ଡୋନର ଆଣିବାକୁ କହି ଫେରାଇ ଦେଇଥିଲେ। ଫଳରେ ରୋଗୀ ସମ୍ପର୍କୀୟ ଜଣଙ୍କ ଗୁହାରି କରିଥିଲେ ମଧ୍ୟ ଏଠାରେ ରକ୍ତ ଉପଲବ୍ଧ ନାହିଁ ରେଡ୍‌କ୍ରସ୍ ରକ୍ତଭଣ୍ଡାରକୁ ଯିବାକୁ କର୍ମଚାରୀ କହିଥିଲେ। ଏନେଇ କାଞ୍ଚନଙ୍କ ସମ୍ପର୍କୀୟ କହିଛନ୍ତି, ମେଡିକାଲରେ ବାତ୍ୟା ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ହେଲେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରୋଗୀ ଆବଶ୍ୟକ କରୁଥିବା ରକ୍ତ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ବାତ୍ୟା ସମୟରେ ଡୋନର କେଉଁଠୁ ଆଣିବୁ। ଏଭଳି ଅବ୍ୟବସ୍ଥା ଆଦୌ ଗ୍ରହଣୀୟ ନୁହେଁବୋଲି ସେ କହିଛନ୍ତି। ଏ ସମ୍ପର୍କରେ ମେଡିକାଲର କୁଳସଚିବ ଡ. ଅବିନାଶ ରାଉତ କହିଛନ୍ତି, ମେଡିକାଲରେ ଆୟୋଜିତ ବାତ୍ୟା ମୁକାବିଲା ବୈଠକରେ ରକ୍ତ ଆବଶ୍ୟକ କରୁଥିବା ରୋଗୀଙ୍କୁ ରକ୍ତ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଯଦି ଏଥିରେ ବ୍ୟତିକ୍ରମ ଘଟିଛି ତାହାର ତଦନ୍ତ କରାଯିବ। ଅପରପକ୍ଷରେ ଅଧକ୍ଷା ଡା. ଦାସ କହିଛନ୍ତି, ଏଭଳି କୌଣସି ଅଭିଯୋଗ ଆସିନାହିଁ। ଗଣମାଧ୍ୟମରୁ ଏ ସମ୍ପର୍କରେ ଜାଣିବାକୁ ପାଇଛି। ତେବେ ଅଭିଯୋଗ ଆସିଲେ ତଦନ୍ତ କରାଯିବ।

ସୂଚନାଯୋଗ୍ୟ, ଏସ୍‌ସିବି ରକ୍ତଭଣ୍ଡାରରେ ପ୍ରତିଦିନ ୧୫୦ ଜଣଙ୍କୁ ବିନା ବଦଳରେ ରକ୍ତ ଯୋଗାଇ ଦିଆଯାଉଛି। ସେଥିମଧ୍ୟରେ ୧୦୦ ଜଣ ଥାଲାସେମିଆ ରୋଗୀ ଓ ଅନ୍ୟ ୫୦ ଜଣଙ୍କ ମଧ୍ୟରେ କର୍କଟ, ବୋନ୍‌ମ୍ୟାରୋ, ଜଟିଳ ଅସ୍ତ୍ରୋପଚାର ଓ ଦୁର୍ଘଟଣାଗ୍ରସ୍ତ ରୋଗୀ ରହିଛନ୍ତି। ଏହାଛଡ଼ା ଅନ୍ୟ ରୋଗୀଙ୍କ ପାଇଁ ରକ୍ତଦାତା ରକ୍ତ ଦେଇ ବା ରକ୍ତ ବଦଳ କରି ରକ୍ତ ନେବାର ବ୍ୟବସ୍ଥା ପୂର୍ବରୁ ମେଡିକାଲ ପକ୍ଷରୁ କରାଯାଇଛି। ହେଲେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମେଡିକାଲ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ନିଆଯାଇନାହିଁ।



# ବିପରୀତ ନିଷ୍ପତ୍ତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆଗକୁ ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ରରେ ନିର୍ବାଚନ ହେବ। ଏହି ପରିପ୍ରେକ୍ଷୀରେ ଇଲେକ୍ସନ କମିଶନ ଅଫ୍ ଇଣ୍ଡିଆ (ଇସିଆଇ) ଏହି ୨ ରାଜ୍ୟରେ ପୋଲିସ ନିଯୁକ୍ତି ପରିଚାଳନାରେ ଦୁଇଟି ଭିନ୍ନ ଆଭିମୁଖ୍ୟ ଗ୍ରହଣ କରିଛି। ଝାଡ଼ଖଣ୍ଡରେ ଜୁଲାଇ ୨୦୨୪ରେ ନିଯୁକ୍ତ କାର୍ଯ୍ୟନିର୍ବାହୀ ପୋଲିସ ମହାନିର୍ଦ୍ଦେଶକ (ଏଡିଜିପି) ଅନୁରାଗ ଗୁପ୍ତାଙ୍କୁ ହଟାଇବାକୁ ଇସିଆଇ ନିର୍ଦ୍ଦେଶ ଦେଇଛି। ପୂର୍ବ ନିର୍ବାଚନ ସମୟରେ ଗୁପ୍ତାଙ୍କ ବିରୋଧରେ ଆସିଥିବା ଅନେକ ଅଭିଯୋଗ ତାଙ୍କ ନିଷ୍ପକ୍ଷତା ଉପରେ ପ୍ରଶ୍ନ ଉଠାଇଥିଲା ଏବଂ ତାହାକୁ ଭିତ୍ତିକରି ଇସିଆଇ ଏଭଳି ନିଷ୍ପତ୍ତି ନେଇଛି। ନିଯୁକ୍ତି ପାଇଁ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ଏକ ତାଲିକା ଦାଖଲ କରିବାକୁ ଝାଡ଼ଖଣ୍ଡ ସରକାରଙ୍କୁ କୁହାଯାଇଛି ଏବଂ ଅଜୟ କୁମାର ସିଂଙ୍କୁ ଡିଜିପି ଭାବରେ ପୁନଃ ନିଯୁକ୍ତ କରାଯିବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ମହାରାଷ୍ଟ୍ରରେ ଡିଜିପି ରଶ୍ମି ଶୁକ୍ଲାଙ୍କୁ ହଟାଇବା ପାଇଁ ମହାରାଷ୍ଟ୍ର କଂଗ୍ରେସର ଦାବିକୁ ଇସିଆଇ ପ୍ରତ୍ୟାଖ୍ୟାନ କରିଛି। ବିରୋଧୀଦଳର ନେତା ନାନା ପାଟୋଲେ ଦାବି କରିଛନ୍ତି, ଶୁକ୍ଲାଙ୍କ ଅବସର ପରେ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯିବା ମହାରାଷ୍ଟ୍ର ପୋଲିସ ଆଇନକୁ ଉଲ୍ଲଂଘନକରେ ଏବଂ ଶାସକ ଦଳକୁ ଅନ୍ୟାୟଭାବେ ଲାଭହେବା ଲାଗି ଏହା ଉଦ୍ଦିଷ୍ଟ। ତେବେ ଇସିଆଇ ସ୍ପଷ୍ଟ କରିଛି, ତାଙ୍କ ନିଯୁକ୍ତିକୁ କେନ୍ଦ୍ର ଲୋକସେବା ଆୟୋଗ(ୟୁପିଏସ୍‌ସି) ଅନୁମୋଦନ କରିଥିବାରୁ ନିର୍ବାଚନ ସମୟରେ ସ୍ଥିତି ଅପରିବର୍ତ୍ତିତ ରହିବ। ସମାନ ପ୍ରସଙ୍ଗକୁ ନିୟନ୍ତ୍ରଣ କରିବାରେ ଏହି ୨ ରାଜ୍ୟରେ ଇସିଆଇର ଭିନ୍ନ ନିଷ୍ପତ୍ତି ଏକ ଅସଙ୍ଗତିକୁ ଦର୍ଶାଉଛି। ଏହାକୁ ନେଇ ବିରୋଧୀଙ୍କ ପକ୍ଷରୁ ପକ୍ଷପାତିତାର ଅଭିଯୋଗ ହୋଇଛି। ନିର୍ବାଚନର ସ୍ୱଚ୍ଛତା ପାଇଁ ଇସିଆଇର ପ୍ରତିବଦ୍ଧତା ଉପରେ ପ୍ରଶ୍ନ ଉଙ୍କିମାରୁଛି।

### ନିଯୁକ୍ତିରେ ଅନିଶ୍ଚିତତା

ନିକଟରେ ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନିଙ୍କ ମୁଖ୍ୟ ପ୍ରମୁଖ ସଚିବ ଭାବେ ରାଜେଶ ଖୁଲ୍ଲାରଙ୍କୁ ନିଯୁକ୍ତ କରାଯିବାର କିଛି ଘଣ୍ଟା ପରେ ହଠାତ୍ ନିଷ୍ପତ୍ତି ସ୍ଥଗିତ ହେବା ଏକ ଅପ୍ରତ୍ୟାଶିତ ମୋଡ଼ ନେଇଥିଲା। ଖୁଲ୍ଲାରଙ୍କ ନିଯୁକ୍ତିକୁ ନେଇ ହଠାତ୍ ନିଷ୍ପତ୍ତି ବଦଳିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା ଏବଂ ଏହା ପ୍ରଚ୍ଛଦରେ କ'ଣ ଘଟୁଛି ବୋଲି ଅନେକେ ପ୍ରଶ୍ନ କରିଥିଲେ। ବିଶ୍ୱବ୍ୟାଙ୍କରେ ଭାରତ ଓ ଏହାର ପଡ଼ୋଶୀଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଖୁଲ୍ଲାରଙ୍କୁ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ହରିୟାଣାକୁ ଫେରାଇ ଅଣାଯାଇଥିଲା ଏବଂ ମନେକରାଯାଉଥିଲା ଶୀର୍ଷ ପ୍ରଶାସନିକ ପଦବୀ ପାଇଁ ସେ ହିଁ ପସନ୍ଦ। ତେବେ ରାଜନୈତିକ ବ୍ୟକ୍ତିମାନଙ୍କ ମତରେ, ଶାସକ ଦଳର ଏକ ଆଭ୍ୟନ୍ତରୀଣ ଗୋଷ୍ଠୀ ତାଙ୍କ ଚୂଡ଼ାନ୍ତ ନିଯୁକ୍ତିରେ ବିଳମ୍ବ କରିଥାଇପାରନ୍ତି। ମୁଖ୍ୟ ସଚିବ ଟିଭିଏସ୍‌ଏନ୍ ପ୍ରସାଦ ଚଳିତ ମାସ ଶେଷରେ ଅବସର ନେବାକୁ ଯାଉଥିବାରୁ ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତ କରାଯିବ ସେ ନେଇ କଳ୍ପନାଜଳ୍ପନା ଲାଗି ରହିଛି। ଆଲୋଚନା ହେଉଛି, ପୂର୍ବରୁ ବରିଷ୍ଠ କେନ୍ଦ୍ର ସଚିବମାନେ ସେମାନଙ୍କ ରାଜ୍ୟ କ୍ୟାଡରକୁ ପ୍ରତ୍ୟାବର୍ତ୍ତନକରି ମୁଖ୍ୟ ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିଥିବାରୁ ଏ କ୍ଷେତ୍ରରେ ସେଭଳି ସମାନ ପଦ୍ଧତି କେନ୍ଦ୍ର ଅନୁସରଣ କରିପାରନ୍ତି। ନିକଟରେ ମଧ୍ୟପ୍ରଦେଶ, ବିହାର ଏବଂ ରାଜସ୍ଥାନରେ ଏହା ଘଟିଥିବା ଆମେ ଦେଖିଛୁ। ଯେହେତୁ ପ୍ରସାଦଙ୍କ ଅବସର ପାଖେଇ ଆସୁଛି ଏବଂ ଡିଓପିଟି ସଚିବ ବିବେକ ଜୋଷୀଙ୍କର ଚାକିରି କାଳ ବାକି ଥିବାରୁ ତାଙ୍କୁ ଜଣେ ସମ୍ଭାବ୍ୟ ଉତ୍ତରାଧିକାରୀ ଭାବରେ ଦେଖାଯାଉଛି। ପ୍ରମୁଖ ନିଯୁକ୍ତିଗୁଡ଼ିକୁ ନେଇ ଅନିଶ୍ଚିତତା ଲାଗି ରହିଥିବାରୁ ହରିୟାଣାର ନେତୃତ୍ୱ ଆଗାମୀ ଦିନରେ କିପରି ପ୍ରଶାସନିକ ନିଷ୍ପତ୍ତି ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ଫୋନ୍ ନୀତି ବିଭେଦ

ବୈଠକ ସମୟରେ ମୋବାଇଲ ଫୋନ୍ ନୀତିକୁ ନେଇ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କ ମଧ୍ୟରେ ବିଭେଦ ରହିଥିବା ଗୁଜରାଟ ସମାଚାର ଡିଜିଟାଲ ଦ୍ୱାରା କରାଯାଇଥିବା ସର୍ଭେରୁ ଜଣାପଡ଼ିଛି। ଗୁଜରାଟରେ ଗୋଟିଏ ପଟେ ଆଇଏଏସ୍ ଅଧିକାରୀମାନେ ପରିଦର୍ଶକ ବା ଆଗନ୍ତୁକଙ୍କୁ ଫୋନ୍ ପାଖରେ ରଖିବାକୁ ଅନୁମତି ଦେଇ ସ୍ୱଚ୍ଛତା ଏବଂ ଉପଲବ୍ଧତାକୁ ସମର୍ଥନ କରନ୍ତି। ଅନ୍ୟପକ୍ଷରେ କେତେଜଣ ଆଇପିଏସ୍ ଅଧିକାରୀ ସମ୍ବେଦନଶୀଳ ତଥ୍ୟର ଅନଧିକୃତ ରେକର୍ଡିଂକୁ ଭୟକରି ଦର୍ଶକମାନେ ସେମାନଙ୍କ ଫୋନ୍ ବାହାରେ ରଖିବା ଉପରେ ଜୋର ଦେଇଛନ୍ତି। ଦଳିତ ସମ୍ପ୍ରଦାୟ ସମ୍ମୁଖୀନ ହେଉଥିବା ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଉଦ୍ଦିଷ୍ଟ ବୈଠକରେ କଂଗ୍ରେସ ବିଧାୟକ ଜିଗ୍ନେଶ ମେଭାନୀଙ୍କୁ ତାଙ୍କ ଫୋନ୍ ବାହାରେ ରଖିବାକୁ ଏଡିଜି ରାଜକୁମାର ପାଣ୍ଡିଆନ କହିବା ପରେ ତାହାକୁ ନେଇ ବିତର୍କ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ କଲେକ୍ଟରଙ୍କ ଉପରେ ସର୍ଭେ କରାଯାଇଥିଲା। ସେମାନଙ୍କ ନିକଟକୁ ଆସୁଥିବା ଲୋକଙ୍କୁ ବାହାରେ ଫୋନ୍ ରଖିବା ପାଇଁ ସେମାନେ କହୁ ନ ଥିବା ଜଣାପଡ଼ିଥିଲା। ଅପରପକ୍ଷରେ ଭୁଲ୍ ତଥ୍ୟକୁ ରୋକିବା ଏବଂ ବିଶେଷକରି ଗମ୍ଭୀର ପରିସ୍ଥିତିରେ ସମ୍ବେଦନଶୀଳ ଆଲୋଚନାକୁ ସୁରକ୍ଷା ଦେବା ଉପରେ ଆଇପିଏସ୍ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ଜଣେ ଏସ୍‌ପି ଦର୍ଶାଇଥିଲେ ଯେ ଯେହେତୁ ଫୋନ୍ ବିଷୟରେ ସେମାନଙ୍କର କୌଣସି କଡ଼ା ନିୟମ ନାହିଁ, ସେମାନେ ପରିସ୍ଥିତିକୁ କେନ୍ଦ୍ରକରି ଫୋନ୍ ବାହାରେ ରଖିବାକୁ ଅନୁରୋଧ କରିପାରନ୍ତି। ଏମାନଙ୍କ କଥାରେ ତାଳମେଳ ନ ରହିବା ବାସ୍ତବିକ ଆଶ୍ଚର୍ଯ୍ୟଜନକ। କେନ୍ଦ୍ର ସରକାରଙ୍କ କାର୍ମିକ ଓ ପ୍ରଶିକ୍ଷଣ ବିଭାଗର ଯୁଗ୍ମ ସଚିବ ଏସ୍.ଡି. ଶର୍ମା କହିଛନ୍ତି, ମୋବାଇଲ ଫୋନ୍ ନୀତି ଉପରେ କେନ୍ଦ୍ରର କୌଣସି ନିର୍ଦ୍ଦେଶ ନାହିଁ। ତେବେ ସମସ୍ତଙ୍କ ସୁବିଧା ପାଇଁ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ଏହି ପ୍ରସଙ୍ଗରେ ଏକମତ ହେବାର ସମୟ ଆସିଛି।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 6 | | | |
| | | | | | 8 | | 9 | |
| 4 | | 3 | | 1 | | 2 | 5 | |
| 1 | | 2 | | | | | | 3 |
| 9 | | 8 | 6 | | | 1 | | |
| 7 | | | | | | | | |
| | | | 9 | 4 | | | | 2 |
| 3 | | | | | | 6 | | |
| | 4 | | | | 5 | 9 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 9 | 1 | 8 | 4 | 2 | 5 | 7 |
| 4 | 1 | 7 | 2 | 5 | 6 | 8 | 9 | 3 |
| 8 | 2 | 5 | 7 | 9 | 3 | 1 | 4 | 6 |
| 3 | 5 | 8 | 6 | 2 | 9 | 7 | 1 | 4 |
| 2 | 7 | 4 | 3 | 1 | 8 | 9 | 6 | 5 |
| 1 | 9 | 6 | 4 | 7 | 5 | 3 | 2 | 8 |
| 9 | 8 | 1 | 5 | 6 | 7 | 4 | 3 | 2 |
| 7 | 6 | 3 | 9 | 4 | 2 | 5 | 8 | 1 |
| 5 | 4 | 2 | 8 | 3 | 1 | 6 | 7 | 9 |

ଗତକାଲିର ଉତ୍ତର

# ମାନବ-ଜୀବଜାତି ସହାବସ୍ଥାନ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ଜନସଂଖ୍ୟାର ବିସ୍ଫୋରଣ, ଅତ୍ୟାଧୁନିକ ଜୀବନଶୈଳୀ, ବିକାଶ ପ୍ରକ୍ରିୟାର ନକାରାତ୍ମକ ପ୍ରଭାବ ଏବଂ ସହରାଞ୍ଚଳର ବିସ୍ତାର ପରିପ୍ରେକ୍ଷୀରେ ମଣିଷ ଓ ବନ୍ୟଜନ୍ତୁଙ୍କ ସମ୍ପର୍କ ଏକ ବିତର୍କର ପ୍ରସଙ୍ଗ ପାଲଟିଛି। ଉଦ୍‌ବେଗର ବିଷୟ ହେଉଛି, କେବଳ ପରିବେଶୀୟ ସ୍ଥିରତା ନିମନ୍ତେ ନୁହେଁ, ବରଂ ପରିସଂସ୍ଥାର ସୁରକ୍ଷା ତଥା ନିଜର ସ୍ୱାସ୍ଥ୍ୟ ଓ କଲ୍ୟାଣ ସାଧନ ଉଦ୍ଦେଶ୍ୟରେ ମାନବଜାତି ବନ୍ୟଜନ୍ତୁଙ୍କ ସହିତ ଏହି ଗ୍ରହରେ ସଫଳତାର ସହ ସହାବସ୍ଥାନ କରିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରାକୃତିକ ବାସସ୍ଥଳୀ ଏବଂ ସେସବୁଥିରେ ବସବାସ କରୁଥିବା ବିବିଧ ପ୍ରଜାତିର ଜୀବଜନ୍ତୁଙ୍କ ସଂରକ୍ଷଣ ସହିତ ମାନବ ବିକାଶକୁ ସନ୍ତୁଳିତ ରଖିବା ଏକ ଆହ୍ୱାନରେ ପରିଣତ ହୋଇଛି। ଏହା ମାନବଜାତିର ବିଜ୍ଞତାର ପରିଚୟ ପ୍ରଦାନ କରିବ ଯେତେବେଳେ ଉପଯୁକ୍ତ ସହନଶୀଳତା, ଠିକ୍ ଉପଯୋଗୀକରଣ ଏବଂ ପ୍ରଭାବଶାଳୀ ପରିଚାଳନା ମାଧ୍ୟମରେ ମଣିଷ ବନ୍ୟଜନ୍ତୁମାନଙ୍କୁ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ପ୍ରାକୃତିକ ବାସସ୍ଥଳୀରେ ସୁସଙ୍ଗତ ଭାବରେ ଜୀବନ ନିର୍ବାହର ସୁଯୋଗ ପ୍ରଦାନ କରିବ। ମାତ୍ର ସାମ୍ପ୍ରତିକ ଧାରା ସୂଚାଉଛି ଯେ ଆତ୍ମରକ୍ଷାର ଦ୍ୱାହି ଏବଂ ପ୍ରତିଶୋଧପରାୟଣତାର ବଶବର୍ତ୍ତୀ ହୋଇ ଯେଉଁ ମାତ୍ରାରେ ଜୀବଜନ୍ତୁମାନେ ହତ୍ୟାର ଶିକାର ହେଉଛନ୍ତି, ସେମାନଙ୍କ ମଧ୍ୟରୁ ଅନେକ ପ୍ରଜାତି କ୍ରମଶଃ ବିଲୁପ୍ତ ଦିଗରେ ଗତି କରୁଛନ୍ତି। ଅନ୍ୟପକ୍ଷରେ ଜିମ୍ବାୱେ ଏବଂ ଅନ୍ୟ କିଛି ରାଷ୍ଟ୍ରରେ ଏବେ ହାତୀ, ଗଣ୍ଡା, ଜେବ୍ରା ଏବଂ ଅନ୍ୟ କେତେକ ବନ୍ୟପ୍ରାଣୀଙ୍କୁ ହତ୍ୟା କରି ଖାଦ୍ୟ ଆବଶ୍ୟକତାର ପୂରଣ ନିମନ୍ତେ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି।

ବନ୍ୟଜନ୍ତୁଙ୍କ ସହିତ ସଫଳତାର ସହ ସହାବସ୍ଥାନ ନିମନ୍ତେ ମଣିଷ ପ୍ରଥମେ ସେମାନଙ୍କ ଆବଶ୍ୟକତାକୁ ହୃଦୟଙ୍ଗମ କରିବା ଆବଶ୍ୟକ। ଫୁଲରେ ପରାଗସଙ୍ଗମଠାରୁ ଆରମ୍ଭକରି କୀଟପତଙ୍ଗ ନିୟନ୍ତ୍ରଣ ପର୍ଯ୍ୟନ୍ତ ବିବିଧ କାର୍ଯ୍ୟରେ ବନ୍ୟଜନ୍ତୁମାନେ ପରିସଂସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି ଏବଂ ଅଧିକ ସଂଖ୍ୟାରେ ସେମାନଙ୍କର ଉପସ୍ଥିତି ଏହାର ଜୈବବିବିଧତାକୁ ଋଦ୍ଧିମନ୍ତ କରିଥାଏ। ପ୍ରତ୍ୟେକ ଜୀବଜାତିର ବାସସ୍ଥାନ ସମ୍ପର୍କିତ ନିର୍ଦ୍ଦିଷ୍ଟ କେତେକ ପ୍ରୟୋଜନୀୟତା ରହିଛି, ଯେପରିକି ଖାଦ୍ୟ, ଜଳ, ଆଶ୍ରୟସ୍ଥଳୀ ଏବଂ ପରିବେଶ। ଯେତେବେଳେ ସହରାଞ୍ଚଳ ଏବଂ ଅନ୍ୟ ବିକାଶ ପ୍ରକ୍ରିୟାର କ୍ଷତିକାରକ କାର୍ଯ୍ୟକ୍ରମ ଏହି ପ୍ରାକୃତିକ ବାସସ୍ଥାନକୁ ପ୍ରଭାବିତ କରେ, ସେତେବେଳେ ଏହାର ସୂକ୍ଷ୍ମ ସନ୍ତୁଳନ ବ୍ୟାହତ ହୁଏ। କେତେକ କ୍ଷେତ୍ରରେ ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷର ଉତ୍ପତ୍ତି ଘଟେ। ଉପଲବ୍ଧ ଖାଦ୍ୟଉତ୍ସ ଦ୍ୱାରା ଆକର୍ଷିତ ହୋଇ ହାତୀ ଓ ଅନ୍ୟ ବନ୍ୟପ୍ରାଣୀ ଜଙ୍ଗଲ ନିକଟସ୍ଥ ମନୁଷ୍ୟ ବସତିରେ ପ୍ରବେଶ କରନ୍ତି ଏବଂ ଉଭୟପକ୍ଷ ମୃତାହତ ହେବା ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି। ଏପରି ଆଚରଣ ସବୁକୁ ବିଚାରକୁ ନେଲେ ତାହା ସହାବସ୍ଥାନ ରଣନୀତିକୁ ସୁଦୃଢ଼ କରିବ।



ଅଭିନବ ସହରାଞ୍ଚଳ ଯୋଜନା ମାଧ୍ୟମରେ ପଶୁପକ୍ଷୀଙ୍କୁ ନଗର ପରିବେଶରେ ଜୀବନଯାପନର ସୁଯୋଗ ପ୍ରଦାନକୁ ସୁଦୃଢ଼ କରାଯାଇପାରିବ। କେନ୍ଦ୍ର ସରକାରଙ୍କର 'ନଗରବନ' ଯୋଜନା ଅଧୀନରେ ସହରାଞ୍ଚଳ ମଧ୍ୟରେ କ୍ଷୁଦ୍ର ଜଙ୍ଗଲମାନ ସୃଷ୍ଟି କରାଯିବା ସହିତ ପାର୍କ, ବନ୍ୟଜନ୍ତୁ କରିଡ଼ର ଏବଂ ସବୁଜ ଛାତମାନ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ, ଯାହା ସ୍ଥାନୀୟ ପଶୁପକ୍ଷୀ, କୀଟପତଙ୍ଗଙ୍କର ଆଶ୍ରୟସ୍ଥଳ ଭାବରେ କାର୍ଯ୍ୟ କରିବ। ଏପରି ଯୋଜନାର ପରିକଳ୍ପନାରେ ପ୍ରାକୃତିକ ପରିବେଶ ସୃଷ୍ଟିକୁ ଗୁରୁତ୍ୱ ପ୍ରଦାନ କେବଳ ବନ୍ୟଜନ୍ତୁଙ୍କୁ ସୁରକ୍ଷିତ ରଖେ ନାହିଁ, ବରଂ ଏହାର ଅଧିବାସୀଙ୍କୁ ମନୋରଞ୍ଜନର କ୍ଷେତ୍ର ଯୋଗାଇ ତଥା ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣି ଜୀବନଶୈଳୀକୁ ଗୁଣାତ୍ମକ କରେ। ସହରୀକରଣ ଦ୍ୱାରା ସୃଷ୍ଟି ହେଉଥିବା ବିପଦକୁ ହ୍ରାସ କରିବା ପାଇଁ ଜୀବଜନ୍ତୁ ଅନୁକୂଳ ଭିତ୍ତିଭୂମି ନିର୍ମାଣ, ଯେପରିକି ରାଜପଥ ଉପରେ ରାସ୍ତା ଅତିକ୍ରମ କରିବା କ୍ରସିଂର ବ୍ୟବସ୍ଥା, ସେମାନଙ୍କୁ ସହାୟତା ଯୋଗାଏ। ଏହିପରି ସଂରଚନା ପ୍ରାଣୀମାନଙ୍କୁ ବାସସ୍ଥାନ ମଧ୍ୟରେ ନିରାପଦରେ ଯାତାୟାତ କରିବାକୁ ସୁଯୋଗ ଦିଏ, ଦୁର୍ଘଟଣାଜନିତ ମୃତ୍ୟୁରେ ହ୍ରାସ ଘଟାଏ।

ସହାବସ୍ଥାନ ବୃଦ୍ଧି ପାଇଁ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସ୍ଥାନୀୟ ଜୀବଜନ୍ତୁ ଏବଂ ସେମାନଙ୍କର ଗୁରୁତ୍ୱ ବିଷୟରେ ସମ୍ପ୍ରଦାୟ ମଧ୍ୟରେ ସଚେତନତା ସୃଷ୍ଟିକରି ଏକ ତତ୍ତ୍ୱାବଧାରକର ଭାବନା ସୃଷ୍ଟି କରାଯିବା ଦରକାର। ବନ୍ୟପ୍ରାଣୀମାନଙ୍କ ସହିତ କିପରି ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରିପାରିବେ, ସେ ବିଷୟରେ ବାସିନ୍ଦାମାନଙ୍କୁ ସୂଚନା ଦିଆଯିବା ଏବଂ ଭୟ ଓ ଭୁଲ୍ ବୁଝାମଣା ହ୍ରାସ କରିବା ଏପରି ଶିକ୍ଷାର ଲକ୍ଷ୍ୟ ହେବା ବାଞ୍ଛନୀୟ। ବନ୍ୟଜନ୍ତୁ ଯାଞ୍ଚ ପ୍ରକ୍ରିୟା କିମ୍ବା ବାସସ୍ଥଳୀ ପୁନରୁଦ୍ଧାର ପ୍ରକଳ୍ପରେ ବାସିନ୍ଦାଙ୍କୁ ଜଡିତ କରିବା ଦ୍ୱାରା ପ୍ରାକୃତିକ ଦୁନିଆ ସହିତ ସେମାନଙ୍କର ସମ୍ପୃକ୍ତି ମଜଭୁତ ହେବ। ଏହି ପଦକ୍ଷେପଗୁଡ଼ିକ ଦାୟିତ୍ୱ ନିର୍ବାହର ଏକ ସହଭାଗୀ ଭାବନା ସଞ୍ଚାର କରିବା ସହ ସ୍ଥାନୀୟ ଜଙ୍ଗଲ ପରିସଂସ୍ଥାଗୁଡ଼ିକର ସୁରକ୍ଷା କାର୍ଯ୍ୟରେ ସକ୍ରିୟ ଯୋଗଦାନ ସକାଶେ ଉତ୍ସାହିତ କରିବ। ଯେଉଁ ଲୋକମାନେ ପ୍ରକୃତି ସଂରକ୍ଷଣରେ ସକ୍ରିୟ ଭାବରେ ଅଂଶଗ୍ରହଣ କରନ୍ତି, ସେମାନେ ବନ୍ୟଜନ୍ତୁଙ୍କୁ ଅନିଷ୍ଟକାରୀ ପରିବର୍ତ୍ତେ ପ୍ରକୃତିର ବରଦାନ ଭାବରେ ବିଚାର କରନ୍ତି ତଥା ସହାବସ୍ଥାନରେ ରହିବାର ଦର୍ଶନକୁ ଅକ୍ଳେଶରେ ଗ୍ରହଣ କରନ୍ତି। ଏହା ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ଅନେକାଂଶରେ ଏଡ଼ାଇବାରେ ସକ୍ଷମ ହେବ।

ଏହା ସ୍ୱୀକାର୍ଯ୍ୟ ଯେ ସର୍ବୋତ୍ତମ ପ୍ରୟାସ ସତ୍ତ୍ୱେ ମଣିଷ ଏବଂ ବନ୍ୟଜନ୍ତୁଙ୍କ ମଧ୍ୟରେ ବିବାଦ ଅନିବାର୍ଯ୍ୟ। ମାତ୍ର ପ୍ରଭାବଶାଳୀ ସମାଧାନ ରଣନୀତି ଅବଲମ୍ବନ ଦ୍ୱାରା ଏହି ସମସ୍ୟା ହ୍ରାସ କରାଯାଇପାରିବ। ଯେତେବେଳେ ସମସ୍ତ ପଦକ୍ଷେପ ବିଫଳ ହେବ ସେତେବେଳେ ଜୀବଜନ୍ତୁ ସ୍ଥାନାନ୍ତରଣ ଏକ ବିକଳ୍ପ କାର୍ଯ୍ୟପନ୍ଥା ହୋଇପାରେ। ସ୍ଥାନାନ୍ତରିତ ପ୍ରାଣୀମାନଙ୍କୁ ଉପଯୁକ୍ତ ବାସସ୍ଥଳୀରେ ସ୍ଥାନିତ କରାଯିବାକୁ ନିଶ୍ଚିତ କରିବା ଜରୁରୀ। ଏହା ଗ୍ରହଣ କରିବାକୁ ହେବ ଯେ ମଣିଷର ଅସହନୀୟ ଆଚରଣ ହିଁ ଅନେକ ଦ୍ୱନ୍ଦ୍ୱ ଉତ୍ପତ୍ତିର କାରଣ ଏବଂ ଏହି ଅଭ୍ୟାସଗୁଡ଼ିକୁ ପରିବର୍ତ୍ତନ କଲେ ଉତ୍ତମ ସହଭାଗିତା ସ୍ଥାପିତ ହୋଇପାରେ। କୁମ୍ଭୀର ଥିବା ନଦୀକୂଳରେ ପ୍ରତିରୋଧ ବାଡ଼ ନିର୍ମାଣ କରି ସ୍ଥାନୀୟ ଅଧିବାସୀ ସୁରକ୍ଷିତ ଭାବରେ ନଦୀଜଳ ବ୍ୟବହାର କରିପାରିବେ। ଏ ଦିଗରେ ସଚେତନତା ବୃଦ୍ଧି ଓ କେତେକ ନିର୍ଦ୍ଦେଶାବଳୀର କାର୍ଯ୍ୟକାରିତା ଅପରିହାର୍ଯ୍ୟ। ସହରୀ ଯୋଜନା ପ୍ରଣୟନ ଏବଂ ଜୀବଜନ୍ତୁ ବିବାଦ ହ୍ରାସ ପ୍ରକ୍ରିୟାରେ ସେମାନଙ୍କର ଗତିବିଧି ଓ ଅନ୍ୟାନ୍ୟ ମୂଲ୍ୟବାନ ସୂଚନା ହାସଲ ନିମନ୍ତେ କ୍ୟାମେରା ଟ୍ରାପିଂ ବୈଷୟିକ ଜ୍ଞାନର ବିନିଯୋଗ ଏବେ ଉପଲବ୍ଧ ହେଉଛି।

ପ୍ରକୃତିସୃଷ୍ଟ ବିବିଧ ଜୀବଜନ୍ତୁଙ୍କ ସହିତ ସମ୍ମିଳିତ ଭାବରେ ଜୀବନ ନିର୍ବାହ କରିବାର ଅଭିଳାଷ କେବଳ ସମ୍ଭବ ନୁହେଁ, ବରଂ ଜୀବନର ନିରନ୍ତରତା ନିମନ୍ତେ ଏକାନ୍ତ ଜରୁରୀ। ମଣିଷ ପ୍ରାକୃତିକ ଦୁନିଆ ସହିତ ଏକ ସମ୍ମାନଜନକ ଓ ସୁସମ୍ପର୍କ ସ୍ଥାପନ କରିବା ସମ୍ଭବପର ହେବ, ଯେତେବେଳେ ସେ ଅନ୍ୟ ଜୀବଜନ୍ତୁମାନଙ୍କର ଆବଶ୍ୟକତାକୁ ସୁଚାରୁରୂପେ ହୃଦୟଙ୍ଗମ, ସୁଚିନ୍ତିତ ସହରୀ ଯୋଜନାର ପ୍ରଣୟନ, ଜନସାଧାରଣଙ୍କର ସମ୍ପୃକ୍ତିକୁ ସୁନିଶ୍ଚିତ, ଦ୍ୱନ୍ଦ୍ୱ ସମାଧାନର ରଣନୀତିର ପ୍ରସ୍ତୁତି ଏବଂ ଉପଯୁକ୍ତ ପ୍ରଯୁକ୍ତିର ସୁବିନିଯୋଗ କରିବ। ପ୍ରାକୃତିକ ପରିସଂସ୍ଥା ଏବଂ ମାନବ ପରିବେଶର ଭବିଷ୍ୟତ ଆମର ସହାବସ୍ଥାନର ସଫଳତା ଉପରେ ଅନେକାଂଶରେ ନିର୍ଭର କରେ।

ମୋ: ୯୪୩୭୦୭୬୧୦୦

# ଏତେ ଲୋଭ କ'ଣ ପାଇଁ



ଡ. ସାରଦା ପ୍ରସାଦ କର

ଏବେ ପ୍ରାୟ ସବୁଦିନ ଖବରକାଗଜ ଲେଉଟାଇଲେ ଆଖିରେ ପଡୁଛି 'ଭିଜିଲାନ୍ସ ଜାଲରେ କୁବେର ଯନ୍ତ୍ରୀ' ନ ହେଲେ 'ଲାଞ୍ଚ ନେଇ ବନ୍ଧାହେଲେ ସରକାରୀ ବାବୁ' ଇତ୍ୟାଦି ଚାଞ୍ଚଲ୍ୟକର ଖବର। ଏମାନଙ୍କର ତାଲିକା ଦିନକୁ ଦିନ ଲମ୍ବା ହେବାରେ ଲାଗିଛି। ପୁଳା ପୁଳା ସୁନାକୁ ମାଳ ମାଳ ପ୍ଲଟ୍, ଭଳିକି ଭଳି ଗାଡ଼ିକୁ ବିଡ଼ା ବିଡ଼ା ନୋଟ୍ ଦେଖିଲେ ଦୁଃଖ ଲାଗୁଛି ଯେତିକି ଆଶ୍ଚର୍ଯ୍ୟ ବି ଲାଗୁଛି ସେତିକି। ଦୁଃଖ ଲାଗୁଛି ଆମ ସମାଜର ସ୍ଥିତି ଦେଖିକି ଓ ଆଶ୍ଚର୍ଯ୍ୟ ଲାଗୁଛି ମଣିଷର ରୁଗ୍‌ଣ ମାନସିକତା କଥା ଭାବିକି। ଦୁର୍ନୀତି ବିଭାଗର ଛାଟ ବାଜିଥିବା ଏ ସମସ୍ତ ବ୍ୟକ୍ତି ପ୍ରାୟତଃ ଉଚ୍ଚଶିକ୍ଷିତ, ଉଚ୍ଚ ପଦପଦବୀରେ ଅଧିଷ୍ଠିତ ଏବଂ ଏମାନଙ୍କର ଆର୍ଥିକ ଅବସ୍ଥା ମଧ୍ୟ ସ୍ୱଚ୍ଛଳ। ତେବେ ଦରିଆ ଭିତରେ ଥାଇ ଏମାନଙ୍କର ଏତେ ଶୋଷ କ'ଣ ପାଇଁ? ପ୍ରାଚୁର୍ଯ୍ୟ ଭିତରେ ବୁଡ଼ିରହି ମଧ୍ୟ ଆହୁରି ଆହୁରି ପାଇବାର ଲାଳସା ସତରେ କେତେ ଦୁର୍ଭାଗ୍ୟପୂର୍ଣ୍ଣ ଭାବିଲେ ପାଠକବନ୍ଧୁ! ଲୋଭ କହିଲେ ଆମେ ସାଧାରଣତଃ ବୁଝୁ ପରଧନ ଉପରେ ଆଖି ପକେଇବା ଓ କଳେବଳେ କୌଶଳେ ତାକୁ କରାୟତ୍ତ କରି ନିଜ ପାଣ୍ଠିର କଳେବର ବଢେଇବା। ଏହା ଏକ ଘୃଣ୍ୟକର୍ମ ଜାଣି ମଣିଷ ନା ସନ୍ତପ୍ତ ନା ଅନୁତପ୍ତ, ବରଂ ଛାରପୋକ ପରି ଯେତେ ରକ୍ତ ଶୋଷିଲେ ବି ଅତୃପ୍ତ। ତେଣୁ ଏପରି ଚରିତ୍ରମାନଙ୍କୁ ନିତାନ୍ତ ଦରିଦ୍ର ଆଖ୍ୟା ଦେଲେ କ'ଣ କିଛି ଭୁଲ୍ ହେବ କି? ମହାପୁରୁଷମାନେ କହିଛନ୍ତି ଯାର ତୃଷ୍ଣା ଯେତେ ବିଶାଳ ସେ ସେତେ ଦରିଦ୍ର। 'କ୍ଷୁଧାତୁରାଣାଂ ନ ଚ ଶୁଦ୍ଧବୁଦ୍ଧି'। ଏହି ନ୍ୟାୟରେ ରାବଣ ସୁନାର ଲଙ୍କାରେ ଥାଇ ବି ଥିଲା ଦରିଦ୍ର କିନ୍ତୁ ବିଚରା କୈବର୍ତ୍ତ ଶୃଙ୍ଗବେରପୁରର କୁଡ଼ିଆରେ ଥାଇ ମଧ୍ୟ ଥିଲା ପରମ ସୁଖୀ ଓ ସନ୍ତୋଷ। ଶ୍ରୀମଦ୍‌ଭଗବଦ୍ ଗୀତା ତେଣୁ ଚେତାବନୀ ଦେଲେ ଯେ କାମ, କ୍ରୋଧ ଓ ଲୋଭ ହେଉଛି ନରକର ଦ୍ୱାର ଯାହା ଅନର୍ଥକୁ ଡାକିବା ସହିତ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ଅଧୋଗାମୀ କରିଦିଅନ୍ତି।

ପୁରାଣକୁ ଆଲୋଚନା କଲେ ଜଣାଯାଏ ଯେ ତ୍ରେତୟା ଯୁଗରେ 'କାମ'ର ପ୍ରତୀକ ରାବଣ ଓ କୁମ୍ଭକର୍ଣ୍ଣକୁ ବିନାଶକଲେ ଏକମାତ୍ର ପ୍ରଭୁ ରାମଚନ୍ଦ୍ର। ସେହିପରି ଦ୍ୱାପର ଯୁଗରେ 'କ୍ରୋଧ'ର ପ୍ରତୀକ ଶିଶୁପାଳ ଓ ଦନ୍ତବକ୍ରକୁ ବିନାଶ କଲେ ଏକମାତ୍ର ପ୍ରଭୁ କୃଷ୍ଣଚନ୍ଦ୍ର। କିନ୍ତୁ ଲୋଭ ଏତେ ଭୟଙ୍କର ଯେ 'ଲୋଭ'ର ପ୍ରତୀକ ହିରଣାକ୍ଷ ଓ ହିରଣ୍ୟକଶିପୁକୁ ବିନାଶ କରିବାକୁ ପ୍ରଭୁଙ୍କୁ ଦୁଇଥର ଅବତାର ନେବାକୁ ପଡ଼ିଲା। ଗୋଟିଏ ହେଉଛି ବରାହ ଓ ଅନ୍ୟଟି ନରସିଂହ। ଏ ସଂସାରରେ ଯଦି କେଉଁ ମନ୍ଦ ପଦାର୍ଥ ପ୍ରଥମେ ସୃଷ୍ଟି ହେଲା ତାହା ହେଉଛି ଲୋଭ। ଆଜିର ସମାଜରେ ପ୍ରାୟତଃ ଦୁଇପ୍ରକାର ଲୋଭରେ ମଣିଷ ପୀଡ଼ିତ। ଗୋଟିଏ ହେଉଛି ସଂଗ୍ରହବୃତ୍ତିଜନିତ ଲୋଭ ଓ ଅନ୍ୟଟି ଭୋଗବୃତ୍ତିଜନିତ ଲୋଭ। ଜଣେ ହିରଣାକ୍ଷ ଓ ଆଉ ଜଣେ ହିରଣ୍ୟକଶିପୁ ଯେଉଁମାନେ ଆଦି ଦୈତ୍ୟରୂପେ ବେଶ୍ ଜଣାଶୁଣା। ଏ ଦୁଇଭାଇଙ୍କ ମଧ୍ୟରେ ବଡ଼ ଥିଲା ହିରଣ୍ୟକଶିପୁ। କିନ୍ତୁ ଆଶ୍ଚର୍ଯ୍ୟର କଥା ପ୍ରଭୁ ବରାହ ଅବତାର ନେଇ ପ୍ରଥମେ ସାନଭାଇ ହିରଣାକ୍ଷକୁ ମାରିଲେ। ଏହାର କାରଣ ସାନଭାଇ ଥିଲା ସବୁଠୁ ବିଷାକ୍ତ ଯାହା ହେଉଛି ସଂଗ୍ରହବୃତ୍ତି ଲୋଭ। ସମ୍ପତ୍ତିର ପାହାଡ଼ ଉପରେ ଥାଇ ଆହୁରି ଆହୁରି ଧନ ଠୁଳ କରିବାର ନିଶାରେ ମାତିଥିବା ମଣିଷମାନେ ହିଁ ହିରଣାକ୍ଷ। ତେବେ କ'ଣ ପାଇଁ ଏତେ ଲୋଭ ଆଉ ନିଶା?



ଓଡ଼ିଆରେ ଗୋଟିଏ ଉକ୍ତି ଅଛି ଅଧର୍ମ ବିତ୍ତ ବଢ଼େ ବହୁତ। ଅକାଟ୍ୟ ଏ ବଚନ କାରଣ ଅନୀତି ଓ ଅସାଧୁ ଉପାୟରେ ଅର୍ଜିତ ଧନକୁ ମଣିଷ ନିଜେ ଭୋଗ କରିପାରେନା କି ତା'ର ପୁତ୍ର ପରିଜନ ଭୋଗ କରିପାରନ୍ତି ନାହିଁ। ଧର୍ମପୂର୍ବକ ଅର୍ଜିତ ଧନରେ ଭଗବାନ୍ ରୁହନ୍ତି ଓ ଅଧର୍ମ ବିତ୍ତରେ ସଇତାନ ରୁହେ। ଭଗବାନ୍ ମଙ୍ଗଳମୟ ହୋଇଥିବାରୁ ଧର୍ମ ଓ ନୀତି ଉପରେ ପ୍ରତିଷ୍ଠିତ ପରିବାରରେ ସବୁବେଳେ ସୁଖ, ଶାନ୍ତି ବିରାଜମାନ କରୁଥିବା ବେଳେ ସଇତାନ ପରିବାରରେ ଅଶାନ୍ତି, କଳହର ଧୂଆଁ ମଣିଷକୁ ଅଣନିଃଶ୍ୱାସୀ କରିଦିଏ। ଏ କଥା ସତ୍ୟ ଯେ ଧନ ପାଇବାକୁ ହେଲେ ଦୁଃଖ, ଧନ ଚାଲିଗଲେ ବି ଦୁଃଖ କିନ୍ତୁ ସବୁଠୁ ବେଶି ଦୁଃଖ ହେଉଛି ଧନକୁ କୁଣ୍ଢେଇ ଧରି ଜଗିବା। କିନ୍ତୁ ଯେତେ ଜଗିଲେ ବି ଏହାକୁ କ'ଣ ଅଟକେଇ ହବ? ଏ ପାପ ଧନକୁ ଦିନେ ନା ଦିନେ ଚୋର ଖଣ୍ଟମାନେ ନେଇଯିବେ ନ ହେଲେ ଥାନା, ଡାକ୍ତରଖାନା, କୋର୍ଟ କଚେରି ଖାଇଯିବେ ନତୁବା ଦୁର୍ନୀତି ବିଭାଗଧରି ଚାଲିଯିବେ। ତେବେ ଏ ସବୁ କଥା ଜାଣି ମଧ୍ୟ ନିଜ ସାଧୁତାରେ କଳଙ୍କ ଲଗାଇ କ'ଣ ପାଇଁ ମଣିଷ ଧନ ଠୁଳ କରିବାରେ ଲାଗିଛି ତାହା ହିଁ ବଡ଼ ବିଚିତ୍ର।

ମନେପଡ଼ିଯାଏ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କର ପ୍ରଧାନମନ୍ତ୍ରୀ ଚାଣକ୍ୟଙ୍କର କଥା। ଭାରତ ଭ୍ରମଣ ବେଳେ ମେଘାସ୍ଥିନିସ୍ ଚାଣକ୍ୟଙ୍କର ପ୍ରତିଭା କଥା ଶୁଣି ତାଙ୍କୁ ସାକ୍ଷାତ୍ କରିବାକୁ ଯାଆନ୍ତେ ଚାଣକ୍ୟ ହାତରେ ଦୁଇଟି ଜଳୁଥିବା ଡିବିକୁ ଧରିଆସି ପଚାରିଲେ 'ମୋ ସହିତ ଆପଣଙ୍କର ଆଲୋଚନା କ'ଣ ବ୍ୟକ୍ତିଗତ ନା ଦେଶ ସମ୍ପର୍କିତ?' ଉତ୍ତର ପାଇଲେ ବ୍ୟକ୍ତିଗତ। ଚାଣକ୍ୟ ସଙ୍ଗେ ସଙ୍ଗେ ଜଳୁଥିବା ଦୁଇଟି ଡିବି ମଧ୍ୟରୁ ଗୋଟିକୁ ଲିଭାଇ ଦିଅନ୍ତେ ମେଘାସ୍ଥିନିସ୍ ପଚାରିଲେ ଗୋଟିଏ ଡିବିକୁ ଲିଭାଇଦେଲେ କାହିଁକି? ଚାଣକ୍ୟ ଉତ୍ତର ଦେଲେ ଯେଉଁ ଡିବିଟି ଲିଭାଇଦେଲି ତାହା ସରକାରଙ୍କର। ଯେହେତୁ ମୋ ସହ ଆଲୋଚନା ଆପଣଙ୍କର ସମ୍ପୂର୍ଣ୍ଣ ବ୍ୟକ୍ତିଗତ ସେଥିରେ ସରକାରୀ ଡିବି ଜାଳିବାରେ କି ଆବଶ୍ୟକତା ଅଛି? ଏହା ହିଁ ଥିଲା ଏ ଦେଶର ସାଧୁତା। କିନ୍ତୁ ଆଜି ସରକାରଙ୍କ ସମ୍ପତ୍ତି ଚଳୁକରିବାରେ ସରକାରୀ କର୍ମଚାରୀଙ୍କର ଜାଗିଛି ଭୟଙ୍କର ନିଶା। ବାଡ଼ ଯଦି ଫସଲ ଖାଏ ତେବେ ଦୋଷ ଦେବା କାହାକୁ? ଉପନିଷଦରେ କୁହାଯାଇଛି 'ମା ଗୃଧଃ କସ୍ୟସ୍ୱିଦ୍ ଧନଃ' ଅର୍ଥାତ୍ ପରଧନ ଉପରେ କେବେ ହେଲେ ନଜର ପକେଇବା ଉଚିତ ନୁହେଁ। ପରଧନ ସଂଗ୍ରହ ମଣିଷକୁ ଚାକର କରିଦିଏ କିନ୍ତୁ ଧର୍ମଧନର ସଦୁପଯୋଗ ତାକୁ ମାଲିକ ଆସନରେ ବସାଇଦିଏ। ବଡ଼ ଦୁର୍ଭାଗ୍ୟର କଥା ଏବେ ମଣିଷର ଯାତ୍ରା ଆରମ୍ଭ ହେଉଛି ବିଷୟା ବିଷରୁ ଓ ସରୁଛି ବିନାଶରେ। ବରଂ ମଣିଷ ଯଦି ତା'ର ଧର୍ମୋପାର୍ଜିତ ଧନକୁ ସମାଜର ସାମୂହିକ ମଙ୍ଗଳ କାମରେ ସଦୁପଯୋଗ କରିପାରନ୍ତା ତାହା ହିଁ ହୁଅନ୍ତା ଯଜ୍ଞକର୍ମ। ସେଥିପାଇଁ ତ ହିରଣ୍ୟକଶିପୁକୁ ବିନାଶ କଲେ ପ୍ରଭୁ ବରାହ ଯେ ଯଜ୍ଞର ପ୍ରତୀକ। ଏହି ଯଜ୍ଞକର୍ମ ଦ୍ୱାରା ସମଷ୍ଟିର ହିତ ସାଧନ ହେବା ସହ ଯଜ୍ଞର ପ୍ରସାଦ ରୂପେ ମଣିଷ ପ୍ରସନ୍ନତା ଲାଭକରିପାରନ୍ତା। ଆଜିର ଅଧୋଗାମୀ ମଣିଷ ଯେବେ ଏହି କଥାଟିକକ ବୁଝିପାରନ୍ତା ତେବେ ତା'ର ଉଜୁଡ଼ା ଘର ପୁଣି ସଜାଡ଼ି ହୋଇଯାଆନ୍ତା ଓ ଅଶାନ୍ତି ବଦଳରେ ପ୍ରଶାନ୍ତି ତା'ର ମନମହକୁମାକୁ ମହକାଇ ପାରନ୍ତା।

ଅଧ୍ୟାପକ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

ମୋ: ୯୪୩୭୧୧୩୧୬୨

## ଏଇ ଭାରତରେ

ପାଚିଲା ପଣସ କିମ୍ବା କଠା ଖାଇବା ସମୟ ଚାଲିଗଲାଣି। ପୁଣିତାହା ଖାଇବାକୁହେଲେ ଆଉ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ହେବ। କିନ୍ତୁ କେରଳର ରାଣୀ ସୋନି ପଣସରୁ ପ୍ରସ୍ତୁତ ବିଭିନ୍ନ ଉତ୍ପାଦ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ଫଳରେ ବର୍ଷର ଯେ କୌଣସି ସମୟରେ ବି ଯେ କେହି ପଣସର ସ୍ୱାଦ ପାଇପାରିବେ। ରାଣୀ ମୁଖ୍ୟତଃ, ଶୁଖିଲା ପଣସ, ଜାମ ଓ ପଣସ ମଞ୍ଜି ପାଉଡର ଆଦି ପ୍ରସ୍ତୁତ କରୁଛନ୍ତି। ସେ 'ଇଡେନ ଜ୍ୟାକଫ୍ରୁଟ୍ସ ପ୍ରଡକ୍ଟ'ମାଧ୍ୟମରେ ପଣସରୁ ଏସବୁ ଉତ୍ପାଦ ତିଆରି କରି ସେଥିରୁ ବର୍ଷକୁ ୮ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ବଖରାଏ ଘରେ ପ୍ରଥମେ ସେ ଏହି କମ୍ପାନୀ ଆରମ୍ଭ କରିଥିଲେ। ପରେ ସେ ଏହାର କଳେବର ବୃଦ୍ଧି କରି ସେଥିରେ ୧୦ ଜଣଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ରୋଜଗାରକ୍ଷମ କରିପାରିଛନ୍ତି। ରାଣୀଙ୍କ ବୟସ ୫୭। ଇଡୁକିରେ ସେ ପରିବାର ସହିତ ରହୁଛନ୍ତି ଓ ୪.୫ ଏକରରେ ପଣସ ଚାଷ କରିଛନ୍ତି। ଏହା ବ୍ୟତୀତ ପଡ଼ୋଶୀଙ୍କଠାରୁ ମଧ୍ୟ ସେ ପଣସ ସଂଗ୍ରହ କରି ଉତ୍ପାଦ ପ୍ରସ୍ତୁତିରେ ଲଗାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ଅକ୍ଟୋବର ୧୯୭୫

- ବ୍ରହ୍ମଦେଶରେ ୨୩୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ନୌକା କେନାଲର ପ୍ରଖର ସ୍ରୋତରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୫୦ ଯାତ୍ରୀଙ୍କ ମୃତ୍ୟୁ।
- ଇଟାଲୀର ୭୯ ବର୍ଷ ବୟସ୍କ କବି ୟୁଜିନୋ ମଣ୍ଟେଲଙ୍କୁ ସାହିତ୍ୟରେ ନୋବେଲ ପୁରସ୍କାର।
- ପ୍ୟାରିସ୍ଥିତ ତୁରସ୍କର ରାଷ୍ଟ୍ରଦୂତ ଇସ୍ମାଇଲ ଏରେଜ ଏବଂ ତାଙ୍କ ଡ୍ରାଇଭର ସିଏନ୍ ନଦୀର ଦକ୍ଷିଣ କୂଳରେ ଗୁଳିବିଦ୍ଧ ହୋଇ ନିହତ।

## ଚିରନ୍ତନୀ

ଦେଖତ୍ୟାଅ ରୂପ କବି,
ଦୂର ପାଟେ ବୁଡ଼େ ରବି–
ଶରତର ଆଜି ସୁନା ଆକାଶ
ଅନ୍ତରେ ଲଭୁ ତୋର ବିକାଶ।
–(ଶରତ–ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମଧ୍ୟପ୍ରାଚ୍ୟରେ ଯୁଦ୍ଧର ବିସ୍ଫୋରକ ସ୍ଥିତି

ମହାଶୟ,

ଗତବର୍ଷ ଅକ୍ଟୋବର ୭ରେ ହମାସ୍‌ର ଅତର୍କିତ ଆକ୍ରମଣରେ ଇସ୍ରାଏଲର ବିପୁଳ ଧନଜୀବନ ନଷ୍ଟ ହୋଇଥିଲା। ଇସ୍ରାଏଲ ପ୍ରତିଶୋଧ ପରାୟଣ ହୋଇ ବର୍ଷ ସାରା କ୍ରମାଗତ ଭାବେ ପାଲେଷ୍ଟାଇନ୍ ଉପରେ ଆକ୍ରମଣ ଜାରି ରଖିଥିବାରୁ ଏହାର ୪୨୦୦୦ ଲୋକଙ୍କ ମୃତ୍ୟୁ, ୧ ଲକ୍ଷରୁ ଅଧିକ ଆହତ ଓ ୮୦ ଭାଗ ବାସସ୍ଥଳୀ ଧ୍ୱଂସସ୍ତୁପରେ ପରିଣତ ହୋଇଛି। ଏ ପର୍ଯ୍ୟନ୍ତ ଇସ୍ରାଏଲକୁ ଆମେରିକା ଯୁଦ୍ଧାସ୍ତ୍ର ପଠାଇବା ସହ ସାମରିକ ପୋତ ଓ ୩୦ ହଜାର ସୈନ୍ୟ ସହାୟତା ଯୋଗାଇଛି। ଏପଟେ ହମାସ୍ ଓ ହେଜ୍‌ବୋଲ୍ଲାକୁ ଇରାନ କ୍ଷେପଣାସ୍ତ୍ର ଆଦି ଯୋଗାଇବା ଅବ୍ୟାହତ ରଖିଛି। ହିଜ୍‌ବୋଲ୍ଲା ନେତାଙ୍କୁ ଇସ୍ରାଏଲ ବୋମାମାଡ଼ରେ ହତ୍ୟା କରିବାରୁ କ୍ଷୁବ୍ଧ ଇରାନ ଇସ୍ରାଏଲ ଉପରେ ରକେଟ ମାଡ଼ କରିଛି। ପାଲଟା ଆକ୍ରମଣ ପାଇଁ ଇସ୍ରାଏଲ ଜୋର୍‌ଦାର ପ୍ରସ୍ତୁତ ହେଉଛି। ତେଣୁ ମଧ୍ୟପ୍ରାଚ୍ୟରେ ଏପରି ଯୁଦ୍ଧର ଘନଘଟା ତୀବ୍ର ହେବାରେ ଲାଗିଛି। ଗତ ଜି୭ ବୈଠକରେ ୟୁରୋପର ସଭ୍ୟ ରାଷ୍ଟ୍ର ଇସ୍ରାଏଲକୁ ସମର୍ଥନ ଦେଇଛନ୍ତି। ଏହାର ଜବାବରେ ଇରାନ ଦୋହା ଦୂତାବାସ ଜରିଆରେ ଆମେରିକାକୁ ଜଣାଇ ଦେଇଛି ଯେ, ଇସ୍ରାଏଲ ବିରୋଧରେ ଆକ୍ରମଣ ଅଣପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ହେବ, ଯଦ୍ୱାରା ଇସ୍ରାଏଲ ସମୂଳେ ଲୋପପାଇବ। ଏଣୁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବନ୍ଦ କରି ଶାନ୍ତି ପ୍ରତିଷ୍ଠା ଉପରେ ବିଶ୍ୱ ସମୁଦାୟ ଚେଷ୍ଟା କରିବା ଉଚିତ।

–ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର

## ଅଶ୍ଳୀଳ ଭିଡିଓ ଭାଇରାଲ, ୩ ଅଟକ

### ଅଭିଯୁକ୍ତଙ୍କୁ ଖସାଇବାକୁ ଜଣେ ବିଧାୟକଙ୍କ ଉଦ୍ୟମ

ନୟାଗଡ଼/ଭାପୁର, ୨୫।୧୦ (ଲୋକନାଥ ମିଶ୍ର/ ଭରତ କୁମାର ବେହେରା)

ନୟାଗଡ଼ ପୋଲିସ ଜିଲାର ଫତେଗଡ଼ ଥାନା ଅନ୍ତର୍ଗତ ପିଠାଖାଇ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଛି। ବଳାତ୍କାର ସମୟର ଭିଡିଓକୁ ଭାଇରାଲ କରାଯାଇଥିବାବେଳେ ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ଛୁରି ଦେଖାଇ ତାଙ୍କଠାରୁ ୪୮ ଶହ ଟଙ୍କା ଲୁଟି ନେଇଛନ୍ତି। ଏନେଇ ଫତେଗଡ଼ ଥାନାରେ ଶନିବାର ଅଭିଯୋଗ ହେବା ପରେ ପୋଲିସ ବିଏନ୍‌ଏସ୍ ଦଫା ୧୨୭(୨), ୭୬, ୩୫୧(୨),୧୧୫(୨), ୩୦୯(୬), ୭୦(୧), ୩(୫) ଆଇଟି ଆକ୍ଟ ଦଫା ୬୬/୬୭ଏ ଅନୁଯାୟୀ ୨୭୬/୨୪ ନମ୍ବରରେ ମାମଲା ରୁଜୁ କରି ୩ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏଭଳିସ୍ଥଳେ ଅଟକ ଅଭିଯୁକ୍ତଙ୍କୁ ଜଣେ ବିଧାୟକ ଖସାଇ ନେବକୁ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ୨୦ ତାରିଖରେ ଭାପୁର ଥାନା ଅଞ୍ଚଳର ଜଣେ ଯୁକ୍ତ୩ ପ୍ରଥମ ବର୍ଷର ଛାତ୍ରୀ ନିଜର ପୁରୁଷ ବନ୍ଧୁଙ୍କ ସହ ଫତେଗଡ଼ ରାମମନ୍ଦିରକୁ ଦର୍ଶନ କରି ସନ୍ଧ୍ୟାରେ ପିଠାଖାଇ ଜଙ୍ଗଲ ରାସ୍ତା ଦେଇ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ପିଠାଖାଇର ବୁଲୁ ଲେଙ୍କା, ଭାପୁରର କାହ୍ନା ପ୍ରଧାନ ଓ ସିଲୁ ପ୍ରଧାନ ଛୁରି ଦେଖାଇ ବାଇକ୍ ଅଟକାଇ ଥିଲେ। ପରେ ଛାତ୍ରୀ ଓ ପୁରୁଷବନ୍ଧୁଙ୍କୁ ଧମକଚମକ ଦେଇ ଯୁବତୀଙ୍କୁ ଉଲଗ୍ନ କରିଥିଲେ। ଯୁବତୀଙ୍କ ଫଟୋ ଓ ଭିଡିଓ କରିବାବେଳେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଓ ଠେଲାପେଲା ହୋଇଥିଲା। ପରବର୍ତ୍ତୀ ସମୟରେ ଛାତ୍ରୀଙ୍କୁ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ବଳାତ୍କାର ପରେ ମଦ ପିଇବା ପାଇଁ ସେମାନେ ପୀଡ଼ିତାଙ୍କୁ ଛୁରି ଦେଖାଇ ତାଙ୍କଠାରୁ ୪୮ଶହ ଟଙ୍କା ଲୁଟି ନେଇଥିଲେ। ଏ ସମ୍ପର୍କରେ କାହାରିକୁ ନ କହିବାକୁ ଧମକଚମକ ଦେଇଥିଲେ। ବାପାଙ୍କର ଜ୍ୱର ହୋଇଥିବାରୁ ବଳାତ୍କାର ସମ୍ପର୍କରେ ପୀଡ଼ିତା ଅଭିଯୋଗ କର ପାରି ନ ଥିଲେ। ଅଶ୍ଳୀଳ ଭିଡିଓ ଭାଇରାଲ ହେବା ପରେ ସେ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଖଣ୍ଡପଡ଼ା ଏସ୍‌ଡିପିଓ ବିମଳ ବାରିକ କହିଛନ୍ତି, ଗଣବଳାତ୍କାର ଅଭିଯୋଗ ଆସିବା ପରେ ୩ ଯୁବକଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରହିଛି। ବଳାତ୍କାର ମାମଲା ରୁଜୁ ହୋଇଛି। ସମ୍ବେଦନଶୀଳ ଘଟଣା ଯୋଗୁ ଅଧିକ କିଛି କହି ହେବନି ବୋଲି ସେ କହିଛନ୍ତି।

## ଶାଳକଙ୍କ ତଣ୍ଟି କାଟି ହତ୍ୟା ଘଟଣା

# ଜେଲ ଗଲେ ଭିଣୋଇ

ଭୁବନେଶ୍ୱର, ୨୫।୧୦ (ସୂର୍ଯ୍ୟକାନ୍ତ ବେହେରା)



ଗିରଫ ଅଭିଯୁକ୍ତ ଲକ୍ଷ୍ମୀଧର ଦାସ ଓ ଜବତ ଛୁରି।

ରାଜଧାନୀ ଉପକଣ୍ଠ ଚନ୍ଦକା ଥାନା ଅନ୍ତର୍ଗତ ମେଣ୍ଢାଶାଳ ଗାଁରେ ପାରିବାରିକ କଳହକୁ କେନ୍ଦ୍ରକରି ବୁଧବାର ବିଳମ୍ବିତ ରାତିରେ ଶାଳକ ପ୍ରଶାନ୍ତ ବିଶ୍ୱାଳଙ୍କ ତଣ୍ଟି କାଟି ହତ୍ୟା ଘଟଣାରେ ଅଭିଯୁକ୍ତ ଭିଣୋଇଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଗଙ୍ଗପଡ଼ା ଅଞ୍ଚଳର ଲକ୍ଷ୍ମୀଧର ଦାସ (୫୯)। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ ଛୁରି ଜବତ କରାଯାଇଛି। ଜାମିନ ନ ମିଳିବାରୁ ଲକ୍ଷ୍ମୀଧରଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଲକ୍ଷ୍ମୀଧରଙ୍କ ଆକ୍ରମଣରେ ତାଙ୍କ ପୁଅ ରବିନାରାୟଣ ଦାସ ଓ ପୁତୁରା ବାସୁଦେବ ବିଶ୍ୱାଳ ମେଡିକାଲରେ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

ଅଭିଯୁକ୍ତ ଲକ୍ଷ୍ମୀଧର ରେଲ୍‌ୱେର ଇଲେକ୍ଟ୍ରିସିଆନ ଭାବେ ଚାକିରି କରୁଥିବା ବେଳେ ବର୍ତ୍ତମାନ ପୁରୀରେ କାର୍ଯ୍ୟରତ। ସେ ମେଣ୍ଢାଶାଳ ଗ୍ରାମର ପ୍ରଶାନ୍ତ ବିଶ୍ୱାଳଙ୍କ ଭଉଣୀଙ୍କୁ ୧୯୮୯ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ଲକ୍ଷ୍ମୀଧରଙ୍କ ସ୍ତ୍ରୀ ବାପ ଘର ମେଣ୍ଢାଶାଳକୁ ପଳାଇ ଆସି ରହୁଥିଲେ। ଲକ୍ଷ୍ମୀଧର ମଧ୍ୟ ପିଲାଛୁଆଙ୍କୁ ଧରି ଶ୍ୱଶୁରଘରେ ରହୁଥିଲେ। କିନ୍ତୁ ଦରମା ଟଙ୍କା ଲକ୍ଷ୍ମୀଧର ଘରେ ନ ଦେଇ ମଦ୍ୟପାନରେ ଖର୍ଚ୍ଚ କରି ଦେଉଥିଲେ। ଏହାକୁ ନେଇ ଶାଳକ ପ୍ରଶାନ୍ତ ତାଙ୍କୁ ପାଟି କରିବାରୁ ଉଭୟଙ୍କ ମଧ୍ୟରେ ଗତ ଜୁଲାଇରେ ବଚସା ହୋଇଥିଲା। ଲକ୍ଷ୍ମୀଧର ପୈତୃକ ଘର ଗଙ୍ଗାପଡ଼ାକୁ ପଳାଇଯାଇଥିଲେ। ବୁଧବାର ବିଳମ୍ବିତ ରାତିରେ ନିଶାସକ୍ତ ଅବସ୍ଥାରେ ଲକ୍ଷ୍ମୀଧର ଶ୍ୱଶୁର ଘରେ ପହଞ୍ଚି ଶାଳକ ପ୍ରଶାନ୍ତଙ୍କ ବେକକୁ ଛୁରିରେ କାଟି ଦେଇଥିଲେ। ଏହି ସମୟରେ ଦୁଇ ପୁତୁରା ବାସୁଦେବ ଓ ଶୁଭମ ଏବଂ ପୁଅ ରବିନାରାୟଣ ତାଙ୍କୁ ପ୍ରତିରୋଧ କରିବାରୁ ସେ ସେମାନଙ୍କୁ ମଧ୍ୟ ଆକ୍ରମଣ କରି ରକ୍ତାକ୍ତ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲା। ମୃତ ପ୍ରଶାନ୍ତଙ୍କ ମଝିଆ ପୁଅ ସୁରେନ୍ଦ୍ରନାଥ ବିଶ୍ୱାଳଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା (୩୫୬/୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

# ହତ୍ୟା: ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

## ୧୩ ବର୍ଷ ପରେ ରାୟ ପ୍ରକାଶ

ଭଞ୍ଜନଗର, ୨୫।୧୦ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ଖମାରେଡିର କୃଷ୍ଣ ଗୌଡ଼ଙ୍କୁ ହତ୍ୟା ମାମଲାର ୧୩ ବର୍ଷ ପରେ ଶୁକ୍ରବାର ରାୟ ପ୍ରକାଶ ପାଇଛି। ଭଞ୍ଜନଗର ଏଡିଜେ ଦେବଦତ୍ତ ପଟ୍ଟନାୟକ ୧୦ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଦୋଷୀ ରମେଶ ଦଳବେହେରାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାରେ ସମ୍ପୃକ୍ତ ରମେଶଙ୍କ ମଝିଆ ଭାଇ ପୀତାମ୍ବରଙ୍କ ମୃତ୍ୟୁ ଘଟିସାରିଛି। ସେହିପରି ଅଭିଯୁକ୍ତଙ୍କ ସାନଭାଇ ମହନ୍ତ ଘଟଣା ପରଠାରୁ ଫେରାର ଥିବାରୁ ତାଙ୍କର ମଧ୍ୟ ବିଚାର ହୋଇନାହିଁ।

ମାମଲାର ବିବରଣୀରୁ ପ୍ରକାଶ, କୃଷ୍ଣ ଓ ରମେଶଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଥିଲା। ୨୦୧୧ ମାର୍ଚ୍ଚ ୭ ତାରିଖ ରାତିରେ କୃଷ୍ଣ ଏବଂ ତାଙ୍କ ସ୍ତ୍ରୀ ବିଷ୍ଣୁ ଘରୁ ବାହାରି ମୂଳ ଟଙ୍କା ହିସାବ କରିବାକୁ ଗାଁ ନିକଟ ଗୁରାବାଡ଼ିକୁ ଠିକାଦାର ଶିବରାମ ବିଷୋୟୀଙ୍କ ଘରକୁ ଯାଉଥିଲେ। ଏହି ସୂଚନା ପାଇ ଅଭିଯୁକ୍ତ ୩ ଭାଇ କୃଷ୍ଣଙ୍କୁ ବିଦ୍ୟାଳୟ ନିକଟରେ ଅଟକାଇ ଗାଳିଗୁଲଜ କରିବା ପରେ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ତାଙ୍କ ଜୀବନ ଚାଲି ଯାଇଥିବା ଜାଣିବା ପରେ ସେମାନେ ପଳାଇଥିଲେ। ଭୟରେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିବା ବିଷ୍ଣୁ ପରେ ଆସି ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ହତ୍ୟା ଘଟଣାର ୮ବର୍ଷ ପରେ ୨୦୧୯ ମେ ୨୩ରେ ରମେଶଙ୍କୁ ପୋଲିସ ଗିରଫ କରିଥିଲା। ସେବେଠୁ ସେ ଜେଲରେ ଅଛନ୍ତି। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଉଷାକାନ୍ତ ପଟ୍ଟନାୟକ ଏବଂ ମୁଦାଲାଙ୍କ ପକ୍ଷରୁ ଗୋପାଳ ଚନ୍ଦ୍ର ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

# ସ୍ୱାମୀଙ୍କ କାଠଫାଳିଆ ମାଡ଼ରେ ସ୍ତ୍ରୀ ମୃତ

ଢେଙ୍କାନାଳ, ୨୫।୧୦ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଇନ୍ଦିପୁର ଗ୍ରାମ ଜୁଆଙ୍ଗ ସାହିରେ ଗୁରୁବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ମାନସ ପଧାନ(୩୬)ଙ୍କ କାଠଫାଳିଆ ମାଡ଼ରେ ସ୍ତ୍ରୀ ଯଶୋଦା ପଧାନ(୩୫)ଙ୍କ ମୃତ୍ୟୁ ହୋଇଛି। ଖବରପାଇ ଶୁକ୍ରବାର ସକାଳେ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଘଟଣାସ୍ଥଳରୁ ବ୍ୟବହୃତ କାଠଫାଳିଆକୁ ପୋଲିସ ଜବତ କରିଛି। ସାମାନ୍ୟ କଥାକୁ ନେଇ ଦମ୍ପତିଙ୍କ ମଧ୍ୟରେ ବଚସା ହେବାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି। ଯଶୋଦାଙ୍କ ୩ ଝିଅ ଓ ଗୋଟିଏ ପୁଅ ରହିଛନ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀ ମାନସଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ. ୮୩୫/୨୪ରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଥାନା ଅଧିକାରୀ ଦୀପକ କୁମାର ଲେଙ୍କା ସୂଚନା ଦେଇଛନ୍ତି।

# ଚାକିରି କରାଇଦେବା ନାଁରେ ୬.୮୫ଲକ୍ଷ ଠକେଇ

ବ୍ରହ୍ମପୁର, ୨୫।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ପୋଲିସରେ ଚାକିରି କରାଇଦେବା ନାଁରେ ଜଣେ ଯୁବକଙ୍କଠାରୁ ୬ଲକ୍ଷ ୮୫ହଜାର ଟଙ୍କା ଠକେଇ ହୋଇଛି। ଠକେଇର ଶିକାର ହୋଇଥିବା ଲାଞ୍ଜିପଲି ଅଞ୍ଚଳର ଦେବାଶିଷ ମହାନ୍ତି ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି।

କୋରାପୁଟରେ ତୃତୀୟ ବାଟାଲିୟନରେ ଓଏସ୍‌ଏପି ଭାବେ କାର୍ଯ୍ୟରତ ଥିବା ଜଣେ ବ୍ୟକ୍ତି କିଛିମାସ ପୂର୍ବେ ଦେବାଶିଷଙ୍କୁ ଭେଟିଥିଲେ। ତାଙ୍କୁ ପୋଲିସ ବିଭାଗରେ ଚାକିରି କରାଇ ଦେବାକୁ କଥା ଦେଇଥିଲେ। ହେଲେ ଏଥିପାଇଁ ଅଗ୍ରୀମ ଟଙ୍କା ଦେବାକୁ ହେବ ବୋଲି ସେ ଦେବାଶିଷଙ୍କୁ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ଦେବାଶିଷ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ଆକାଉଣ୍ଟକୁ ୩ ଲକ୍ଷ ଟଙ୍କା ପଠାଇଥିଲେ। ପରେ ଫୋନ ପେ' ଜରିଆରେ ୩ ଲକ୍ଷ ୮୫ହଜାର ଟଙ୍କା ପଠାଇଥିଲେ। କିଛିଦିନ ପରେ ନିଯୁକ୍ତି ମିଳିଯିବ ବୋଲି ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଦେବାଶିଷଙ୍କ ନିକଟକୁ କୌଣସି ନିଯୁକ୍ତିପତ୍ର ନ ଆସିବାରୁ ସେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ବାରମ୍ବାର ଫୋନ କରି ନିରାଶ ହୋଇଥିଲେ। ଶେଷରେ ଉକ୍ତ ପୋଲିସ ବାବୁଙ୍କ ମୋବାଇଲ ନମ୍ବର ସୁଇଚ ଅଫ ହୋଇଯାଇଥିଲା। ଠକେଇର ଶିକାର ହୋଇଥିବା ଜାଣିବା ପରେ ଦେବାଶିଷ ଥାନା ଦ୍ୱାରସ୍ଥ ହୋଇଥିଲେ। ପୋଲିସ ନଂ.୪୯୨/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବଲାଙ୍ଗୀରରୁ ବଜ୍ରକାପ୍ତା ଜବତ, ୪ ଗିରଫ

ଭୁବନେଶ୍ୱର/ବଲାଙ୍ଗୀର, ୨୫।୧୦ (ସୂର୍ଯ୍ୟକାନ୍ତ ବେହେରା/ ବୀରେନ୍ଦ୍ର କୁମାର ଝାଙ୍କର)


ଉଦ୍ଧାର ବଜ୍ରକାପ୍ତା।


ଗିରଫ ୪ ଅଭିଯୁକ୍ତ।

ଏକ ଜୀବନ୍ତ ବଜ୍ରକାପ୍ତାକୁ ବିକ୍ରି ପାଇଁ ଗ୍ରାହକ ଅପେକ୍ଷାରେ ରହିଥିବା ୪ ଜଣଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଧରିଛି। ବଲାଙ୍ଗୀର-ସୋନପୁର ଜାତୀୟ ରାଜପଥ ନଂ.୫୭ ନିକଟସ୍ଥ ତପୋବନ ଆଶ୍ରମ ଛକ ପାଖରେ ଅଭିଯୁକ୍ତମାନେ ଛିଡ଼ା ହୋଇଥିବା ବେଳେ ଏସ୍‌ଟିଏଫ୍ ଟିମ୍ ସ୍ଥାନୀୟ ବନବିଭାଗ ସହାୟତାରେ ସମସ୍ତଙ୍କୁ କାବୁ କରି ଯୋଜାନକୁ ଭଣ୍ଡର କରିଛି। ଧରାପଡିଥିବା ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ପୁଇଁତଲା ଥାନା ଅଞ୍ଚଳର ଧବଳେଶ୍ୱର ବାଗ ଓ ସୁରେନ୍ଦ୍ର କୁମାର ବାଗ ଏବଂ ସୋନପୁର ଲଚ୍ଛିପୁର ଥାନା ଅଞ୍ଚଳର ପ୍ରତାପ ଦୀପ ଓ ତରଭା ଥାନା ଅଞ୍ଚଳର ବ୍ରିନ୍ଦାବନ ଦାନ୍ତ। ସେମାନଙ୍କଠାରୁ ଉକ୍ତ ବଜ୍ରକାପ୍ତାକୁ ଜବତ କରାଯାଇଛି। ଅଭିଯୁକ୍ତମାନେ ବଜ୍ରକାପ୍ତା ପାଖରେ ରଖିବାର କୌଣସି ବୈଧ କାଗଜପତ୍ର ଦେଖାଇ ନ ପାରିବାରୁ ଏସ୍‌ଟିଏଫ୍ ଏକ ମାମଲା ରୁଜୁ କରି ସମସ୍ତଙ୍କୁ ଗିରଫ କରିଛି। ତେବେ ଏହି ବଜ୍ରକାପ୍ତାଙ୍କୁ ବିକ୍ରି ପାଇଁ ଅଭିଯୁକ୍ତମାନେ ଗ୍ରାହକ ଅପେକ୍ଷାରେ ଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଥିବାବେଳେ କେଉଁଠୁ ଆଣିଲେ ଓ କାହାକୁ କେତେ ଟଙ୍କାରେ ବିକ୍ରି କରିଥାନ୍ତେ ତାହାର ତଥ୍ୟ ଜାଣିବାକୁ ଉଦ୍ୟମ ଚଳାଇଛି ଏସ୍‌ଟିଏଫ୍। ଅପରପକ୍ଷେ ଶନିବାର ଗିରଫ ଅଭିଯୁକ୍ତଙ୍କୁ ବଲାଙ୍ଗୀର କୋର୍ଟକୁ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଏଥିସହ ଜବତ ବଜ୍ରକାପ୍ତାକୁ ବଲାଙ୍ଗୀର ରେଞ୍ଜରଙ୍କୁ ହସ୍ତାନ୍ତର କରାଯାଇଛି।

# ଡକାୟତି ଉଦ୍ୟମ, ୫ ଗିରଫ


ଗିରଫ ଅଭିଯୁକ୍ତ।

ବରଗଡ଼, ୨୫।୧୦ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ବୁଢ଼େନ ଥାନା ଅନ୍ତର୍ଗତ ଦିୱାନଡିହି ଶିବ ମନ୍ଦିର ନିକଟରେ ବସି ଗୁରୁବାର ରାତିରେ ଡକାୟତି ଯୋଜନା କରୁଥିବାବେଳେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୁଢ଼େନ ଥାନା ଅନ୍ତର୍ଗତ ଗଇଲଗୁଡ଼ା ଗ୍ରାମର ଗଣେଶ ସୁନା(୨୫), ଦିୱାନଡିହି ଗ୍ରାମର ମନୋଜ ନେଲ(୩୨), ଅମୃତଲାଲ କୁମ୍ଭାର(୪୦), ପଦ୍ମପୁର ଥାନା ଝାଙ୍କରପାଲିର ଚମ୍ପୁ ନାଗ(୨୨) ଏବଂ ମହୁଲପାଲି ଗ୍ରାମର ରାଜେଶ ସାହୁ(୪୨)। ଅନ୍ୟ ଜଣେ ଅଭିଯୁକ୍ତ ଗଇଲଗୁଡ଼ା ଗ୍ରାମର ସୌରଭ କୁମ୍ଭାର(୩୦) ଫେରାର ହୋଇଯାଇଥିବା ପୋଲିସ ସୂଚନା ଦେଇଛି। ସେମାନଙ୍କ ପାଖରୁ ଏକ ଦେଶୀ ପିସ୍ତଲ, ଗୋଟିଏ ଗୁଳି, ୨ଟି ଲୁହାରଡ୍, ୪ଟି ମୋବାଇଲ ଏବଂ ୩ବାଇକ୍ ଜବତ ହୋଇଛି। ଏ ନେଇ ବୁଢ଼େନ ଥାନାରେ ଏକ ମାମଲା (ନଂ.୧୪୮/୨୪) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଦିୱାନଡିହି ଶିବ ମନ୍ଦିର ନିକଟରେ ଅଭିଯୁକ୍ତମାନେ ଏକାଠି ହୋଇ ରାସ୍ତାରେ ଡକାୟତି ପାଇଁ ଯୋଜନା କରୁଥିଲେ। ଖବର ପାଇ ଏଏସ୍‌ଆଇ ଗୟାରାମ ଷଣ୍ଢଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ପହଞ୍ଚି ୫ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ଅଭିଯୁକ୍ତ ସୌରଭ ଫେରାର୍ ହୋଇଯାଇଥିଲେ। ତାଙ୍କୁ ଧରିବା ପାଇଁ ତନାଘନା ଚାଲିଛି ବୋଲି ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ କହିଛନ୍ତି।

# ସମ୍ପର୍କୀୟ ଭାଇଙ୍କୁ ହତ୍ୟା ଅଭିଯୋଗ

ରାଉରକେଲା, ୨୫।୧୦ (ସଙ୍ଗୀତା ଜେନା)

ରାଉରକେଲା ଉଦିତ ନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନି ହରିପୁର ବସ୍ତିରେ ୨ଭାଇଙ୍କ ମଧ୍ୟରେ ଝଗଡ଼ା ପରେ ଜଣେ ଅସୁସ୍ଥ ହୋଇ ପ୍ରାଣ ହରାଇଛନ୍ତି। ତେବେ ତାଙ୍କୁ ହତ୍ୟା କରାଯାଇଥିବା ମୃତକଙ୍କ ଝିଅ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଏକ ମାମଲା (ନଂ.୩୭୭/୨୪)ରୁଜୁ କରିଛି। ସୂଚନା ଅନୁଯାୟୀ, ସୁରେଶ ଲାକ୍ରା ଓ ଚାନ୍ଦ ଲାକ୍ରା ସମ୍ପର୍କରେ ଦୁଇ ଭାଇ। ଉଭୟ ହରିପୁର ବସ୍ତିରେ ସପରିବାର ରହୁଥିଲେ। ଗୁରୁବାର ମଧ୍ୟାହ୍ନରେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ପ୍ରବଳ ଗଣ୍ଡଗୋଳ ହୋଇଥିଲା। ଫଳରେ ସୁରେଶ ଛାତିରେ କଷ୍ଟ ଅନୁଭବ କରିଥିଲେ। ତାଙ୍କୁ ପରିବାର ଲୋକେ ରାଉରକେଲା ସରକାରୀ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ମୃତକଙ୍କ ଝିଅ ମେହକ ଲାକ୍ରା ଥାନାରେ ହତ୍ୟା ଅଭିଯୋଗ ଆଣିଥିଲେ। ଅଭିଯୋଗ ଅନୁସାରେ ଗଣ୍ଡଗୋଳ ସମୟରେ ସୁରେଶଙ୍କୁ ହତ୍ୟା କରାଯାଇଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି।

# ୧୭ ଲକ୍ଷ ଟଙ୍କା ଠକେଇ ଅଭିଯୋଗ, ଜଣେ ଗିରଫ

ବ୍ରହ୍ମପୁର, ୨୫।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଯୁବକଙ୍କଠାରୁ ୧୭ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ସଦର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗୌତମୀ ଗ୍ରାମର ଏସ. ଲୁଲୁ କୁମାର ଦୋରା(୩୧)।

ଲୁଲୁ ଓ ତାଙ୍କ ବାପା ଏସ. ମୁକୁନ୍ଦ ଦୋରାଙ୍କ ଟଙ୍କା ଆବଶ୍ୟକ ଥିବାରୁ ଗ୍ରାମର କେତେଜଣଙ୍କୁ ସାଙ୍ଗରେ ନେଇ ଟିଙ୍କିନା ବେହେରାଙ୍କ ଘରକୁ ଯାଇ ୧୭ଲକ୍ଷ ଟଙ୍କା ଧାର ମାଗିଥିଲେ। ୨ ମାସ ମଧ୍ୟରେ ଉକ୍ତ ଟଙ୍କା ଫେରସ୍ତ କରିଦେବେ ବୋଲି ଲୁଲୁ ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମବାସୀଙ୍କ ଉପସ୍ଥିତିରେ ଲୁଲୁଙ୍କୁ ଟିଙ୍କିନା ୧୭ ଲକ୍ଷ ଟଙ୍କା ଧାର ଦେଇଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା ଏବଂ ଲୁଲୁ ୨ଟି ବ୍ୟାଙ୍କ ଚେକ ମଧ୍ୟ ଦେଇଥିଲେ। ହେଲେ ୨ ମାସ ପୂରିବା ପରେ ଟିଙ୍କିନା ଟଙ୍କା ଫେରସ୍ତ କରିବାକୁ କହିବାରୁ ଲୁଲୁ ଶୁଣି ନ ଥିଲେ। ବାରମ୍ବାର ମାଗିବା ପରେ ଟଙ୍କା ନ ପାଇବାରୁ ଟିଙ୍କିନା ଗ୍ରାମବାସୀଙ୍କୁ ଧରି ସଦର ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ସେତେବେଳେ ଥାନାରେ ଉଭୟ ପକ୍ଷ ମଧ୍ୟରେ ଆପୋସ ସମାଧାନ ହୋଇଥିଲା। ଠିକ ସମୟରେ ଟଙ୍କା ନ ଫେରାଇଲେ ମୁକୁନ୍ଦଙ୍କ ନାମରେ ଥିବା ସମସ୍ତ ସମ୍ପତ୍ତି ଟିଙ୍କିନା ନାମରେ ଲେଖାଇଦେବେ ବୋଲି ଲୁଲୁ ଥାନାରେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ହେଲେ ତା' ପରେ ମଧ୍ୟ ଅଭିଯୁକ୍ତମାନେ ଟଙ୍କା ଫେରାଇବା କିମ୍ବା ସମ୍ପତ୍ତି ଟିଙ୍କିନାଙ୍କ ନାମରେ ପଞ୍ଜୀକରଣ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିଲେ। ଟିଙ୍କିନା ଦେଇଥିବା ଚେକ ଦୁଇଟି ମଧ୍ୟ ବାଉନ୍ସ ହୋଇଯାଇଥିଲା।


ଗିରଫ ଅଭିଯୁକ୍ତ

ଏ ବିଷୟରେ ଲୁଲୁ ଓ ମୁକୁନ୍ଦଙ୍କୁ ପଚାରିବାରୁ ସେମାନେ ତାଙ୍କୁ ନାନା ଧମକ ଦେଇଥିଲେ। ଘଟଣାକୁ ନେଇ ଟିଙ୍କିନା ପୁଣି ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୫୬/୨୪ରେ ମାମଲା ରୁଜୁ କରି ଶୁକ୍ରବାର ଲୁଲୁଙ୍କୁ ଗିରଫ କରିଥିଲା।






## ସଂକ୍ଷେପରେ

### ତିଖାଲି ଗ୍ରାମରେ ପାନୀୟ ଜଳ ସମସ୍ୟା

**ଖଡ଼ିଆଳ,୨୫ା୧୦(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ସାନମହେଶ୍ୱର ଗ୍ରାମପଞ୍ଚାୟତର ତିଖାଲି ଗାଁରେ ପିଇବା ପାଣି ପାଇଁ ସମସ୍ୟା ଦେଖାଦେଇଛି। ଲୋକେ ୨୦ ଲିଟର ପାଣି ଜାର୍‌କୁ ୩୦ରୁ ୪୦ଟଙ୍କା ଦେଇ କିଣି ପିଉଥିବା ଦେଖିବାକୁ ମିଳୁଛି। ଯେଉଁମାନେ କିଣିପାରୁନାହାନ୍ତି ସେମାନେ ବିଭିନ୍ନ ଜଳାଶୟର ଦୂଷିତ ପାଣି ପିଇ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। କେତେଜଣ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଗ୍ରାମବାସୀଙ୍କଠାରୁ ଜଣାପଡ଼ିଛି। ଗ୍ରାମରେ ୬ଶହ ଲୋକ ବାସ କରୁଥିବାବେଳେ ଭୋଟର ସଂଖ୍ୟା ୪ଶହରୁ ଅଧିକ ହେବ। ତୁରନ୍ତ ଜିଲା ପ୍ରଶାସନ ଦୃଷ୍ଟିଦେଇ ପିଇବା ପାଣି ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଜଣେ ବ୍ୟକ୍ତିଙ୍କୁ ଗୋଟିଏ ପଦବୀରେ ରଖାଯାଉ

**ନୂଆପଡ଼ା,୨୫ା୧୦ (ମକାରୁ ବେମାଲ):** ନୂଆପଡ଼ା ସଦର ବ୍ଲକ ଡୁମେରପାଣି ପଞ୍ଚାୟତ ସିଲଦା ଗାଁରେ ଜଣେ ଜଣେ ବ୍ୟକ୍ତି ଦୁଇଟି ପଦବୀରେ ରହି କାର୍ଯ୍ୟ କରୁଛନ୍ତି। ଜଣେ ବ୍ୟକ୍ତିଙ୍କୁ ଗୋଟିଏ ପଦବୀ ଦେବା ନେଇ ଗ୍ରାମବାସୀ ଶୁକ୍ରବାର ଅତିରିକ୍ତ ଜିଲାପାଳ ଭୀମସେନ ଶବରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ ଶବର ତଦନ୍ତ ପାଇଁ ପଠାଯିବ। ରିପୋର୍ଟ ଆସିଲା ପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଅଭିଯୋଗ ଅନୁଯାୟୀ ସିଲଦା ଗାଁରେ ଚିନ୍ଧାବାଇ ଦଣ୍ଡସେନା ଗାଁ ସାଥୀ ଓ ଇସି ମେମ୍ବର (କାର୍ଯ୍ୟନିର୍ବାହୀ ସଂଗଠନ ସଭ୍ୟ) ପଦବୀରେ ରହି କାର୍ଯ୍ୟ କରୁଛନ୍ତି। ସେହିପରି ଉକ୍ତ ଗାଁର ଲଳିତ ପାଣ୍ଡେ ୱାର୍ଡ ମେମ୍ବର ଓ ଗାଁ ସାଥୀ ପଦବୀରେ ରହିଛନ୍ତି। ଏମାନଙ୍କୁ ଗୋଟିଏ ଲେଖାଏ ପଦବୀ ଦେଇ ନୂତନ ଭାବେ ଆଉ ଜଣଙ୍କୁ ଅନ୍ୟ ପଦବୀରେ ଅବସ୍ଥାପିତ କରାଯାଉ ବୋଲି ଦାବି କରିଛନ୍ତି । ଦାବିପତ୍ର ଦେବା ସମୟରେ ଶ୍ରମିକ ନେତା ଭକ୍ତବନ୍ଧୁ ଧରୁଆଙ୍କ ସମେତ ରାଧିକା ସାହୁ, ଭାରତୀ ଯାଦବ, ରୀତା ଦଣ୍ଡସେନା ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ ।

### ବଳାତ୍କାର ମାମଲାରେ ଫେରାର ଅଭିଯୁକ୍ତ ଗିରଫ

**କୋକସରା,୨୫ା୧୦ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କଳାହାଣ୍ଡି ଜିଲା ଆମପାଣି ଥାନାରେ ଗତ ଜୁଲାଇ ୧୧ରେ ରୁଜୁ ହୋଇଥିବା ଏକ ବଳାତ୍କାର ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବଙ୍ଗୋମୁଣ୍ଡା ଗ୍ରାମର ସାଧୁରାମ ମାଝୀ (୩୩)। ସୂଚନା ମତେ ଆମପାଣି ଅଞ୍ଚଳର ଜନୈକା ଯୁବତୀଙ୍କୁ ସମ୍ପର୍କୀୟ ଯୁବକ ସାଧୁରାମ ବଳାତ୍କାର କରିଥିବା ନେଇ ପୀଡିତାଙ୍କ ପରିବାର ପକ୍ଷରୁ ଆମପାଣି ଥାନାରେ ଅଭିଯୋଗ ହୋଇଥିଲା। ଘଟଣା ପରେ ଅଭିଯୁକ୍ତ ଫେରାର ଥିଲେ। କୌଣସି ସୂତ୍ରରୁ ଖବର ପାଇ ପୋଲିସ ସାଧୁରାମଙ୍କୁ ତାଙ୍କ ଗ୍ରାମରୁ ଗିରଫ କରିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୫୬/୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ପୋଲିସ ସୂଚନା ଦେଇଛି।

### ଲେଖିକା ସଂଘ ପକ୍ଷରୁ ରାଇ ଦାମୋଦର କାବ୍ୟୋତ୍ସବ

**ଭବାନୀପାଟଣା, ୨୫ା୧୦ (ଉତ୍ତମ କୁମାର ଦାଶ)** କଳାହାଣ୍ଡି ଲେଖିକା ସଂଘ ପକ୍ଷରୁ ରାଇ ଦାମୋଦର କାବ୍ୟୋତ୍ସବ ସଭାପତି ସୁଦେଷ୍ଣା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଭାସୀ ଜରିଆରେ ଅନୁଷ୍ଠିତ ହୋଇଥିଲା। କବିଦୀପ୍ତି ମୁଣ୍ଡ ଓ ସସ୍ମିତା ସାହୁଙ୍କ ସଂଯୋଜନାରେ ଐଶ୍ୱର୍ଯ୍ୟା ପ୍ରଧାନ, ଭାରତୀ ହୋତା, ଝରଣା ପାଢ଼ୀ, କବିତା ମୁଣ୍ଡ, କବିତାଞ୍ଜଳି ପଣ୍ଡା, ମିନା ମୁଣ୍ଡ, ପ୍ରମୋଦିନୀ ପଣ୍ଡା, ରୀତା ପଟ୍ଟଯୋଷୀ ପ୍ରମୁଖ କବିତା ପାଠ କରିଥିଲେ। ସଂଘ ସମ୍ପାଦିକା କଳ୍ପନା ରଥଙ୍କ ଗଳ୍ପ 'ନିର୍ଜଳା ଏକାଦଶୀ' ଉପରେ ଆଲୋଚନା ହୋଇଥିଲା। କବି ମିନା ମୁଣ୍ଡଙ୍କ 'ବ୍ରହ୍ମନାଦ' ପରେ ଝରଣା ପାଢ଼ୀ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ସଂଯୁକ୍ତା ମୁଣ୍ଡ ଧନ୍ୟବାଦ ଦେଇଥିଲେ। ସଂଘ କୋଷାଧ୍ୟକ୍ଷ ସବିତା ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କବି ସସ୍ମିତା ସାହୁଙ୍କ ସଂଯୋଜନାରେ କୋଡ଼ିଏରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ।

# ଭବାନୀପାଟଣା ସହରରେ ବଢୁଛି ଜବରଦଖଲ

**ଭବାନୀପାଟଣା, ୨୫ା୧୦ (ଉତ୍ତମ କୁମାର ଦାଶ)**




- ନୋଟିସ ଦେଲେ ହାଇକୋର୍ଟରୁ ଆଣୁଛନ୍ତି ରହିତାଦେଶ
- ସଙ୍କୁଚିତ ହେଉଛି ଜାତୀୟ ରାଜପଥ

କଳାହାଣ୍ଡି ଜିଲାର ମୁଖ୍ୟାଳୟ ଭବାନୀପାଟଣା ସହରରେ ଦିନକୁ ଦିନ ଜବରଦଖଲ ବୃଦ୍ଧି ପାଇବାରେ ଲାଗିଛି। ଏଥିଯୋଗୁ ୨୬ନଂ. ଜାତୀୟ ରାଜପଥ ସଙ୍କୁଚିତ ହେଉଛି। ଆଉ ଏଥିରୁ ସର୍ବସାଧାରଣ ଜାଗା ମଧ୍ୟ ବାଦ ପଡୁନାହିଁ। ଏପରି କି ଆସୁଥିବା ବିଭିନ୍ନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଜାଗା ଅଭାବ ଏବେ ଚିନ୍ତାର କାରଣ ହୋଇଛି।

ପ୍ରକାଶ ଯେ, ଭବାନୀପାଟଣା ସହରର ୨୦ ୱାର୍ଡରେ ସର୍ବସାଧାରଣ ଜାଗାକୁ ମଧ୍ୟ ଲୋକେମାଡ଼ିବସିଛନ୍ତି। ସାମୂହିକ ବ୍ୟବହାର ନିମନ୍ତେ ଚିହ୍ନଟ କରାଯାଇଥିବା ଅନେକ ମୂଲ୍ୟବାନ ସରକାରୀ ଜାଗା ଜବରଦଖଲ ହୋଇଛି। ଫଳରେ ଖୋଲା ସ୍ଥାନ ଅଭାବରୁ ୱାର୍ଡମାନଙ୍କରେ ବିଭିନ୍ନ କ୍ଲବ, ଅଙ୍ଗନୱାଡି କେନ୍ଦ୍ର, କଲ୍ୟାଣ ମଣ୍ଡପ, ମନ୍ଦିର ନିର୍ମାଣ ଭଳି ସାମୂହିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଭିନ୍ନ ସ୍ଥାନରେ ଥିବା ପୁରୁଣା ନାଳ ଓ ଡ୍ରେନ୍‌ଗୁଡିକ ଉପରେ ଲୋକେ ଘର ନିର୍ମାଣ କରିଥିବାରୁ ରାସ୍ତା ଅବରୋଧ ହୋଇ ବିଷମ ପରିସ୍ଥିତି ସୃଷ୍ଟି କରୁଛି। ବର୍ଷା ଦିନେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଜଳ ନିଷ୍କାସନ ହୋଇପାରୁ ନାହିଁ। ଭବାନୀପାଟଣା ସହରର ହିଲ ଟାଉନ, ଘୋଡ଼ାଘାଟ ଛକ, ସାପ୍ତାହିକ ବଜାର, ପ୍ରଦେଶୀପଡ଼ା, ପୁରୁଣାପଡ଼ା, ଦେୱାନ ସାହେବପଡ଼ା, ମନ୍ଦାର ବଗିଚାପଡ଼ା, ଚୁରିହାରିପଡ଼ା, ମଦନମୋହନ ପଡା, ଇରିଗେସନ କଲୋନି, ଜୋରପଡ଼ା, ବାହାଦୁର ବଗିଚାପଡ଼ା, ନୂଆପଡ଼ା, ଶକ୍ତିନଗରପଡ଼ାରେ ଖୋଲାଜାଗା ଓ ଡ୍ରେନ୍ ଉପରେ ଜବରଦଖଲ ଘର ନିର୍ମାଣ ଯୋଗୁ ସହରବାସୀ ନାକେଦମ ହେଉଛନ୍ତି। ଘୋଡ଼ାଘାଟ ଛକଠାରୁ ଦୟାନିଧି ଛକ ଦେଇ ମାଣିକେଶ୍ୱରୀ ହାଇସ୍କୁଲ ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ରହିଛି। ସେହିପରି ଘୋଡ଼ାଘାଟ ଛକଠାରୁ ମାଣିକେଶ୍ୱରୀ ମନ୍ଦିର ଛକ ଦେଇ ଜାତୀୟ ରାଜପଥ ୨୬ ଯାଇଛି। ପୂର୍ତ୍ତ ବିଭାଗ ରାସ୍ତା ଓସାରିଆ ଥିବାବେଳେ ଜାତୀୟ ରାଜପଥକୁ ଜବରଦଖଲ କରି ସଙ୍କୁଚିତ କରୁଥିଲେ ମଧ୍ୟ ଉଚ୍ଛେଦ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ଜବରଦଖଲ ଉଚ୍ଛେଦ ନେଇ ନୋଟିସ ଦିଆଗଲେ ତୁରନ୍ତ ହାଇକୋର୍ଟରୁ ରହିତାଦେଶ ଆଣି ଏହାର ପ୍ରତିବାଦ କରୁଥିବା ଦେଖିବାକୁ ମିଳୁଛି। ୨୦ଟି ୱାର୍ଡରେ ଥିବା ସରକାରୀ ଜମି ଓ ଅନାବାଦୀ ଜାଗାଗୁଡିକୁ ପ୍ରଭାବଶାଳୀ ଲୋକେ କବ୍‌ଜା କରି ରଖିଛନ୍ତି। ଗତ ଅଗଷ୍ଟ ମାସରେ ଭବାନୀପାଟଣାରେ ଏକ ଖବରଦାତା ସମ୍ମିଳନୀରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ରାସ୍ତା କଡରେ ହୋଇଥିବା ସରକାରୀ ଜମି ଜବରଦଖଲ ଉଚ୍ଛେଦ କରାଯିବ ବୋଲି କହିଥିଲେ। ଜବରଦଖଲ କରିଥିବା ଲୋକଙ୍କ ଉପରେ କେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ତାହା ଦେଖିବାକୁ ବାକି ରହିଲା।




କୋକସରା ଡାକ୍ତରଖାନା ପରିସରରେ ଅବ୍ୟବସ୍ଥିତ ଭାବେ ଗାଡି ପାର୍କିଂ କରାଯାଇଛି।

# ହସ୍ପିଟାଲ ପରିସରରେ ଅବ୍ୟବସ୍ଥିତ ପାର୍କିଂ

**କୋକସରା,୨୫ା୧୦ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

**ରୋଗୀ, ସମ୍ପର୍କୀୟ ହଇରାଣ**

ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ରୋଗୀଟିଏ ହସ୍ପିଟାଲକୁ ଯିବା ସମୟରେ ଅବ୍ୟବସ୍ଥିତ ଗାଡି ମୋଟର ପାର୍କିଂ ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ। ଦୈନନ୍ଦିନ ଏହି ସିଏଚ୍‌ସି ଉପରେ ବ୍ଲକ୍‌ର ୨୨ ପଞ୍ଚାୟତ ସମେତ ଜୟପାଟଣା ବ୍ଲକ, ଧର୍ମଗଡ ଦଣ୍ଡପାଟ ଅଞ୍ଚଳର ରୋଗୀ ନିର୍ଭର କରୁଛନ୍ତି। ହେଲେ ଡାକ୍ତରଖାନା ପରିସରରେ ବେଆଇନ ବାଇକ୍, ଗାଡ଼ି ମୋଟର ପାର୍କିଂ ଯୋଗୁ ଅନେକ ସମୟରେ ରୋଗୀଙ୍କୁ ନେବା ଆଣିବା ସମୟରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରୁଛନ୍ତି। ଏଠାରେ ଭିଡ଼ ନିୟନ୍ତ୍ରଣ, ଗାଡି ମୋଟର ପାର୍କିଂ କରିବା ପାଇଁ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ହେଲେ ସେମାନଙ୍କ ଅବହେଳା ଯୋଗୁ ଏଭଳି ସମସ୍ୟା ଦେଖାଦେଉଥିବା କୁହାଯାଉଛି। ଏ ସମ୍ପର୍କରେ କୋକସରା ସିଏଚ୍‌ସି ଭାରପ୍ରାପ୍ତ ଅଧିକାରୀ ଡା. ୟୁ. ତତ୍ତ୍ୱଦର୍ଶୀ ଦାସଙ୍କୁ ପଚାରିବାରୁ ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ସମ୍ପର୍କୀୟଙ୍କ ଗାଡିମୋଟର ପାର୍କିଂ ପାଇଁ ବ୍ୟବସ୍ଥା ରହିଛି ଓ ସୁରକ୍ଷା କର୍ମଚାରୀଙ୍କୁ ଗାଡି ପାର୍କିଂ ପାଇଁ କୁହାଯାଇଛି। ତେବେ ଦାୟିତ୍ୱରେ ଥିବା ସୁରକ୍ଷା କର୍ମଚାରୀଙ୍କ ଅବହେଳା ଯୋଗୁ ଏମିତି ହେଉଥିବା ଓ ଆଗକୁ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

# ଶିକ୍ଷକ ନିଯୁକ୍ତି ଦାବିରେ ତାଲା ବନ୍ଦ



ଆନ୍ଦୋଳନରେ ସାମିଲ ଗ୍ରାମବାସୀ।

**ଖଡ଼ିଆଳ,୨୫ା୧୦ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ୱାର୍ଡ ନଂ.୧୦ ଠାରେ ଥିବା ସରକାରୀ ବାଳକ ଉଚ୍ଚ ପ୍ରାଥମିକ ସ୍କୁଲରେ ଶିକ୍ଷକ ନିଯୁକ୍ତି ଦାବିରେ ଶୁକ୍ରବାର ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ଓ ଅଭିଭାବକ ତାଲା ବନ୍ଦ ଆନ୍ଦୋଳନକୁ ଓହ୍ଲାଇଥିଲେ। ୧୮୭୫ ମସିହାରେ ସ୍ଥାପିତ ଏହି ସ୍କୁଲରେ ୧ମରୁ ୮ମଶ୍ରେଣୀ ପର୍ଯ୍ୟନ୍ତ ୮୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ୪ ଜଣ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ଫଳରେ ପାଠପଢା ଠିକ୍ ଭାବରେ ହୋଇପାରୁନାହିଁ। ୮ଗୋଟି ଶ୍ରେଣୀକୁ ୪ ଜଣ ଶିକ୍ଷକଙ୍କ ଦ୍ୱାରା ପରିଚାଳନା କରିବା ସମ୍ଭବ ନୁହେଁ ବୋଲି ଅଭିଭାବକ ଓ ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେଣୁ ଦୁଇଜଣ ନୂତନ ଶିକ୍ଷକ ନିଯୁକ୍ତି ଦାବିରେ ସେମାନେ ତାଲା ପକାଇ ବିଦ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଆନ୍ଦୋଳନରେ ଛାତ୍ରୀଛାତ୍ରଙ୍କ ସମେତ ସ୍କୁଲ ପରିଚାଳନା କମିଟି ସଭାପତି ଖୁସିରାମ ଭୋଇ, ସଦସ୍ୟ ରଶ୍ମିତା ଭୋଇ, କାଉନସିଲର ଚନ୍ଦନ ସାହୁ, ଜାନକୀ ଶବର, ପଦ୍ମା ଶବର, ସନ୍ତୋଷିନୀ ହାତୀ, ସୁକାନ୍ତି ହାତୀ, କବି ଭୋଇ, ବନମାଳୀ ଭୋଇ, ମାଣିଙ୍ଗ ଶବର ପ୍ରମୁଖ ସାମିଲ ହୋଇଥିଲେ। ପରେ ଖଡ଼ିଆଳ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପରେଶ କୁମାର ପଣ୍ଡା ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଦାବି ଅନୁସାରେ ୨ଜଣ ଶିକ୍ଷକ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସ୍କୁଲରୁ ତାଲା ଖୋଲାଯାଇଥିଲା।

## ୧୮ ବର୍ଷ ହେଲା ମିଳୁନି ଦରମା, ଜିଲାପାଳଙ୍କୁ ଅଭିଯୋଗ

**ଲାଞ୍ଜିଗଡ଼,୨୫ା୧୦(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ପିତାମ ଦଳେଇ ୧୮ ବର୍ଷ ହେଲା ପିଅନ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ବେତନ ମିଳୁ ନ ଥିବା ନେଇ ଶୁକ୍ରବାର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାକ୍ରମେ ୨୦୦୬ ଜାନୁଆରୀ ୨ରେ ପିତାମଙ୍କ ପିତା ଦାଶରଥିଙ୍କ ମୃତ୍ୟୁ ହୋଇଥିଲା। ସେ ସମୟରେ ଲାଞ୍ଜିଗଡ଼ ତତ୍କାଳୀନ ସରପଞ୍ଚ, ନାଏବ ସରପଞ୍ଚ ଓ ସମସ୍ତ ୱାର୍ଡ଼ ସଭ୍ୟଙ୍କୁ ନେଇ ଏକ ରେଜୁଲେସନ କରି ବ୍ଲକ ଜିପିଓଙ୍କୁ ଅବଗତ କରାଇବା ପରେ ପିତାମଙ୍କୁ ଲାଞ୍ଜିଗଡ଼ ପଞ୍ଚାୟତ ପିଅନ ଭାବେ ରଖାଯାଇଥିଲା। କିନ୍ତୁ ୧୮ବର୍ଷ ହେଲା ପିତାମଙ୍କ ଅନୁମୋଦନ ହୋଇ ପାରୁନାହିଁ କିମ୍ବା ପାରିଶ୍ରମିକ ମିଳୁ ନ ଥିବା ନେଇ ଜିଲାପାଳଙ୍କୁ ପିତାମ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କୁ ପଚାରିବାରୁ ପିତାମଙ୍କୁ ସମସ୍ତ କାଗଜପତ୍ର ମାଗି ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୀଷ୍ମ ମେହେରଙ୍କୁ ଦେବା ପରେ ସେ ଜିଲା ପଞ୍ଚାୟତ ଅଫିସରଙ୍କୁ ଦେଇଛନ୍ତି ବୋଲି ପ୍ରକାଶ କରିଛନ୍ତି। ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ରଙ୍କୁ ପଚାରିବାରୁ ଏ ବିଷୟରେ ଯାହା ବି ନିଷ୍ପତ୍ତି ଜିଲା ସ୍ତରରେ ହିଁ କରିପାରିବେ ବୋଲି ପ୍ରକାଶ କରିଥିଲେ।

## କ୍ଷେତ୍ର ପରିଦର୍ଶନକଲେ କୃଷି କର୍ମଚାରୀ



କୃଷି କର୍ମଚାରୀ ଧାନକ୍ଷେତ ପରିଦର୍ଶନ କରୁଛନ୍ତି।

**କୋକସରା,୨୫ା୧୦ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

**ଧରିତ୍ରୀ ପ୍ରଭାବ**

କଳାହାଣ୍ଡି ଜିଲା କୋକସରା ବ୍ଲକ୍‌ର ୨୨ ପଞ୍ଚାୟତରେ ଧାନ ଫସଲରେ ବିପିଏଚ୍ ରୋଗପୋକ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଏଥିଯୋଗୁ ବହୁ ହେକ୍ଟର ଧାନଫସଲ ନଷ୍ଟହେବାକୁ ବସିଛି। ଏ ନେଇ ଧରିତ୍ରୀରେ ଖବର ପ୍ରକାଶିତ ହେବାପରେ ଶୁକ୍ରବାର ବ୍ଲକ କୃଷି ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। କୃଷି କର୍ମଚାରୀ ବ୍ଲକର ପ୍ରଭାବିତ ରୋଗପୋକ କ୍ଷେତ୍ର ପରିଦର୍ଶନକରି ବିଭାଗୀୟ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତବର୍ଷ ବ୍ଲକର ୧୮ ହଜାର ୪୫ ହେକ୍ଟରରେ ଖରିଫ ଧାନ ଚାଷ ହୋଇଛି। ତନ୍ମଧ୍ୟରୁ ୭୯ ହେକ୍ଟରରେ ବିପିଏଚ୍ ରୋଗପୋକ ଲାଗିଥିବା ରିପୋର୍ଟ କହୁଛି। ଚାଷୀମାନେ ବିଭିନ୍ନ ନାମୀଦାମୀ କମ୍ପାନୀର କୀଟନାଶକ ପ୍ରୟୋଗ କରୁଥିଲେ ମଧ୍ୟ ସେଥିରୁ ସୁଫଳ ମିଳୁନାହିଁ। ବ୍ଲକ କୃଷି ବିଭାଗ ତ୍ୱରିତ ପଦକ୍ଷେପ ନେଇ ରୋଗପୋକ ଜନିତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ରାଶି ଯୋଗାଇଦେବାକୁ ବ୍ଲକ ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀ ଦାବି କରିଛନ୍ତି।

# ସର୍ବଭାରତୀୟ ଫୁଟ୍‌ବଲ: ବୋରାସମ୍ବର ସେମିରେ



**କୋମନା,୨୫ା୧୦ (ସୋବିନ ଛତ୍ରିଆ)** ନୂଆପଡ଼ା ଜିଲା କୋମନା ବ୍ଲକ ବୁଦ୍ଧିକୋମନା ମା' ବସ୍ତ୍ରାଣୀ ଖେଳ ପଡ଼ିଆରେ ସ୍ପୋର୍ଟସ ଆସୋସିଏଶନ ବୁଦ୍ଧିକୋମନା ଦ୍ୱାରା ଆୟୋଜିତ ଫୁଟ୍‌ବଲ ଟୁର୍ନାମେଣ୍ଟର ଶୁକ୍ରବାର ପଞ୍ଚମ ଦିବସରେ ବୋରାସମ୍ବର ପଦମପୁର ଓ ରାଇଜିଂ ଷ୍ଟାର ଟିଟିଲାଗଡ ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ବୋରସମ୍ବର ୨−୧ ଗୋଲରେ ବିଜୟ ଲାଭ କରି ଦ୍ୱିତୀୟ ଦଳ ଭାବେ ସେମିଫାଇନାଲକୁ ପ୍ରବେଶ କରିଛି। ପାଣ୍ଡବ ବିଶି, ରିଙ୍କୁ ବିଶି, ପ୍ରତାପ ଭୁକ୍ତା ଓ ଦେବାଶିଷ ଆଚାର୍ଯ୍ୟ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ ପାଢ଼ୀ ମୁଖ୍ୟଅତିଥି, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ ବିଶିଷ୍ଟ ଅତିଥି ଓ ଅବସରପ୍ରାପ୍ତ କୃଷି ଅଧିକାରୀ ଅଲେଖ ରାମ ଦୀପ, ପ୍ରଧାନ ଶିକ୍ଷକ ସୁଧୀର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ସ୍ୱେଚ୍ଛାସେବୀଙ୍କ ଅନ୍ତର୍ଭୁକ୍ତି ପ୍ରଶିକ୍ଷଣ ଶିବିର




ଶିବିରରେ ଯୋଗଦେଇଥିବା ଅତିଥି।

**ପଲମ,୨୫ା୧୦ (ଭିକାରୀ ଗଉଡ଼)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ମୁସ୍କୁଟି ପଞ୍ଚାୟତର ରୁପ୍ରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀଙ୍କ ପାଇଁ ଅନ୍ତର୍ଭୁକ୍ତି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ତପନ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। କଣ୍ଟପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେଡ୍‌କ୍ରସ୍ ପରାମର୍ଶଦାତା ପ୍ରକୃତିବନ୍ଧୁ ଡ. ଅଜିତ କୁମାର ବେହେରା ଅତିଥିଭାବେ ଯୋଗଦେଇଥିଲେ। ରୁପ୍ରା ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ଅଧାପକ ସୁଧୀର ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଅଧାପକ କାଳିଚରଣ ମହାପାତ୍ର, ଖେଳ ଶିକ୍ଷକ ନାରାୟଣ ନାଏକ ଯୋଗଦେଇ ସହଯୋଗ କରିଥିଲେ।

## ଗାଁ ପୋଖରୀ ନିଲାମରେ ଅନିୟମିତତା

**ନୂଆପଡ଼ା,୨୫ା୧୦ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ମିଛାପାଲି ପଞ୍ଚାୟତ ମଝାଗାଁ ପୋଖରୀ ନିଲାମରେ ଅନିୟମିତତା ଅଭିଯୋଗ କରି ଶୁକ୍ରବାର ଗ୍ରାମବାସୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଟ୍ରେଡ ୟୁନିୟନ ଜିଲା ଆବାହକ ଭକ୍ତବନ୍ଧୁ ଧରୁଆଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳ ଭୀମସେନ ଶବର ଦାବିପତ୍ର ଗ୍ରହଣ କରିଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ ମଝାଗାଁରେ ଥିବା ପୋଖରୀ ସରକାରୀ ନିୟମାନୁଯାୟୀ ନିଲାମ ହୋଇଆସୁଥିଲା। ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ପୋଖରୀକୁ ଗାଁ ଲୋକ ନିଲାମ ନେଇ ମାଛଚାଷ କରି ରୋଜଗାର ଅର୍ଥରେ ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଗାଁ ଲୋକଙ୍କୁ ନିଲାମ ପ୍ରକ୍ରିୟାକୁ ଡକା ନ ଯାଇ ଅନ୍ୟ ଗାଁ ନାମରେ ରସିଦ କଟାଯାଇଛି। ଗୁରୁବାର ରାତିରେ ଏ ନେଇ ଗାଁ ଲୋକେ ସଭା କରି ଆଲୋଚନା କରିଥିଲେ। ପ୍ରଥମେ ଜିଲା ପ୍ରଶାସନ ପାଖରେ ଗୁହାରି କରିବେ, ପଦକ୍ଷେପ ନ ନେଲେ ଆନ୍ଦୋଳନ କରିବେ ସଭାରେ ନିଷ୍ପତ୍ତି ନେଇଛନ୍ତି। ଗାଁ ଲୋକଙ୍କୁ ପୋଖରୀ ନିଲା ଦିଆ ନ ଗଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ କରିବା ସମୟରେ ନିର୍ମଳ ମାଝି, ରୂପା ମାଝି, ଜ୍ଞାନେଶ୍ୱର ମାଝି, ବିନୋଦ ସୁନାନୀ, ନରେଶ ନାଏକ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।



ଦାବିପତ୍ର ଦେବା ପାଇଁ ଆସିଥିବା ଗ୍ରାମବାସୀ।

# ବୁଢ଼ାରଜାଙ୍କ ବାର୍ଷିକ ଦଶହରା ପର୍ବ ଉଦ୍‌ଯାପିତ

**କୋକସରା,୨୫ା୧୦ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**



ଘୁମୁରା ନୃତ୍ୟ ପରିବେଷଣ କରୁଛନ୍ତି କଳାକାର।

**ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ**

କାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତର ଆରାଧ୍ୟ ଦେବ ପ୍ରଭୁ ବୁଢ଼ାରଜାଙ୍କ ବାର୍ଷିକ ଦଶହରା ପର୍ବ ଗୁରୁବାର ଶେଷ ହୋଇଯାଇଛି। ମଙ୍ଗଳବାର ସକାଳୁ ଗାଁର ଲାବଣ୍ୟ ପୂଜାରୀଙ୍କ ଘରୁ ପୂଜା ସାମଗ୍ରୀ ଦେବୀଙ୍କ ଲାଠି, ଗାଁର ବୁଢ଼ାରଜା, ଜେନାଡୁମା, ଖଣ୍ଡୁଆଳ, ମା' ଠାକୁରାଣୀଙ୍କ ଲାଠି ଓ କାଲସି ଦେବୀ ପୀଠରେ ପହଞ୍ଚିଥିଲା। ପୀଠରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ସମସ୍ତ ଦେବଦେବୀ ଏକତ୍ରିତ ହୋଇ ହାଟକୁ ୩ ଥର ପରିକ୍ରମା କରିଥିଲେ। ମାନସିକଧାରୀ ନଡ଼ିଆ ମୁଆଁ, ଧୂପ, ଦୀପ, ଶୁକ୍ଳ ଭୋଗ ଦେଇ ବୁଢ଼ାରଜାଙ୍କୁ ଆରାଧନା କରିଥିବା ବେଳେ ପାର୍ଶ୍ୱ ଦେବଦେବୀଙ୍କ ନିକଟରେ କୁକୁଡ଼ା, ବୋଦା ବଳି ଅର୍ପଣ କରିଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକନୃତ୍ୟ ସହ ଘୁମୁରା ପ୍ରତିଯୋଗିତା ଦର୍ଶକଙ୍କ ମନ ମୋହିଥିଲା। କୋକସରା ବ୍ଲକ୍ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ମୁଖ୍ୟ ଅତିଥି, ମହିମା ସରପଞ୍ଚ ଇଶରାମ କୋଲଥିଆ, ସମିତି ସଭ୍ୟ ଘନଶ୍ୟାମ ନାଏକ, ରୋହିତ କୁମାର ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଞ୍ଚଳବାସୀଙ୍କୁ ଦଶରାର ଶୁଭେଚ୍ଛା ଜଣାଇଥିଲେ। ଦ୍ୱିତୀୟ ରାତିର ସାଂସ୍କୃତିକ ସନ୍ଧ୍ୟାରେ ଭାଜପା ଯୁବନେତା ହିମାଂଶୁ ପଣ୍ଡା ମୁଖ୍ୟ ଅତିଥି, ଆମପାଣି ମଣ୍ଡଳ ଭାଜପା ସଭାପତି ଅର୍ଜୁନ ଭାଟି, ଗରୁଡ଼ଧ୍ୱଜ ମାଝି, ସନାତନ ସୁନାନୀ, ସ୍ଥାନୀୟ ସରପଞ୍ଚ ଇଶରାମ କୋଲଥିଆ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ରେକର୍ଡ ଡ୍ୟାନ୍ସ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ଡେଙ୍ଗାଗୁଡ଼ା ବୁଢ଼ାରଜା ପୂଜା କମିଟି ସଭାପତି ଲକ୍ଷ୍ମୀଧର ମେହେର, ଉପସଭାପତି ବୀରେନ୍ଦ୍ର ପୂଜାରୀ, ସମ୍ପାଦକ କିଶୋର ଚନ୍ଦ୍ର ନାଏକ, ସହ ସମ୍ପାଦକ ନୀଳାମ୍ବର ଛତ୍ରିଆ, କୋଷାଧ୍ୟକ୍ଷ ବିଘ୍ନେଶ୍ୱର ମାଝିଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୧୮ ବର୍ଷ ହେଲା ମିଳୁନି ଦରମା, ଜିଲାପାଳଙ୍କୁ ଅଭିଯୋଗ

ଲାଞ୍ଜିଗଡ଼,୨୫।୧୦(ରମେଶ ଚନ୍ଦ୍ର ନାୟକ)

ଲାଞ୍ଜିଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ପିତାମ ଦଲେଇ ୧୮ ବର୍ଷ ହେଲା ପିଅନ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ବେତନ ମିଳୁ ନ ଥିବା ନେଇ ଶୁକ୍ରବାର ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ୨୦୦୬ ଜାନୁଆରୀ ୨ରେ ପିତାମଙ୍କ ପିତା ଦାଶରଥିଙ୍କ ମୃତ୍ୟୁ ହୋଇଥିଲା। ସେ ସମୟରେ ତତ୍କାଳୀନ ସରପଞ୍ଚ, ନାଏବ ସରପଞ୍ଚ ଓ ସମସ୍ତ ୱାଡ଼ ସଭ୍ୟଙ୍କୁ ନେଇ ଏକ ରେଜୁଲେସନ କରି ଜିପିଓଙ୍କୁ ଅବଗତ କରାଇବା ପରେ ପିତାମଙ୍କୁ ଲାଞ୍ଜିଗଡ଼ ପଞ୍ଚାୟତ ପିଅନ ଭାବେ ରଖାଯାଇଥିଲା। କିନ୍ତୁ ୧୮ବର୍ଷ ହେଲା ତାଙ୍କ ଅନୁମୋଦନ ହୋଇ ପାରୁନାହିଁ କିମ୍ବା ପାରିଶ୍ରମିକ ମିଳୁ ନ ଥିବା ନେଇ ଜିଲାପାଳଙ୍କୁ ପିତାମ ଲିଖିତ ଅଭିଯୋଗ କରିଛନ୍ତି।

### ବଳାତ୍କାର ମାମଲାରେ ଫେରାର ଅଭିଯୁକ୍ତ ଗିରଫ

କୋକସରା,୨୫।୧୦ (ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା ଆମପାଣି ଥାନାରେ ଗତ ଜୁଲାଇ ୧୧ରେ ରୁଜୁ ହୋଇଥିବା ଏକ ବଳାତ୍କାର ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବଙ୍ଗୋମୁଣ୍ଡା ଗ୍ରାମର ସାଧୁରାମ ମାଝୀ (୩୩)। ସୂଚନା ମତେ ଆମପାଣି ଅଞ୍ଚଳର ଜନୈକା ଯୁବତୀଙ୍କୁ ସମ୍ପର୍କୀୟ ଯୁବକ ସାଧୁରାମ ବଳାତ୍କାର କରିଥିବା ନେଇ ପୀଡିତାଙ୍କ ପରିବାର ପକ୍ଷରୁ ଆମପାଣି ଥାନାରେ ଅଭିଯୋଗ ହୋଇଥିଲା। ଘଟଣା ପରେ ଅଭିଯୁକ୍ତ ଫେରାର ଥିଲେ। କୌଣସି ସୂତ୍ରରୁ ଖବର ପାଇ ପୋଲିସ ସାଧୁରାମଙ୍କୁ ତାଙ୍କ ଗ୍ରାମରୁ ଗିରଫ କରିଥିଲା।





ବିଶ୍ୱପ୍ରସିଦ୍ଧ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ବିବାଦୀୟ କଳାକାରଙ୍କୁ ବାଦ୍ ଦେବାକୁ ଜିଲାପାଳଙ୍କୁ ଫେରାଦ ହୋଇଥିବା ବିଭିନ୍ନ ସଂଘର ପ୍ରତିନିଧିବୃନ୍ଦ।

# ବିବାଦୀୟଙ୍କୁ ମହୋତ୍ସବରୁ ବାଦ୍ ଦିଆଯାଉ

ବରଗଡ଼,୨୫।୧୦(ପ୍ରେମାନନ୍ଦ ଖମାରୀ)

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଆଉ ମାତ୍ର ୨ମାସ ୧ସପ୍ତାହ ବାକି ରହିଲା। ଏପର୍ଯ୍ୟନ୍ତ ମହୋତ୍ସବକୁ ନେଇ ଧନୁଯାତ୍ରା କମିଟିର ସାଧାରଣ ପରିଷଦ ବୈଠକ ବସିନାହିଁ। ଅନ୍ୟପଟେ କଂସ ଅଭିନେତାଙ୍କଠାରୁ ଆରମ୍ଭ କରି କମିଟିକୁ ନେଇ ବିତର୍କ ଆରମ୍ଭ ହୋଇଯାଇଛି। ବିବାଦୀୟ ହୋଇ ପଡ଼ିଥିବା କଂସ ଅଭିନେତା ହୃଷୀକେଶ ଭୋଇଙ୍କୁ ମହୋତ୍ସବରୁ ବାଦ୍ ଦେବାକୁ ଦାବି ହୋଇଛି। ସେହିପରି ଧନୁଯାତ୍ରା ମହୋତ୍ସବ କମିଟିର ପୁନର୍ଗଠନକୁ ନେଇ ମଧ୍ୟ ଦାବି ଜୋର୍ ଧରିଛି। ଏହି କ୍ରମରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଜିଲାପାଳ ତଥା ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ଆଦିତ୍ୟ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ବରଗଡ଼ର ଯୁବା ଏକତା ସଙ୍ଗଠନ ଜିଲାପାଳଙ୍କୁ ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରିଛି, କଂସ ଅଭିନେତା ତଥା ଡାକ୍ତରଖାନାରେ ସରକାରୀ ଡ୍ରାଇଭର ଭାବେ କାର୍ଯ୍ୟରତ ହୃଷୀକେଶ ଭୋଇ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଗାଇସିଲେଟ୍



ଯୁବା ଏକତା ସଙ୍ଗଠନର ଦାବିପତ୍ରକୁ ଜିଲାପାଳ ଗ୍ରହଣ କରୁଛନ୍ତି।

**ଧନୁଯାତ୍ରା ପୂର୍ବରୁ ତେଜୁଛି ଦାବି**

ବ୍ଲକ ଅନ୍ତର୍ଗତ ବଡ଼ସାହାଜବାହାଲ ଗ୍ରାମକୁ ମହାପ୍ରୟାଣ ଗାଡ଼ିରେ ଶବ ପରିବହନ ବାବଦକୁ ୩ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ତାଙ୍କ ବିରୋଧରେ ଆପରାଧିକ ମାମଲା ମଧ୍ୟ ରୁଜୁ ହୋଇଛି। ସେହିପରି ଗତବର୍ଷ ଧନୁଯାତ୍ରା ମହୋତ୍ସବରେ ଅଭିନୟ ସମୟରେ ସେ କଟୂକଥା କହିଥିଲେ ଏବଂ ତାହା ଲଜ୍ଜାଜନକ ଥିଲା। ଏହି ଦୃଷ୍ଟିରୁ ହୃଷୀକେଶଙ୍କୁ ଆଜୀବନ ଧନୁଯାତ୍ରା ମହୋତ୍ସବର କଂସ ଅଭିନୟରୁ ବାଦ୍ ଦେଇ ନୂତନ କଂସ ଅଭିନେତା ଚୟନ କରାଯାଉ ବୋଲି ଯୁବା ଏକତା ସଙ୍ଗଠନ ଦାବି କରିଛି। ଏହା ସହିତ ମହୋତ୍ସବରେ ସ୍ୱଚ୍ଛତା ଆଣିବା ତଥା ଆକର୍ଷଣ ବୃଦ୍ଧି ପାଇଁ ଧନୁଯାତ୍ରା କମିଟିର ପୁନର୍ବିନ୍ୟାସ କରିବାକୁ ଦାବି ହୋଇଛି। ସଙ୍ଗଠନର ସଭାପତି ତୁଷାର ରଞ୍ଜନ ଭଦ୍ରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

କୋଶଲ ଜଏଣ୍ଟ ଆକ୍ସନ କମିଟି ପୃଥକ୍ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛି। ଧନୁଯାତ୍ରାର ପୁରୁଣା କମିଟିକୁ ଭାଙ୍ଗି ନୂତନ କମିଟି ଗଠନ ପାଇଁ ଦାବି କରାଯାଇଛି। ବରଗଡ଼ ଧନୁଯାତ୍ରାକୁ ବିଶ୍ୱପ୍ରସିଦ୍ଧ କୁହାଯାଉଥିବାବେଳେ ଏହି ମହୋତ୍ସବର ମାନ, ସମ୍ମାନ ଦିନକୁ ଦିନ କ୍ଷୁର୍ଣ୍ଣ ହେବା ସହିତ ଆକର୍ଷଣ ମଧ୍ୟ ହ୍ରାସ ପାଉଛି। ଅପରପକ୍ଷେ ଧନୁଯାତ୍ରାକୁ ନେଇ ବାଦ ବିବାଦ ଲାଗି ରହିଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦୃଷ୍ଟିରୁ ଧନୁଯାତ୍ରାର ଗାରିମା, ଆକର୍ଷଣ ବୃଦ୍ଧି ପାଇଁ ତୁରନ୍ତ ନୂତନ କମିଟି ଗଠନ କରାଯାଉ ବୋଲି ଦାବି ହୋଇଛି। ସୁଶାନ୍ତ ମିଶ୍ର, ଆକାଶ ପଣ୍ଡା, ରମଣୀ ଦନ୍ତା ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

ବରଗଡ଼ ଉତ୍କଳ ଗୌରବ କଳାକାର ସଂଘ ମଧ୍ୟ ଅନୁରୂପ ଦାବି କରି ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଧନୁଯାତ୍ରା କମିଟିକୁ ତୁରନ୍ତ ଭଙ୍ଗ କରି ନୂତନ କମିଟି ଗଠନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଜିଲାପାଳଙ୍କୁ ନିବେଦନ କରାଯାଇଛି। ନୂତନ ଧନୁଯାତ୍ରା କମିଟିରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ପ୍ରତିନିଧିମାନଙ୍କୁ ସାମିଲ କରାଯାଇ ମୁଖ୍ୟତଃ ଯୁବକମାନଙ୍କୁ କମିଟିରେ ରଖାଯିବାକୁ ଦାବି ହୋଇଛି। ଉତ୍କଳ ଗୌରବ କଳାକାର ସଂଘର ସମ୍ପାଦକ କାଞ୍ଚନ କୁମାର ଚକ୍ରବର୍ତ୍ତୀ, ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ବାଗ ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ। ସେହିପରି ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ସଂଘ ସଭାପତି ଦୟାନିଧି ପ୍ରଧାନ ଏବଂ ସମ୍ପାଦକ ଜଗଦାନନ୍ଦ ମିଶ୍ର ଅନ୍ୟ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ସଂଘ ସଦସ୍ୟଙ୍କୁ ଧନୁଯାତ୍ରା ମହୋତ୍ସବ କମିଟିରେ ସାମିଲ କରାଯିବା, କଳାକାରଙ୍କୁ ଉଚିତ୍ ସମ୍ମାନ ପ୍ରଦାନ, ମହୋତ୍ସବରେ ଭାଗ ନେଉଥିବା କଳାକାରଙ୍କୁ ଉଚିତ୍ ପ୍ରାପ୍ୟ ପ୍ରଦାନ କରିବାକୁ ସଂଘ ଦାବି କରିଛି। ସେହିପରି ମହାପ୍ରୟାଣ ଗାଡ଼ିରେ ଶବ ପରିବହନ ବାବଦକୁ ଲାଞ୍ଚ ନେଇଥିବା କଂସ କଳାକାରଙ୍କୁ ନେଇ ଉଠିଥିବା ବିବାଦର ଉଚିତ ବିଚାର କରାଯାଉ ବୋଲି ଅତିରିକ୍ତ ଜିଲାପାଳ ସାହୁଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ସଂଘ ସଭାପତି ପ୍ରଧାନ କହିଛନ୍ତି।

### ଝାରବନ୍ଧ ବ୍ଲକରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଝାରବନ୍ଧ,୨୫।୧୦(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ବ୍ଲକ ଅନ୍ତର୍ଗତ ଡୁମୁରିପାଣିଠାରୁ ସଂକ୍ରୀ ଗ୍ରାମ ପର୍ଯ୍ୟନ୍ତ ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ଶହ ଶହ ବିଜେଡି କର୍ମୀ ଅଂଶଗ୍ରହଣ କରିଥିଲେ। ପରେ ସଂକ୍ରୀ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଅତାବିରା ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବରଗଡର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ ଜିଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର, ରାଜୁ ଘିବେଲା ପ୍ରମୁଖ ଉପସ୍ଥିତ ରହିଥିଲେ। ଭାଜପା ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଶୀଘ୍ର ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ବିଜେଡି ନେତୃବୃନ୍ଦ ମତବ୍ୟକ୍ତ କରିଥିଲେ। ଝାରବନ୍ଧ ବ୍ଲକ ବିଜେଡି ସଭାପତି ଯତୀନ ହାତୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜୟ କେତନ ପ୍ରଧାନ, ହୃଷୀକେଶ ବରିହା, ଜିଲା ପରିଷଦ ସଭ୍ୟ ସୁଶୀଲ ମରେଇ, ସରପଞ୍ଚ ଲକ୍ଷେ ସିଂ ଥପା ପ୍ରମୁଖ ପଦଯାତ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବିଜେଡି ନେତା ଓ କର୍ମୀମାନେ ପଦଯାତ୍ରାରେ ବାହାରିଛନ୍ତି।

## ନଭେମ୍ବର ୨୦ରୁ ବରଗଡ଼ ପୁସ୍ତକମେଳା

ବରଗଡ଼,୨୫।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆସନ୍ତା ନଭେମ୍ବର ୨୦ତାରିଖରୁ ବରଗଡ଼ ପୁସ୍ତକମେଳା ଆରମ୍ଭ ହେବ। ଏହା ସେହି ମାସ ୨୯ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ସମାରୋହରେ ବରଗଡ଼ ଏମପିଙ୍କ ସମେତ ବିଧାୟକଙ୍କୁ ନିମନ୍ତ୍ରଣ କରାଯିବାର ପ୍ରସ୍ତାବ ଗୃହୀତ ହୋଇଛି। ଉଦ୍‌ଯାପନୀ ସମାରୋହରେ ସାହିତ୍ୟିକ ହରପ୍ରସାଦ ଦାଶ ଯୋଗଦେବେ ବୋଲି ସୂଚନା ଦିଆଯାଇଛି। ଚଳିତବର୍ଷ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ହୋଇଥିବା ଯୋଗୁ ପୁସ୍ତକମେଳାରେ ସ୍ୱତନ୍ତ୍ର ଆଲୋଚନାମାନ ହେବ। ସବୁବର୍ଷ ଭଳି ଚଳିତବର୍ଷ ମଧ୍ୟ ରାଜ୍ୟ ତଥା ରାଜ୍ୟ ବାହାର ପୁସ୍ତକ ପ୍ରକାଶକ ଏବଂ ବିକ୍ରେତାମାନେ ଯୋଗଦେବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି ବୋଲି ଗାନ୍ଧୀ ସ୍ମୃତି ପାଠାଗାର ସମ୍ପାଦକ ଡ. ପ୍ରଦୀପ କୁମାର ହୋତା ସୂଚନା ଦେଇଛନ୍ତି।

## ଫୁଟ୍‌ବଲ: ଗର୍ଭଣା ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

ବରଗଡ଼,୨୫।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ଗୁଡ଼େଶିରାରେ ଓଡ଼ିଆ ମେହେର ହାଫ୍ ଡେ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଭୋଜପୁରୀ, କଟାପାଲି, ଗର୍ଭଣା ଏବଂ ପାତିକାରପଲ୍ଲୀ ଦଳ ଅଂଶଗ୍ରହଣ କରିଥିଲେ। ଭୋଜପୁରୀ ଏବଂ ଗର୍ଭଣା ଫାଇନାଲକୁ ଉନ୍ନୀତ ହୋଇଥିଲେ। ମ୍ୟାଚ୍‌ରେ ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ଗର୍ଭଣା ଦଳ ଚାମ୍ପିୟନ ହୋଇଥିଲା। ପୌଲସ୍ତ୍ୟ ମେହେର, ବିବେକ ମେହେର, ରାଧାବଲ୍ଲଭ ମେହେର, ଭାଜପା ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଘନଶ୍ୟାମ ସାହୁ, ଡୋଲାମଣି ମେହେର, ପ୍ରକାଶ ଦେବତା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଶିଶିର ପ୍ରଧାନ, ତେଜରାଜ ଦେହେରୀ, ବିଶ୍ୱନାଥ ଭୋଇ ଖେଳ ପରିଚାଳନା କରିଥିଲେ।

## ପାଠାଗାର ଉଦ୍‌ଘାଟନୀରେ ମଶାଲ ଯାତ୍ରା



ବରଗଡ଼ ଗାନ୍ଧୀ ଛକରେ ମଶାଲ ଶୋଭାଯାତ୍ରାକୁ ସ୍ୱାଗତ କରାଯାଉଛି।

ବରଗଡ଼,୨୫।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅତାବିରା ବ୍ଲକ ଦେବାହାଲରେ ଗୁରୁବାର ଜୟ କିଷାନ ପାଠାଗାରର ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହୋଇଛି। ଏହି କ୍ରମରେ ବୀର ମାଧୋ ସିଂଙ୍କ ମାଟି ସୋହେଲା ବ୍ଲକ ଘେଁସ୍‌ରୁ ଏକ ମଶାଲ ଶୋଭାଯାତ୍ରା ପାଠାଗାରକୁ ପହଞ୍ଚିଥିଲା। ମଶାଲ ଶୋଭାଯାତ୍ରାକୁ ବରଗଡ଼ ଗାନ୍ଧୀ ଛକ ସମେତ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା। ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର, ବବ୍ରୁବାହନ ସାହୁ, ଦିବାକର ମାଝି, ଭବାନୀ ପ୍ରସାଦ ସାହୁ, ପବିତ୍ର ଦେହେରୀ, ବଳିଷ୍ଠ ଦୁର୍ଗା, ଅସିତ ସାହୁ, ଅବିନାଶ ବାଗ, ବିକାଶ ଅଗ୍ରୱାଲ, ବାସମତୀ ବନଛୋର ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମରେ ଶୋଭାଯାତ୍ରା ପହଞ୍ଚିବା ପରେ ପାଠାଗାର ପରିସରରେ ସ୍ଥାପନ କରାଯାଇଥିଲା। ଗ୍ରାମବାସୀ ସେଠାରେ ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ। ଶୋଭାଯାତ୍ରାରେ ପଠାଗାରର ସମସ୍ତ କର୍ମକର୍ତ୍ତା, ସଦସ୍ୟ ଏବଂ ଗ୍ରାମବାସୀ ସାମିଲ ହୋଇଥିଲେ।

## ୪୩ ନିୟମ ଖିଲାପକାରୀଙ୍କୁ ଜରିମାନା



ବରପାଲିର ଏକ ଦୋକାନରେ ଚଢାଉ କରାଯାଉଛି।

ବରପାଲି,୨୫।୧୦(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ ଅଞ୍ଚଳର ସର୍ବସାଧାରଣ ସ୍ଥାନରେ ତମାଖୁ ଉତ୍ପାଦ ବିକ୍ରି କରାଯାଉଥିବା ବେଳେ ବରଗଡ ଜିଲା ସ୍ୱାସ୍ଥ୍ୟ, ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଏକ ମିଳିତ ସ୍କ୍ୱାଡ୍ ଶୁକ୍ରବାର ଚଢାଉ କରିଛି। ଚଢାଉ ବେଳେ ୪୩ଜଣ ନିୟମ ଖିଲାପକାରୀଙ୍କଠାରୁ ସମୁଦାୟ ୮,୭୦୦ ଟଙ୍କା ଜରିମାନା ସଂଗ୍ରହ କରାଯିବା ସହ ଜନସାଧାରଣଙ୍କୁ ସଚେତନ କରାଯାଇଛି। ଉକ୍ତ ସ୍କ୍ୱାଡ୍‌ରେ ଜିଲା ଭେଷଜ ନିରୀକ୍ଷକ ସୁନିତା ନାଗ, ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପରମେଶ୍ୱର ନାଏକ, ଜିଲା ପରାମର୍ଶଦାତା ଶିତେଶ ତ୍ରିପାଠୀ, ଅବକାରୀ ବିଭାଗ ଏସ୍‌ଆଇ ସ୍ୱପ୍ନାରାଣୀ ଟେଟେ, ଏବଂ ପୋଲିସ ଏସ୍‌ଆଇ ବିମଳ ଲାକ୍ରା, ଏଏସ୍‌ଆଇ ନବକିଶୋର ନାଏକ ପ୍ରମୁଖ ସାମିଲ ହୋଇଥିଲେ।

## ହନୁମାନ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ

ସୋହେଲା, ୨୫।୧୦(ଅଶ୍ୱିନୀ କୁମାର ପାତ୍ର)

ସୋହେଲା ବ୍ଲକ ଘେଁସଠାରେ ଜଗନ୍ନାଥ ମନ୍ଦିର ପାର୍ଶ୍ୱରେ ନୂତନ ହନୁମାନ ମନ୍ଦିର ନିର୍ମାଣ ଲାଗି ସ୍ଥାନୀୟ ବଜରଙ୍ଗ ଦଳ ପକ୍ଷରୁ ଭୂମିପୂଜନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବଜରଙ୍ଗ ଦଳ ସଭାପତି ରଣଜିତ ସିଂ ବରିହା, ଅନୀଲ ମହାପାତ୍ର, ସୁଜିତ ସାହୁ, ନିରଞ୍ଜନ ଖର୍ସେଲଙ୍କ ତତ୍ତ୍ୱାବଧାନରେ ଗୋପାଳ ପଧାନ, କୁଟୁ ଶର୍ମା, ଅମିତ ଜୈନ, ପ୍ୟାରୀଲାଲ ବାରିକ, ପ୍ରଦୀପ ମହାନନ୍ଦ, ଶିବାଜୀ ଗିଙ୍ଗିରା, ତରଣୀ ସିଂ ବରିହା, ସମାରୁ ବରିହାଙ୍କ ସମେତ ଶହ ଶହ ଭକ୍ତ ସ୍ଥାନୀୟ ଶହୀଦ ସ୍ମୃତିପୀଠରୁ ଏକ ଭବ୍ୟ ଶୋଭାଯାତ୍ରାରେ ଭୂମିପୂଜନ ସ୍ଥଳକୁ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ଭାଜପା ନେତା ମନୀଷ ଅଗ୍ରୱାଲା, ସୋହେଲା ବ୍ଲକ ସଭାପତି ଚନ୍ଦ୍ରମଣି ଭଞ୍ଜ ଅତିଥି ଭାବେ ଯୋଗଦାନ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପଣ୍ଡିତ ଡୋଲାମଣି ସାବତ ଓ ଅଶ୍ୱିନୀ ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ଜମିଦାର ରଣଜିତ ସିଂ ବରିହା, ମନୀଷ ଅଗ୍ରୱାଲା, ଚନ୍ଦ୍ରମଣି ଭଞ୍ଜ, ତରଣିସିଂ ବରିହାଙ୍କ କରମଳରେ ଭୂମିପୂଜନ କରାଯାଇଥିଲା। ଭୂମିପୂଜନ ଉତ୍ସବରେ ଘେଁସ ଓ ଆଖପାଖ ଗ୍ରାମର ବହୁ ଲୋକ ଉପସ୍ଥିତ ରହିଥିଲେ।



ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ କରାଯାଉଛି।

# ସ୍ୱଚ୍ଛକର୍ମୀଙ୍କୁ ମିଳିନି ୪ମାସର ପାରିଶ୍ରମିକ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସ୍ୱଚ୍ଛକର୍ମୀମାନେ ଧାରଣାରେ ବସିଛନ୍ତି।

ବରଗଡ଼,୨୫।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅଧୀନରେ କାର୍ଯ୍ୟରତ ସ୍ୱଚ୍ଛକର୍ମୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ପାରିଶ୍ରମିକ ମିଳି ନ ଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଗୁରୁବାର ଶତାଧିକ ସ୍ୱଚ୍ଛକର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଧାରଣାରେ ବସିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରି ସେମାନଙ୍କ ବକେୟା ଦରମା ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ନିବେଦନ କରିଛନ୍ତି।

ପ୍ରକାଶ ଯେ, ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ସ୍ୱଚ୍ଛକର୍ମୀମାନେ କାର୍ଯ୍ୟ କରି ଆସୁଛନ୍ତି। ସହରର ପରିମଳ କାର୍ଯ୍ୟରେ ସେମାନେ ନିୟୋଜିତ ହୋଇ ଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଅନ୍ୟପଟେ ସେମାନଙ୍କୁ ଠିକ୍ ଭାବେ ପ୍ରାପ୍ୟ ପ୍ରଦାନ କରାଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ପ୍ରତିବର୍ଷ ୪/୫ ମାସ ବ୍ୟବଧାନରେ ଥରେ ପାରିଶ୍ରମିକ ପ୍ରଦାନ କରାଯାଉଛି। ଫଳରେ ସେମାନେ ବହୁ ହଇରାଣ ହେଉଛନ୍ତି। ଏ ନେଇ ପୌର ନିର୍ବାହୀ ଅଧିକାରୀ ଏବଂ ପୌରାଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିପରି ସ୍ୱଚ୍ଛକର୍ମୀଙ୍କ ଇପିଏଫ୍ କଟିବା କହି ସେମାନଙ୍କଠାରୁ ଆଧାର, ଫଟୋ ଏବଂ ଅନ୍ୟ କାଗଜାତ୍ ନିଆଯାଇଛି। କିନ୍ତୁ ଇପିଏଫ୍ ବାବଦକୁ କେତେ କଟୁଛି, ତାହା ମଧ୍ୟ ସେମାନଙ୍କୁ ଜଣାଇ ଦିଆଯାଉ ନ ଥିବା ସେମାନେ କହିଛନ୍ତି। ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସ୍ୱଚ୍ଛକର୍ମୀ ସୁମନ କୁମ୍ଭାର, କୁନ୍ତଳା ସୁନା, ସୀମା ତାଣ୍ଡି, ଶର୍ମିଷ୍ଠା ଭୁଏଁଙ୍କ ସମେତ ବହୁ ସ୍ୱଚ୍ଛକର୍ମୀ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

### ବାଲିପଟା ଗୌନ୍ତିଆଙ୍କ ପରଲୋକ

ସୋହେଲା, ୨୫।୧୦(ଅଶ୍ୱିନୀ କୁମାର ପାତ୍ର)



ବରଗଡ଼ ଜିଲା ସୋହେଲା ବ୍ଲକ ବାଲିପଟା ଗ୍ରାମର ଗୌନ୍ତିଆ ରଷିଚରଣ ସାହାଙ୍କ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ତାଙ୍କ ପରଲୋକରେ ବାଲିପଟା ଗ୍ରାମ ସମେତ ଘେଁସ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବଡ଼ପୁଅ କୁଳମଣି ସାହା ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ସାହା ଘେଁସ ଜମିଦାର ଲାଲଯୋଗେନ୍ଦ୍ରନାଥ ସିଂ ବରିହାଙ୍କ ଅମଳରେ ଜଣେ ଘନିଷ୍ଠ ବନ୍ଧୁ ଥିବାବେଳେ ବାଲିପଟା ଗ୍ରାମର ଗୌନ୍ତିଆ ଭାବେ ନିଯୁକ୍ତ ହୋଇଥିଲେ। ସେ ଶିକ୍ଷକତାରୁ ପ୍ରାଥମିକ କର୍ମଜୀବନ ଆରମ୍ଭ କରିଥିଲେ। ଏହାବ୍ୟତୀତ ସେ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, ସମାଜସେବୀ ତଥା ପରୋପକାରୀ ଥିଲେ। ୧୯୯୨ ମସିହାରେ ନୂତନ ବେହେରାପାଲି ଗ୍ରାମପଞ୍ଚାୟତ ଗଠନ ହେବା ସମୟରେ ରଷିଚରଣ ପ୍ରଥମ ସରପଞ୍ଚ ହୋଇଥିଲେ।

### ଜାତୀୟ ସେବା ଯୋଜନାର ଆଲୋଚନାଚକ୍ର

ସରଣ୍ଡା,୨୫।୧୦(ଯୁଧିଷ୍ଠିର ମହାପାତ୍ର)

ବରଗଡ ଜିଲା ଅତାବିରା ବ୍ଲକସ୍ଥିତ କାଦୋବାହାଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଜାତୀୟ ସେବା ଯୋଜନା ତରଫରୁ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାନବସେବା ହିଁ ମାଧବ ସେବାକୁ ଦୃଷ୍ଟିରେ ରଖି ଗଠନ କରାଯାଇଥିବା ଜାତୀୟ ସେବା ଯୋଜନାର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ମିଳୁଥିବା ସରକାରୀ ସାହାଯ୍ୟ ତଥା ବିଭିନ୍ନ ଜନମଙ୍ଗଳକାରୀ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ, ରକ୍ତଦାନ, ପରିମଳ, ଜନସଚେତନତା ଆଦି ପ୍ରମୁଖ କାର୍ଯ୍ୟରେ ଯୋଗଦାନ ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ କଲେଜ ଅଧ୍ୟକ୍ଷ ବଳିଷ୍ଠ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଲୋଚକ ଭାବେ ଲରମ୍ଭା କଲେଜର ଜାତୀୟ ସେବା ଯୋଜନା ଅଧିକାରୀ ଡ. ଅଜିତ କୁମାର ନାଥ, ଯୁବ ରେଡ୍‌କ୍ରସ ଅଧିକାରୀ ଡ. ସୁଶାନ୍ତ କୁମାର ପୂଜାରୀ, ଅର୍ଥନୀତି ବିଭାଗ ଅଧ୍ୟାପକ ଡ. ଅରବିନ୍ଦ ଦାଶ, ଜାତୀୟ ସେବା ଯୋଜନା ଅଧିକାରୀ ଦୀନେଶ ପ୍ରଧାନ ଯୋଗ ଦେଇଥିଲେ। ଅଧ୍ୟାପକ ହୃଷୀକେଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିଗଣ।

## ସଂକ୍ଷେପରେ

### ସାମୂହିକ ନଗର ସଙ୍କୀର୍ତ୍ତନ

ରାଉରକେଲା,୨୫।୧୦(ଦିନେଶ ମିଶ୍ର): ରାଉରକେଲା ଇସ୍କନ ପକ୍ଷରୁ ବାସନ୍ତୀ ଓ ବନ୍ଧମୁଣ୍ଡା ଡି କେବିନ୍ ଅଞ୍ଚଳରେ ସାମୂହିକ ନଗର ସଙ୍କୀର୍ତ୍ତନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଉରକେଲା ଇସ୍କନର ପରିଚାଳକ ଶ୍ରୀରାମ ପ୍ରଭୁ ମହାରାଜ ଯୋଗଦେଇ ହରିନାମ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ। ଏଥିରେ ସ୍ଥାନୀୟ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ନଗର ପରିଭ୍ରମଣ କରିଥିଲେ। ପ୍ରାତଃ ସମୟରେ ଏହି ସଙ୍କୀର୍ତ୍ତନ ବାସନ୍ତୀ କଲୋନୀର ଇଏମ୍ ବ୍ଲକ, ଏଲ୍ ବ୍ଲକ, ଏଫ୍ଇ ବ୍ଲକ ଆଦି ଅଞ୍ଚଳରେ କରାଯାଇଥିବାବେଳେ ବନ୍ଧମୁଣ୍ଡା ଡି' କେବିନ୍ ଅଞ୍ଚଳରେ ସାମୂହିକ ନଗର ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହି ସଙ୍କୀର୍ତ୍ତନରେ ମଣ୍ଟୁ ଦାସ, ବୈଷ୍ଣବ ଗୋପାଳ ମହାରାଜ, ଅଚ୍ୟୁତ ନନ୍ଦ, କୈଳାସ ରାଉତ, ଦୋଳଗୋବିନ୍ଦ ସାହୁ, ଲିଲିମା ଚୌଧୁରୀ, ଗୌରାଙ୍ଗ ଦାସଙ୍କ ସମେତ ଇସ୍କନର ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ବାଟବଣା ଭିକାରିମୁକ୍ତ ଅଭିଯାନ

ରାଉରକେଲା,୨୫।୧୦(ବିପ୍ଳବ ରଞ୍ଜନ ଦାଶ)



ସେକ୍ଟର-୯ ସ୍ଥିତ ଆଶାର ଆଲୋକ କେନ୍ଦ୍ର।

ସ୍ମାର୍ଟସିଟି ରାଉରକେଲାକୁ ସମ୍ପୂର୍ଣ୍ଣ ଭିକାରିମୁକ୍ତ କରିବା ପାଇଁ ହକି ବିଶ୍ୱକପ୍ ପୂର୍ବରୁ ପଦକ୍ଷେପ ନିଆଗଲା। ଏହି କ୍ରମରେ ସେକ୍ଟର-୯ରେ ସହରର ବିଭିନ୍ନ ମଠ, ମନ୍ଦିର ସାମ୍ନାରେ ଭିକ ମାଗୁଥିବା ଭିକାରିମାନଙ୍କୁ ଥଇଥାନ କରିବା ପାଇଁ ସାମାଜିକ ସୁରକ୍ଷା ଯୋଜନା ମାଧ୍ୟମରେ ଆଶାର ଆଲୋକ ନାମକ ଏକ ଥଇଥାନ କେନ୍ଦ୍ର ମଧ୍ୟ ନିର୍ମାଣ କରାଗଲା। ଏହି କେନ୍ଦ୍ରରେ ୫୦ ଶଯ୍ୟା ରହିଥିବା ବେଳେ କେନ୍ଦ୍ର ପରିଚାଳନା ପାଇଁ ପ୍ରତି ମାସରେ ଦେଢ଼ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ତଥାପି ସହରକୁ ଭିକାରିମୁକ୍ତ କରାଯାଇପାରୁନାହିଁ।

୨୦୧୪-୧୫ରୁ ରାଉରକେଲା ସହରରେ ଭିକାରିମୁକ୍ତ ଅଭିଯାନ ଆରମ୍ଭ କରାଯାଇଥିଲା। ମାତ୍ର ଏହି ଅଭିଯାନକୁ ହକି ବିଶ୍ୱକପ୍ ପୂର୍ବରୁ ଠିକ୍ ଭାବେ କାର୍ଯ୍ୟକାରୀ କରାଗଲା। ଫଳରେ ସହର ସାରା ୫ଶହରୁ ଊର୍ଦ୍ଧ୍ୱ ଭିକାରୀ ଚିହ୍ନଟ କରି ସେମାନଙ୍କୁ ଆଶାର ଆଲୋକ କେନ୍ଦ୍ର ଓ ବିଭିନ୍ନ ଆଶ୍ରୟ କେନ୍ଦ୍ରରେ ଥଇଥାନ କରାଗଲା। ମାତ୍ର ବିଶ୍ୱକପ୍ ସରିଯିବା ପରେ ଏହି ଅଭିଯାନ ସମ୍ପୂର୍ଣ୍ଣ ବାଟବଣା ହୋଇଗଲା। ନା ଆଉ ହେଲା ଭିକାରି ଚିହ୍ନଟ ଅଭିଯାନ ନା ଏଭଳି ବୃତ୍ତି କରୁଥିବା ଲୋକମାନଙ୍କୁ ଥଇଥାନ କରାଗଲା। ଫଳରେ ଦିନକୁ ଦିନ ସହରର ବଜାର, ମନ୍ଦିର, ରେଳ ଷ୍ଟେଶନମାନଙ୍କରେ ଭିକାରି ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଅଧିକାଂଶ ଭିକାରି ଏହାକୁ ନିଜ ଜୀବିକା ଭାବେ ବାଛି ନେଇଛନ୍ତି। ଏମିତିକି ସେମାନଙ୍କ ମଧ୍ୟରେ ବିଭିନ୍ନ ଗୋଷ୍ଠୀ ହୋଇଛି। କେଉଁ ଗୋଷ୍ଠୀ କେଉଁ ଅଞ୍ଚଳରେ ଭିକ୍ଷା ମାଗିବେ ତାହା ମଧ୍ୟ ନିଜ ନିଜ ମଧ୍ୟରେ ସ୍ଥିର ହୋଇସାରିଛି। ଭିକାରିମାନଙ୍କ ଥଇଥାନ ନେଇ ଆରଏମ୍ସି ଆଶାର ଆଲୋକ କେନ୍ଦ୍ର ଉପରେ ନିର୍ଭର କରୁଛି। ୨୫ଜଣ ଭିକାରି ଉକ୍ତ କେନ୍ଦ୍ରରୁ ମୁକ୍ତ ହେବା ପରେ ପୁଣି ୨୫ଜଣ ଥଇଥାନ ହେଉଛନ୍ତି। କିଛି ଅସାଧୁ ଭିକାରି ବୃତ୍ତି ଆଳରେ ସହରରେ ଆପରାଧିକ ଘଟଣା ଘଟାଉଛନ୍ତି। ଫଳରେ ସହରରେ ଚୋରି, ତସ୍କରୀ ବୃଦ୍ଧି ପାଉଛି। ଏ ନେଇ ଆର୍ଏମ୍ସି ଜିବିକା ମିଶନ ଅଧିକାରୀ ପ୍ରିୟବ୍ରତ ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଖୁବ୍ ଶୀଘ୍ର ଆଶାର ଆଲୋକ କେନ୍ଦ୍ର ଶଯ୍ୟା ସଂଖ୍ୟା ୧୦୦କୁ ବୃଦ୍ଧି କରାଯିବ। ଏହାସହ ପୂର୍ବଭଳି ସହରରେ ବୁଲା ଭିକାରି ଚିହ୍ନଟ ପ୍ରକ୍ରିୟା ଜାରି ରହିବ। ସହରରେ ଭିକାରିମୁକ୍ତ ଅଭିଯାନର ସଫଳ ରୂପାୟନ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ରାଉରକେଲା ବିମାନ ବନ୍ଦର ଜମି ହସ୍ତାନ୍ତର ପାଇଁ ସହମତି



ରାଉରକେଲା ବିମାନ ବନ୍ଦର।

ରାଉରକେଲା,୨୫।୧୦(ବିପ୍ଳବ ରଞ୍ଜନ ଦାଶ)

ରାଜ୍ୟ ସରକାରଙ୍କୁ ରାଉରକେଲା ବିମାନ ବନ୍ଦର ଜମି ହସ୍ତାନ୍ତର କରିବା ପାଇଁ ଆର୍ଏସ୍ପି ସହମତି ପ୍ରକାଶ କରିଛି। ଫଳରେ ବିମାନ ବନ୍ଦର ପାଇଁ ଜରୁରି ଥିବା ବିମାନ ଚଳାଚଳ ବ୍ୟବସ୍ଥା ସୁଦୃଢ଼ ହେବା ଆଶା ଉଜ୍ଜୀବିତ ହୋଇଛି। ରାଜ୍ୟ ସରକାରଙ୍କୁ ଜମି ହସ୍ତାନ୍ତର ହେବା ପରେ ଭାରତ ସରକାରଙ୍କ ବିମାନ ବନ୍ଦର ପ୍ରାଧିକରଣ(ଏଏଆଇ)କୁ ତାହା ପ୍ରଦାନ କରାଯିବ। ଫଳରେ ରାଉରକେଲା ବିମାନ ବନ୍ଦର ସମ୍ପୂର୍ଣ୍ଣ ଭାବେ ବିକଶିତ ହୋଇପାରିବ।

ପ୍ରକାଶଥାଉକି, ଓଡ଼ିଶା ପ୍ରଦେଶ ଭାଜପା ଅଧ୍ୟକ୍ଷ ମନମୋହନ ସାମଲ ଗତ ସାଧାରଣ ନିର୍ବାଚନ ସମୟରେ ରାଉରକେଲା ଗସ୍ତ କରି ଆର୍ଏସ୍ପି ବିମାନ ବନ୍ଦର ଜମି ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବା ଆବଶ୍ୟକ ଏବଂ ରାଜ୍ୟ ସରକାର ମଧ୍ୟ ଜମି ହସ୍ତାନ୍ତର ପାଇଁ ଆର୍ଏସ୍ପି ପାଖରେ ଦାବି ଉଠାଇବା ଜରୁରି ବୋଲି କହିଥିଲେ। ଏହାପରେ ଉକ୍ତ ଜମି ଏଏଆଇକୁ ପ୍ରଦାନ କରିବା ସମ୍ଭବ ହେବ ବୋଲି ସେ ଦର୍ଶାଇଥିଲେ। ଅନ୍ୟପଟେ ରାଉରକେଲା ବିମାନ ବନ୍ଦର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଲାଗି ୩ସି-୪ସି ଲାଇସେନ୍ସ ଓ ରାତ୍ରିକାଳୀନ ବିମାନ ଅବତରଣ ବ୍ୟବସ୍ଥା ପାଇଁ ଆଇଏଲ୍ଏସ୍ ସିଷ୍ଟମର ଆବଶ୍ୟକତା ରହିଛି। ମାତ୍ର ଏହି ବ୍ୟବସ୍ଥା ବର୍ଷ ବର୍ଷ ଧରି ସ୍ଥାପନ ହୋଇପାରୁନି। ଏଣୁ ଏ ଦିଗରେ ମଧ୍ୟ ବିହିତ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ। ଅନ୍ୟପକ୍ଷେ ଗତ ଦୁଇଦିନ ତଳେ ଆର୍ଏମ୍ସିରେ ଏକ ସମୀକ୍ଷା ବୈଠକ ବେଳେ ସମ୍ବଲପୁର ଆର୍ଡିସି ଓ ସୁନ୍ଦରଗଡ ଜିଲାପାଳ ଆର୍ଏସ୍ପି କର୍ତ୍ତୃପକ୍ଷଙ୍କ ସହ ବିଚାରବିମର୍ଶ କରି ଜମି ହସ୍ତାନ୍ତର ପ୍ରକ୍ରିୟା ସମ୍ପାଦନ କରିବାକୁ କହିଥିଲେ। ଜମି ହସ୍ତାନ୍ତର ହେବା ପରେ ରାଉରକେଲା ବିମାନ ବନ୍ଦର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି।

# ୩ ଶ୍ରମ ସଙ୍ଗଠନର ପ୍ରାର୍ଥୀପତ୍ର ପ୍ରତ୍ୟାହାର

## ଆର୍ଏସ୍ପି ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନ

ରାଉରକେଲା,୨୫।୧୦(ସଙ୍ଗୀତା ଜେନା): ରାଉରକେଲା ଇସ୍ପାତ କାରଖାନା (ଆର୍ଏସ୍ପି)ରେ ନଭେମ୍ବର ୧୨ ତାରିଖରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ଆଞ୍ଚଳିକ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ (ଆର୍ଏଲ୍ସି)ରେ ଗତ ୨୨ ଓ ୨୩ ତାରିଖରେ ନାମାଙ୍କନପତ୍ର ଦାଖଲ କରାଯାଇଥିଲା। ୨୪ ତାରିଖରେ ଏହାର ଯାଞ୍ଚ ଶେଷ ହୋଇଥିବା ବେଳେ ଶୁକ୍ରବାର ୩ଟି ଶ୍ରମ ସଙ୍ଗଠନ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବା ଶ୍ରମ ଆୟୁକ୍ତ ରବିକାନ୍ତ ରେଡ୍ଡୀ ସୂଚନା ଦେଇଛନ୍ତି। ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବା ଶ୍ରମ ସଙ୍ଗଠନ ଗୁଡ଼ିକ ହେଲେ ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍ଏମ୍), ଷ୍ଟିଲ୍ ଏମ୍ପ୍ଲୟିଜ୍ ଆସୋସିଏଶନ ତଥା କଳିଙ୍ଗ ଇସ୍ପାତ ଶ୍ରମିକ ସଂଘ। ଆସନ୍ତା ୨୮ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ଓ ନିର୍ବାଚନୀ ଚିହ୍ନ ପ୍ରଦାନ କରାଯିବ ବୋଲି ଆୟୁକ୍ତ ରେଡ୍ଡୀ ସୂଚନା ଦେଇଛନ୍ତି।

# ଭିଜିଲାନ୍ସ ସେବା ସପ୍ତାହର କୃତୀ ପ୍ରତିଯୋଗୀ ପୁରସ୍କୃତ


କାର୍ଯ୍ୟକ୍ରମରେ ପିଲାମାନେ ସାମୂହିକ ଶପଥପାଠ କରୁଛନ୍ତି।

ରାଉରକେଲା,୨୫।୧୦(ବିପ୍ଳବ ରଞ୍ଜନ ଦାଶ)

ଭିଜିଲାନ୍ସ ସଚେତନତା ସପ୍ତାହ-୨୦୨୪ ପାଳନର ଅଂଶସ୍ୱରୂପ ଆର୍ଏସ୍ପି ଭିଜିଲାନ୍ସ ବିଭାଗ ପକ୍ଷରୁ ବାସନ୍ତୀ କଲୋନି ନିକଟସ୍ଥ ଡକ୍ଟର ଏ. ଏନ୍. ଖୋସଲା ଡିଏଭି ପବ୍ଲିକ ସ୍କୁଲରେ ଶୁକ୍ରବାର ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭିଜିଲାନ୍ସ ବିଭାଗ ସିଜିଏମ୍ ତଥା ଏସିଭିଓ ସୁବ୍ରତ ପ୍ରହରାଜ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଭିଜିଲାନ୍ସ ଜିଏମ୍ ମନୋଜ ଅଗ୍ରୱାଲ, ଡିଏଭି ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଲୋକନାଥ ପ୍ରଧାନ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ମୁଖ୍ୟ ଅତିଥି ପ୍ରହରାଜ ଛାତ୍ରୀଛାତ୍ରମାନଙ୍କୁ ଅଖଣ୍ଡତାର ସଂକଳ୍ପ ପାଠ କରାଇଥିଲେ। ଭିଜିଲାନ୍ସ ଇନ୍ସପେକ୍ଟର ଗୌତମ କୁମାର ଦାସ ସଚେତନତା ଆଧାରିତ କବିତା ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର କାର୍ଯ୍ୟକ୍ରମକୁ ସ୍କୁଲର ଶିକ୍ଷକ ଅଭୟକାନ୍ତ ଚୌଧୁରୀ ସଂଯୋଜନା କରିଥିଲେ। ସେହିପରି ସେକ୍ଟର-୨୦ ସ୍ଥିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅନୁରୂପ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଭିଜିଲାନ୍ସ ବିଭାଗ ସିଜିଏମ୍ ଓ ଏସିଭିଓ ସୁବ୍ରତ ପ୍ରହରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସହର ସେବା ବିଭାଗର ଜିଏମ୍ ଇନ୍‌ଚାର୍ଜ ଟି. ଭି. କାନେକର, ସେକ୍ଟର-୨୦ ଇସ୍ପାତ ଇଂଲିଶ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସୁଶ୍ରୀତା ଦାସ ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ସମେତ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଇସ୍ପାତ ଇଂଲିଶ ମାଧ୍ୟମ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଶ୍ରୀ ସୁପ୍ରିୟା ବରୁଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ସେକ୍ଟର-୧୪ ଦିଲ୍ଲୀ ପବ୍ଲିକ ସ୍କୁଲରେ କୁଇଜ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ଗୋଟିଏ ନାକଚ, ଆଉ ଜଣେ ପ୍ରତ୍ୟାହାର କଲେ

## ଆର୍ଏମ୍ସି ସଭ୍ୟ ନିର୍ବାଚନ

ରାଉରକେଲା,୨୫।୧୦(ସଙ୍ଗୀତା ଜେନା)

ସିଭିଲ୍‌ଟାଉନଶିପ୍ ସ୍ଥିତ ପାନପୋଷ ନିୟନ୍ତ୍ରିତ ବଜାର କମିଟି (ଆର୍ଏମ୍ସି) ସଭ୍ୟ ନିର୍ବାଚନ ଆସନ୍ତା ନଭେମ୍ବର ୧୨ ତାରିଖରେ ହେବାକୁ ଯାଉଛି। ଏଥିପାଇଁ ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ କରାଯାଇଥିଲା। ଶୁକ୍ରବାର ଯାଞ୍ଚ ସମୟରେ ଜଣେ ଚାଷୀଙ୍କ ନାମାଙ୍କନପତ୍ର ନାକଚ ହୋଇଥିବା ବେଳେ ଆଉ ଜଣେ ଚାଷୀ ନିଜ ନାମାଙ୍କନପତ୍ର ପ୍ରତ୍ୟାହାର କରି ନିର୍ବାଚନରୁ ଓହରିଯାଇଥିବା ସୂଚନା ମିଳିଛି। ମୋଟ ୨୬ ଜଣ ନାମାଙ୍କନ କରିଥିବା ବେଳେ ବର୍ତ୍ତମାନ ୧୭ ଜଣ ଚାଷୀ, ୪ ଜଣ ଟ୍ରେଡ଼ର, ଜଣେ ବିଜ୍ଞାପିତ ପରିଷଦ ସଦସ୍ୟ ଓ ୨ଜଣ ପଞ୍ଚାୟତ ସଦସ୍ୟଙ୍କ ନାମାଙ୍କନପତ୍ର କାଏମ ରହିଛି। ଏ ନେଇ ନିର୍ବାଚନ ଅଧିକାରୀ ତଥା ଆର୍ଏମ୍ସି ସଭାପତି ତଥା ପାନପୋଷ ଉପଜିଲାପାଳ ବିଜୟ ନାୟକ ସୂଚନା ଦେଇଛନ୍ତି। ପିଆଇଟିଡିଏ ହଲ୍‌ରେ ନିର୍ଦ୍ଧାରିତ ତାରିଖରେ ନିର୍ବାଚନ କରାଯିବ ବୋଲି ନିର୍ବାଚନ ଅଧିକାରୀ ନାୟକ ସୂଚନା ପ୍ରଦାନ କରିଛନ୍ତି।

# ଫିଟ୍‌ନେସ ପାର୍କ ସାଜିଛି ବ୍ୟବସାୟିକ କେନ୍ଦ୍ର



ପାର୍କ ଭିତରେ ଖୋଲାଯାଇଥିବା ଦୋକାନ।

ରାଉରକେଲା,୨୫।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମହାନଗର ନିଗମ ତରଫରୁ ସହରର ବିଭିନ୍ନ ସ୍ଥାନରେ ପିଲାଙ୍କଠାରୁ ଆରମ୍ଭ କରି ତରୁଣ ଓ ବୟସ୍କ ଲୋକଙ୍କ ପାଇଁ ଶିଶୁ ଉଦ୍ୟାନ ଓ ଫିଟ୍‌ନେସ ପାର୍କ ନିର୍ମାଣ କରାଯାଇଛି। ମାତ୍ର ଅନେକ ପାର୍କ ଲୋକଙ୍କ ହିତରେ ନ ଲାଗି ଦୋକାନ ବଜାର କେନ୍ଦ୍ର ପାଲଟିଛି। ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷ ପାର୍କରେ ଏଭଳି ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, ପ୍ରଥମେ ଏହି ପାର୍କ ଆର୍ଏସ୍ପିର ଦ୍ୱାରା ପ୍ରତିଷ୍ଠା ହେଲା। ପରେ ସ୍ମାର୍ଟସିଟି ଓ ରାଉରକେଲା ମହାନଗର ନିଗମ ଦ୍ୱାରା ଏହାର ଉନ୍ନତୀକରଣ କରାଯାଇ ଫିଟ୍‌ନେସ ପାର୍କରେ ପରିଣତ କରାଗଲା। ପରବର୍ତ୍ତୀ ସମୟରେ ଏହି ପାର୍କରେ ପ୍ରଥମେ ତିନୋଟି ଗୁମୁଟି ସ୍ଥାପନ କରାଗଲା। ଗୁମୁଟିଗୁଡ଼ିକୁ ଫୁଡ୍ ପାର୍କରେ ପରିଣତ କରାଯିବା ପରେ ଏବେ ପୁଣି ଏକ ରେଷ୍ଟୁରାଣ୍ଟ ଖୋଲିବା ପାଇଁ ରୋଷେଇ ଘର ନିର୍ମାଣ କରାଯାଉଛି। ଏଥିସହ ଜଣେ ବ୍ୟବସାୟୀ ପାର୍କ ମଧ୍ୟରେ ବ୍ୟବସାୟ ଆରମ୍ଭ କରୁଛନ୍ତି। ଏ ନେଇ ଆର୍ଏମ୍ସି କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ପାର୍କ ତଦାରଖ କରୁଥିବା ଅଧିକାରୀଙ୍କ ସହିତ ବିଚାରବିମର୍ଶ କରି ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ୨ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

ରାଉରକେଲା,୨୫।୧୦(ସଙ୍ଗୀତା ଜେନା)

ରାଉରକେଲାରେ ବଜରଙ୍ଗ ଦଳ ୨ଟି ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଶୁକ୍ରବାର ଜବତ କରିଛି। ଉକ୍ତ ଗାଡ଼ିରୁ ୧୨ଟି ଗୋରୁଙ୍କୁ ଉଦ୍ଧାର କରି ଆର୍ଏମ୍ସି ପରିଚାଳିତ କାଞ୍ଜିଆହୁଦାକୁ ହସ୍ତାନ୍ତର କରାଯାଇଛି। ଧରାପଡ଼ିଥିବା ୨ଟି ପିକ୍‌ଅପ୍ ଭ୍ୟାନକୁ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଅଟକ ରଖି ତଦନ୍ତ କରୁଛି। ଘଟଣାସ୍ଥଳରୁ ଗାଡ଼ି ଚାଳକ ଓ ହେଲପର ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ଭୋର୍ ସମୟରେ ବଜରଙ୍ଗ ଦଳର କର୍ମୀମାନେ ବ୍ରାହ୍ମଣୀତରଙ୍ଗ ଥାନା ନୂଆ ବ୍ରାହ୍ମଣୀ ବ୍ରିଜ୍ ଉପରୁ ଗୋଟିଏ ଓ ହନୁମାନ ବାଟିକା ନିକଟରୁ ଅନ୍ୟ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଧରିଥିଲେ। ଯାଞ୍ଚ ବେଳେ ଏହି ପିକ୍‌ଅପ୍ ଭ୍ୟାନ୍‌ରେ କୁତ୍ରା ଖଟକୁଦବାହାଲରୁ ବିଶ୍ରା ନୂଆଗାଁ ସ୍ଲଟର ହାଉସକୁ ଗୋରୁଙ୍କୁ ଚାଲାଣ କରାଯାଉଥିବା ଜଣାପଡ଼ିଥିଲା। ଉଦ୍ଧାର ହୋଇଥିବା ୧୨ଟି ଗୋରୁଙ୍କୁ କାଞ୍ଜିଆହୁଦାକୁ ପଠାଯାଇଛି। ଜିଲାର ସୀମାବର୍ତ୍ତୀ ଅଞ୍ଚଳରେ ଥିବା ଅବୈଧ ସ୍ଲଟର ହାଉସଗୁଡ଼ିକୁ ଗୋଚାଲାଣ ଜାରି ରହିଛି। ଏହାକୁ ବନ୍ଦ କରିବା ପାଇଁ ଦାବି ହୋଇଛି।


ଧରାପଡ଼ିଥିବା ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍।

# ପାର୍କରେ ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ଦେବ ପୋଲିସ

ରାଉରକେଲା,୨୫।୧୦(ସଙ୍ଗୀତା ଜେନା)

ଜଗଦା, କୋଏଲନଗର, ଛେଣ୍ଡ, ସିଭିଲଟାଉନଶିପ୍, ଉଦିତନଗର, ବାସନ୍ତୀ କଲୋନି ସମେତ ସହରରେ ଉଭୟ ରାଉରକେଲା ଇସ୍ପାତ କାରଖାନା (ଆର୍ଏସ୍ପି) ଏବଂ ରାଉରକେଲା ମହାନଗର ନିଗମ (ଆର୍ଏମ୍ସି)ପରିଚାଳିତ ପ୍ରାୟ ୬୯ଟି ପାର୍କ ରହିଛି। ଏହିସବୁ ପାର୍କରେ ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ ସମୟରେ ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଅସାମାଜିକ ତତ୍ତ୍ୱମାନେ ପାର୍କଗୁଡ଼ିକୁ ଆଡ୍ଡାସ୍ଥଳୀରେ ପରିଣତ କରିବା ସହ ଅନେକ ସମୟରେ ବରିଷ୍ଠ ନାଗରିକମାନଙ୍କଠାରୁ ଛିନ୍‌ତାଇ କରୁଛନ୍ତି। ପାର୍କଗୁଡ଼ିକରେ ସୁସ୍ଥ ତଥା ସୁରକ୍ଷିତ ପରିବେଶ ଯୋଗାଇ ଦେବାକୁ ରାଉରକେଲା ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇଛି।


ଏସ୍ପିଙ୍କ କାର୍ଯ୍ୟାଳୟରେ ବୈଠକ କରାଯାଇଛି।

ଏ ନେଇ ଶୁକ୍ରବାର ପୋଲିସ ମୁଖ୍ୟାଳୟରେ ପାର୍କ କମିଟି ଓ ରାଉରକେଲା ଶାନ୍ତି କମିଟିକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଉରକେଲା ଏସ୍ପି ନିତେଶ ୱାଧୱାନୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଜୋନ୍-୧ ଡିଏସ୍ପି ପୁଷ୍ପାଞ୍ଜଳି ନିନ୍‌ଗୀ, ଜୋନ୍-୨ ଡିଏସ୍ପି ନିର୍ମଳ ମହାପାତ୍ର, ରାମରାୟ ମୁର୍ମୁ, ଏସ୍‌ଡିପିଓ ଉପାସନା ପାଢ଼ୀଙ୍କ ସମେତ ସମସ୍ତ ଥାନାଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତ୍ୟେକ ପାର୍କରେ ସକାଳ ଏବଂ ସନ୍ଧ୍ୟାରେ ଖୋଲିବା ଓ ବନ୍ଦ କରିବା ସମୟକୁ କଡ଼ା ଭାବେ ପାଳନ କରାଯିବ। ପ୍ରତ୍ୟେକ ପାର୍କରେ ଜଣେ ଲେଖାଏଁ ପୋଲିସ କର୍ମୀ ସୁରକ୍ଷା ଦାୟିତ୍ୱରେ ରହିବେ। ପାର୍କଗୁଡ଼ିକରେ ଅଭିଯୋଗ କରିବା ପାଇଁ କ୍ୟୁଆର୍ କୋଡ୍ ରହିବ। ଅସାମାଜିକ ତତ୍ତ୍ୱମାନଙ୍କୁ ନିୟନ୍ତ୍ରଣ କରାଯିବା ସହ ନିଶାପାନ ଆଦି କରିବାକୁ ଏହି ସ୍ଥାନ ମାନଙ୍କରେ ବାରଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

# ଅବକାରୀ ଚଢ଼ାଉ, ୨ ଗିରଫ

ରାଉରକେଲା,୨୫।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ବାରଟୋଲି ସମେତ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ୪୦ ଲିଟର ବେଆଇନ ଦେଶୀ ମଦ ଜବତ ହୋଇଛି। ଏଥିସହ ବେଆଇନ ମଦ କାରବାର ନେଇ ଦୁଇଟି ପୃଥକ୍ ଅବକାରୀ ମାମଲା ରୁଜୁ କରାଯିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ସ୍ଥାନୀୟ ବାରଟୋଲି ଅଞ୍ଚଳର ସୁମୀ ଖେସ(୪୫) ଓ ସୋନୁ ଓରାମ(୩୨)। ଏହି ଚଢ଼ାଉରେ ରାଉରକେଲା ଅବକାରୀ ବିଭାଗ ୟୁନିଟ୍-୧ର ଓଆଇସି ଆକାଶ ସାହୁ ଓ ଟିମ୍ ସାମିଲ ହୋଇଥିଲେ।

# ଆର୍ଏସ୍ପିରେ ସଡ଼କ ସୁରକ୍ଷା ସଚେତନତା ଅଭିଯାନ

ରାଉରକେଲା,୨୫।୧୦(ବିପ୍ଳବ ରଞ୍ଜନ ଦାଶ)

ଆର୍ଏସ୍ପିର ଷ୍ଟିଲ ମେଲ୍ଟିଂ ଶପ୍-୨, ଷ୍ଟିଲ ମେଲ୍ଟିଂ ଶପ୍-୨ ପ୍ରକଳ୍ପ ଏବଂ କାଲାସାଇନିଂ ପ୍ଲାଣ୍ଟ ବିଭାଗର ପ୍ରାୟ ୨୫୦ ଅଧିକାରୀ, କର୍ମଚାରୀ ଓ ଠିକା ଶ୍ରମିକ ସଡ଼କ ସୁରକ୍ଷା ସଚେତନତା ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସେମାନେ ଏକ ସୁଦୀର୍ଘ ମାନବଶୃଙ୍ଖଳ ଗଠନ କରିଥିଲେ। ଏହି ଅଭିଯାନରେ ଏସ୍ଏମ୍ଏସ୍-୨ ବିଭାଗର ସିଜିଏମ ଟି. ପି. ଶିବଶଙ୍କର, ସିପି-୨ ବିଭାଗର ଜିଏମ୍ ଇନ୍‌ଚାର୍ଜ ଡି. ମହାନ୍ତି, ସୁରକ୍ଷା ବିଭାଗ ଜିଏମ୍ ପି. ଏସ୍. ଥାକ୍ରେ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି ଅଭିଯାନରେ ନିରାପଦ ଗାଡ଼ି ଚାଳନା ସହ ନିର୍ଦ୍ଧାରିତ ଗତି ସୀମା, ରେଡ୍ ଲାଇଟ ଉଲ୍ଲଂଘନ ନ କରିବା ଓ ହେଲମେଟ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ସଚେତନତା ବାର୍ତ୍ତା, ସ୍ଲୋଗାନ ସହିତ ପ୍ଲାକାର୍ଡ ଏବଂ ବ୍ୟାନର ପ୍ରଦର୍ଶିତ ହୋଇଥିଲା। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ଥିଲା ସୁରକ୍ଷା ଅଭ୍ୟାସକୁ ମଜବୁତ କରିବା ଏବଂ ସଙ୍ଗଠନ ମଧ୍ୟରେ ଏକ ଦୃଢ଼ ସୁରକ୍ଷା ସଂସ୍କୃତି ପ୍ରତିପାଦନ କରିବା। କାରଖାନା ପରିସରରେ ସୁରକ୍ଷା ସଂସ୍କୃତିର ପ୍ରସାର ଓ ସଡ଼କ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ ସହିତ ସମସ୍ତଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟ ଥିଲା। ସମ୍ପୃକ୍ତ ବିଭାଗ ସୁରକ୍ଷା ଅଧିକାରୀ ଓ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଦ୍ୱାରା ମିଳିତ ଭାବେ ଏହି ଅଭିଯାନକୁ ପରିଚାଳନା କରାଯାଇଥିଲା।


ସଡକ ସୁରକ୍ଷା ଅଭିଯାନରେ ଆରଏସ୍ପି ଅଧିକାରୀ, କର୍ମଚାରୀ ଓ ଠିକା ଶ୍ରମିକ ସାମିଲ ହୋଇଛନ୍ତି।

# ଷ୍ଟିଲ୍‌ସିଟିରେ କୋହଲା ପାଗ, ଝିପିଝିପି ବର୍ଷା

ରାଉରକେଲା,୨୫।୧୦(ଦିନେଶ ମିଶ୍ର)

ବାତ୍ୟା ଦାନା ଯୋଗୁ ରାଉରକେଲା ସହରରେ ପାଗ କୋହଲା ରହିବା ସହ ଥଣ୍ଡା ପବନ ଓ ଝିପିଝିପି ବର୍ଷା ହୋଇଛି। ଏଥିଯୋଗୁ ସହରରେ ଅଧିକ ଥଣ୍ଡା ଅନୁଭୂତି ହେବା ସହ ରାସ୍ତାଘାଟ ପାଣି କାଦୁଅ ହୋଇଛି। ସେହିପରି ବାତ୍ୟା ପ୍ରଭାବରେ ରାଉରକେଲାକୁ ବସ୍ ଚଳାଚଳ ବ୍ୟାହତ ହୋଇଥିଲା। ରାଉରକେଲାରୁ ପ୍ରତିଦିନ ଭୁବନେଶ୍ୱରକୁ ଯାତ୍ରା କରୁଥିବା ଇଣ୍ଟରସିଟି, ଭୁବନେଶ୍ୱର-ପୁରୀ ପାସେଞ୍ଜର ଟ୍ରେନକୁ ବାତିଲ କରାଯାଇଥିଲା। କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ଯୋଗୁ ସହରର ରାସ୍ତାଘାଟ ଗୁଡ଼ିକ ଖାଁ ଖାଁ ହୋଇପଡ଼ିଥିଲା। ଡେଲିମାର୍କେଟ୍ ପରିବା ଗଦି, ପାନପୋଷ ମାର୍କେଟ ଓ ଟ୍ରାଫିକ୍ ଗେଟ୍ ଆଦି ଅଞ୍ଚଳରେ ଥିବା ହାଟ ବଜାର ଶୂନ୍‌ଶାନ ଥିଲା। ସେହିପରି ସହର ତଳି ଅଞ୍ଚଳ ପ୍ରଧାନପାଲୀ, ପାନପୋଷ ଫାଦର କଲୋନୀ, ଡିଏଭି ବସ୍ତି ଅଞ୍ଚଳରେ ଚାଷଜମିରେ ବର୍ଷାପାଣି ଜମି ରହିଥିଲା। ଏଥିସହ ରାଉରକେଲା ସହରର ବିଭିନ୍ନ ବସ୍ତି ଓ ତଳି ଅଞ୍ଚଳରେ ପାଣି ଜମି ରହିବା ସହ ପଲିଥିନ ଛପର ଉଡିଯାଇଥିଲା।


ରାଉରକେଲାର ଏକ ବସ୍ତି ରାସ୍ତାରେ ପାଣି ଚାଲୁଛି।

## ବାତ୍ୟା ପ୍ରଭାବ

ପବନ ଯୋଗୁ କଳ୍ପତରୁ ଆଶ୍ରମ ରାସ୍ତାରେ ଗଛ ଡାଳ ଭାଙ୍ଗି ପଡିଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟା ସମୟରେ ସହରରେ ବର୍ଷା ପ୍ରଭାବ କମିବାରୁ ରାସ୍ତାଘାଟରେ ଗାଡି ଚଳାଚଳ ହୋଇଥିଲା। ତେବେ ସନ୍ଧ୍ୟାରେ ପୁରୀ-ହାଟିଆ ତପସ୍ୱିନୀ ଏକ୍ସପ୍ରେସ୍ ଓ ରାଉରକେଲା-ଗୁଣପୁର ଟ୍ରେନ ରାଉରକେଲା ରେଳ ଷ୍ଟେଶନରୁ ଶୁକ୍ରବାର ଚଳାଚଳ କରିଥିବା ଷ୍ଟେଶନ ମାଷ୍ଟର ପ୍ରଭାସ ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେହିପରି କିଛି ବସ୍ ଚଳାଚଳ ମଧ୍ୟ ରାଉରକେଲାରୁ ବିଭିନ୍ନ ଅଞ୍ଚଳକୁ କରାଯାଇଥିଲା। ବାତ୍ୟା ପ୍ରଭାବ ଯୋଗୁ ସହରରେ ଗୁଳୁଗୁଳିରୁ ଲୋକେ ସାମାନ୍ୟ ଆଶ୍ୱସ୍ତି ପାଇଥିବାବେଳେ ଆଗକୁ ଶୀତ ଅନୁଭୂତ ହେବ ବୋଲି ଆରଏସ୍ପି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଲକ୍ଷାଧିକ ଟଙ୍କାର ବାଣ ଜବତ

ସମ୍ବଲପୁର,୨୫।୧୦(ପ୍ରମୋଦ ବହିଦାର)

ଆଗକୁ ଦୀପାବଳି ଉତ୍ସବ ପାଇଁ ବର୍ତ୍ତମାନ ସହରର ବିଭିନ୍ନ ସ୍ଥାନରେ ଜୋର୍‌ସୋରରେ ବାଣ ବିକ୍ରୟ ହେଉଛି। ଏହାରି ମଧ୍ୟରେ କେତେକ ଅସାଧୁ ବ୍ୟବସାୟୀ ବିନା ଲାଇସେନ୍ସରେ ଲୁକ୍କାୟିତ ଭାବେ ବିକ୍ରୟରେ ଲିପ୍ତ ରହୁଛନ୍ତି। ଏଭଳି ଦୁଇଜଣ ବ୍ୟବସାୟୀଙ୍କ ଘରେ ଚଢ଼ାଉ କରି ବ୍ୟାପକ ପରିମାଣର ବାଣକୁ ପୋଲିସ ଜବତ କରିଛି। ଜବତ ବାଣର ଆନିମାନିକ ମୂଲ୍ୟ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଘରେ ରଖି ବେଆଇନ ବାଣ ବିକ୍ରୟରେ ଲିପ୍ତ ଦୁଇ ବ୍ୟବସାୟୀଙ୍କୁ ଥାନାକୁ ଆଣି ନୋଟିସ ଦେଇ ଛାଡ଼ିଛି ପୋଲିସ।

ସମ୍ବଲପୁର କ୍ଷେତରାଜପୁର ଥାନା ଅନ୍ତର୍ଗତ ମୁଙ୍ଗାପଡ଼ାର ବିନୁ ଯୋଗୀ ନାମକ ଜଣେ ବ୍ୟବସାୟୀ ବିନା ଲାଇସେନ୍ସରେ ନିଜ ଘରେ ବେଆଇନ ଭାବେ ଗଚ୍ଛିତ ରଖି ବାଣ ବିକ୍ରୟ କରୁଥିବା ସମ୍ପର୍କରେ ପୋଲିସକୁ ଖବର ମିଳିଥିଲା। ଖବର ପାଇ କ୍ଷେତରାଜପୁର ଥାନା ପୋଲିସ ସଦଳବଳେ ଶୁକ୍ରବାର ବିନୁ ଯୋଗୀଙ୍କ ଘରେ ଚଢ଼ଉ କରି ବେଆଇନ ଭାବେ ଗଚ୍ଛିତ ବିଭିନ୍ନ କିସମର ପ୍ରାୟ ୧ ଲକ୍ଷ ୨୦ ହଜାର ଟଙ୍କାର ବାଣକୁ ଜବତ କରିଥିଲା। ସେହିପରି ବରେଇପାଲି ଥାନା ଅନ୍ତର୍ଗତ ଡେଙ୍ଗସର୍ଗିର ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଘରେ ଚଢ଼ାଉ କରି ବରେଇପାଲି ପୋଲିସ ମଧ୍ୟ ପ୍ରାୟ ୧ ଲକ୍ଷ ୩୦ ହଜାର ଟଙ୍କା ମୂଲ୍ୟର ବେଆଇନ ଭାବେ ଗଛିତ ବାଣକୁ ଜବତ କରିଛି। ଉଭୟେ ନିଜ ନିଜ ଘରେ ବାଣକୁ ବେଆଇନ ଭାବେ ବାଣ କେବଳ ଗଚ୍ଛିତ ରଖି ନ ଥିଲେ ବରଂ ବିନା ଲାଇସେନ୍ସରେ ବିକ୍ରୟ ମଧ୍ୟ କରୁଥିଲେ ବୋଲି ପୋଲିସ କହିଛି। ଉଭୟଙ୍କୁ ଥାନାକୁ ଆଣି ପଚରା ଉଚରା ପରେ ନୋଟିସ ଦେଇ ଛାଡ଼ି ଦିଆଯାଇଛି। ତେବେ ଏହାକୁ ନେଇ ଭାରତୀୟ ନ୍ୟାୟ ସଂହିତା ଧାରା ୨୮୮ରେ କ୍ଷେତରାଜପୁର ଓ ବରେଇପାଲି ଥାନାରେ ଦୁଇଟି ପୃଥକମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରୁଛି ଉଭୟ ଥାନା ପୋଲିସ।



ପୋଲିସ ଦ୍ୱାରା ଜବତ ଦୁଇ ଜଣ ବ୍ୟବସାୟୀଙ୍କ ଘରେ ବେଆଇନ ଗଚ୍ଛିତ ବାଣ।

**ବେଆଇନ ବାଣ ବିକ୍ରୟରେ ଲିପ୍ତ ଦୁଇ ବ୍ୟବସାୟୀଙ୍କୁ ନୋଟିସ ଦେଇ ଛାଡ଼ିଲା ପୋଲିସ**

# ଡ୍ରେନ ଜବରଦଖଲକାରୀଙ୍କୁ ୫ ହଜାର ଫାଇନ



ବୁଢ଼ାରଜାରେ ଡ୍ରେନକୁ ପୋତି ରଖାଯାଇଥିବା ନିର୍ମାଣ ସାମଗ୍ରୀ ହଟାଯାଉଛି।

ସମ୍ବଲପୁର,୨୫।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମ ଜାରି ରହିଛି। ଶୁକ୍ରବାର ବୁଢାରଜାର ନିର୍ମାଣାଧୀନ ଏକ ଅଳଙ୍କାର ଦୋକାନ ଆଗରେ ଡ୍ରେନକୁ ଅବରୋଧ କରି ନିର୍ମାଣ କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏହାପରେ ମହାନଗର ନିଗମର ପ୍ରବର୍ତ୍ତନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଘର ମାଲିକଙ୍କୁ ୫ ହଜାର ଟଙ୍କା ଫାଇନ କରିବା ସହ ଜେସିବି ସାହାଯ୍ୟରେ ଡ୍ରେନରୁ ଜବରଦଖଲ ଉଚ୍ଛେଦ କରିଥିଲା। ମହାନଗର ଅଞ୍ଚଳରେ ଘର ନିର୍ମାଣ ପାଇଁ ରାସ୍ତା ଉପରେ ନିର୍ମାଣ ସାମଗ୍ରୀ ନ ରଖିବାକୁ ମହାନଗର ନିଗମ ପକ୍ଷରୁ ତାଗିଦ କରାଯାଇଛି। ଅଭିଯୋଗ ହେଲେ ଘର ମାଲିକ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରବର୍ତ୍ତନ ଅଧିକାରୀ ସୂଚନା ଦେଇଛନ୍ତି। ଏହା ସହ ଜେଲଛକ ନିକଟରେ ଥିବା ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ଭିତରେ ରହିଥିବା ଜବରଦଖଲ ଉଚ୍ଛେଦ ପାଇଁ ଶୁକ୍ରବାର ପ୍ରବର୍ତ୍ତନ ବିଭାଗ ପକ୍ଷରୁ ଜବରଦଖଲକାରୀଙ୍କୁ ନୋଟିସ ପ୍ରଦାନ କରାଯାଇଛି। ଆସନ୍ତା ୨୮ ତାରିଖ ମଧ୍ୟରେ ଘର ଖାଲି କରିବାକୁ କୁହାଯାଇଥିବା ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ଏମ୍‌ସିଏଲ୍‌ରେ ସତର୍କତା ସଚେତନତା ସପ୍ତାହ

ସମ୍ବଲପୁର, ୨୫।୧୦(ବି.ଶଙ୍କର)

ବୁର୍ଲାସ୍ଥିତ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ସତର୍କତା ସଚେତନତା ସପ୍ତାହ ସମ୍ବଲପୁର ଜିଲା କର୍ଡୋଲା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ସିଏଲ୍ ଦୁର୍ନୀତି ନିବାରଣ ବିଭାଗ ମହାପ୍ରବନ୍ଧକ ମଦନମୋହନ ସରେଓ୍ୱାରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଖନନ ବିଭାଗ ମହାପ୍ରବନ୍ଧକ ଭିଏସ୍ ତମିୟା, ବୈଦ୍ୟୁତିକ ଓ ଯାନ୍ତ୍ରିକ ବିଭାଗ ମୁଖ୍ୟ ପ୍ରବନ୍ଧକ ଦୁଃଶାସନ ସେଠୀ, ସ୍ଥାନୀୟ ସରପଞ୍ଚ ଗୋରେଖ ରାଉତ, କର୍ଡୋଲା ସ୍କୁଲ ଶିକ୍ଷକ ଯାଦବ ନାୟକ ସମ୍ମାନିତ ଅତିଥି ଥିଲେ। ସମ୍ପ୍ରତି ସାରା ଦେଶରେ ଦୁର୍ନୀତି ବଢ଼ି ଚାଲିଛି। ଏହାକୁ ରୋକିବା ଜରୁରୀ ଅଟେ। ଦୁର୍ନୀତୀ ରୋକିବା ସକାଶେ ସଚେତନତା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ ଦେଇଥିଲେ। ଏହି ଅବସରରେ ଦୁର୍ନୀତି କରିବା ନାହିଁ, କି ଦୁର୍ନୀତି କରେଇ ଦେବା ନାହିଁ ବୋଲି ଏକ ଶପଥପାଠ ଅନୁଷ୍ଠିତ ହୋଇଥିଲା। ଏହି ଶପଥ ପାଠରେ ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ଉପସ୍ଥିତ ଏସ୍‌ଏଚ୍‌ଜି ମହିଳା, ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଗ୍ରାମବାସୀ ଯୋଗଦେଇ ଶପଥ କରିଥିଲେ। ଏହି ଅବସରରେ ସମ୍ବଲପୁର ସ୍ଥିତ ଅଦୃଶ୍ୟନାଟ୍ୟ ଆଶ୍ରମ କଳାକାରମାନେ ଦୁର୍ନୀତି ନିବାରଣ ସଚେତନତା ଉଦ୍ଦେଶ୍ୟରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ଏସ୍‌ଏଚ୍‌ଜି, ମାତୃଶକ୍ତି, ସ୍କୁଲ ଛାତ୍ରୀଛାତ୍ର ଏବଂ ଜନସାଧାରଣ ଯୋଗ ଦେଇଥିଲେ। ଶେଷରେ ଆଥେଲେଟିକ ଆସୋସିଏଶନ ସଭାପତି ସୁଧାଂଶୁ ଶେଖର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଅପରପକ୍ଷେ ଏମ୍‌ସିଏଲ୍ ମୁଖ୍ୟ ସତର୍କତା ଅଧିକାରୀ ପିକେ ପଟେଲଙ୍କ ଅଧ୍ୟକ୍ଷତାରେ ବିଡରର୍ସ ମିଟ ହୋଇଥିଲା।

# ଶିକ୍ଷା ବିଭାଗ ପକ୍ଷରୁ ଜିରୋ ଡ୍ରପ୍ ଆଉଟ୍ ଅଭିଯାନ



ଜିରୋ ଡ୍ରପ ଆଉଟ ଅଭିଯାନରେ ଅଧିକାରୀ ଓ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସାମିଲ ହୋଇଛନ୍ତି।

ସମ୍ବଲପୁର,୨୫।୧୦(ବି.ଶଙ୍କର)

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଜିରୋ ଡ୍ରପ ଆଉଟ ଅଭିଯାନ ଆରମ୍ଭ ହୋଇଛି। ଧନକଉଡା ବ୍ଲକର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ସେବାଶ୍ରୀ ଭୋଇ ବିଭିନ୍ନ ଅଞ୍ଚଳକୁ ଗସ୍ତ କରି ଡ୍ରପ ଆଉଟ ଛାତ୍ରୀଛାତ୍ରଙ୍କ ସମେତ ତାଙ୍କ ମାତାପିତାଙ୍କ ସହିତ ଆଲୋଚନା କରିଛନ୍ତି। ପ୍ରଥମେ ପ୍ରତ୍ୟେକ କ୍ଲଷ୍ଟରର ବିଦ୍ୟାଳୟରେ କେତେଜଣ ଛାତ୍ରୀଛାତ୍ର ବିଦ୍ୟାଳୟକୁ ପଢି ଆସୁନାହାନ୍ତି, ସେମାନଙ୍କୁ ଚିହ୍ନଟ କରାଯାଇଥିଲା। ଏହାପରେ ନିଜେ ବିଇଓ ଭୋଇ ପିଲାମାନଙ୍କ ଘରକୁ ଯାଇଥିଲେ। ବିଦ୍ୟାଳୟକୁ ପିଲାମାନେ କିପରି ଭାବେ ପାଠ ପଢ଼ିବାକୁ ଆସବେ, ସେନେଇ ପ୍ରବର୍ତ୍ତାଇ ଥିଲେ। ଗୁରୁବାର ଆଶାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଏବଂ ଦୀର୍ଘ ଦିନ ଧରି ବିଦ୍ୟାଳୟକୁ ପଢି ଆସୁ ନ ଥିବା ଅଷ୍ଟମ ଶ୍ରେଣୀର ନଇନା ମହାନନ୍ଦ, ଆରତୀ ତାଣ୍ଡି, ସପ୍ତମ ଶ୍ରେଣୀର ଗଣେଶ ମୁଣ୍ଡା, ପଞ୍ଚମ ଶ୍ରେଣୀର ପ୍ରତିମା ପ୍ରଧାନ, ଦେବ ବାଗ, ଚତୁର୍ଥ ଶ୍ରେଣୀର ରାଜ ବାଗ, ତୃତୀୟ ଶ୍ରେଣୀର ରାଜ ପ୍ରଧାନ, ପ୍ରଥମ ଶ୍ରେଣୀର ଅଭ୍ୟନ୍ତା ପୁହାଣଙ୍କ ଘରକୁ ଯାଇ ତାଙ୍କ ପିତାମାତାଙ୍କୁ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଦେଶିନୀ ରାଏ, ରୋଜି ତ୍ରିପାଠୀ ଓ ସିଆରସିସି ବିରେଶ୍ୱର କର ସହାୟତା କରିଥିଲେ। ଯେଉଁ ପିଲାମାନେ ପାଠ ପଢ଼ିବାକୁ ଆସୁ ନାହାନ୍ତି, ସେମାନଙ୍କ ଘରକୁ ଯାଇ ତାଙ୍କ ପିତାମାତାଙ୍କୁ ଅନୁରୋଧ କରିବା ପାଇଁ ବିଇଓ ଭୋଇ ସମସ୍ତ ସିଆରସିସିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଦିନରେ ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ବିଇଓ ଭୋଇ ସମସ୍ତ ମାତାପିତା, ସିଆରସିସି, ପ୍ରଧାନ ଶିକ୍ଷକ ଓ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କର ସହାୟତା କାମନା କରିଛନ୍ତି। ସୂଚନାଯୋଗ୍ୟ ଯେ, ସମ୍ବଲପୁର ଜିଲା ଧନକଉଡା ବ୍ଲକରେ ଡ୍ରପ ଆଉଟ ପିଲାଙ୍କ ସଂଖ୍ୟା କମାଇବା ପାଇଁ ଅଭିଯାନ ଜିରୋ ଡ୍ରପ ଆଉଟ ଧନକଉଡ଼ା ଶିକ୍ଷା ବ୍ଲକ ଆରମ୍ଭ କରିଛନ୍ତି।

# ନିର୍ମାଣ ଶ୍ରମିକମାନଙ୍କ ମୃତ୍ୟୁ ସହାୟତା ରାଶି ବୃଦ୍ଧିକୁ ସ୍ୱାଗତ

ସମ୍ବଲପୁର,୨୫।୧୦(ବି.ଶଙ୍କର)

ଓଡ଼ିଶା ସରକାର ନିର୍ମାଣ ଶ୍ରମିକମାନଙ୍କ ଉଦ୍ଦେଶ୍ୟରେ ସାଧାରଣ ମୃତ୍ୟୁ ସହାୟତା ରାଶି ଦୁଇ ଲକ୍ଷରୁ ବୃଦ୍ଧି କରି ତିନି ଲକ୍ଷ କରିଛନ୍ତି। ଏଥିସହ ଦୁର୍ଘଟଣା ଜନିତ ସହାୟତା ରାଶି ଚାରି ଲକ୍ଷରୁ ଛଅ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ଅଟେ ବୋଲି ଓଡ଼ିଶା ନିର୍ମାଣ ମଜଦୁର ସଭାର ରାଜ୍ୟ ଉପସଭାପତି ଗୋକୁଳ ମେହେର ଶୁକ୍ରବାର ଏକ ପ୍ରେସବାର୍ତ୍ତାରେ ସୂଚିତ କରିଛନ୍ତି। ଶ୍ରମିକ ନେତା ମେହେର କହିଛନ୍ତି ଯେ, ନିର୍ମାଣ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସୁରକ୍ଷା ସାମଗ୍ରୀ, ଟୁଲକିଟ୍ ଓ ସାଇକେଲ ଦେବାର ପ୍ରାବଧାନ ଥିବା ସତ୍ତ୍ୱେ ତାହା ଦୀର୍ଘ ଦିନ ହେବ ବନ୍ଦ ଅଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଆବଶ୍ୟକତା ରହିଛି। ନିର୍ମାଣ ଶ୍ରମିକମାନେ ବର୍ଷବର୍ଷ ଧରି ମୃତ୍ୟୁ ସହାୟତା ରାଶି ପାଇବା ପାଇଁ ଆବେଦନ କରିଥିଲେ ମଧ୍ୟ ଅପେକ୍ଷା କରିବାକୁ ପଡୁଛୁ। ଏହାର ବିଳମ୍ବ ଅନୁଭବ କରି ରାଜ୍ୟ ସରକାର ନୂତନ ଭାବେ ଜଣେ ଜିଲା ଶ୍ରମ ଅଧିକାରୀ ନିଯୁକ୍ତି କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଅନେକ ନିର୍ମାଣ ଶ୍ରମିକଙ୍କ ରିନ୍ୟୁଏଲ ଓ ନୂତନ ନିର୍ମାଣ ଶ୍ରମିକ ପରିଚୟପତ୍ର ପାଇଁ ଆବେଦନ କରିଛନ୍ତି। କିନ୍ତୁ ଦୀର୍ଘ ବର୍ଷ ହେବ ତାହା ମଧ୍ୟ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏଥିପାଇଁ ରାଜ୍ୟ ସରକାର ଓ ଶ୍ରମ ବିଭାଗ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

# ବିରଳବର୍ଗର ରକ୍ତଦାନ କରି ଗର୍ଭବତୀଙ୍କ ଜୀବନ ବଞ୍ଚାଇଲେ ଯୁବକ



ସମ୍ବଲପୁର ରକ୍ତ ଭଣ୍ଡାରରେ ରକ୍ତଦାନ କରୁଛନ୍ତି ବିରଳ ବର୍ଗର ରକ୍ତଦାତା।

ସମ୍ବଲପୁର,୨୫।୧୦(ପ୍ରମୋଦ ବହିଦାର)

ବର୍ତ୍ତମାନ ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟ ଓ ବୁର୍ଲା ଭିମ୍‌ସାରରେ ରକ୍ତର ଉତ୍କଟ ଅଭାବ ରହିଛି। ଏଭଳି ପରିସ୍ଥିତିରେ ଜଣେ ଗର୍ଭବତୀଙ୍କୁ ଏକ ବିରଳ ବର୍ଗର ରକ୍ତଦାନ କରି ତାଙ୍କର ଜୀବନ ବଞ୍ଚାଇବାରେ ସହାୟକ ହୋଇ ବିଭିନ୍ନ ମହଲରୁ ପ୍ରଶଂସା ସାଉଟିଛନ୍ତି ସମ୍ବଲପୁର ରକ୍ତଦାତା କହ୍ନେୟାଲାଲ ସୋନି। ବରଗଡ଼ ଅଞ୍ଚଳରୁ ଚିକିତ୍ସା ପାଇଁ ଭିମସାରରେ ଭର୍ତ୍ତି ହୋଇଥିବା ଜଣେ ଗର୍ଭବତୀଙ୍କ ଅସ୍ତ୍ରୋପଚାର ପାଇଁ ବିରଳ ବର୍ଗର (ଏବି ନେଗେଟିଭ) ରକ୍ତର ଆବଶ୍ୟକ ହୋଇଥିଲା। ବୁର୍ଲା ଭିମ୍‌ସାର ରକ୍ତ ଭଣ୍ଡାରରେ ଏହି ବିରଳ ବର୍ଗର ରକ୍ତ ନ ଥିବାରୁ କହିଳାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିଲା। ଉକ୍ତ ବିରଳ ରକ୍ତ ନ ମିଳିବାରୁ ତାଙ୍କୁ ଅସ୍ତ୍ରୋପଚାର କକ୍ଷରୁ ଫେରାଇ ଦିଆଯାଇଥିଲା। ଏସମ୍ପର୍କରେ ନିଷ୍ଠା ପରିବାରର ଅଶ୍ୱିନୀ ତ୍ରିପାଠୀ ଖବରପାଇ ସମ୍ବଲପୁର ଅଗ୍ରଣୀ ସାମାଜିକ ସଙ୍ଗଠନ ସମ୍ବଲ ପରିବାରର ରାମଦାସ ପଣ୍ଡାଙ୍କୁ ଜଣାଇଥିଲେ। ରାମଦାସ ପଣ୍ଡା ତୁରନ୍ତ ଏବି ନେଗେଟିଭ୍ ରକ୍ତଧାରୀ ରକ୍ତଦାତା କହ୍ନେୟାଲାଲ ସୋନିଙ୍କୁ ସାଙ୍ଗରେ ନେଇ ସମ୍ବଲପୁର ରକ୍ତ ଭଣ୍ଡାର ପହଞ୍ଚିଥିଲେ। ଏଠାରେ ରକ୍ତ ଭଣ୍ଡାରରେ କହ୍ନେୟାଙ୍କ ଠାରୁ ଗୋଟିଏ ୟୁନିଟ୍ ଉକ୍ତ ବିରଳ ବର୍ଗର ରକ୍ତ ସଂଗ୍ରହ କରାଯାଇଥିଲା। ଗର୍ଭବତୀଙ୍କ ପରିବାର ଲୋକ ସମ୍ବଲପୁର ଆସି ସଂଗୃହିତ ରକ୍ତକୁ ନେଇ ବୁର୍ଲା ଭିମ୍‌ସାରରେ ପହଞ୍ଚିଲା ପରେ ମହିଳାଙ୍କ ଅସ୍ତ୍ରୋପଚାର ହୋଇଥିଲା। ଅସ୍ତ୍ରୋପଚାର ପରେ ଉକ୍ତ ମହିଳା ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ବର୍ତ୍ତମାନ ଉଭୟ ମା' ଓ ଶିଶୁ ସୁସ୍ଥ ଥିବା କୁହାଯାଇଛି। ତେବେ ଦେବଦୁତ ଭାବେ ରକ୍ତଦାନ କରି ଗର୍ଭବତୀଙ୍କ ଜୀବନ ବଞ୍ଚାଇଥିବାରୁ ପରିବାର ଲୋକେ ରକ୍ତଦାତା କହ୍ନେୟାଲାଲ ସୋନି, ବିରଳ ବର୍ଗର ରକ୍ତ ସଂଗ୍ରହରେ ସହାୟତା କରିଥିବା ଅଶ୍ୱିନୀ ତ୍ରିପାଠୀ ଓ ରାମଦାସ ପଣ୍ଡାଙ୍କୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଥିଲେ। ସୂଚନାଯୋଗ୍ୟ ଯେ, କହ୍ନେୟାଲାଲ ସୋନିଙ୍କ ଭାଇ ଜୟପ୍ରକାଶ ସୋନି ମଧ୍ୟ ଜଣେ ଏବି ନେଗେଟିଭ୍ ରକ୍ତଦାତା। ସେ ଗତ ବୁଧବାର ରକ୍ତଦାନ କରି ଏଭଳି ଜଣେ ଅସହାୟ ରୋଗୀଙ୍କ ଅମୂଲ୍ୟ ଜୀବନ ବଞ୍ଚାଇବାରେ ସହାୟକ ହୋଇଥିଲେ।

# ବୁର୍ଲା ସରକାରୀ ହାଇସ୍କୁଲ, ବିକାଶ କନସେପ୍ଟ ସ୍କୁଲ ବିଜୟୀ

ସମ୍ବଲପୁର,୨୫।୧୦(ବି.ଶଙ୍କର)

**ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ସମ୍ବଲପୁର ଜିଲା ବର୍ଷିଆନ କ୍ରୀଡା ସଂଘ ଆୟୋଜିତ ୨୫ତମ ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ମ୍ୟାଚରେ ବୁର୍ଲା ସରକାରୀ ହାଇସ୍କୁଲ ଏବଂ ବିକାଶ କନସେପ୍ଟ ସ୍କୁଲ ଦଳ ବିଜୟୀ ହୋଇ ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ କାଇଁଶିର ଖେଳ ପଡିଆଠାରେ ପ୍ରଥମ ମ୍ୟାଚ ବୁର୍ଲା ସରକାରୀ ହାଇସ୍କୁଲ ବନାମ କାଇଁଶିର ହାଇସ୍କୁଲ ମଧ୍ୟରେ ଏକତରଫା ହୋଇଥିଲା। ଏଥିରେ ବୁର୍ଲା ସରକାରୀ ହାଇସ୍କୁଲ ୩-୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚଟି ବିକାଶ କନସେପ୍ଟ ସ୍କୁଲ ବନାମ ଧନକଉଡା ସରକାରୀ ହାଇସ୍କୁଲ ମଧ୍ୟରେ ହୋଇଥିଲା। ଏଥିରେ ବିକାଶ କନସେପ୍ଟ ସ୍କୁଲ ୪-୧ ଗୋଲରେ ବିଜୟୀ ଥିଲା। ମ୍ୟାଚକୁ ରେଫରୀ ଶାନ୍ତା ରଣବିଡା, ମନୋଜ ଭୋଇ, ଜଲେନ୍ଦ୍ର ଓରାମ, ଗଜେନ୍ଦ୍ର ଓରାମ, ମଥୁରା ଓରାମ ପରିଚାଳନା କରିଥିଲେ। ସମ୍ବଲପୁର ଜିଲା ବର୍ଷିଆନ କ୍ରୀଡା ସଂଘର ସାଧାରଣ ସମ୍ପାଦକ ସଦାଶିବ ପୁରୋହିତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସଂଘ ସଭାପତି ଗୋକୁଲ ଚନ୍ଦ୍ର ଦର୍ଜି ଅତିଥି ସ୍ୱାଗତ କରିଥିଲେ। ରାମଚନ୍ଦ୍ର କର ଓ ସୋମେନ ଘୋଷ ଏବଂ ଅଶ୍ୱିନୀ ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ କୃତୀ ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

ସମ୍ବଲପୁର,୨୫।୧୦(ବି.ଶଙ୍କର)



ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାର କୃତୀ ଖେଳାଳିମାନେ ଅତିଥିଙ୍କ ସହ।

ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଗୁରୁବାର ରାତିରେ ବୁର୍ଲାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଆସୋସିଏସନ ଅଫ ଇଣ୍ଡିଆନ ୟୁନିଭର୍ସିଟି ଆନୁକୂଲ୍ୟରେ ତିନିଦିନ ବ୍ୟାପି ପ୍ରତିଯୋଗିତା ହୋଇଥିଲା। ପୂର୍ବାଞ୍ଚଳସ୍ତରୀୟ ପ୍ରତିଯୋଗିତାରେ ଭୁବନେଶ୍ୱରସ୍ଥିତ କିଟ୍ସ ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି ପଶ୍ଚିମବଙ୍ଗର ଅଡ଼ମସ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ, ୟୁନିଭର୍ସିଟି ଅଫ୍ କୋଲକାତା ତୃତୀୟ ଓ ଉତ୍ତର ପ୍ରଦେଶର ଭି.ବି.ଏସ. ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନରେ ରହିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ପୋର୍ଟସ କାଉନସିଲର ସଚିବ ପ୍ରଫେସର ଦେବେନ୍ଦ୍ର ମହାଲିକଙ୍କର ସଂଯୋଜନାରେ ଉଦ୍‌ଯାପନୀ ଉତ୍ସବ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। କୁଳସଚିବ ଡ.ନୃପରାଜ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶ୍ରେଷ୍ଠ ବିବେଚିତ ହୋଇଥିବା ୪ଟି ବିଶ୍ୱବିଶ୍ୱବିଦ୍ୟାଳୟର ଖେଳାଳିମାନଙ୍କୁ ସମ୍ମାନିତ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର କ୍ରୀଡାଧିକାରୀ ଡ.ଅବିନାଶ କରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଓଡ଼ିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ଆସୋସିଏଶନର ମ୍ୟାଚ ରେଫରୀ ଅସିତ ପଟ୍ଟନାୟକ, ଅମ୍ପାୟାର ଟିକେଶ୍ୱର ସାହୁ, ପ୍ରମିତ ମହାନ୍ତି, ବବୁଲୁ ସାହୁ, ସୂର୍ଯ୍ୟ ପାଣିଗ୍ରାହୀ, ହେମନନ୍ଦ ଥାପ୍ପା, ନୀଳାଞ୍ଚଳ ସେଠି, ସତ୍ୟ ଦାସ ଓ ମଣି ବେଜି ମ୍ୟାଚଗୁଡିକୁ ପରିଚାଳନା କରିଥିଲେ। ଏଥିସହ କୁଲୁଣ୍ଡିସ୍ଥିତ ଶାରୀରିକ ଶିକ୍ଷା ପ୍ରତିଷ୍ଠାନର ପ୍ରଫେସର ପ୍ରବୀଣ ସାହୁ ଏବଂ ଛାତ୍ରୀଛାତ୍ର ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ତସନିମ ମୀର, ଅରିତ୍ରୀ ସାହା, ଶୁଭାଙ୍ଗୀ ସିହ୍ନା, ଗୌରୀ କ୍ରିଷ୍ଣା ଟି. ଆର, ହର୍ଷିତା ରାଉତ, ସ୍ମୃତି ସ୍ୱାଇଁ ଭଳି ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ମହିଳା ବ୍ୟାଡ଼ମିଣ୍ଟନ ଖେଳାଳି ନିଜ ବିଶ୍ୱବିଦ୍ୟାଳୟ ଦଳର ପ୍ରତିନିଧିତ୍ୱ କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ ତଥା ଉତ୍ତର ପୂର୍ବାଞ୍ଚଳ ରାଜ୍ୟରୁ ସର୍ବମୋଟ ୩୬ଟି ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ହୋଇଥିବା ୪ଟି ଦଳ ଆଗାମୀ ଦିନରେ ରାଜସ୍ଥାନର ଝୁନଝୁନା ସ୍ଥିତ ଶ୍ରୀଜଗଦୀଶ ପ୍ରସାଦ ଝାବରମଲ ଟିବ୍ରେୱାଲ ବିଶ୍ୱବିଦ୍ୟାଳୟଠାରେ ହେବାକୁ ଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି।

# ରାଜ୍ୟ ବାହାରକୁ ଗଲେ ୨ ଟିମ୍

**ଜଙ୍ଗଲରୁ ଯୁବତୀ, ଯୁବକଙ୍କ ମୃତଦେହ ଜବତ ଘଟଣା**

- ବଲାଙ୍ଗୀର ଏସ୍‌ପିଙ୍କ ନିର୍ଦ୍ଦେଶରେ ତଦନ୍ତ ଚଳାଇଛନ୍ତି ୫ଟି ଟିମ୍
- ବାପ-ପୁଅ ସମେତ ଅନ୍ୟ କେତେଜଣଙ୍କୁ ପଚରାଉଚରା
- ପୋଲିସକୁ ମିଳିଛି ଗୁରୁତ୍ୱପୂର୍ଣ୍ଣ ସୂଚନା, ତଦନ୍ତ ଜାରି

ବଲାଙ୍ଗୀର,୨୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ତଣ୍ଡାମୁଣ୍ଡା ଗାଁ ନିକଟ ରାସ୍ତାକଡ ପତ୍ରା ଜଙ୍ଗଲରୁ ଗୁରୁବାର ଯୁବତୀ ଓ ଯୁବକଙ୍କ ମୃତଦେହ ଜବତ ଘଟଣାରେ ବଲାଙ୍ଗୀର ପୋଲିସକୁ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଥିବା ଜଣାପଡିଛି। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଥିଲା। ଏହି ସନ୍ଦେହ ଦୃଢ଼ୀଭୂତ ହେବାରେ ଲାଗିଛି। ଏହି ଡବଲ ମର୍ଡର ଘଟଣାର ତଦନ୍ତ ପାଇଁ ବଲାଙ୍ଗୀର ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀ ୫ଟି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରିଥିବା ଜଣାପଡିଛି। ତଦନ୍ତ କେତେ ଦୂର ଆଗେଇଛି, ସେନେଇ ଏସ୍‌ପି ଖିଲାରି କିଛି ନିର୍ଦ୍ଦିଷ୍ଟ ସୂଚନା ଦେଇନାହାନ୍ତି। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଦୁଇ ସ୍ୱତନ୍ତ୍ର ତଦନ୍ତକାରୀ ପୋଲିସ ଟିମ୍ ରାଜ୍ୟ ବାହାରକୁ ଯାଇ ତଦନ୍ତ ତ୍ୱରାନ୍ୱିତ କରିଥିବା ଜଣାପଡିଛି। ଅନ୍ୟ ୩ ତଦନ୍ତକାରୀ ଟିମ୍ ଜିଲା ବାହାରେ ତଦନ୍ତ ତ୍ୱରାନ୍ୱିତ କରୁଛନ୍ତି। ଯୁବତୀ ଓ ଯୁବକଙ୍କ ଗଳାକଟା ମୃତଦେହ ମିଳିବା ପରେ ପାରିପାର୍ଶ୍ୱିକ ସ୍ଥିତି ଦେଖି ଏହା ଅନର କିଲିଂ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଥିଲା। ତେବେ ସାଇବର ଟିମ୍, ଡଗ୍ ସ୍କ୍ୱାର୍ଡ, ସାଇଣ୍ଟିଫିକ୍ ଟିମ୍ ଏବଂ ଗୋଇନ୍ଦା ବିଭାଗର ସୂଚନା ଓ ତଥ୍ୟକୁ ଅନୁଧ୍ୟାନ କଲା ପରେ ଭିନ୍ନ କାରଣରୁ ଏହି ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପୋଲିସକୁ ତଥ୍ୟ ମିଳିଥିବା ଆଲୋଚନା ହେଉଛି। ଯେଉଁ ଦୁର୍ବୃତ୍ତମାନେ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଛନ୍ତି ସେମାନେ ସୁପାରି ନେଇ ହତ୍ୟା କରିଛନ୍ତି ନା ଅନ୍ୟ କୌଣସି କାରଣରୁ ଏହି ହତ୍ୟାକାଣ୍ଡ ଘଟିଛି ତାକୁ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି।

ବଲାଙ୍ଗୀର ଜିଲାର ସମସ୍ତ ପଡୋଶୀ ଜିଲାକୁ ସଂଯୋଗ କରୁଥିବା ମୁଖ୍ୟ ଓ ଅନ୍ୟ ରାସ୍ତାକୁ ପୋଲିସ ତଦନ୍ତ ପରିସରକୁ ନେଇଛି। ବିଭିନ୍ନ ରାସ୍ତା ଓ ସହରରେ ସିସି ଟିଭି ଫୁଟେଜ୍ ଯାଞ୍ଚ କରାଯାଇଛି। ଏପରି କି ଉପରଝର-ଆଟଗାଁ-ମହୀମୁଣ୍ଡା ରାସ୍ତାରେ ବୁଧବାର ସନ୍ଧ୍ୟାରୁ କେଉଁ ସବୁ ଗାଡି ଯାତାୟତ କରିଛି ତାକୁ ନେଇ ତଦନ୍ତ କରାଯାଇଛି। ମୃତ ଯୁବତୀ ଜଣକ ରାଜ୍ୟ ବାହାରର ବୋଲି ଅନୁମାନ କରାଯିବା ପରେ ଛତିଶଗଡ, ଝାରଖଣ୍ଡ, ଆନ୍ଧ୍ରପ୍ରଦେଶ ସମେତ ଅନ୍ୟ ରାଜ୍ୟର ପୋଲିସ ସହାୟତା ମଧ୍ୟ ଲୋଡା ଯାଇଥିବା ଜଣାପଡିଛି। ପୋଲିସ ଏପର୍ଯ୍ୟନ୍ତ ଯେତିକି ତଥ୍ୟ ପାଇଛି ସେଥିରୁ ତଦନ୍ତ ଠିକ୍ ଦିଗରେ ଅଗ୍ରସର ହେଉଥିବା କୁହାଯାଉଛି। କେଉଁ କାରଣରୁ ଏବଂ କିଭଳି ପରିସ୍ଥିତିରେ ଦୁର୍ବୃତ୍ତମାନେ ଯୁବତୀ ଓ ଯୁବକଙ୍କ ମୃତଦେହକୁ ତଣ୍ଡାମୁଣ୍ଡା ଗାଁ ନିକଟ ଜଙ୍ଗଲରେ ଫିଙ୍ଗିଲେ ତାକୁ ନେଇ ଜୋରଦାର ତଦନ୍ତ ଚାଲିଛି। ଗୁରୁବାର ରାତିରେ ପୋଲିସ ଟିମ୍ ସହରର ବାପ-ପୁଅଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଅନ୍ୟ କେତେଜଣ ଲୋକଙ୍କୁ ମଧ୍ୟ ପଚରାଉଚରା କରିଥିବା ଜଣାପଡିଛି। ଖୁବଶୀଘ୍ର ଏହି ଡବଲ ମର୍ଡର ଘଟଣାର ପର୍ଦ୍ଦାଫାଶ ହେବ ବୋଲି କୁହାଯାଉଛି। ବଲାଙ୍ଗୀର ସଦର ଏସଡିପିଓ ପ୍ରଦୀପ କୁମାର ସାହୁଙ୍କ ସମେତ ଅନ୍ୟ ୫ଟି ଥାନା ଆଇଆଇସି ଏବଂ ସବ୍‌ଇନ୍ସପେକ୍ଟର ତଦନ୍ତକାରୀ ଟିମ୍‌ରେ ତନାଘନା ଚଳାଇଥିବା ଜଣାପଡିଛି।

## ମାଣ୍ଡିଆପଦରରୁ ଦେଢ଼ ବର୍ଷର ଶିଶୁପୁତ୍ର ଉଦ୍ଧାର, ଦମ୍ପତି ଅଟକ

ଲୋଇସିଂହା,୨୫।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ମାଣ୍ଡିଆପଦର ଗ୍ରାମରୁ ଶୁକ୍ରବାର ଏକ ଦେଢ଼ବର୍ଷ ଶିଶୁପୁତ୍ରକୁ ପୋଲିସ ଉଦ୍ଧାର କରିଛି। ଶିଶୁ ଦେହର ବିଭିନ୍ନ ଅଂଶରେ ଖଣ୍ଡିଆ ଖାବରା ହୋଇଛି। ଶିଶୁପୁତ୍ରକୁ ରଖିଥିବା ଅଭିଯୋଗରେ ଏକ ଦମ୍ପତିଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅପରପକ୍ଷେ ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ, ହୀରାପୁର ପଞ୍ଚାୟତ ମାଣ୍ଡିଆପଦର ଗ୍ରାମର ଖେଳପଡ଼ିଆ ନିକଟରେ ଜଣେ ବ୍ୟକ୍ତି ୧୦ ବର୍ଷ ହେଲା ପରିବାର ସହ ରହୁଛନ୍ତି। ଦେଓଗାଁ ଧଣ୍ଡାମୁଣ୍ଡା ଅଞ୍ଚଳର ଏହି ବ୍ୟକ୍ତି ଜଣକ କିଛି ବର୍ଷ ପୂର୍ବେ ଗାଁ ଗାଁରେ ମଙ୍ଗଳା ବୁଲାଇ ପରିବାର ଚଳାଉଥିଲେ। ଏବେ କୁଲିମଜୁରୀ କରିବା ସହ ଝଡାପୁଙ୍କା କରୁଥିବା ଜଣାଯାଇଛି। ତେବେ ଗୁରୁବାର ଦିନ ଗ୍ରାମବାସୀ ଜାଣିବାକୁ ପାଇଥିଲେ ଯେ ସେ କୌଣସି ଉଦ୍ଦେଶ୍ୟ ନେଇ ଏକ ଶିଶୁକୁ ଆଣି ଘରେ ରଖିଛନ୍ତି। ସେହି ଶିଶୁକୁ ବାହାରେ ବୁଲିବାକୁ ନ ଦେଇ ଡୋଲ(ପ୍ଲାଷ୍ଟିକ ପାଣି କୁଣ୍ଡ) ଭିତରେ ଭର୍ତ୍ତି କରି ରଖିବା ଜାଣିବାକୁ ପାଇଥିଲେ। ସମ୍ପୃକ୍ତ ବ୍ୟକ୍ତି ଗୁଣି ଗାରେଡ଼ି କରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ନା ନା ସନ୍ଦେହ ସୃଷ୍ଟି ହୋଇଥିଲା। ଏହାକୁ ନେଇ ଗାଁରେ ନା ନା ଆଲୋଚନା ହୋଇଥିଲା। ଗୁରୁବାର ଅପରାହ୍ନରେ ଲୋଇସିଂହା ପୋଲିସ କୌଣସି ସୂତ୍ରରୁ ଖବର ପାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରକୁ ଯାଇ ଶିଶୁ ସମ୍ପର୍କରେ ପଚରାଉଚରା କରି ଫେରି ଆସିଥିଲା। କିନ୍ତୁ ଶୁକ୍ରବାର ସକାଳେ ପୁଣି ପୋଲିସ ସେହି ଗାଁକୁ ଯାଇ ଶିଶୁକୁ ଉଦ୍ଧାର କରି ଥାନାକୁ ଧରି ଆସିଥିଲା। ଅପରପକ୍ଷେ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ ଓ ସୁପରଭାଇଜର ଏନେଇ ଲୋଇସିଂହା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ଥାନା ଅଧିକାରୀ ଯାଜ୍ଞସିନୀ ନାଏକ କହିଛନ୍ତି, ଉକ୍ତ ଦମ୍ପତି ଶିଶୁ ସେମାନଙ୍କର ସମ୍ପର୍କୀୟ ବୋଲି କହୁଛନ୍ତି। ଏନେଇ ଅଧିକ ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ନାଏକ କହିଛନ୍ତି।

## ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସୁରଭି ଏକ ମାଧ୍ୟମ

**ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି**

ଟିଟିଲାଗଡ,୨୫।୧୦(ଶରତ ମିଶ୍ର)

ଟିଟିଲାଗଡ ବ୍ଲକ ଅନ୍ତର୍ଗତ ବିନେକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟିଟିଲାଗଡ ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ ଯୋଗଦେଇଥିଲେ। ଟିଟିଲାଗଡ଼ ଅତିରିକ୍ତ ଉପ ଜିଲାପାଳ ସନ୍ଦୀପ ଚନ୍ଦ୍ରାକର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମର ଆବାହକ ଅଭିରାମ ମାଝି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋଦଣ୍ଡ ଧର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସୁରଭି ଏକ ମାଧ୍ୟମ ବୋଲି କହିଥିଲେ। ଟିଟିଲାଗଡ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ଦାସ, ଟିଟିଲାଗଡ଼ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀର ପଣ୍ଡା, ବିନେକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିବାକର ସାହୁ, ବିନେକେଲା ଗ୍ରାମ ପଞ୍ଚାୟତର ସରପଞ୍ଚ ଯାଜ୍ଞସେନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ଟିଟିଲାଗଡ ବ୍ଲକ ଅନ୍ତର୍ଗତ ୧୪ଟି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଉପସ୍ଥିତ ଥିଲେ। ପ୍ରଥମେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହାପରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

## ସନ୍ଦେହରେ ଚାଉଳ ବୋଝେଇ ଗାଡ଼ିକୁ ଅଟକ

ଲାଠୋର,୨୫।୧୦(ଭୁବନେଶ୍ୱର ବାରିକ)




ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କନ୍ଦେଇଛାପର ଗ୍ରାମବାସୀ ଗୁରୁବାର ରାତି ପ୍ରାୟ ୧୦ଟାରେ ଏକ ଚାଉଳ ବୋଝେଇ ଗାଡ଼ିକୁ ସନ୍ଦେହରେ ଅଟକ ରଖି ଲାଠୋର ପୋଲିସ ଜିମା ଦେଇଥିବା ଜଣାଯାଇଛି। ତେବେ ତଦନ୍ତରୁ ଏହି ଚାଉଳ ଚୋରା ଚାଲାଣ କରା ଯାଉ ନ ଥିବା ଜଣାପଡିଥିଲା। ଗୁରୁବାର ଖପ୍ରାଖୋଲ ଯୋଗାଣ ଅଧିକାରୀ ବେହେର ଏବଂ ଲାଠୋର ପଞ୍ଚାୟତକୁ ପିଡିଏସ ଚାଉଳ ଏକ ମିନି ଟ୍ରକ (ନଂ ଓଆର-୦୩-ସି-୯୨୩୫) ଯୋଗେ ପଠାଇଥିଲେ। ଏହି ଗାଡ଼ି ବେହେର ପଞ୍ଚାୟତରେ ୮୧ ବ୍ୟାଗ ଚାଉଳ ଅନ୍‌ଲୋଡ କରି ଲାଠୋର ପଞ୍ଚାୟତକୁ ୯୯ ବ୍ୟାଗ ଚାଉଳ ନେଇ ଆସୁଥିବା ବେଳେ ବାଟରେ କୌଣସି କାରଣବଶତଃ କିଛି ସମୟ ଅଟକି ପୁଣି ଲାଠୋର ଅଭିମୁଖେ ବାହାରିଥିଲା। କିନ୍ତୁ ବାଟରେ କନ୍ଦେଇଛାପର ଗ୍ରାମବାସୀ ପିଡିଏସ ଚାଉଳ ଚୋରାଚାଲାଣ ହେଉଥିବା ସନ୍ଦେହ କରି ଲାଠୋର ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ରାକେଶ ବେହେରା ତଦନ୍ତ ପାଇଁ ଦୁଇ ଜଣ ଏଏସଆଇଙ୍କୁ ପଠାଇ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ଘଟଣା ବିଷୟରେ ଅବଗତ କରିଥିଲେ। ବିଡ଼ିଓ ଯୋଗାଣ ଅଧିକାରୀ ବିକାଶ ବାର୍ଲାଙ୍କୁ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଯୋଗାଣ ଅଧିକାରୀ ଘଟଣାସ୍ଥଳକୁ ନିଜେ ନ ଆସି ଅନ୍ୟ ଜଣେ ବ୍ୟକ୍ତିଙ୍କୁ ପଠାଇ ଥିଲେ। ସେ ପହଞ୍ଚିବା ପରେ ଚାଉଳ ବ୍ୟାଗ ଗଣା ଯିବାରୁ ୯୯ ବ୍ୟାଗ ଚାଉଳ ସହ ତାର ଏକ ରସିଦ ମିଳିବାରୁ ଚାଉଳ ଚୋରା ଚାଲାଣ ହେଉ ନ ଥିବା ଜଣା ପଡିଥିଲା। ପରେ ପୋଲିସ ଉକ୍ତ ଗାଡିକୁ ଛାଡ଼ିବାରୁ ଲାଠୋର ଯୋଗାଣ ସହାୟକ ତୁଲାରାମ ମେହେର ରିସିଭ କରିଥିଲେ। ତେବେ ଖପ୍ରାଖୋଲ ଯୋଗାଣ ଅଧିକାରୀ ସରକାରୀ ଚାଉଳ ଆସୁଥିବା ବେଳେ ଉପୁଜିଥିବା ଅସୁବିଧା ସମୟରେ ନିଜେ ଘଟଣା ସ୍ଥଳକୁ ନ ଆସି ଅନ୍ୟ ଜଣଙ୍କୁ ସେଠାକୁ ପଠାଇବା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଚିତ୍ତରଞ୍ଜନ



@ ସୀମା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଡୁଷୁରାଠାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଗୁଡଭେଲା,୨୫।୧୦(ମନୋଜ ଜୈନ): ବଲାଙ୍ଗୀର ଜିଲା ଡୁଷୁରା ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗାୟତ୍ରୀ ପରିବାର, ବଜରଙ୍ଗ ଦଳ ଓ ପତିତପାବନ ୟୁଥ କ୍ଲବର ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସ୍ୱେଚ୍ଛାସେବୀମାନେ ଶ୍ରମଦାନ କରି ବିଦ୍ୟାଳୟ ସମ୍ମୁଖ ଭାଗ ସଫେଇ କରିଥିଲେ। ବିଶିଷ୍ଟ ସମାଜିକ କର୍ମୀ ଜଗଦୀଶ କେଡିଆ, ରାଧାରମଣ କେଡିଆ, ସତୀଶ ଅଗ୍ରୱାଲ, ପ୍ରମୋଦ କୁମାର ସା, ଗୋପାଳ ସାମଲ, ଦୁର୍ବାଶା ଭୋଇ, ମିଥୁନ ସାହୁ, ବିଭୁ ପ୍ରସାଦ ଛତ୍ରିଆ, ବିବେକାନନ୍ଦ ବାଗଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଓ ଅଭିଭାବକ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତିମାସର ଶେଷ ଶନିବାର ଏକ ଘଣ୍ଟା ଶ୍ରମଦାନ କରିବାକୁ ସ୍ୱେଚ୍ଛାସେବୀମାନେ ସଂକଳ୍ପ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୂପୃଷ୍ଠ ଜଳର ସୁପରିଚାଳନା ଉପରେ ଗୁରୁତ୍ୱାରୋପ

**ଜଳ ପରିଚାଳନା ସମ୍ପର୍କିତ ତାଲିମ ଶିବିର**

ଲୋଇସିଂହା,୨୫।୧୦(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କୃଷି ପରାମର୍ଶ ଓ ସୂଚନା କେନ୍ଦ୍ର ତାଲିମ ଗୃହଠାରେ ଏଫଇଏସ ଭୁବନେଶ୍ୱର ତରଫରୁ ଜଳ ପରିଚାଳନା ସମ୍ପର୍କିତ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ହରିହର ହଂସ ଏଥିରେ ଅଧକ୍ଷତା କରିଥିଲେ। ଏଥିରେ ବ୍ଲକ କୃଷି ଅଧିକାରୀ ଆଶିଷ କୁମାର ପାଣିଗ୍ରାହୀ, ଏଫଇଏସ ମାଷ୍ଟର ଟ୍ରେନର ଅଭୟ କୁମାର ତ୍ରିପାଠୀ, ଆଗଲପୁର ବ୍ଲକ ମାଷ୍ଟର ଟ୍ରେନର ମହେନ୍ଦ୍ର କୁମାର ପ୍ରଧାନ ତାଲିମଦାତା ଭାବେ ଯୋଗଦେଇ ଜଳର ସୁ ପରିଚାଳନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବହି ଯାଉଥିବା ବର୍ଷା ଜଳର ସଂରକ୍ଷଣ ଓ ଅମଳ, ଭୂପୃଷ୍ଠ ଜଳର ସୁପରିଚାଳନା, ନିରନ୍ତର କୃଷି ପଦ୍ଧତି ଉପରେ ତାଲିମ ପ୍ରଦାନ କରିବା ସହ ରବି ଋତୁରେ ଅଣଧାନ ଚାଷକୁ ଗୁରୁତ୍ୱ ସହ କମ ପାଣି ଆବଶ୍ୟକ ହେଉଥିବା ଫସଲ କରିବାକୁ ଉପସ୍ଥିତ ଚାଷୀଙ୍କୁ କହିଥିଲେ। ସେହିପରି ଜଳ ପରିଚାଳନା ସମ୍ପର୍କିତ ଏକ ପାଣି ଖେଳ ଅନୁଷ୍ଠିତ ହୋଇଥିଲା। ପାଣିଖେଳ ମାଧ୍ୟମରେ ସମସ୍ତ ଚାଷୀ ମିଳିତ ଭାବରେ ନିଜ ନିଜ ମଧ୍ୟରେ ଆଲୋଚନା କରି ସାମୂହିକ ସହଯୋଗ ମାଧ୍ୟମରେ ଚାଷ କଲେ ସମସ୍ତେ ଲାଭବାନ ହୋଇପାରିବେ ବୋଲି ତାଲିମଦାତାମାନେ କହିଥିଲେ। ତାଲିମ ଶିବିରରେ କୃଷି କର୍ମଚାରୀ, କୃଷକ ସାଥୀ, ଆଗ୍ରଣୀ ଚାଷୀ ଯୋଗ ଦେଇଥିଲେ।

## କର୍ମଚାରୀ ଅଭାବରୁ ଗ୍ରାହକ ମହଲରେ ଅସନ୍ତୋଷ

ବେଲପଡ଼ା,୨୫।୧୦(ମନୋଜ କୁମାର ମିଶ୍ର): ବଲାଙ୍ଗୀର ଜିଲା ବେଲପଡ଼ା ଷ୍ଟେଟବ୍ୟାଙ୍କରେ କର୍ମଚାରୀ ଅଭାବରୁ ନା ନା ସମସ୍ୟା ହେଉଛି। ଏହି ବ୍ୟାଙ୍କରୁ ଅଭିଜ୍ଞ କର୍ମଚାରୀଙ୍କୁ ଅନ୍ୟତ୍ର ଡେପୁଟେସନରେ ପଠାଯିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଉଛି। ବ୍ୟାଙ୍କରେ ଦୈନିକ ଗ୍ରାହକ ମାନଙ୍କ ଭିଡ଼ ଲାଗି ରହୁଛି। କିନ୍ତୁ କର୍ମଚାରୀ ଅଭାବ ପାଇଁ ବ୍ୟାଙ୍କ ଖାତା, କେୱାଇସି, ଖାତା ଅପଡେଟ, ନୂତନ ଖାତା ଖୋଲିବା ସହ ଅନ୍ୟାନ୍ୟ କାମରେ ବିଳମ୍ବ ହେଉଛି। କ୍ଷେତ୍ର ପରିଚାଳକ ଶାଖା ପରିଚାଳକ ଦାୟିତ୍ୱରେ ରହିଛନ୍ତି। ଏହାଛଡା ବିଭିନ୍ନ କାରଣରୁ ବ୍ୟାଙ୍କ ସେବାରେ ବ୍ୟାଘାତ ସୃଷ୍ଟି ହେଉଛି। ବେଲପଡ଼ା ବ୍ୟାଙ୍କରେ ଅଭିଜ୍ଞ କର୍ମଚାରୀ ନିଯୁକ୍ତି ସହ ଶାଖା ପରିଚାଳକ ନିଯୁକ୍ତି ପାଇଁ ସାଧାରଣରେ ଦାବି ହୋଉଛି। ଶାଖା ପରିଚାଳକ ଦାୟିତ୍ୱରେ ଥିବା କ୍ଷେତ୍ରପରିଚାଳକ ମଙ୍ଗରାଜ ବାବୁଙ୍କୁ ପଚାରିବାରେ ଗ୍ରାହକଙ୍କୁ ସେବା ଠିକ୍ ଭାବେ ଦେବା ପାଇଁ ପ୍ରୟାସ କରାଯାଉଛି ବୋଲି କହିଥିଲେ।

**PARADIP PORT AUTHORITY**
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)

No. AD/RSC-I-21/66/2011/2199 — Dated, the 18th Oct., 2024
No. AD/RSC-III-21/11/2003/2200 — Dated, the 18th Oct., 2024

**Advertisement**

Applications are invited from Indian Nationals for engagement of General Duty Medical Officer & Teaching Staffs on contractual basis in Paradip Port Authority.
For further details, visit our website: https://paradipport.gov.in/Carrer.aspx.

PPA/PR/46/2024-2025
Dt. 22.10.2024

Sd/- Sr. Asst. Secretary,
Paradip Port Authority

**OFFICE OF THE PANCHAYAT SAMITI, CHANDAHANDI**
**Bid Identification No. BDO/EDU/CHD/03/24-25**

No. 2382 — Date: 21.10.2024

1. The Block Development Officer, Chandahandi on behalf of the Governor of Odisha invites Single Cover percentage rate bids for construction of works detailed in the table from "D" and "C" Class contractors as mentioned under Col. No. 7 with the State Government and contractors of equivalent Grade/Class registered with Central Government/M.E.S./Railways for execution of Civil Works on productions of definite proof from the appropriate authority. The bidders may submit bids for any or all of the following works.

| Sl. No. | Name of the Work | Value of the Work (Rs.) | Concerned T.I.A. | Security Amount (Rs.) (Online) | Cost of Bid Documents (Rs.) (Online) | Class of Bidder | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Additional Classroom at Govt. Pry School, Salebidi-II | 1263465.00 | B.D.O., Chandahandi | 1% | Rs.6,000/- | "D" & "C" Class | 6 (Six Calendar Months) |
| 2 | Construction of Additional Classroom at Govt. UP School, Bandakona | 1263465.00 | B.D.O., Chandahandi | 1% | Rs.6,000/- | "D" & "C" Class | 6 (Six Calendar Months) |

Sd./- Block Development Officer, Chandahandi

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ, ସା.: କୁଲଡେରା, ପୋ.: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

**ଗାଡିଗୁଡିକର ଇ-ନିଲାମ**

ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିଗୁଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିଗୁଡିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ଇ-ନିଲାମ ତାରିଖ ଓ ସମୟ: ୦୯.୧୨.୨୦୨୪ ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୪.୦୦ ଘଟିକା ପ୍ରତ୍ୟେକଙ୍କ ପାଇଁ ୧୦ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ

ଅମାନତ ଜମା ଏବଂ କାଗଜାତ୍ ଦାଖଲର ଅନ୍ତିମ ତାରିଖ: ୦୫.୧୨.୨୦୨୪ ପୂର୍ବାହ୍ନ ୧୦.୦୦ ଘଟିକାରୁ ୦୯.୧୨.୨୦୨୪ ମଧ୍ୟାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ

ସମ୍ପତ୍ତି ତନଖି କରିବାର ସମୟ: ୦୨.୧୨.୨୦୨୪ ରୁ ୦୫.୧୨.୨୦୨୪ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ
ସମ୍ପତ୍ତି ତନଖି ପାଇଁ ସମ୍ପୃକ୍ତ ଶାଖା ମୁଖ୍ୟ କିମ୍ବା ରିକଭରୀ ଡିପାର୍ଟମେଣ୍ଟ, ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର (ଶ୍ରୀ ଲକ୍ଷ୍ମୀ ନାରାୟଣ ପ୍ରସାଦ, ମୋ.: ୯୧୦୧୫୦୮୦୧୯) ସହ ଯୋଗାଯୋଗ କରନ୍ତୁ

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାଙ୍କ ନାମ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା ରାଶି/ବିଡ୍ ବୃଦ୍ଧି ରାଶି | ପାର୍କିଂ ୟାର୍ଡର ବିବରଣୀ |
|---|---|---|---|---|---|
| ୧. | ଯୋଡା | ସଞ୍ଜୟ ସିଂହ | ASHOK LEYLAND GM 4220/66, ନିର୍ମାଣ ବର୍ଷ: 2020, ପଞ୍ଜିକୃତ ନଂ.: OD09P3246, ଇଞ୍ଜିନ ନଂ.: LOHZ407847, ଚେସିସ୍ ନଂ.: MB1NGCHD3LRDE5606 | ଟ.୧୪,୮୭,୫୦୦/- / ଟ. ୧,୪୮,୭୫୦/- / ଟ. ୧୦,୦୦୦/- | ବୁଲୁ ଷ୍ଟକୟାର୍ଡ ସା: ମାଟକାମବେଡା, ପୋ: ବଡବିଲ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୬ |
| ୨. | ଯୋଡା | ନଫସା ଖାତୁନ | COMMERCIAL TATA TRUCK, ନିର୍ମାଣ ବର୍ଷ: 2019, ପଞ୍ଜିକୃତ ନଂ.: OD09P3454, ଇଞ୍ଜିନ ନଂ.: ISBE591804091D63787816, ଚେସିସ୍ ନଂ.: MAT466621K5C04526 | ଟ.୧୨,୦୭,୫୦୦/- / ଟ.୧,୨୦,୭୫୦/- / ଟ. ୧୦,୦୦୦/- | ଏସ୍ ଆଣ୍ଡ ଡି ଷ୍ଟକୟାର୍ଡ ସା/ପୋ.: କାନପୁର, ଥାନା: ରାସଗୋବିନ୍ଦପୁର, ଭାୟା: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୧୬ |
| ୩. | ଯୋଡା | ରାଜ କୁମାର ଠାକୁର | ASHOK LEYLAND 3718, ନିର୍ମାଣ ବର୍ଷ: 2019, ପଞ୍ଜିକୃତ ନଂ.: OD09K5902, ଇଞ୍ଜିନ ନଂ.: KFEZ409860, ଚେସିସ୍ ନଂ.: MB1N4CHD8KEFD5330 | ଟ.୧୨,୨୫,୦୦୦/- / ଟ.୧,୨୨,୫୦୦/- / ଟ. ୧୦,୦୦୦/- | ବିଦ୍ୟାଧର ବାରିକ ଷ୍ଟକୟାର୍ଡ ସା: ଫୁଲଝର, ପୋ: ରାଇସୁଆଁ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୮୫ |
| ୪. | ଯୋଡା | ଉମୀର ଅହମ୍ମଦ | ASHOK LEYLAND 3718, ନିର୍ମାଣ ବର୍ଷ: 2020, ପଞ୍ଜିକୃତ ନଂ.: OD09K6891, ଇଞ୍ଜିନ ନଂ.: JKPZ160513, ଚେସିସ୍ ନଂ.: MB1NACHDXKPJG7721 | ଟ.୧୩,୧୨,୫୦୦/- / ଟ.୧,୩୧,୨୫୦/- / ଟ. ୧୦,୦୦୦/- | ମୋହନ ପଲେଇ ଷ୍ଟକୟାର୍ଡ ସା/ପୋ: ରାଇସୁଆଁ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୧୩ |
| ୫. | ଯୋଡା | ଉମୀର ଅହମ୍ମଦ | ASHOK LEYLAND 3718, ନିର୍ମାଣ ବର୍ଷ: 2019, ପଞ୍ଜିକୃତ ନଂ.: OD09K5901, ଇଞ୍ଜିନ ନଂ.: JKPZ160430, ଚେସିସ୍ ନଂ.: MB1NACHD9KPJG8164 | ଟ.୧୨,୨୫,୦୦୦/- / ଟ.୧,୨୨,୫୦୦/- / ଟ. ୧୦,୦୦୦/- | ବିଦ୍ୟାଧର ବାରିକ ଷ୍ଟକୟାର୍ଡ ସା: ଫୁଲଝର, ପୋ: ରାଇସୁଆଁ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୮୫ |
| ୬. | ବଡବିଲ | ଅଞ୍ଜନ କୁମାର ମହାନ୍ତି | MAHINDRA BOLERO CAMPER GOLD 2WD, ନିର୍ମାଣ ବର୍ଷ: 2017, ପଞ୍ଜିକୃତ ନଂ.: OD09G1261, ଇଞ୍ଜିନ ନଂ.: TBH4G79797, ଚେସିସ୍ ନଂ.: MA1RY2TBKH3G98191 | ଟ.୩,୦୬,୫୦୦/- / ଟ.୩୦,୬୫୦/- / ଟ. ୫,୦୦୦/- | ସା/ପୋ: ସାହାରପଡା, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୧୬ |
| ୭. | ବଡବିଲ | ଅଞ୍ଜନ କୁମାର ମହାନ୍ତି | MAHINDRA BOLERO CAMPER GOLD 2WD, ନିର୍ମାଣ ବର୍ଷ: 2016, ପଞ୍ଜିକୃତ ନଂ.: OD09C6661, ଇଞ୍ଜିନ ନଂ.: TBG4G80323, ଚେସିସ୍ ନଂ.: MA1RY2TBKG3H99553 | ଟ.୨,୧୯,୦୦୦/- / ଟ.୨୧,୯୦୦/- / ଟ. ୫,୦୦୦/- | |

ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :
ବିକ୍ରୟ ନୋଟିସ୍‌ରେ ବିକ୍ରୟର ସାଧାରଣ ନିୟମ ଏବଂ ସର୍ତ୍ତାବଳୀ ୱେବ୍‌ସାଇଟ୍: https://ebkray.in ରେ ଉପଲବ୍ଧ ଏବଂ ପ୍ରକାଶିତ। ଇ-ନିଲାମ ସମୟରେ କିମ୍ବା ପୂର୍ବରୁ କୌଣସି ଅସୁବିଧା କିମ୍ବା ସହାୟତା ନିମନ୍ତେ ଇ-ନିଲାମ ସେବାପ୍ରଦାନକାରୀ (https://ebkray.in) ଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ସହ ଯୋଗାଯୋଗ କରିପାରିବେ। ଯାହାର ସବିଶେଷ ବିବରଣୀ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ।

ସ୍ଥାନ : କେନ୍ଦୁଝର, ତାରିଖ : ୨୫.୧୦.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଦୋକାନ ଗୃହ ନ ଭାଙ୍ଗି ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ହେଉ

**ସୋନପୁର,୨୫।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ବସଷ୍ଟାଣ୍ଡ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଜମିରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯାଉ। ଏଥିପାଇଁ ୧୦୩ଟି ଦୋକାନ ଗୃହ ଭାଙ୍ଗିବାର କୌଣସି ଆବଶ୍ୟକତା ନାହିଁ। ସୁବର୍ଣ୍ଣପୁର ଜିଲା ବ୍ୟବସାୟୀ ସଂଘ ପକ୍ଷରୁ ଏକ ରାଲି ଆୟୋଜିତ ହୋଇଥିଲା। ପରେ ଏ ସମ୍ପର୍କରେ ଏକ ସ୍ମାରକପତ୍ର ଜିଲାପାଳ ଅନ୍ୟା ଦାସଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି। ବ୍ୟବସାୟୀଙ୍କ ଜୀବନ ଓ ଜୀବିକାକୁ ସୁରକ୍ଷିତ ରଖିବା ସହିତ ସହର ସୁନ୍ଦରତା ବଢାଉ ଥିବା ଦୋକାନଗୃହକୁ ନ ଭାଙ୍ଗିବାକୁ ସଂଘର କର୍ମକର୍ତ୍ତା ଅନୁରୋଧ କରିଛନ୍ତି। ସୂଚନା ଅନୁଯାୟୀ ଜିଲା ସଦର ମହକୁମାରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ୨୦୧୭ ଓ ୨୦୨୧ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ମାତ୍ର ଇଟା ଖଣ୍ଡେ ଯୋଡା ଗଲା ନାହିଁ। ପୁଣି ୨୩।୮।୨୦୨୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫେରେନ୍ସିଂ ଜରିଆରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜିଲା ପ୍ରଶାସନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ୨ଏକର ୯୬୨ଡେସିମିଲ ଜମି ପରିବହନ ବିଭାଗକୁ ହସ୍ତାନ୍ତର କରିସାରିଛି। ବସଷ୍ଟାଣ୍ଡ ନିର୍ମାଣ ପାଇଁ ପୁରୁଣା ଟାଉନ ହଲ, ଭୀମଭୋଇ କଳା ମଣ୍ଡପ ଓ ମଝିରେ ଥିବା ୨୮ଟି ଦୋକାନ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟବସାୟୀ ସଂଘର ପ୍ରତିନିଧି।

ଗୃହ ଭଙ୍ଗାଯାଇଛି। ବାକି ଦୋକାନ ଘର ନ ଭାଙ୍ଗିବା ପାଇଁ ଜିଲା ବ୍ୟବସାୟୀ ସଂଘର ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ଗୁଣନିଧି ମେହେର, ରାମକୃଷ୍ଣ ମେହେର, ବି ସତ୍ୟନାରାୟଣ ରାଓ, ଆନନ୍ଦ ଭୁତ, ସଞ୍ଜିବ ଅଗ୍ରୱାଲ, କୃଷ୍ଣଚନ୍ଦ୍ର ମେହେର, ନରସିଂହ ମେହେର, ସଞ୍ଜିବ ପାଣିଗ୍ରାହୀ, ସତ୍ୟନାରାୟଣ ମେହେର, ଚନ୍ଦ୍ର ମେହେର, ଉଜିର ମହମ୍ମଦ ଓ ଇବ୍ରାହିମ ମହମ୍ମଦ ପ୍ରମୁଖ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ସ୍ମାରକପତ୍ର ଗ୍ରହଣ କରିଥିଲେ। ଜିଲାବାସୀଙ୍କ ବହୁ ପ୍ରତିକ୍ଷିତ ନୂତନ ବସଷ୍ଟାଣ୍ଡ ନିର୍ମାଣରେ ବିଳମ୍ବ ହେଉଛି। ପୂର୍ବ ଥର ଭଳି ଶିଳାନ୍ୟାସ ପରେ ବି ଏହା ବାସ୍ତବ ରୂପ ନେଇ ପାରୁନି। ନୂତନ ବସଷ୍ଟାଣ୍ଡକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଭିତିରିଆ ଉଦ୍ୟମ ଚାଲିଛି। ଏହାକୁ ସହରବାସୀ ଓ ପରିଷଦର କାଉନସିଲରମାନେ ବିରୋଧ କରିଛନ୍ତି। ଗତ ୮ତାରିଖରେ ପୌର ପରିଷଦର ଅଧ୍ୟକ୍ଷା, ଉପାଧ୍ୟକ୍ଷା ଓ କାଉନସିଲର ବୃନ୍ଦ ଏସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଜିଲାପାଳ ଅନ୍ୟା ଦାସଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିପାଇଁ ପୌର ପରିଷଦର

### ଜିଲାପାଳଙ୍କୁ ବ୍ୟବସାୟୀ ସଂଘର ସ୍ମାରକପତ୍ର

ଜରୁରୀ ବୈଠକ ଅନୁଷ୍ଠିତ ହେବା ସହ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଆବଶ୍ୟକ ଜମି ଯୋଗାଇ ଦେବାକୁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ତେବେ ପୁରୁଣା ସ୍ଥାନରେ ହିଁ ନୂଆ ବସଷ୍ଟାଣ୍ଡ ନିର୍ମାଣ ପାଇଁ କାଉନସିଲ ପକ୍ଷରୁ ଦାବି ହୋଇଛି। ଆଗାମୀ ଦିନରେ ଆବଶ୍ୟକ ଥିବା ଅନ୍ୟ ଦୋକାନ ଗୃହ ଭଙ୍ଗାଯିବ। ଓଡିଶା ରାଜ୍ୟ ସଡକ ପରିବହନ ନିଗମ(ଓଏସ୍‌ଆର୍‌ଟିସି)କୁ ପ୍ରଦାନ କରା ଯାଇଥିବା ଜମିକୁ ଖାଲି କରିବା ପାଇଁ ପୌର ପରିଷଦ ଉଦ୍ୟମ କରିବ ବୋଲି ସରକାରଙ୍କୁ ପ୍ରତିଶ୍ରୁତି ଦେଇଛି। ପ୍ରକାଶ ଯେ, ସୁବର୍ଣ୍ଣପୁରରେ ୩.୩୪ ଏକର ପରିମିତ ସ୍ଥାନରେ ଏ ଟାଇପ୍ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ନୂତନ ବସ୍‌ଷ୍ଟାଣ୍ଡଟି ବର୍ତ୍ତମାନର ପୁରୁଣା ବସ୍‌ଷ୍ଟାଣ୍ଡ, ନଳିନୀ ଛକରୁ ବିଜୁ ପଟ୍ଟନାୟକ ଛକ ଓ ଗାନ୍ଧୀ ଷ୍ଟାଡିୟମ ପ୍ରାଚୀର ପର୍ଯ୍ୟନ୍ତ ମ୍ୟୁନିସିପାଲିଟିର ୧୩୧ଟି ଦୋକାନ ଘର(ଷ୍ଟଲ), ପୁରୁଣା ଟାଉନ ହଲ ଓ ଶୌଚାଳୟକୁ ଉଚ୍ଛେଦ କରି ସେହି ସ୍ଥାନରେ କରାଯିବାର ଯୋଜନା ରହିଛି।

## ବୀରମହାରାଜପୁରରେ ବ୍ଲକସ୍ତରୀୟ ଖାଦ୍ୟମେଳା


ବୀରମହାରାଜପୁରରେ ଖାଦ୍ୟ ମେଳାରେ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ହେଉଛି।

**ଅମରପାଲି,୨୫।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ମିଶନ ଶକ୍ତି ଭବନଠାରେ ଜିଲା କୃଷି ଅଧିକାରୀ ଓ ଗ୍ଲୋବାଲ ଗ୍ରୀନ ମିଳିତ ଆନୁକୂଲ୍ୟରେ ଶ୍ରୀଅନ୍ନ ଯୋଜନାରେ ବ୍ଲକ ସ୍ତରୀୟ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ଖାଦ୍ୟ ଆଜିକାଲି ଆଧୁନିକ ଖାଦ୍ୟ ପାଇଁ ଲୁକ୍କାୟିତ ହୋଇଯାଉଥିବାରୁ ପାରମ୍ପରିକ ଖାଦ୍ୟର ପ୍ରଚାର ପ୍ରସାର ପାଇଁ ଏହି ଖାଦ୍ୟ ମେଳା କରାଯାଉଥିବା ଆୟୋଜକ ପ୍ରକାଶ କରିଛନ୍ତି। ପାରମ୍ପରିକ ଖାଦ୍ୟ ସ୍ୱାସ୍ଥ୍ୟ ଉପଯୋଗୀ ବୋଲି ଉକ୍ତ କାର୍ଯ୍ୟକ୍ରମରେ ଲୋକଙ୍କୁ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥିଭାବେ ଯୋଗଦେଇଥିବା ବେଳେ ଜିଲା ପ୍ରକଳ୍ପ ସଂଯୋଜକ ଭବାନୀ ଶଙ୍କର ମେହେର, ବୀରମହାରାଜପୁର ବିଡିଓ ସୁଶ୍ରୀ ପ୍ରିୟ ଦର୍ଶନୀ ମିର୍ଦ୍ଧା, ସ୍କିମ ଅଧିକାରୀ ସୌମ୍ୟରଞ୍ଜନ ପଧାନ, ସହକାରୀ କୃଷି ଅଧିକାରୀ ଯଶୋବନ୍ତ ପଧାନ, ବିଧାୟକ ପ୍ରତିନିଧି ବେଣୁଧର ଦାସ, ବ୍ଲକ ମିଶନ ଶକ୍ତି ଅଧିକାରୀ ଶାନ୍ତନୁ ମେହେର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମାଣ୍ଡିଆ, ବାଜରା, ଜବ, କାଙ୍ଗୁ ସହ ବିଭିନ୍ନ ପନିପରିବା, ଖାଦ୍ୟ ଶସ୍ୟ ବିଷୟରେ ପ୍ରସ୍ତୁତ ଖାଦ୍ୟ ବିଷୟରେ ଅବଗତ କରିଥିଲେ। ଖାଦ୍ୟମେଳାକୁ ବିଶ୍ୱେଶ ଶତପଥୀ, ସୁଧାଂଶୁ ନାଗ ପ୍ରମୁଖ ପରିଚାଳନ କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**PARADIP PORT AUTHORITY**
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)

No. AD/RSC-I-21/66/2011/2199 Dated, the 18th Oct., 2024
No. AD/RSC-III-21/11/2003/2200 Dated, the 18th Oct., 2024

**Advertisement**

Applications are invited from Indian Nationals for engagement of **General Duty Medical Officer & Teaching Staffs** on **contractual basis** in Paradip Port Authority.
For further details, visit our website: **https://paradipport.gov.in/Carrer.aspx.**

PPA/PR/46/2024-2025
Dt. 22.10.2024

Sd/- Sr. Asst. Secretary,
Paradip Port Authority

## ବ୍ଲକ୍ ସ୍ତରୀୟ ସୁରଭି, ବିଜ୍ଞାନ ମେଳା ପ୍ରସ୍ତୁତି ବୈଠକ

**ଅମରପାଲି,୨୫।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ସୁରଭି ଓ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ଦାଶ, ମୁର୍ଷୁଣ୍ଡୀ ହାଇସ୍କୁଲର ପ୍ରଧାନ ଶିକ୍ଷକ କାଳିଆ କର୍ମୀ, ଅମରପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା, ସୁବଳୟା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ହୋତା, ସିଆରସିସି ରାଜକୁମାର ବାଦୀ, ଅଜିତ କୁମାର ନାଏକ, ମନୋଜ କୁମାର ଦାଶଙ୍କ ସମେତ ୨୮ ହାଇସ୍କୁଲର ପ୍ରଧାନଶିକ୍ଷକ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଓ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଅକ୍ଟୋବର ୨୭ ତାରିଖରେ ବ୍ଲକ ସ୍ତରୀୟ ସୁରଭି ଓ ନଭେମ୍ବର ୭ ତାରିଖରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲରେ ବ୍ଲକ ସ୍ତରୀୟ ସୁରଭି ଏବଂ ମୁର୍ଷୁଣ୍ଡୀ ହାଇସ୍କୁଲରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା କରାଯିବାର ନିଷ୍ପତ୍ତି ନିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଭିଜ୍ଞ ବିଚାରକଙ୍କୁ ନେଇ ଛାତ୍ରୀଛାତ୍ରଙ୍କୁ ଚୟନ କରାଯିବ ବୋଲି ଇଓ ଶାନ୍ତନୁ କୁମ୍ଭକାର ସୂଚନା ପ୍ରଦାନ କରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଚିତ୍ତରଞ୍ଜନ


@ ସୀମା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗଞ୍ଜେଇ ଜବତ: ୩ ଗିରଫ

**ସୋନପୁର,୨୫।୧୦(ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ପୋଲିସ ସ୍କ୍ୱାଡ ପକ୍ଷରୁ ସୋନପୁର-ବିନିକା ରାସ୍ତାର ଧଉରାଖମନ ମେଟାକାନୀ ଛକଠାରେ ଚଢାଉ କରାଯାଇଥିଲା। ଏକ କାର ନଂ ଓଡି୩୩ସି-୦୬୪୬କୁ ତନଖି ସମୟରେ ୩୯ କିଲୋ ୪୪୦ ଗ୍ରାମ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଗୁନୁଚିତାରା ଅଞ୍ଚଳର ବିଶିକେଶନ କାଲସାଏ ଓ କନ୍ଧମାଳ ଜିଲା ଗୋଛିପଡା ଥାନା କୁରିମେଣ୍ଡା ଗ୍ରାମର ସୁଶୀଲ ଡିଗାଲଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଦ୍ୱୟ ବିନିକା ରାସ୍ତାରେ ବରଗଡ ଜିଲାକୁ ଗଞ୍ଜେଇ ଚାଲାଣ କରୁଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି। ଗୁରୁବାର ବିଶିକେଶନ ଓ ସୁଶୀଲଙ୍କୁ କୋର୍ଟ ଚାଲାଣ କରାଯାଇଛି। ସ୍ପେଶାଲ ସ୍କ୍ୱାଡ ଇନ୍‌ଚାର୍ଜ ଏସ୍‌ଆଇ ରବୀନ୍ଦ୍ର ସାହୁଙ୍କ ସମେତ ହାବିଲଦାର ଉମେଶ ମହାଲିଙ୍ଗ ଓ ରବୀନ୍ଦ୍ର କୁଅଁର ଏହି ଚଢାଉ କରିଥିଲେ। ଏ ସମ୍ପର୍କରେ ସୋନପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି। ସେହିପରି ଉଲୁଣ୍ଡା ଥାନା ପୋଲିସ ପଣ୍ଡକିଟାଲ ଛକ ନିକଟରେ ବସକୁ ଅପେକ୍ଷା କରିଥିବା ମହାରାଷ୍ଟ୍ରର ନାଗପୁର ସିଟି ଅଞ୍ଚଳର ଧନରାଜ ହରିଦାସ ୟେରୁରକାରଙ୍କ ବ୍ୟାଗ୍ ତନଖି ସମୟରେ ଗଞ୍ଜେଇ ମିଳିଥିଲା। ସେ ଏକ ବ୍ୟାଗ୍‌ରେ ୪କିଲୋ ୭୦୦ଗ୍ରାମ ଗଞ୍ଜେଇ ଭର୍ତ୍ତି କରି ଉଲୁଣ୍ଡା ଦେଇ ସମ୍ବଲପୁରକୁ ଚାଲାଣ କରିବା ପାଇଁ ଯୋଜନା କରିଥିଲେ। ଧନରାଜଙ୍କୁ ଗିରଫ ସହିତ କୋର୍ଟ ଚାଲାଣ କରାଯାଇଛି। ଏ ସମ୍ପର୍କରେ ଉଲୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି। ଏସ୍‌ଆଇ ବସନ୍ତ କୁମାର ରଥଙ୍କ ନେତୃତ୍ୱରେ ହାବିଲଦାର ଶତ୍ରୁଘ୍ନ ମେହେର, ତ୍ରିଭଙ୍ଗା ମାଝି ଓ ରଞ୍ଜନ ସରାଫ ଏହି ଚଢ଼ାଉ କରିଥିଲେ।

## କାଦୋବର କଲେଜରେ ଯୁବ ରେଡ୍‌କ୍ରସ୍‌ର ପ୍ରବେଶ ଉତ୍ସବ

**ଅମରପାଲି,୨୫।୧୦(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ମା' ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବଲ୍ଲଭ ପୁରୋହିତଙ୍କ ଅଧ୍ୟକ୍ଷତାରେ ଯୁବ ରେଡକ୍ରସର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସ କାଉନସେଲର ତଥା ଆଇଟି ଅଧ୍ୟାପକ ଉଦ୍ଧବ ପଧାନ ସଭାର ଉଦ୍ଦେଶ୍ୟ ଜ୍ଞାପନ କରି ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବ ରେଡକ୍ରସ ଜିଲା ଆବାହକ ସମ୍ପାଦକ ତଥା ସୋନପୁର କଲେଜର ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଉମାକାନ୍ତ ନାଗ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ୍‌କ୍ରସ କାଉନସେଲର ଅଧ୍ୟାପକ କିଶୋର କୁମାର ସାହୁ ଯୋଗଦେଇ ରେଡକ୍ରସର ଲକ୍ଷ୍ୟ ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପରିଚାଳନା ପରିଷଦର ସମ୍ପାଦକ ତଥା ସାମାଜିକକର୍ମୀ ଚିତ୍ତରଞ୍ଜନ ପାଢ଼ୀ, ଓଡ଼ିଆ ଅଧ୍ୟାପକ ନିତ୍ୟାନନ୍ଦ ମିଶ୍ର, ବାଳମୁକୁନ୍ଦ ବାରିକ, ଅଧ୍ୟାପିକା ରଞ୍ଜିତା ମିଶ୍ର, ଅମିତା ରାନୀ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମାଜ ସେବାରେ ନିଜକୁ ସମର୍ପିତ କରି କାର୍ଯ୍ୟ କରିବା ପାଇଁ ମତ ରଖିଥିଲେ। କଲେଜ କାଉନସେଲର ଉଦ୍ଧବ ପଧାନ ରାଜ୍ୟ ସ୍ତରୀୟ ଯୁବ ରେଡକ୍ରସ ଆୱାର୍ଡ ପାଇଁ ମନୋନୀତ ହୋଇଥିବାରୁ ଅତିଥିମାନେ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଶମ୍ଭୁପ୍ରସାଦ ଭୋଇ, ଅଶିଷ କୁମାର ଦେହୁରୀ, ସୁଶାନ୍ତ ମିଶ୍ର, ଯୋଗୀନ୍ଦ୍ର ପଧାନ, ବାଦଲ ଦେହୁରୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ସୁଶାନ୍ତ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

**OFFICE OF THE PANCHAYAT SAMITI, CHANDAHANDI**
**Bid Identification No. BDO/EDU/CHD/03/24-25**

**No. 2382** **Date: 21.10.2024**

1. The Block Development Officer, Chandahandi on behalf of the Governor of Odisha invites Single Cover percentage rate bids for construction of works detailed in the table from "D" and "C" Class contractors as mentioned under Col. No. 7 with the State Government and contractors of equivalent Grade/Class registered with Central Government/M.E.S./Railways for execution of Civil Works on productions of definite proof from the appropriate authority. The bidders may submit bids for any or all of the following works.

| Sl. No. | Name of the Work | Value of the Work (Rs.) | Concerned T.I.A. | Security Amount (Rs.) (Online) | Cost of Bid Documents (Rs.) (Online) | Class of Bidder | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Additional Classroom at Govt. Pry School, Salebidi-II | 1263465.00 | B.D.O., Chandahandi | 1% | Rs.6,000/- | "D" & "C" Class | 6 (Six Calendar Months) |
| 2 | Construction of Additional Classroom at Govt. UP School, Bandakona | 1263465.00 | B.D.O., Chandahandi | 1% | Rs.6,000/- | "D" & "C" Class | 6 (Six Calendar Months) |

**Sd./- Block Development Officer, Chandahandi**

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ, ସା.: କୁଳଡେରା, ପୋ.: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

**ଗାଡିଗୁଡିକର ଇ-ନିଲାମ**

ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିଗୁଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିଗୁଡିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ଇ-ନିଲାମ ତାରିଖ ଓ ସମୟ: ୦୯.୧୨.୨୦୨୪** ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୪.୦୦ ଘଟିକା ପ୍ରତ୍ୟେକଙ୍କ ପାଇଁ ୧୦ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ

**ଅମାନତ ଜମା ଏବଂ କାଗଜାତ୍ ଦାଖଲର ଅନ୍ତିମ ତାରିଖ: ୦୫.୧୨.୨୦୨୪ ପୂର୍ବାହ୍ନ ୧୦.୦୦ ଘଟିକାରୁ ୦୯.୧୨.୨୦୨୪ ମଧ୍ୟାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ**

**ସମ୍ପତ୍ତି ତନଖି କରିବାର ସମୟ: ୦୨.୧୨.୨୦୨୪ ରୁ ୦୫.୧୨.୨୦୨୪** ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ
ସମ୍ପତ୍ତି ତନଖି ପାଇଁ ସମ୍ପୃକ୍ତ ଶାଖା ମୁଖ୍ୟ କିମ୍ବା ରିକଭରୀ ଡିପାର୍ଟମେଣ୍ଟ, ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର (ଶ୍ରୀ ଲକ୍ଷ୍ମୀ ନାରାୟଣ ପ୍ରସାଦ, ମୋ.: ୯୧୦୧୫୦୮୦୧୯) ସହ ଯୋଗାଯୋଗ କରନ୍ତୁ

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାଙ୍କ ନାମ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା ରାଶି/ବିଡ୍ ବୃଦ୍ଧି ରାଶି | ପାର୍କିଂ ୟାର୍ଡର ବିବରଣୀ |
|---|---|---|---|---|---|
| ୧. | ଯୋଡା | ସଞ୍ଜୟ ସିଂହ | ASHOK LEYLAND GM 4220/66, ନିର୍ମାଣ ବର୍ଷ: 2020, ପଞ୍ଜିକୃତ ନଂ.: OD09P3246, ଇଞ୍ଜିନ ନଂ.: LOHZ407847, ଚେସିସ୍ ନଂ.: MB1NGCHD3LRDE5606 | ଟ.୧୪,୮୭,୫୦୦/- / ଟ. ୧,୪୮,୭୫୦/- / ଟ. ୧୦,୦୦୦/- | ବୁଲୁ ଷ୍ଟକୟାର୍ଡ ସା: ମାଟକାମବେଡା, ପୋ: ବଡବିଲ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୬ |
| ୨. | ଯୋଡା | ନଫସା ଖାତୁନ | COMMERCIAL TATA TRUCK, ନିର୍ମାଣ ବର୍ଷ: 2019, ପଞ୍ଜିକୃତ ନଂ.: OD09P3454, ଇଞ୍ଜିନ ନଂ.: ISBE591804091D63787816, ଚେସିସ୍ ନଂ.: MAT466621K5C04526 | ଟ.୧୨,୦୭,୫୦୦/- / ଟ.୧,୨୦,୭୫୦/- / ଟ. ୧୦,୦୦୦/- | ଏସ୍ ଆଣ୍ଡ ଡି ଷ୍ଟକୟାର୍ଡ ସା/ପୋ.: କାନପୁର, ଥାନା: ରାସଗୋବିନ୍ଦପୁର, ଭାୟା: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୧୬ |
| ୩. | ଯୋଡା | ରାଜ କୁମାର ଠାକୁର | ASHOK LEYLAND 3718, ନିର୍ମାଣ ବର୍ଷ: 2019, ପଞ୍ଜିକୃତ ନଂ.: OD09K5902, ଇଞ୍ଜିନ ନଂ.: KFEZ409860, ଚେସିସ୍ ନଂ.: MB1N4CHD8KEFD5330 | ଟ.୧୨,୨୫,୦୦୦/- / ଟ.୧,୨୨,୫୦୦/- / ଟ. ୧୦,୦୦୦/- | ବିଦ୍ୟାଧର ବାରିକ ଷ୍ଟକୟାର୍ଡ ସା: ଫୁଲଝର, ପୋ: ରାଇସୁଆଁ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୮୫ |
| ୪. | ଯୋଡା | ଉମୀର ଅହମ୍ମଦ | ASHOK LEYLAND 3718, ନିର୍ମାଣ ବର୍ଷ: 2020, ପଞ୍ଜିକୃତ ନଂ.: OD09K6891, ଇଞ୍ଜିନ ନଂ.: JKPZ160513, ଚେସିସ୍ ନଂ.: MB1NACHDXKPJG7721 | ଟ.୧୩,୧୨,୫୦୦/- / ଟ.୧,୩୧,୨୫୦/- / ଟ. ୧୦,୦୦୦/- | ମୋହନ ପଲେଇ ଷ୍ଟକୟାର୍ଡ ସା/ପୋ: ରାଇସୁଆଁ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୧୩ |
| ୫. | ଯୋଡା | ଉମୀର ଅହମ୍ମଦ | ASHOK LEYLAND 3718, ନିର୍ମାଣ ବର୍ଷ: 2019, ପଞ୍ଜିକୃତ ନଂ.: OD09K5901, ଇଞ୍ଜିନ ନଂ.: JKPZ160430, ଚେସିସ୍ ନଂ.: MB1NACHD9KPJG8164 | ଟ.୧୨,୨୫,୦୦୦/- / ଟ.୧,୨୨,୫୦୦/- / ଟ. ୧୦,୦୦୦/- | ବିଦ୍ୟାଧର ବାରିକ ଷ୍ଟକୟାର୍ଡ ସା: ଫୁଲଝର, ପୋ: ରାଇସୁଆଁ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୮୫ |
| ୬. | ବଡବିଲ | ଅଞ୍ଜନ କୁମାର ମହାନ୍ତି | MAHINDRA BOLERO CAMPER GOLD 2WD, ନିର୍ମାଣ ବର୍ଷ: 2017, ପଞ୍ଜିକୃତ ନଂ.: OD09G1261, ଇଞ୍ଜିନ ନଂ.: TBH4G79797, ଚେସିସ୍ ନଂ.: MA1RY2TBKH3G98191 | ଟ.୩,୦୬,୫୦୦/- / ଟ.୩୦,୬୫୦/- / ଟ. ୫,୦୦୦/- | ସା/ପୋ: ସାହାରପଡା, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୧୬ |
| ୭. | ବଡବିଲ | ଅଞ୍ଜନ କୁମାର ମହାନ୍ତି | MAHINDRA BOLERO CAMPER GOLD 2WD, ନିର୍ମାଣ ବର୍ଷ: 2016, ପଞ୍ଜିକୃତ ନଂ.: OD09C6661, ଇଞ୍ଜିନ ନଂ.: TBG4G80323, ଚେସିସ୍ ନଂ.: MA1RY2TBKG3H99553 | ଟ.୨,୧୯,୦୦୦/- / ଟ.୨୧,୯୦୦/- / ଟ. ୫,୦୦୦/- | |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**
ବିକ୍ରୟ ନୋଟିସ୍‌ରେ ବିକ୍ରୟର ସାଧାରଣ ନିୟମ ଏବଂ ସର୍ତ୍ତାବଳୀ ୱେବ୍‌ସାଇଟ୍: **https://ebkray.in** ରେ ଉପଲବ୍ଧ ଏବଂ ପ୍ରକାଶିତ। ଇ-ନିଲାମ ସମୟରେ କିମ୍ବା ପୂର୍ବରୁ କୌଣସି ଅସୁବିଧା କିମ୍ବା ସହାୟତା ନିମନ୍ତେ ଇ-ନିଲାମ ସେବାପ୍ରଦାନକାରୀ **(https://ebkray.in)** ଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ସହ ଯୋଗାଯୋଗ କରିପାରିବେ। ଯାହାର ସବିଶେଷ ବିବରଣୀ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ।

**ସ୍ଥାନ : କେନ୍ଦୁଝର, ତାରିଖ : ୨୫.୧୦.୨୦୨୪** **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ**

# ବ୍ୟବସାୟିକ ଭିତ୍ତିରେ ଛତୁମଞ୍ଜି ଉତ୍ପାଦନ କୃଷି ବିଜ୍ଞାନ କେନ୍ଦ୍ରର ପ୍ରୟାସ

**ସୁନ୍ଦରଗଡ଼,୨୫।୧୦(ଜୟ ନାରାୟଣ ମେଣ୍ଡୁଲି)**



ତାଲିମ ଶିବିରରେ ଉପସ୍ଥିତ ଅତିଥିମାନେ।

କିରେଇସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୫ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଓଡ଼ିଶା ଖଣିଜ ଧାରକ କ୍ଷେତ୍ର ବିକାଶ ନିଗମ (ଓମ୍ବାଡ୍‌ସି)ଙ୍କ ଆର୍ଥିକ ପ୍ରୋତ୍ସାହନ ଦ୍ୱାରା ଗତ ୨୧ତାରିଖରୁ ଆରମ୍ଭ ହୋଇ ଶୁକ୍ରବାର ଶେଷ ହୋଇଛି। ଏହି ଶିବିରରେ ଜିଲା ଅଧିକାରୀ କମିଟିଙ୍କ ଦ୍ୱାରା ଚୟନ କରାଯାଇଥିବା ୩୦ ଜଣ ମହିଳା ଓ ପୁରୁଷଙ୍କୁ ଉଦ୍ୟୋଗୀ ସୃଷ୍ଟି କରିବା ଓ ରୋଜଗାରର ପନ୍ଥା ଭାବେ ଛତୁମଞ୍ଜି ଉତ୍ପାଦନ ଉପରେ ତାଲିମ ଦିଆଯାଇଥିଲା। ଏହି ତାଲିମରେ ଛତୁମଞ୍ଜି ଉତ୍ପାଦନ ପାଇଁ ଗୃହ, ବିଭିନ୍ନ ଉପକରଣ, ଛତୁ ମଞ୍ଜି ପ୍ରସ୍ତୁତି ପ୍ରଣାଳୀ, ମୂଳ ଫିମ୍ପି ପ୍ରସ୍ତୁତି, ମିଡିଆ ପ୍ରସ୍ତୁତି, ଟିସୁକଲ୍‌ଚର ପ୍ରଣାଳୀ, ଛତୁ ବିହନ ପ୍ରସ୍ତୁତି ନିମନ୍ତେ ସତର୍କତା, ସରକାରୀ ପ୍ରୋତ୍ସାହନ ଏବଂ ବ୍ୟବସାୟିକ ଭିତ୍ତିରେ ଛତୁମଞ୍ଜି ଉତ୍ପାଦନର ଆୟବ୍ୟୟର ଅଟକଳ ଉପରେ ବିସ୍ତୃତ ଭାବେ ଆଲୋଚନାକରି କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ବୁଝାଯାଇଥିଲା। ରାଜଗାଙ୍ଗପୁର ବ୍ଲକସ୍ଥିତ କୁନୁମୁର

**ଛତୁମଞ୍ଜି ଉତ୍ପାଦନରେ ଉଦ୍ୟୋଗୀ ସୃଷ୍ଟି ପାଇଁ ଦକ୍ଷତା ବୃଦ୍ଧି ତାଲିମ**

ଗ୍ରାମର ଛତୁମଞ୍ଜି ଉଦ୍ୟୋଗୀ ଯତୀନ୍ଦ୍ର ବରୁଆଙ୍କ ଫାର୍ମକୁ ବହିଃ ପରିଦର୍ଶନରେ ଯାଇ ଅତ୍ୟାଧୁନିକ ଛତୁମଞ୍ଜି ଉତ୍ପାଦନ, ବୋତଲରେ ଛତୁ ବିହନ ପ୍ରସ୍ତୁତି, ମିଡିଆ ପ୍ରସ୍ତୁତି, କଲ୍‌ଚର ଇନୋକୁଲେସନ ଦେଖିବା ସହ ନିଜେ ଛତୁମଞ୍ଜି ପ୍ରସ୍ତୁତ କରିଥିଲେ ଓ କାର୍ଯ୍ୟପ୍ରଣାଳୀ ଗୁଡ଼ିକୁ ପଚାରି ବୁଝିଥିଲେ। ଏହି ତାଲିମରେ ସୁନ୍ଦରଗଡ଼ର ଛତୁ ଉଦ୍ୟୋଗୀ ଯତୀନ୍ଦ୍ର ବରୁଆ, ସୁଶାନ୍ତ ନାଏକ, ଜିଲା ସଂଯୋଜକ (ଆପିକଲ୍) ତାପସ କୁମାର ପଟେଲ, ମୋନାଲିସା ପାଢ଼ୀ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଲକ୍ଷ୍ମୀପ୍ରିୟା ପ୍ରଧାନ, ବୈଜ୍ଞାନିକ ଡେଭିଡ୍ ଜେମସ ବାଗେ, ଡ. ମନୋଜ କୁମାର ଜେନା, ଡ. ଦ୍ୱିବେନ୍ଦୁ ମଣ୍ଡଳ, ଆଞ୍ଚଳିକ କୃଷି ଗବେଷଣା ଉପକେନ୍ଦ୍ରର ମୁଖ୍ୟ ଡ. ସଜୀବ କୁମାର ବିଶ୍ୱାସୀ ପ୍ରମୁଖ ତାଲିମ ପ୍ରଦାନ କରିବା ସହ ପ୍ରଶିକ୍ଷାର୍ଥୀମାନଙ୍କୁ ବ୍ୟବସାୟିକ ଭିତ୍ତିରେ ଛତୁମଞ୍ଜି ଉତ୍ପାଦନ କରିବା ପାଇଁ ଉତ୍ସାହିତ କରିଥିଲେ। ଆଭାସି ମାଧ୍ୟମରେ ଗ୍ରୀଷ୍ମ ମଣ୍ଡଳୀୟ ଛତୁ ଗବେଷଣା ଓ ତାଲିମ କେନ୍ଦ୍ରର ପ୍ରଫେସର ବିକ୍ରମ କେଶରୀ ପାଣି ଯୋଗଦେଇ ଛତୁ ବିହନ ପ୍ରସ୍ତୁତି ନିମନ୍ତେ ସତର୍କତା ଏବଂ ଛତୁମଞ୍ଜି ପ୍ରସ୍ତୁତି ବିଷୟରେ ବିଶଦ ଭାବେ ଆଲୋଚନା କରିଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ପ୍ରଶିକ୍ଷାର୍ଥୀମାନଙ୍କର ମୂଲ୍ୟାଙ୍କନ କରାଯାଇ ଅତିଥିମାନଙ୍କ ଦ୍ୱାରା ମାନପତ୍ର, ତାଲିମ ପୁସ୍ତିକା ଓ ଛତୁ ବିହନ ପ୍ରଦାନ କରାଯାଇଥିଲା। ଏହି ତାଲିମ ଶିବିରକୁ କେନ୍ଦ୍ରର ଅରୁଣ କୁମାର ମିଶ୍ର, ବିଦ୍ୟାଧର ଟୁଡୁ, ମୟୁଖ ଅଧିକାରୀ, କମଳ ଲୋଚନ ମହାନ୍ତ, କର୍ମଚାରୀ ଜିତେନ୍ଦ୍ର ସେଠୀ, ଭ୍ରମରବର ସା, ଗଜାନନ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ।

# ପଥ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ସୁନ୍ଦରଗଡ଼,୨୫।୧୦(ଜୟନାରାୟଣ ମେଣ୍ଡୁଲି)**

ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଜନସଚେତନତା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ମାରାଥନ ଏବଂ ପଥ ଉତ୍ସବ ଆୟୋଜନ କରାଯିବ। ଏନେଇ ଶୁକ୍ରବାର ସଦର ଉପଜିଲାପାଳ ଦାଶରଥି ସରାବୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କିତ ନିଷ୍ପତ୍ତିମାନ ଗ୍ରହଣ କରାଯାଇଥିଲା। ଅକ୍ଟୋବର ୨୯ ତାରିଖରେ ସୁନ୍ଦରଗଡ଼ସ୍ଥିତ ଡିଆରଡିଏ ଛକଠାରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ଛକ ପର୍ଯ୍ୟନ୍ତ ରାସ୍ତାରେ ସକାଳ ୭ଟା୩୦ରୁ ଏହି ପଥ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଉପରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ମାରାଥନ ମଧ୍ୟ ଅନୁଷ୍ଠିତ ହେବ। ଏଥିରେ ଛାତ୍ରୀଛାତ୍ର, ଜନସାଧାରଣ ଅଂଶ ଗ୍ରହଣ କରିପାରିବେ। ସେହିପରି ଏହି କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ ହେବ। କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯିବ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ନଗଦ ୫୦୦ ଟଙ୍କା ଅର୍ଥ ରାଶି ପ୍ରଦାନ କରାଯିବ, ସେହିଭଳି କୁଇଜ ପ୍ରତିଯୋଗିତା ନିମନ୍ତେ ମଧ୍ୟ ନଗଦ ଅର୍ଥ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ପ୍ରକାଶଥାଉ କି, ରାଉରକେଲା ମହାନଗର ନିଗମ ଅଞ୍ଚଳ ଏବଂ ବଣେଇ ଠାରେ ମଧ୍ୟ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।


ପ୍ରସ୍ତୁତି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**PARADIP PORT AUTHORITY**
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)

No. AD/RSC-I-21/66/2011/2199 Dated, the 18th Oct., 2024
No. AD/RSC-III-21/11/2003/2200 Dated, the 18th Oct., 2024

**Advertisement**

Applications are invited from Indian Nationals for engagement of **General Duty Medical Officer & Teaching Staffs** on **contractual basis** in Paradip Port Authority.
For further details, visit our website: **https://paradipport.gov.in/Carrer.aspx.**

PPA/PR/46/2024-2025
Dt. 22.10.2024

Sd/- Sr. Asst. Secretary,
Paradip Port Authority

# ନିପୁଣ ଓଡ଼ିଶା ପିଲାଙ୍କ ପାଇଁ ଉତ୍ସାହପୂର୍ଣ୍ଣ ପରିବେଶ ସୃଷ୍ଟିକରିବ

**ବଡ଼ଗାଁ,୨୫।୧୦(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଭୋଇପାଲି ନିକଟ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଜିଲା ଶିକ୍ଷା ଅନୁଷ୍ଠାନର ସଦସ୍ୟା ନିବେଦିତା ବାଗ, ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟକର୍ତ୍ତା ଚକ୍ରଧର ପୃଷେଟ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଚତୁର୍ଭୁଜ ରାଉତିଆ, ବଡ଼ଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଲାକ୍ରା, ଭୋଇପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧ୍ରୁବଚରଣ ପଟେଲ ଯୋଗଦେଇ ନିପୁଣ ଓଡ଼ିଶାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଏହି ଶିକ୍ଷଣ କାର୍ଯ୍ୟ ପିଲାଙ୍କ ପାଇଁ ଆନନ୍ଦଦାୟକ ଓ ଉତ୍ସାହପୂର୍ଣ୍ଣ ପରିବେଶ ସୃଷ୍ଟି କରିବ। ଅଭିଭାବକ ଓ ଗୋଷ୍ଠୀ ସଦସ୍ୟଙ୍କୁ ମୌଳିକ ସାକ୍ଷରତା ସହିତ ପିଲାଙ୍କ ମଧ୍ୟରେ ଭାଷା ଏବଂ ଗଣିତ ଶିଖିବା ପାଇଁ ଆଗ୍ରହ ସୃଷ୍ଟି କରିବା ଏହାର ଲକ୍ଷ୍ୟ। ଏହା ଶିକ୍ଷକ ଓ ଗୋଷ୍ଠୀକୁ ବହୁ ମାତ୍ରାରେ ଯୋଡ଼ିବ ବୋଲି ଅତିଥିମାନେ ଆଲୋଚନାରେ କହିଥିଲେ। ସିଆର୍‌ସିସି ଦୁର୍ଗାମାଧବ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଆର୍‌ସିସି ଭାରତୀ ନରବିନା, ପ୍ରଦୀପ ସାହୁ, ବାସୁଦେବ କାଲୋ, ଏରେନ କୁଜୁର ଶିକ୍ଷକ ସତ୍ୟବ୍ରତ ନାଏକ, ଶ୍ରୀକାନ୍ତ ବିଶି, ପବିତ୍ର ସାହୁ, ଜ୍ୟୋତିର୍ମୟୀ ନାଏକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଚିତ୍ତରଞ୍ଜନ


@ ସୀମା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କେବେ ନିୟମିତ ହେବେ ଚୁକ୍ତିଭିତ୍ତିକ ପୁରାତନ କର୍ମଚାରୀ

**ସୁନ୍ଦରଗଡ,୨୫।୧୦(ଜୟ ନାରାୟଣ ମେଣ୍ଡୁଲି):** ୨୦୦୦ମସିହାରୁ ସ୍ଥାପିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ପୁରାତନ କର୍ମଚାରୀଙ୍କ ଭାଗ୍ୟ ଏବେ ଅନ୍ଧାରରେ। କାରଣ ଓଡ଼ିଶାରେ ଯେତେ ଗୁଡ଼ିଏ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଅଛି ସେ ସବୁ ଗୁଡ଼ିକର କର୍ମଚାରୀମାନେ ଚୁକ୍ତିଭିତ୍ତିକରେ ପୋଷ୍ଟିଂ ହୋଇଥିଲେ ମଧ୍ୟ ସେମାନଙ୍କୁ ଆଜି ପର୍ଯ୍ୟନ୍ତ ନିୟମିତ କରାଯାଇ ନାହିଁ। କିନ୍ତୁ ଏବେ ବାକି ଥିବା ପୋଷ୍ଟ ଗୁଡିକରେ କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷା ସଂଘ ଦ୍ୱାରା ରେଗୁଲାର ପୋଷ୍ଟିଂ ଦିଆସରିଛି। ଏଠାରେ ଥିବା କେତେକ କର୍ମଚାରୀଙ୍କ ବେତନ ୮ ହଜାରରୁ ୧୦ ହଜାର ଟଙ୍କା ଭିତରେ ସୀମିତ ରହିଛି। ରାଜ୍ୟରେ ମୋଟ ୩୨ଟି ଏକଲବ୍ୟ ମଡେଲ ସ୍କୁଲ ଥିବା ବେଳେ ସୁନ୍ଦରଗଡ ଜିଲାରେ ୫ଟି ସ୍କୁଲ ରହିଛି। ଏଥିମଧ୍ୟରେ ସୁନ୍ଦରଗଡ ଭବାନୀପୁର ଏକଲବ୍ୟ ମଡେଲ ସ୍କୁଲରେ ମୋଟ ୫୦ଟି ପଦବୀ ମଧ୍ୟରୁ ୨୪ଜଣ ଚୁକ୍ତି ଭିତ୍ତିକ ଶିକ୍ଷକ କର୍ମଚାରୀ ରହିଥିବା ବେଳେ ୧୪ ଜଣ ନିୟମିତ ଶିକ୍ଷକ କର୍ମଚାରୀ ରହିଛନ୍ତି। ରାଜଗାଙ୍ଗପୁର ଲାଇଙ୍ଗ ଏକଲବ୍ୟ ମଡେଲ ସ୍କୁଲରେ ମୋଟ ୯୦ଟି ପଦବୀ ମଧ୍ୟରୁ ୩୩ଜଣ ଚୁକ୍ତି ଭିତ୍ତିକ ରହିଥିବା ବେଳେ ୪୦ଜଣଙ୍କୁ ନିୟମିତ ନିଯୁକ୍ତି ଦିଆଯାଇଛି ଓ ଏଠାରେ ୧୭ ଟି ପଦବୀ ଖାଲି ପଡିଛି। ସେହିପରି କୁଆଁରମୁଣ୍ଡା ଏକଲବ୍ୟ ମଡେଲ ସ୍କୁଲରେ ମୋଟ ୧୪ଟି ପଦବୀ ମଧ୍ୟରୁ ୧୦ଜଣ ନିୟମିତ ଓ ୬ଜଣ ଚୁକ୍ତିଭିତ୍ତିକ ଶିକ୍ଷକ ଓ କର୍ମଚାରୀ ଥିବାବେଳ ଏଠାରେ ୪ ଟି ପଦବୀ ଖାଲି ରହିଛି। ଏଥିସହିତ ଲାଠିକଟା ଓ ଗମଲେଇ ଏକଲବ୍ୟ ମଡେଲ ସ୍କୁଲରେ ୫୦ଟି ପଦବୀ ମଧ୍ୟରୁ ୧୩ଜଣ ନିୟମିତ ଓ ୨୩ଜଣ ଚୁକ୍ତିଭିତ୍ତିକ ଥିବା ବେଳେ ୧୪ଟି ପଦବୀ ଖାଲିପଡିଛି। ବିଦ୍ୟାଳୟର କର୍ମଚାରୀମାନେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏହାର କିଛି ଦିନ ପରେ ବିଦ୍ୟାଳୟକୟ ବିଭାଗକୁ ନୋଟିସ ଜାରି କରାଯାଇଥିଲା। ଏକଲବ୍ୟର କର୍ମଚାରୀମାନେ ମାନସିକ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଏଠି ପାଠ ପଢୁଥିବା ଛାତ୍ରୀଛାତ୍ରମାନେ କିପରି ଗୁଣାତ୍ମକ ଶିକ୍ଷା ପାଇବେ ଏହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସୁନ୍ଦରଗଡ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର ସେଠୀଙ୍କୁ ପଚାରିବାରୁ,ଏକଲବ୍ୟ ମଡେଲ ସ୍କୁଲରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଶିକ୍ଷକ ଓ କର୍ମଚାରୀଙ୍କ ଦାବୀ ସମ୍ପର୍କରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଆବଗତ କରାଯାଇଛି।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**ବଣାଇଁ,୨୫।୧୦(ପ୍ରଦୀପ ତ୍ରିପାଠୀ):** ସୁନ୍ଦରଗଡ଼ ଜିଲା ବଣାଇଁ ବ୍ଲକ କେନ୍ଦ୍ରିକଳା ପଞ୍ଚାୟତର ୧୪ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ନାଏବ ସରପଞ୍ଚଙ୍କ ସମେତ ୧୧ ଜଣ ସଭ୍ୟାସଭ୍ୟ ଦୀର୍ଘଦିନ ଧରି ସରପଞ୍ଚଙ୍କ ବିରୋଧରେ ଅର୍ଥ ଆତ୍ମସାତ୍ ଭଳି ସାଂଘାତିକ ଅଭିଯୋଗ କରି ଆସୁଥିଲେ ହେଁ ତଦନ୍ତ ନ ହେବା ନେଇ ପରିଶେଷରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ଜଣାପଡ଼ିଛି। ଅଭିଯୋଗ କରିବାର ଏକ ବର୍ଷ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବା ପରେ ଗତ ୭ ତାରିଖଠାରୁ ଅନାସ୍ଥା ସମ୍ପର୍କରେ ଉପଜିଲାପାଳଙ୍କୁ ଲିଖିତ ଅନୁରୋଧ କରିଥିଲେ। ଶୁକ୍ରବାର ବଣାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସାକ୍ଷାତ କରି ଏଣିକି ଟାଳଟୁଳ ନୀତି ଅବଲମ୍ବନ କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

**OFFICE OF THE PANCHAYAT SAMITI, CHANDAHANDI**
**Bid Identification No. BDO/EDU/CHD/03/24-25**

**No. 2382** **Date: 21.10.2024**

1. The Block Development Officer, Chandahandi on behalf of the Governor of Odisha invites Single Cover percentage rate bids for construction of works detailed in the table from "D" and "C" Class contractors as mentioned under Col. No. 7 with the State Government and contractors of equivalent Grade/Class registered with Central Government/M.E.S./Railways for execution of Civil Works on productions of definite proof from the appropriate authority. The bidders may submit bids for any or all of the following works.

| Sl. No. | Name of the Work | Value of the Work (Rs.) | Concerned T.I.A. | Security Amount (Rs.) (Online) | Cost of Bid Documents (Rs.) (Online) | Class of Bidder | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Additional Classroom at Govt. Pry School, Salebidi-II | 1263465.00 | B.D.O., Chandahandi | 1% | Rs.6,000/- | "D" & "C" Class | 6 (Six Calendar Months) |
| 2 | Construction of Additional Classroom at Govt. UP School, Bandakona | 1263465.00 | B.D.O., Chandahandi | 1% | Rs.6,000/- | "D" & "C" Class | 6 (Six Calendar Months) |

**Sd./- Block Development Officer, Chandahandi**

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ, ସା.: କୁଲଡେରା, ପୋ.: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

**ଗାଡିଗୁଡିକର ଇ-ନିଲାମ**

ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିଗୁଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିଗୁଡିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ଇ-ନିଲାମ ତାରିଖ ଓ ସମୟ: ୦୯.୧୨.୨୦୨୪ ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୪.୦୦ ଘଟିକା ପ୍ରତ୍ୟେକଙ୍କ ପାଇଁ ୧୦ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ

ଅମାନତ ଜମା ଏବଂ କାଗଜାତ୍ ଦାଖଲର ଅନ୍ତିମ ତାରିଖ: ୦୫.୧୨.୨୦୨୪ ପୂର୍ବାହ୍ନ ୧୦.୦୦ ଘଟିକାରୁ ୦୯.୧୨.୨୦୨୪ ମଧ୍ୟାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ

ସମ୍ପତ୍ତି ତନଖି କରିବାର ସମୟ: ୦୨.୧୨.୨୦୨୪ ରୁ ୦୫.୧୨.୨୦୨୪ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ
ସମ୍ପତ୍ତି ତନଖି ପାଇଁ ସମ୍ପୃକ୍ତ ଶାଖା ମୁଖ୍ୟ କିମ୍ବା ରିକଭରୀ ଡିପାର୍ଟମେଣ୍ଟ, ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର (ଶ୍ରୀ ଲକ୍ଷ୍ମୀ ନାରାୟଣ ପ୍ରସାଦ, ମୋ.: ୯୧୦୧୫୦୮୦୧୯) ସହ ଯୋଗାଯୋଗ କରନ୍ତୁ

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାଙ୍କ ନାମ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା ରାଶି/ବିଡ୍ ବୃଦ୍ଧି ରାଶି | ପାର୍କିଂ ୟାର୍ଡର ବିବରଣୀ |
|---|---|---|---|---|---|
| ୧. | ଯୋଡା | ସଞ୍ଜୟ ସିଂହ | ASHOK LEYLAND GM 4220/66, ନିର୍ମାଣ ବର୍ଷ: 2020, ପଞ୍ଜିକୃତ ନଂ.: OD09P3246, ଇଞ୍ଜିନ ନଂ.: LOHZ407847, ଚେସିସ୍ ନଂ.: MB1NGCHD3LRDE5606 | ଟ.୧୪,୮୭,୫୦୦/- / ଟ. ୧,୪୮,୭୫୦/- / ଟ. ୧୦,୦୦୦/- | ବୁଲୁ ଷ୍ଟକୟାର୍ଡ ସା: ମାଟକାମବେଡା, ପୋ: ବଡବିଲ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୬ |
| ୨. | ଯୋଡା | ନଫସା ଖାତୁନ | COMMERCIAL TATA TRUCK, ନିର୍ମାଣ ବର୍ଷ: 2019, ପଞ୍ଜିକୃତ ନଂ.: OD09P3454, ଇଞ୍ଜିନ ନଂ.: ISBE591804091D63787816, ଚେସିସ୍ ନଂ.: MAT466621K5C04526 | ଟ.୧୨,୦୭,୫୦୦/- / ଟ.୧,୨୦,୭୫୦/- / ଟ. ୧୦,୦୦୦/- | ଏସ୍ ଆଣ୍ଡ୍ ଡି ଷ୍ଟକୟାର୍ଡ ସା/ପୋ.: କାନପୁର, ଥାନା: ରାସଗୋବିନ୍ଦପୁର, ଭାୟା: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୧୬ |
| ୩. | ଯୋଡା | ରାଜ କୁମାର ଠାକୁର | ASHOK LEYLAND 3718, ନିର୍ମାଣ ବର୍ଷ: 2019, ପଞ୍ଜିକୃତ ନଂ.: OD09K5902, ଇଞ୍ଜିନ ନଂ.: KFEZ409860, ଚେସିସ୍ ନଂ.: MB1N4CHD8KEFD5330 | ଟ.୧୨,୨୫,୦୦୦/- / ଟ.୧,୨୨,୫୦୦/- / ଟ. ୧୦,୦୦୦/- | ବିଦ୍ୟାଧର ବାରିକ ଷ୍ଟକୟାର୍ଡ ସା: ଫୁଲଝର, ପୋ: ରାଇସୁଆଁ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୮୫ |
| ୪. | ଯୋଡା | ଉମୀର ଅହମ୍ମଦ | ASHOK LEYLAND 3718, ନିର୍ମାଣ ବର୍ଷ: 2020, ପଞ୍ଜିକୃତ ନଂ.: OD09K6891, ଇଞ୍ଜିନ ନଂ.: JKPZ160513, ଚେସିସ୍ ନଂ.: MB1NACHDXKPJG7721 | ଟ.୧୩,୧୨,୫୦୦/- / ଟ.୧,୨୧,୨୫୦/- / ଟ. ୧୦,୦୦୦/- | ମୋହନ ପଲେଇ ଷ୍ଟକୟାର୍ଡ ସା/ପୋ: ରାଇସୁଆଁ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୧୩ |
| ୫. | ଯୋଡା | ଉମୀର ଅହମ୍ମଦ | ASHOK LEYLAND 3718, ନିର୍ମାଣ ବର୍ଷ: 2019, ପଞ୍ଜିକୃତ ନଂ.: OD09K5901, ଇଞ୍ଜିନ ନଂ.: JKPZ160430, ଚେସିସ୍ ନଂ.: MB1NACHD9KPJG8164 | ଟ.୧୨,୨୫,୦୦୦/- / ଟ.୧,୨୨,୫୦୦/- / ଟ. ୧୦,୦୦୦/- | ବିଦ୍ୟାଧର ବାରିକ ଷ୍ଟକୟାର୍ଡ ସା: ଫୁଲଝର, ପୋ: ରାଇସୁଆଁ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୮୫ |
| ୬. | ବଡବିଲ | ଅଞ୍ଜନ କୁମାର ମହାନ୍ତି | MAHINDRA BOLERO CAMPER GOLD 2WD, ନିର୍ମାଣ ବର୍ଷ: 2017, ପଞ୍ଜିକୃତ ନଂ.: OD09G1261, ଇଞ୍ଜିନ ନଂ.: TBH4G79797, ଚେସିସ୍ ନଂ.: MA1RY2TBKH3G98191 | ଟ.୩,୦୬,୫୦୦/- / ଟ.୩୦,୬୫୦/- / ଟ. ୫,୦୦୦/- | ସା/ପୋ: ସାହାରପଡା, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୧୬ |
| ୭. | ବଡବିଲ | ଅଞ୍ଜନ କୁମାର ମହାନ୍ତି | MAHINDRA BOLERO CAMPER GOLD 2WD, ନିର୍ମାଣ ବର୍ଷ: 2016, ପଞ୍ଜିକୃତ ନଂ.: OD09C6661, ଇଞ୍ଜିନ ନଂ.: TBG4G80323, ଚେସିସ୍ ନଂ.: MA1RY2TBKG3H99553 | ଟ.୨,୧୯,୦୦୦/- / ଟ.୨୧,୯୦୦/- / ଟ. ୫,୦୦୦/- | |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**
ବିକ୍ରୟ ନୋଟିସ୍‌ରେ ବିକ୍ରୟର ସାଧାରଣ ନିୟମ ଏବଂ ସର୍ତ୍ତାବଳୀ ୱେବ୍‌ସାଇଟ୍: **https://ebkray.in** ରେ ଉପଲବ୍ଧ ଏବଂ ପ୍ରକାଶିତ। ଇ-ନିଲାମ ସମୟରେ କିମ୍ବା ପୂର୍ବରୁ କୌଣସି ଅସୁବିଧା କିମ୍ବା ସହାୟତା ନିମନ୍ତେ ଇ-ନିଲାମ ସେବାପ୍ରଦାନକାରୀ **(https://ebkray.in)** ଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ସହ ଯୋଗାଯୋଗ କରିପାରିବେ। ଯାହାର ସବିଶେଷ ବିବରଣୀ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ।

ସ୍ଥାନ : କେନ୍ଦୁଝର, ତାରିଖ : ୨୫.୧୦.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର



ବୈଦିପାଲି ଗାଁର ମହିଳା ଓ ପୁରୁଷମାନେ ଦାବିପତ୍ର ଦେବାକୁ ଜିଲାପାଳ ଅଫିସକୁ ଆସିଛନ୍ତି।

**ବୈଦିପାଲିରେ ଉପ-ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ଦାବି**

**ବଲାଙ୍ଗୀର,୨୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ରାଜ୍ୟ ସରକାରଙ୍କ ନୋଟିଫିକେଶନ ସତ୍ତ୍ୱେ ବୈଦିପାଲିରେ ଉପ-ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ନ ଯିବା ମସୁଧା ଚାଲିଥିବା ଜାଣିବା ପରେ ଶୁକ୍ରବାର ଗାଁର ବହୁ ମହିଳା ଓ ପୁରୁଷ ଜିଲାପାଳ କାର୍ଯ୍ୟାଳୟକୁ ଆସି ପ୍ରତିବାଦ ଜଣାଇଛନ୍ତି। ବୈଦିପାଲିରେ ଉପ-ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ନ କଲେ ଆନ୍ଦୋଳନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି। ଗ୍ରାମବାସୀ ଜଣାଇଛନ୍ତି ଯେ, ବୈଦିପାଲି ଗ୍ରାମପଞ୍ଚାୟତର କେନ୍ଦ୍ର ସ୍ଥଳରେ ବୈଦିପାଲି ଗାଁ ରହିଛି। ଏହି ସ୍ଥାନରୁ ସମସ୍ତ ଗାଁକୁ ଯୋଗାଯୋଗ ମଧ୍ୟ ରହିଛି। ଏହାସତ୍ତ୍ୱେ ତହସିଲ ଓ ରାଜସ୍ୱ ନିରୀକ୍ଷକ ଅଫିସର କେତେଜଣ ଅଧିକାରୀ ଓ କର୍ମଚାରୀ ବୈଦିପାଲିରେ ସରକାରୀ ଜାଗା ନାହିଁ ଦର୍ଶାଇ ପ୍ରତାପରୁଦ୍ରପୁରକୁ ଏହି ଉପସ୍ୱାସ୍ଥ୍ୟକେନ୍ଦ୍ର ଉଠାଇ ନେବାକୁ ମସୁଧା କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ବୈଦିପାଲିରେ ଉପ-ସ୍ୱାସ୍ଥ୍ୟକେନ୍ଦ୍ର କୋଠା ନିର୍ମାଣ ହେବ ବୋଲି ଅନୁମୋଦନ କରିଛନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅଫିସରୁ ୨୦୨୩ ମସିହା ଅଗଷ୍ଟ ମାସରେ ବିଧିବଦ୍ଧ ଚିଠି (୨୯୮୩/ତା. ୧୮.୦୮.୨୩) ପ୍ରକାଶ କରାଯାଇ ଉପସ୍ୱାସ୍ଥ୍ୟକେନ୍ଦ୍ର କୋଠା ନିର୍ମାଣ ପାଇଁ ଜମି ଚିହ୍ନଟ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଚିଠିର କ୍ରମାଙ୍କ ନମ୍ବର ୮ରେ କୋଠା ନିର୍ମାଣ ସ୍ଥାନ ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବୈଦିପାଲି ବୋଲି ଉଲ୍ଲେଖ ରହିଛି। ଗ୍ରାମବାସୀଙ୍କ କହିବା ହେଲା ବୈଦିପାଲି ରାସ୍ତା କଡରେ ଆବଶ୍ୟକ ସରକାରୀ ଜମି ରହିଛି। କେବଳ ମସୁଧା କରି ଏହାକୁ ସ୍ଥାନାନ୍ତର ଉଦ୍ୟମ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ବୈଦିପାଲି ଗ୍ରାମବାସୀ ଜିଲାପାଳ ଅଫିସ ଏବଂ ତହସିଲଦାର ଅଫିସରେ ଦାବିପତ୍ର ଦେଇଥିବା ଜଣାଇଛନ୍ତି।

# ଆଞ୍ଚଳିକ ଖାଦ୍ୟମେଳା, ପ୍ରଦର୍ଶନୀ ଉଦ୍‌ଘାଟିତ



ବଲାଙ୍ଗୀର ଆଞ୍ଚଳିକ ଖାଦ୍ୟ ମେଳା ଅବସରରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର,୨୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର କୋଶଳ କଳା ମଣ୍ଡଳ ପଡିଆରେ ଜିଲା କୃଷି ବିଭାଗ ପକ୍ଷରୁ ଶୁକ୍ରବାର ଆଞ୍ଚଳିକ ଖାଦ୍ୟ ମେଳା ଓ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ଜିଲାପାଳ ଗୌରଓ୍ୱ ଶିୱାଜୀ ଇସଲୱାର, ଜିଲା କୃଷି ଅଧିକାରୀ ବାବୁଲି ସେଠୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ପ୍ରଫୁଲ୍ଲ ଭଞ୍ଜ ମଞ୍ଚାସୀନ ଥିଲେ । ମେଦ ବହୁଳତା, କ୍ୟାନସର, ସ୍ୱାସ୍ଥ୍ୟ ସମସ୍ୟାର କାରଣ ଏବଂ ନିରାକରଣ ଉପରେ ଆଲୋଚନା ହୋଇଥିଲା। ଅତିଥିମାନେ କ୍ଷୁଦ୍ର ଶସ୍ୟ ଜାତୀୟ ଖାଦ୍ୟ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ମିଲେଟ ଯୁକ୍ତ ଖାଦ୍ୟ କିମ୍ବା ପୁରୁଣା ଖାଦ୍ୟ ଅଭ୍ୟାସ ଶରୀର ପକ୍ଷେ କେତେ ହିତକାରୀ ଥିଲା ଅତିଥି ରାଜ୍ୟସଭା ସଦସ୍ୟ ବିଶି, ଜିଲା ପରିଷଦ ସଭାପତି ସାହୁ ଓ ପୌରାଧ୍ୟକ୍ଷା ସାହୁ କହିଥିଲେ। ନୂତନ ଜ୍ଞାନକୌଶଳ ସହ ପୁରୁଣା ଖାଦ୍ୟକୁ ଲୋକାଭିମୁଖୀ କରାଇବା ସହ କେମିକାଲ ସାର ବଦଳରେ ଜୈବିକ ସାର ପ୍ରୟୋଗ ପାଇଁ ଜିଲାପାଳ ମତବ୍ୟକ୍ତ କରିଥିଲେ। ସଭା ପୂର୍ବରୁ ଅତିଥିମାନେ ପ୍ରଦର୍ଶନୀ ଷ୍ଟଲ ପରିଦର୍ଶନ କରି ଅଧିକରୁ ଅଧିକ ମାଣ୍ଡିଆ ବ୍ୟବହାର ପାଇଁ କହିଥିଲେ । ଓଡ଼ିଶାର ଶ୍ରୀ ଅନ୍ନ ଓ ପାରମ୍ପରିକ କୃଷି ଐତିହ୍ୟକୁ ନେଇ ଶ୍ରୀ ଅନ୍ନ ଅଭିଯାନ ଆରମ୍ଭ ହୋଇଥିବା ସୂଚନା ଦିଆଯାଇଥିଲା। ଏହି ମେଳାରେ ବିଭିନ୍ନ ଚାଷୀ, ଛାତ୍ରୀଛାତ୍ର, ସାଧାରଣ ଲୋକ, ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ମେଳାରେ ୧୫ଟି ଷ୍ଟଲରେ ବିଭିନ୍ନ କ୍ଷୁଦ୍ରଶସ୍ୟ ଜାତୀୟ ଦ୍ରବ୍ୟ, ମିଲେଟ ଯୁକ୍ତ ଖାଦ୍ୟର ପ୍ରଦର୍ଶନୀ ଷ୍ଟଲ ଲାଗିଥିଲା। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର, ବରଗଡ, ସମ୍ବଲପୁର, ନୂଆପଡା, କଳାହାଣ୍ଡି ଜିଲାର ପ୍ରତିନିଧିମାନେ ଯୋଗଦାନ କରିଥିଲେ।

# ବର୍ଷା, ମହାଦେବ, ପ୍ରିୟଙ୍କା, ରୁକ୍ମଣୀ ରାଜ୍ୟସ୍ତରକୁ ମନୋନୀତ




କୃତୀ ପ୍ରତିଯୋଗୀ।

**ଲୋଇସିଂହା,୨୫।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମ ଠାରେ ଗତ ୨୧ରୁ ୨୩ ତାରିଖ ଯାଏ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଦୌଡକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ୨୫ ଜଣ କୃତୀ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ସେଥିମଧ୍ୟରୁ ଲୋଇସିଂହା ବ୍ଲକର ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ ଛାତ୍ରୀ ବର୍ଷା ବାଗ ୬୦୦ ମିଟର ଦୌଡରେ ପ୍ରଥମ ଓ ଛାତ୍ର ମହାଦେବ ପୁଟେଲ ୮୦୦ ମିଟର ଦୌଡରେ ଦ୍ୱିତୀୟ ହୋଇ ଆସନ୍ତା ନଭେମ୍ବର ୫ରୁ ୮ ତାରିଖ ପର୍ଯ୍ୟନ୍ତ କେନ୍ଦୁଝରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଲଗାତାର ଗତ ୩ ବର୍ଷ ହେଲା ଉକ୍ତ ସ୍କୁଲର ଛାତ୍ରୀଛାତ୍ର ଉତ୍ତମ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ଯାଉଥିବା ଜଣାଯାଇଛି। ୨୦୨୩ରେ ୩୦୦୦ ମିଟର ଦୌଡରେ ଶ୍ରବଣ ବଗର୍ତ୍ତି, ୨୦୨୨ରେ ଶ୍ରବଣ ବଗର୍ତ୍ତି ଓ ବର୍ଷା ବାଗ ଯାଇଥିଲେ। ସେହିପରି ଚଳିତବର୍ଷ ଆଗଲପୁର ବ୍ଲକ ବାକଟି ଉଷାଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା ଦ୍ୱାରି ୨୦୦ ମିଟର ଦୌଡରେ ଓ ବିଏମ ହାଇସ୍କୁଲ ନବମ ଶ୍ରେଣୀ ଛାତ୍ରୀ ରୁକ୍ମଣୀ ଦ୍ୱାରି ଲମ୍ବ ଡିଆଁରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ସେମାନଙ୍କୁ ବ୍ଲକ ଶିକ୍ଷା ବିଭାଗ ଓ ଶିକ୍ଷାନୁଷ୍ଠାନ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯିବା ସହ ଆଗାମୀ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରିବା ନେଇ ଆଶାବ୍ୟକ୍ତ କରିଛନ୍ତି।

# ଅପପୁଷ୍ଟି ମୁକାବିଲା ପାଇଁ ମିଡିଆ ରାଉଣ୍ଡ ଟେବୁଲ ବୈଠକ




ଅପପୁଷ୍ଟି ମୁକାବିଲା ପାଇଁ ଅନୁଷ୍ଠିତ ରାଉଣ୍ଡ ଟେବୁଲ ବୈଠକ।

**ବଲାଙ୍ଗୀର,୨୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ୟୁନିସେଫ୍ ଏବଂ ଜିଲା ସାମାଜିକ କଲ୍ୟାଣ ବିଭାଗ (ଡିଏସ୍‌ଡବ୍ଲ୍ୟୁଓ) ପକ୍ଷରୁ ଶୁକ୍ରବାର ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାର ଅପପୁଷ୍ଟିର ମୁକାବିଲା ପାଇଁ ଏକ ମିଡିଆ ରାଉଣ୍ଡ ଟେବୁଲ ବୈଠକର ଆୟୋଜନ କରାଯାଇଥିଲା। ଏଥିରେ ବଲାଙ୍ଗୀର ଜିଲାର ଅତିଶୟ ଅପପୁଷ୍ଟି ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅପପୁଷ୍ଟିର କାରଣ ଏବଂ ନିରାକରଣ ଉପରେ ଆଲୋଚନା କରାଯାଇ ଏଥିରେ ଗଣମାଧ୍ୟମର ଭୂମିକା ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲା ସାମାଜିକ କଲ୍ୟାଣ ଅଧିକାରୀ ସୁଷମା ମହାପାତ୍ର, ୟୁନିସେଫ୍ ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ, ପୋଷଣ ପରାମର୍ଶଦାତା ପ୍ରିୟବ୍ରତ ଦାସ, ଆରବିଏସ୍‌କେ ମ୍ୟାନେଜର ସୁଧୀର ପଣ୍ଡା, କାର୍ଯ୍ୟକ୍ରମ ସଂଯୋଜକ ଡ. ବରୋଦା ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲାରେ ୧୨୯ ଜଣ ଅତିଶୟ ଅପପୁଷ୍ଟି ପୀଡିତ ଶିଶୁ ରହିଥିବା ଜିଲା ସାମାଜିକ କଲ୍ୟାଣ ଅଧିକାରୀ ମହାପାତ୍ର ସୂଚନା ଦେଇଥିଲେ। କିଭଳି ଭାବେ ଜିଲାରେ ଅପପୁଷ୍ଟି ରୋକାଯାଇ ସମସ୍ତ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ସୁସ୍ଥ କରାଯାଇ ପାରିବ ଏନେଇ ଆଲୋଚନା ହୋଇଥିଲା। ଜିଲାର ଦାଦନ ଶ୍ରମିକ ଭାବେ ଦେଶାନ୍ତରୀ ହେଉଥିବା ଶିଶୁଙ୍କ ପୋଷଣ ଏବଂ ଅନ୍ଧବିଶ୍ୱାସ କାରଣରୁ ଅପପୁଷ୍ଟି ଉପରେ ଗଣମାଧ୍ୟମ ପ୍ରତିନିଧିମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ଣ୍ଣ ଆହାର କାର୍ଯ୍ୟକ୍ରମ ଉପରେ ଉପଯୁକ୍ତ ସଚେତନତା ସୃଷ୍ଟି କରାଯାଉ ନ ଥିବା ଗଣମାଧ୍ୟମ ପ୍ରତିନିଧିମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ୟୁନିସେଫ୍ ପୋଷଣ ବିଶେଷଜ୍ଞ ଭଟ୍ଟାଚାର୍ଯ୍ୟ, ଅପପୁଷ୍ଟି ଏବଂ ସାମ୍-ଏସ୍‌ଏଏମ୍ ପରିଚାଳନାର ସମୀକ୍ଷା କରି ବଲାଙ୍ଗୀର ଜିଲାରେ ପ୍ରାୟ ୪୦ ପ୍ରତିଶତ ପିଲାଙ୍କ ବୟସ ଅନୁଯାୟୀ ଉଚ୍ଚତା କମ୍ ଏବଂ ୧୫ ପ୍ରତିଶତ ପିଲାଙ୍କର ବୟସ ଅନୁଯାୟୀ ଓଜନ କମ୍ ରହିଥିବା ସୂଚନା ଦେଇଥିଲେ।

# ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ଗ୍ରାମସଭା

**ପାଟଣାଗଡ,୨୫।୧୦ (ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟସମଲାଇ ଗ୍ରାମପଞ୍ଚାୟତର ଦଲପାଲି ପଡାକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା । ଏପରିକି ପଡାବାସୀ ବାରମ୍ବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଉଥିଲେ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ତହସିଲଦାର ରୁଦ୍ର ମୋହନ ନାୟକଙ୍କ ଅଧ୍ୟକ୍ଷତାରେ ଖୁଣ୍ଟସମଲେଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଖୁଣ୍ଟସମଲେଇ ଗ୍ରାମ ଓ ଦଲପାଲି ପଡା ବାସିନ୍ଦାଙ୍କୁ ନେଇ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଦଲପାଲିପଡ଼ାର ଜନସଂଖ୍ୟା ଅଧିକ ଥିବାରୁ ଏହାକୁ ରାଜସ୍ୱ ଗ୍ରାମ କରାଯିବା ଯୋଗ୍ୟ ବୋଲି ଉପସ୍ଥିତ ବ୍ୟକ୍ତିମାନେ ନିଜ ନିଜ ମତ ରଖିଥିଲେ। ଏ ସମ୍ପର୍କରେ ତହସିଲଦାର ନାୟକଙ୍କୁ ପଚାରିବାରେ ଉପସ୍ଥିତ ବ୍ୟକ୍ତିମାନଙ୍କର ମତାମତକୁ ନେଇ ସରକାରଙ୍କୁ ଚିଠି କରାଯାଇଛି। ସରକାର ଏହା ଉପରେ ବିଚାର କରିବା ସହ ଆଗାମୀ ଦିନରେ ଦଲପାଲିପଡା ରାଜସ୍ୱ ଗ୍ରାମର ମାନ୍ୟତା ପାଇପାରେ ବୋଲି କହିଥିଲେ । ଏହି ଗ୍ରାମସଭାରେ ପାଟଣାଗଡ ଅତିରିକ୍ତ ତହସିଲଦାର ଅର୍ଜୁନ ମାଝୀ, ଖୁଣ୍ଟସମଲାଇ ସରପଞ୍ଚ ଶୁଶିଲା ମେହେର, ସମିତି ସଭ୍ୟ ସାବିତ୍ରୀ ନାଗ , ଘସିଏନ ଆରଆଇ ନରୋର୍ତ୍ତମ ସୁନା ଓ ଜନସାଧାରଣ ଉପସ୍ଥିତ ଥିଲେ ।

# ୪୨୬୩ ପରିବାର ପାଇଛନ୍ତି ଶହେଦିନର କାମ




ଉପସ୍ଥିତ ଅତିଥି,ଅଧିକାରୀ ଓ ଅନ୍ୟମାନେ।

**ଖପ୍ରାଖୋଲରେ ଏମ୍‌ଜିଏନଆରଇଜିଏସର ଜନଶୁଣାଣି ଶିବିର**

**ଖପ୍ରାଖୋଲ,୨୫।୧୦(ଅଭୟ ତ୍ରିପାଠୀ)**

ସ୍ଥାନୀୟ ବ୍ଲକ ସଭାଗୃହଠାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଅର୍ଦ୍ଧବାର୍ଷିକୀ ଜନଶୁଣାଣି ଶିବିର ଶୁକ୍ରବାର ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣି ଶିବିରରେ ନୋଡାଲ ଅଧିକାରୀ ଭାବେ ପାଟଣାଗଡ ସହକାରୀ ଉପ ଜିଲାପାଳ ନିରୁପମା ଟେଟେ, ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ବ୍ଲକ ଉପାଧ୍ୟକ୍ଷ ସୁଖିରାମ ସାଣ୍ଡ, ସହକାରୀ ଯନ୍ତ୍ରୀ କୁଳମଣି ଭୋଇ, ସରପଞ୍ଚ ସୀମାଞ୍ଚଳ ପୁରୋହିତ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଡ଼ିଓ ଷଡ଼ଙ୍ଗୀ ଅକ୍ଟୋବର ୨୦୨୩ରୁ ମାର୍ଚ୍ଚ ୨୦୨୪ ମଧ୍ୟରେ ଅର୍ଦ୍ଧବାର୍ଷିକୀ ବ୍ୟୟବରାଦ ରିପୋର୍ଟ କାର୍ଡ ଉପସ୍ଥାପନ କରିଥିଲେ । ବିଭିନ୍ନ ବିଭାଗର ଅଧିକାରୀ ମଧ୍ୟ ତାଙ୍କ ବ୍ୟୟ ରିପୋର୍ଟ କାର୍ଡ ଉପସ୍ଥାପନ କରିଥିଲେ। ସୋସିଆଲ ଅଡିଟ ୟୁନିଟ ଦ୍ୱାରା ଯୋଜନାର ସମସ୍ୟା ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ନିର୍ଦ୍ଧାରିତ ଛଅ ମାସ ମଧ୍ୟରେ ବ୍ଲକରେ ମୋଟ୧୭ କୋଟି ୨୬ ଲକ୍ଷ ୯୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୪ ହଜାର୨୬୩ ପରିବାର ଶହେ ଦିନର କାମ ପାଇଥିବା ସୂଚନା ଦେଇଥିଲେ। କେତେଜଣ ହିତାଧିକାରୀ ନିଜ ନିଜ ସମସ୍ୟା ଉପସ୍ଥାପନ କରିଥିବା ବେଳେ ସପ୍ତାହକ ମଧ୍ୟରେ ସମସ୍ୟା ସମାଧାନ ଉପରେ ନୋଡାଲ ଅଧିକାରୀ କହିଥିଲେ। ଏହି ଅବସରରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜୀନିତା ବରୁଆ, ମୃତ୍ତିକା ସଂରକ୍ଷଣ ଅଧିକାରୀ ଶେଷଦେବ ମେହେର, ଜଙ୍ଗଲ ବିଭାଗ ରୁ ରାଜେନ୍ଦ୍ର ଧରୁଆ, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆରଏସ, ଭିଆରପି, ଗାଁ ସାଥୀ ଓ ଶ୍ରମିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏପିଓ ପ୍ରଶାନ୍ତ କୁମାର ସାହୁ, ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟଭାନୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।


**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR**
No.C-816
E-Mail ID - acephcbam@gmail.com
**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding: From | Availability of Bid Document for Online Bidding: To | Name & Address of Officer Inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | "Construction of 11 MLD WTP and other ancillary works for improvement of water supply to Purusottampur NAC under AMRUT 2.0 (SWAP-III) including 5 years operation & Maintenance cost | Identification No. ACEPHCBAM 11/2024-25 Dt. 21.10.2024 | 771.62 | 12 (Twelve) Calendar Months | 11.00 Hrs. of 28.10.2024 | 17.30 Hrs. of 13.11.2024 | Additional Chief Engineer, P.H. Circle, Berhampur |

The technical bid shall be opened on dt. 16.11.2024 at 12.30 P.M.
Further details can be seen from the e-Procurement portal http://tendersodisha.gov.in
OIPR-13004/11/0010/2425 Sd./- Additional Chief Engineer (PH)

**The Odisha State Co-operative Milk Producers' Federation Limited**
omfed www.omfed.com
D-2, Sahid Nagar, Bhubaneswar-751007
Ph. NO. : 0674-2546030, 2540273, 2540417, 2540974
E-mail ID : omfed@yahoo.com
No.CAD-1438
**TENDER NOTICE**
OMFED invites sealed Techno - commercial offers in separate envelope from manufacturers / suppliers of Multi cyclone dust collector for supply, installation, testing, commissioning and trial run of 03 nos. **Multi cyclone dust collector** for 03 nos 1MTPH Coal fired boilers installed at Salapada Dairy and Keonjhar Dairy of OMFED. Interested bidders may download the Tender Document from the OMFED website www.omfed.com only for reference. Bid document will be available in the https://tendersodisha.gov.in from **10.00 AM of 24.10.2024 to 2.00 PM of 18.11.2024** for bidding. The sealed offer along with EMD of **Rs. 50,000/-** and tender paper cost of **Rs. 4,000/- + 18% GST shall be deposited through online portal** up to **1400 hour on 18.11.2024. The technical Bid shall be opened at the above mentioned address on the same day at 1500 hour**. For details please visit our website. No bid without required EMD shall be accepted. Tenderers are requested to visit OMFED website regularly as any corrigendum / addendum may be published in OMFED website and not in any other media / newspapers.
**OMFED** reserves the right to accept or reject any or all the tenders or part thereof without assigning any reason thereof.
OIPR-06063/11/0058/2425 Sd./- Managing Director

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୧୯୫ ତା:୨୧।୧୦।୨୪
**ବିଜ୍ଞାପନ**
No. CAD-1448: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାସନ୍ତୀ କଲୋନୀ, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଘର ନଂ.-ବି.ଏମ୍-୫୪ (BM-54)କୁ (୧) ଶାନ୍ତା ଦ୍ୱାରକାନାଥ ନାଏର, (୨)ରାଞ୍ଜିତ କୁମାର ନାଏର, (୩) ନିର୍ମଳା ନାଏର, (୪) କି. ଗୋପୀନାଥ ନାଏର, (୫) ଗୋପାଳ ନାରାୟଣ, ପିତା: ୰ଗୋପାଳକ୍ରିଷ୍ଣ ନାଏର, ପ୍ଲଟ ନଂ. ଆର୍.ଆର୍-୦୯, ସିଭିଲ୍ ଟାଉନ୍‌ସିପ୍, ରାଉରକେଲା-୧୨, ଜିଲ୍ଲା: ସୁନ୍ଦରଗଡ଼ଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଉକ୍ତ ଗୃହଟିକୁ ତାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ରଞ୍ଜିତ କୁମାର ନାଏର, ପ୍ଲଟ ନଂ.ଆର୍.ଆର୍-୦୯, ସିଭିଲ୍ ଟାଉନ୍‌ସିପ୍, ରାଉରକେଲା-୧୨, ଜିଲ୍ଲା: ସୁନ୍ଦରଗଡ଼ଙ୍କ ଜରିଆରେ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ମିଲନ୍‌ପ୍ରୀତ ସିଂହ, ପିତା: ହରିଚରନ ସିଂହ, ବି.ଏମ୍-୬, ବାସନ୍ତୀ କଲୋନୀ, ରାଉରକେଲା, ଜି.: ସୁନ୍ଦରଗଡ଼-୭୬୯୦୧୨ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./– ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0313/2425

**OFFICE OF THE DHENKANAL MUNICIPAL COUNCIL, DHENKANAL**
No. C-820
**E-Procurement Notice**
**Tender Call Notice No. 5101/DKLMPLTY / Date: 21.10.2024**
1. Name of the Work : "Construction of Dhenkanal Smart Park at Dhenkanal Municipality" Published the website the e-procurement portal https://tenderodisha.gov.in
2. No. of works put to tender : One No. of individual work
3. Estimated Cost : Rs.222.8 lakhs
4. Period of Completion : 06 (Six) Months
5. Date and time of availability : From 11.00 hours of Dt.23.10.2024 to 17.30 of Dt.06.11.2024 of bid document in the portal
6. Last date/time for receipt of bids : 17.30 hours of Dt.06.11.2024
7. Date and time of opening of Technical bid : 11.00 hours of Dt.07.11.2024
8. Name and address of the Officer Inviting Bid : Executive Officer, Dhenkanal Municipality, Dhenkanal

Further details can be seen from the e-procurement portal https://tenderodisha.gov.in.
OIPR-13146/11/0016/2425 Sd./- Executive Officer, Dhenkanal Municipality

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KANDHAMAL, PHULBANI**
**TENDER CALL NOTICE**
**Tender No. 12688/DWH/2024** **Date: 23.10.24**
No. E-441: Sealed tenders are invited from authorized firms for Supply of Drugs & Medical Consumables, Bedding & Clothing Items to Kandhamal district. The details are available in the district website: **www.kandhamal.nic.in**. The eligible bidders may submit their tender papers on or before 16.11.2024 by 05.00 P.M. through Registered Post/Speed Post/Courier only to the undersigned. The pre bid Meeting will be held 05.11.2024 at 11 A.M. & the Technical Bid document will be opened on 20.11.2024 at 11.00 A.M. Finalization of Technical Bid & Opening of Price Bid will be Communicated Later on by the undersigned. The undersigned reserves the right to accept or reject any or all the tender without assigning any reason thereof.
Sd./- Chief District Medical & PH Officer, Kandhamal
OIPR-10015/11/0012/2425

Government of Odisha "e" Procurement Notice
**WORKS DEPARTMENT**
No.B-462
**Bid Identification No. CCEKC - 20/2024-25**
e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com
**Letter No. 4816 dt.17.10.2024**

| | | | |
|---|---|---|---|
| 1 | No. of the work | : | 7 number Road & Bridge Works |
| 2 | Estimated cost | : | Rs. 150.17 Lakhs to Rs. 509.99 Lakhs |
| 3 | Class of Contractor | : | "B" & "A" Class |
| 4 | Period of completion | : | 06 (Six) Calendar Months to 09 (Nine) Calendar Months |
| 5 | Date and Time of availability of Bid document in the portal | : | From 11.30 Hours of 28.10.2024 to 16.00 Hours of 12.11.2024 |
| 6 | Last date / Time for receipt of bids in the portal | : | 16.00 Hours of 12.11.2024 |
| 7 | Date of opening of Bid from Portal | : | 11.30 Hours on 13.11.2024 |
| 8 | Name and address of the officer inviting Bid | : | Chief Construction Engineer, Keonjhar (R&B) Circle, Keonjhar-758001 |

Further details can be seen from the e-procurement portal "http://tendersodisha.gov.in"
Sd./- Chief Construction Engineer, Keonjhar (R&B) Circle, Keonjhar
OIPR-34033/11/0041/2425

**GOVT OF ODISHA**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, JEYPORE**
No.A-471
AT/PO : JEYPORE, DIST : KORAPUT
PHONE NO. : 06854-291412, e-mail - mijeypore@yahoo.co.in
**e-Procurement Notice**
BID IDENTIFICATION NO. MIDJEY 05/2024-25
**No. 1294** **Date. : 18.10.2024**
The **Superintending Engineer, Minor Irrigation Division, Jeypore** on behalf of Governor of Odisha invites **Percentage Rate** bid in **Double** Cover System in **ONLINE MODE**. Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in

| | | | |
|---|---|---|---|
| 1 | Name of the work | : | Improvement to MIPs |
| 2 | No. of works | : | 06 Nos. |
| 3 | Estimated cost | : | Approximately Rs. 50.90 to 83.90 Lakhs |
| 4 | Period of completion | : | 4 (Four) & 5 (Five) calendar months |
| 5 | Date and time of availability of bid documents in the portal | : | From 10.00 Hours of 30.10.2024 to 17.00 Hours of 12.11.2024 |
| 6 | Last date / time for receipt of bids in the portal | : | 17.00 Hours of 12.11.2024 |
| 7 | Date of opening of Bid | : | 11.00 Hours on 13.11.2024 |
| 8 | The bidders have to participate in ONLINE bidding only | | |
| 9 | Name of the Officer inviting Bid | : | Superintending Engineer, Minor Irrigation Division, Jeypore |

Further details can be seen from the e-procurement portal https://tendersodisha.gov.in
Sd./- Suprava Kanhar 18.10.24 Superintending Engineer MI Division, Jeypore
OIPR-32374/11/0002/2425

# ପଶୁପକ୍ଷୀଙ୍କୁ ଚିକିତ୍ସା ସେବା ଅପହଞ୍ଚ

■ ହେଲ୍ପଲାଇନ୍ ନମ୍ବର ବାବଦରେ ଲୋକେ ଅଜ୍ଞ
■ ପ୍ରଚାର ପ୍ରସାର ଅଭାବ, ହେଉନି ସଚେତନତା

**ରାଉରକେଲା,୨୫।୧୦(ସଙ୍ଗୀତା ଜେନା)**

ରାଉରକେଲାରେ ପ୍ରାଣୀଧନଙ୍କ ପାଇଁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ହଜାର ହଜାର ବୁଲା ପ୍ରାଣୀ ରିଂରୋଡ୍, ମେନ୍ ରୋଡ୍, ଛେଣ୍ଡ ରୋଡ୍ ପରି ବ୍ୟସ୍ତବହୁଳ ରାସ୍ତାରେ ବୁଲୁଛନ୍ତି। ଫଳରେ ଅନେକ ସମୟରେ ଏହି ପ୍ରାଣୀମାନେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଅନେକ ସମୟରେ ଗୋରକ୍ଷକ ଓ ଘରୋଇ ପ୍ରାଣୀ ଚିକିତ୍ସକମାନଙ୍କୁ ଯୋଗାଯୋଗ କରାଯାଉଛି। ମାତ୍ର ସମୟ ଅଭାବ ହେଉ କିମ୍ବା ଅନ୍ୟ କାରଣ ଯୋଗୁ ଆହତ ପ୍ରାଣୀ ଚିକିତ୍ସା ସେବା ପାଇପାରୁନାହାନ୍ତି।

ରାଜ୍ୟ ସରକାରଙ୍କ ପକ୍ଷରୁ ଆହତ ପଶୁପକ୍ଷୀଙ୍କ ପାଇଁ ହେଲ୍ପଲାଇନ୍ ନମ୍ବର '୧୯୬୨' ରହିଥିଲେ ମଧ୍ୟ ତାହା କାମରେ ଆସୁ ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରସାରପ୍ରଚାର ଅଭାବରୁ ସାଧାରଣ ଲୋକେ ଏ ସମ୍ପର୍କରେ ଅନଭିଜ୍ଞ ରହୁଛନ୍ତି। ଯାହାଦ୍ୱାରା ରାସ୍ତାକଡ଼ରେ ଚିକିତ୍ସା ଆବଶ୍ୟକ କରୁଥିବା ପଶୁପକ୍ଷୀ ଏହି ସେବାରୁ ବଞ୍ଚିତ ହେଉଛନ୍ତି। ପାନପୋଷ ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟ ତତ୍ତ୍ୱାବଧାନରେ ଟୋଲ୍ ଫ୍ରି ହେଲ୍ପଲାଇନ ନମ୍ବର ରହିଛି। ଏଥିରେ କେହି ଫୋନ୍ କଲେ ତାଙ୍କୁ ମାଗଣା ସୁବିଧା ପ୍ରଦାନ କରାଯାଇଥାଏ। ଏହି ସେବା ସକାଳ ୬ଟାରୁ ରାତି ୧୦ଟା ଯାଏ ରହିଛି। ଏଥିପାଇଁ ସ୍ୱତନ୍ତ୍ର ୮ ଜଣିଆ ଟିମ୍ ରହିଛନ୍ତି। ହେଲ୍ପଲାଇନ୍‌ରେ ଯୋଗାଯୋଗ କଲେ ତାହା ଭୁବନେଶ୍ୱରରୁ ପରିଚାଳନା କରାଯାଇଥାଏ। ଉକ୍ତ ନମ୍ବରକୁ ଆଉଟସୋର୍ସ କରାଯାଇଛି। ପ୍ରାୟ ଘଣ୍ଟାଏ ମଧ୍ୟରେ ଆହତ ପଶୁପକ୍ଷୀଙ୍କ ନିକଟରେ ଏହି ଟିମ୍ ଆମ୍ବୁଲାନ୍ସ ସହ ପହଞ୍ଚି ସେବା ଯୋଗାଇଥାଏ। ଏତେ ପ୍ରକାର ସୁବିଧା ଥିଲେ ମଧ୍ୟ ଏହାର ପ୍ରଚାରପ୍ରସାର ହୋଇପାରିନାହିଁ ।

ଝିରପାଣିର ପଶୁପ୍ରେମୀ ରାଜେଶ ତନ୍ତୀ କୁହନ୍ତି, ଅଧିକାଂଶ ସମୟରେ ରାସ୍ତାଘାଟରେ ବୁଲା ପ୍ରାଣୀ ଆହତ ହୋଇଥାନ୍ତି। ସେମାନଙ୍କୁ ସେବା ଯୋଗାଯାଇପାରି ନ ଥାଏ। ପ୍ରଶାସନ ପକ୍ଷରୁ ୧୯୬୨ ଭଳି ନିଃଶୁଳ୍କ ନମ୍ବର ରହିଛି। ଯେଭଳି ନିଖୋଜ ଶିଶୁମାନଙ୍କ ପାଇଁ ହେଲ୍ପଲାଇନ୍ ନମ୍ବରର ପ୍ରସାରପ୍ରଚାର କରାଯାଉଛି। ଏହି ନମ୍ବରର ମଧ୍ୟ ଅନୁରୂପ ପ୍ରଚାର କରାଯାଉ ବୋଲି ତନ୍ତୀ କହିଥିଲେ। ସେହିପରି ଆଇନଜୀବୀ ତଥା ପ୍ଲୁଟୋଜ୍ ଫୋର୍ସର ଆବାହିକା ସ୍ୱାଗତିକା ମହାନ୍ତି କୁହନ୍ତି, କୋଭିଡ୍ ସମୟରେ ଆହତ ପଶୁମାନଙ୍କ ପାଇଁ ଉଚିତ୍ ସେବା ମିଳୁ ନ ଥିଲା। ୨୦୨୨ରେ ଏହା କାର୍ଯ୍ୟକାରୀ ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଏହାର ଉଚିତ୍ ପ୍ରଚାର ପ୍ରସାର ହୋଇପାରିନାହିଁ। ଫଳରେ ଏହି ନମ୍ବର ସମ୍ପର୍କରେ କେହି ଅବଗତ ନାହାନ୍ତି। ତେଣୁ ଏହାର ପ୍ରଚାର ପ୍ରସାର ଓ ସଚେତନତା କରାଯାଉ ବୋଲି ମହାନ୍ତି କହିଥିଲେ।

ଏ ସମ୍ପର୍କରେ ପାନପୋଷ ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟ ଅଧିକାରୀ ଡା. ପ୍ରସନ୍ନ ମହାରଣାଙ୍କୁ ପଚରାଯିବାରୁ ସେ କହିଲେ, ଏହି ନମ୍ବର ୨୦୨୨ରେ ଲାଗୁ କରାଯାଇଛି। ଭୁବନେଶ୍ୱରର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପିପୁଲ ଆନିମଲ୍ ଫର୍ ଜଗତସିଂହପୁର' ଏହାକୁ ରାଜ୍ୟସ୍ତରରେ ପରିଚାଳନା କରୁଛି। ୨୦୨୩ରେ ୯୫୧ଟି କଲ୍ ଆଧାରରେ ପଶୁପକ୍ଷୀଙ୍କୁ ସେବା ପ୍ରଦାନ କରାଯାଇଛି। ୨୦୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ ୧୧୯୫ଟି କଲ୍‌କୁ ଆଧାର କରି ପଶୁପକ୍ଷୀଙ୍କ ଚିକିତ୍ସା କରାଯାଇଛି। ଆହତ ପଶୁଙ୍କୁ ମାଗଣା ଔଷଧ ଦିଆଯାଉଛି। ପ୍ରଚାର ପ୍ରସାର କମ୍ ରହିଛି। ସଚେତନତା ପାଇଁ ଆଗାମୀ ଦିନରେ ଦାସକାଠିଆ, ପଥପ୍ରାନ୍ତ ନାଟକ ଆଦି କରାଯିବା ଲାଗି ପ୍ରସ୍ତାବ ଦିଆଯାଇଛି। ଉତ୍ତମ ସେବା ପାଇଁ ରାଉରକେଲା ମହାନଗର ନିଗମ ସହ ଆଲୋଚନା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଡା. ମହାରଣା ସୂଚନା ଦେଇଥିଲେ।



ପାନପୋଷ ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟ।

## ୨ଚୋରି ସ୍କୁଟି ଜବତ,ଜଣେ ଗିରଫ

**ସୁନ୍ଦରଗଡ,୨୫।୧୦(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ସଦର ଥାନା ପୋଲିସ ୨ଟି ଚୋରି ସ୍କୁଟି ଜବତ କରିବା ସହ ଏହି ଚୋରି ଘଟଣାରେ ଶୁକ୍ରବାର ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ବିଶ୍ୱଜୀତ ଧୁଆ(୨୯)। ତାଙ୍କ ଘର ସଦରଥାନା କନ୍ଦାବାହାଲ ମନ୍ଦିର ପଡାରେ। ପୋଲିସ ତାଙ୍କ ନାମରେ ସଦରଥାନାରେ କେଶ ନଂ. ୧୯୯/୨୪ରେ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ବଳାତ୍କାର ମାମଲାରେ ଫେରାର ଅଭିଯୁକ୍ତ ଗିରଫ

**କୋକସରା,୨୫।୧୦ (ଦୁଷ୍ମନ୍ତ କୁମାର ପାଇକଯୋଷୀ):** କଳାହାଣ୍ଡି ଜିଲା ଆମପାଣି ଥାନାରେ ଗତ ଜୁଲାଇ ୧୧ରେ ରୁଜୁ ହୋଇଥିବା ବଳାତ୍କାର ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବଙ୍ଗୋମୁଣ୍ଡା ଗ୍ରାମର ସାଧୁରାମ ମାଝୀ। ଆମପାଣି ଅଞ୍ଚଳର ଜନୈକା ଯୁବତୀଙ୍କୁ ସମ୍ପର୍କୀୟ ଯୁବକ ସାଧୁରାମ ବଳାତ୍କାର କରିଥିବା ନେଇ ପୀଡିତାଙ୍କ ପରିବାର ପକ୍ଷରୁ ଆମପାଣି ଥାନାରେ ଅଭିଯୋଗ ହୋଇଥିଲା।

## ଚକ୍ଷୁ ଦାନ କଲେ ଦୁର୍ଘଟଣାରେ ମୃତବ୍ୟକ୍ତି



**ବଡ଼ଗାଁ,୨୫।୧୦(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଖୁଟମୁଣ୍ଡା ଗାଁ ନିକଟ ରାଜ୍ୟ ରାଜପଥରେ ବାଇକ ଧକ୍କାରେ ମୃତ୍ୟୁବରଣ କରିଥିବା ମଧୁ ଗଡତିଆ (୬୨)ଙ୍କ ଚକ୍ଷୁକୁ ତାଙ୍କ ପରିବାର ପକ୍ଷରୁ ଦାନ କରାଯାଇଛି। ମଧୁଙ୍କ ପୁଅ ହେମନ୍ତ ଗଡତିଆ, ପରିବାର ଓ ସମସ୍ତଙ୍କ ସ୍ୱଇଚ୍ଛାରେ ଏହି ମହତ୍ କାର୍ଯ୍ୟ ସମ୍ପାଦନ କରାଯାଇଛି। ମୃତ୍ୟୁ ପରେ ମଧ ବାପା ସମସ୍ତଙ୍କୁ ଦେଖିପାରିବେ ବୋଲି ବାପାଙ୍କ ଇଚ୍ଛା ମୁତାବକ ଏହି ଚକ୍ଷୁଦାନ କରାଯାଇଛି ବୋଲି ପୁଅ କହିଛନ୍ତି। ମଧୁ ଗଡତିଆ ରାସ୍ତା ପାର ହେଉଥିବା ସମୟରେ ତାଙ୍କୁ ଏକ ବାଇକ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବର୍ଷା, ମହାଦେବ, ପ୍ରିୟଙ୍କା, ରୁକ୍ମଣୀ ରାଜ୍ୟସ୍ତରକୁ ମନୋନୀତ



କୃତୀ ପ୍ରତିଯୋଗୀ।

**ଲୋଇସିଂହା,୨୫।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମ ଠାରେ ଗତ ୨୧ରୁ ୨୩ ତାରିଖ ଯାଏ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଦୌଡକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ୨୫ ଜଣ କୃତୀ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ସେଥିମଧ୍ୟରୁ ଲୋଇସିଂହା ବ୍ଲକର ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ ଛାତ୍ରୀ ବର୍ଷା ବାଗ ୬୦୦ ମିଟର ଦୌଡରେ ପ୍ରଥମ ଓ ଛାତ୍ର ମହାଦେବ ପୁଟେଲ ୮୦୦ ମିଟର ଦୌଡରେ ଦ୍ୱିତୀୟ ହୋଇ ଆସନ୍ତା ନଭେମ୍ବର ୫ରୁ ୮ ତାରିଖ ପର୍ଯ୍ୟନ୍ତ କେନ୍ଦୁଝରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଲଗାତାର ଗତ ୩ ବର୍ଷ ହେଲା ଉକ୍ତ ସ୍କୁଲର ଛାତ୍ରୀଛାତ୍ର ଉତ୍ତମ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ଯାଉଥିବା ଜଣାଯାଇଛି। ୨୦୨୩ରେ ୩୦୦୦ ମିଟର ଦୌଡରେ ଶ୍ରବଣ ବଗର୍ତ୍ତି, ୨୦୨୨ରେ ଶ୍ରବଣ ବଗର୍ତ୍ତି ଓ ବର୍ଷା ବାଗ ଯାଇଥିଲେ। ସେହିପରି ଚଳିତବର୍ଷ ଆଗଲପୁର ବ୍ଲକ ବାକଟି ଉଷାଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା ଦ୍ୱାରି ୨୦୦ ମିଟର ଦୌଡରେ ଓ ବିଏମ ହାଇସ୍କୁଲ ନବମ ଶ୍ରେଣୀ ଛାତ୍ରୀ ରୁକ୍ମଣୀ ଦ୍ୱାରି ଲମ୍ଫ ଡିଆଁରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ସେମାନଙ୍କୁ ବ୍ଲକ ଶିକ୍ଷା ବିଭାଗ ଓ ଶିକ୍ଷାନୁଷ୍ଠାନ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯିବା ସହ ଆଗାମୀ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରିବା ନେଇ ଆଶାବ୍ୟକ୍ତ କରିଛନ୍ତି।

# ଅପପୁଷ୍ଟି ମୁକାବିଲା ପାଇଁ ମିଡିଆ ରାଉଣ୍ଡ ଟେବୁଲ ବୈଠକ



ଅପପୁଷ୍ଟି ମୁକାବିଲା ପାଇଁ ଅନୁଷ୍ଠିତ ରାଉଣ୍ଡ ଟେବୁଲ ବୈଠକ।

**ବଲାଙ୍ଗୀର,୨୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ୟୁନିସେଫ୍ ଏବଂ ଜିଲା ସାମାଜିକ କଲ୍ୟାଣ ବିଭାଗ (ଡିଏସ୍‌ଡବ୍ଲୁଓ) ପକ୍ଷରୁ ଶୁକ୍ରବାର ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାର ଅପପୁଷ୍ଟିର ମୁକାବିଲା ପାଇଁ ଏକ ମିଡିଆ ରାଉଣ୍ଡ ଟେବୁଲ ବୈଠକର ଆୟୋଜନ କରାଯାଇଥିଲା। ଏଥିରେ ବଲାଙ୍ଗୀର ଜିଲାର ଅତିଶୟ ଅପପୃଷ୍ଟି ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅପପୁଷ୍ଟିର କାରଣ ଏବଂ ନିରାକରଣ ଉପରେ ଆଲୋଚନା କରାଯାଇ ଏଥିରେ ଗଣମାଧ୍ୟମର ଭୂମିକା ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲା ସାମାଜିକ କଲ୍ୟାଣ ଅଧିକାରୀ ସୁଷମା ମହାପାତ୍ର, ୟୁନିସେଫ୍ ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ, ପୋଷଣ ପରାମର୍ଶଦାତା ପ୍ରିୟବ୍ରତ ଦାସ, ଆରବିଏସ୍‌କେ ମ୍ୟାନେଜର ସୁଧୀର ପଣ୍ଡା, କାର୍ଯ୍ୟକ୍ରମ ସଂଯୋଜକ ଡ. ବରୋଦା ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲାରେ ୧୨୯ ଜଣ ଅତିଶୟ ଅପପୁଷ୍ଟି ପୀଡିତ ଶିଶୁ ରହିଥିବା ଜିଲା ସାମାଜିକ କଲ୍ୟାଣ ଅଧିକାରୀ ମହାପାତ୍ର ସୂଚନା ଦେଇଥିଲେ। କିଭଳି ଭାବେ ଜିଲାରେ ଅପପୁଷ୍ଟି ରୋକାଯାଇ ସମସ୍ତ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ସୁସ୍ଥ କରାଯାଇ ପାରିବ ଏନେଇ ଆଲୋଚନା ହୋଇଥିଲା। ଜିଲାର ଦାଦନ ଶ୍ରମିକ ଭାବେ ଦେଶାନ୍ତରୀ ହେଉଥିବା ଶିଶୁଙ୍କ ପୋଷଣ ଏବଂ ଅନ୍ଧବିଶ୍ୱାସ କାରଣରୁ ଅପପୁଷ୍ଟି ଉପରେ ଗଣମାଧ୍ୟମ ପ୍ରତିନିଧିମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ଣ୍ଣ ଆହାର କାର୍ଯ୍ୟକ୍ରମ ଉପରେ ଉପଯୁକ୍ତ ସଚେତନତା ସୃଷ୍ଟି କରାଯାଉ ନ ଥିବା ଗଣମାଧ୍ୟମ ପ୍ରତିନିଧିମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ୟୁନିସେଫ୍ ପୋଷଣ ବିଶେଷଜ୍ଞ ଭଟ୍ଟାଚାର୍ଯ୍ୟ, ଅପପୁଷ୍ଟି ଏବଂ ସାମ୍-ଏସ୍‌ଏମ୍ ପରିଚାଳନାର ସମୀକ୍ଷା କରି ବଲାଙ୍ଗୀର ଜିଲାରେ ପ୍ରାୟ ୪୦ ପ୍ରତିଶତ ପିଲାଙ୍କ ବୟସ ଅନୁଯାୟୀ ଉଚ୍ଚତା କମ୍ ଏବଂ ୧୫ ପ୍ରତିଶତ ପିଲାଙ୍କର ବୟସ ଅନୁଯାୟୀ ଓଜନ କମ୍ ରହିଥିବା ସୂଚନା ଦେଇଥିଲେ।

## ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ଗ୍ରାମସଭା

**ପାଟଣାଗଡ,୨୫।୧୦ (ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟସମଲାଇ ଗ୍ରାମପଞ୍ଚାୟତର ଦଲପାଲି ପଡାକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା । ଏପରିକି ପଡାବାସୀ ବାରମ୍ବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଉଥିଲେ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ତହସିଲଦାର ରୁଦ୍ର ମୋହନ ନାୟକଙ୍କ ଅଧ୍ୟକ୍ଷତାରେ ଖୁଣ୍ଟସମଲେଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଖୁଣ୍ଟସମଲେଇ ଗ୍ରାମ ଓ ଦଲପାଲି ପଡା ବାସିନ୍ଦାଙ୍କୁ ନେଇ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଦଲପାଲିପଡ଼ାର ଜନସଂଖ୍ୟା ଅଧିକ ଥିବାରୁ ଏହାକୁ ରାଜସ୍ୱ ଗ୍ରାମ କରାଯିବା ଯୋଗ୍ୟ ବୋଲି ଉପସ୍ଥିତ ବ୍ୟକ୍ତିମାନେ ନିଜ ନିଜ ମତ ରଖିଥିଲେ। ଏ ସମ୍ପର୍କରେ ତହସିଲଦାର ନାୟକଙ୍କୁ ପଚାରିବାରେ ଉପସ୍ଥିତ ବ୍ୟକ୍ତିମାନଙ୍କର ମତାମତକୁ ନେଇ ସରକାରଙ୍କୁ ଚିଠି କରାଯାଇଛି। ସରକାର ଏହା ଉପରେ ବିଚାର କରିବା ସହ ଆଗାମୀ ଦିନରେ ଦଲପାଲିପଡା ରାଜସ୍ୱ ଗ୍ରାମର ମାନ୍ୟତା ପାଇପାରେ ବୋଲି କହିଥିଲେ । ଏହି ଗ୍ରାମସଭାରେ ପାଟଣାଗଡ ଅତିରିକ୍ତ ତହସିଲଦାର ଅର୍ଜୁନ ମାଝୀ, ଖୁଣ୍ଟସମଲାଇ ସରପଞ୍ଚ ଶୁଶିଳା ମେହେର, ସମିତି ସଭ୍ୟ ସାବିତ୍ରୀ ନାଗ , ଘସିଏନ ଆରଆଇ ନରୋତ୍ତମ ସୁନା ଓ ଜନସାଧାରଣ ଉପସ୍ଥିତ ଥିଲେ ।

# ୪୨୬୩ ପରିବାର ପାଇଛନ୍ତି ଶହେଦିନର କାମ



ଉପସ୍ଥିତ ଅତିଥି,ଅଧିକାରୀ ଓ ଅନ୍ୟମାନେ।

**ଖପ୍ରାଖୋଲ ୨୫।୧୦(ଅଭୟ ତ୍ରିପାଠୀ)**

**ଖପ୍ରାଖୋଲରେ ଏମ୍‌ଜିଏନଆରଇଜିଏସର ଜନଶୁଣାଣି ଶିବିର**

ସ୍ଥାନୀୟ ବ୍ଲକ ସଭାଗୃହଠାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଅର୍ଦ୍ଧବାର୍ଷିକୀ ଜନଶୁଣାଣି ଶିବିର ଶୁକ୍ରବାର ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣି ଶିବିରରେ ନୋଡାଲ ଅଧିକାରୀ ଭାବେ ପାଟଣାଗଡ ସହକାରୀ ଉପ ଜିଲାପାଳ ନିରୁପମା ଟେଟେ, ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ବ୍ଲକ ଉପାଧ୍ୟକ୍ଷ ସୁଖ୍ରାମ ସାଣ୍ଡ, ସହକାରୀ ଯନ୍ତ୍ରୀ କୁଳମଣି ଭୋଇ, ସରପଞ୍ଚ ସୀମାଞ୍ଚଳ ପୁରୋହିତ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଡ଼ିଓ ଷଡ଼ଙ୍ଗୀ ଅକ୍ଟୋବର ୨୦୨୩ରୁ ମାର୍ଚ୍ଚ ୨୦୨୪ ମଧ୍ୟରେ ଅର୍ଦ୍ଧବାର୍ଷିକୀ ବ୍ୟୟବରାଦ ରିପୋର୍ଟ କାର୍ଡ ଉପସ୍ଥାପନ କରିଥିଲେ । ବିଭିନ୍ନ ବିଭାଗର ଅଧିକାରୀ ମଧ ତାଙ୍କ ବ୍ୟୟ ରିପୋର୍ଟ କାର୍ଡ ଉପସ୍ଥାପନ କରିଥିଲେ। ସୋସିଆଲ ଅଡିଟ ୟୁନିଟ ଦ୍ୱାରା ଯୋଜନାର ସମସ୍ୟା ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ନିର୍ଦ୍ଧାରିତ ଛଅ ମାସ ମଧ୍ୟରେ ବ୍ଲକରେ ମୋଟ୧୭ କୋଟି ୨୬ ଲକ୍ଷ ୯୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୪ ହଜାର୨୬୩ ପରିବାର ଶହେ ଦିନର କାମ ପାଇଥିବା ସୂଚନା ଦେଇଥିଲେ। କେତେଜଣ ହିତାଧିକାରୀ ନିଜ ନିଜ ସମସ୍ୟା ଉପସ୍ଥାପନ କରିଥିବା ବେଳେ ସପ୍ତାହକ ମଧ୍ୟରେ ସମସ୍ୟା ସମାଧାନ ଉପରେ ନୋଡାଲ ଅଧିକାରୀ କହିଥିଲେ। ଏହି ଅବସରରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜୀନିତା ବରୁଆ, ମୃତ୍ତିକା ସଂରକ୍ଷଣ ଅଧିକାରୀ ଶେଷଦେବ ମେହେର, ଜଙ୍ଗଲ ବିଭାଗ ରୁ ରାଜେନ୍ଦ୍ର ଧରୁଆ, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆରଏସ, ଭିଆରପି, ଗାଁ ସାଥୀ ଓ ଶ୍ରମିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏପିଓ ପ୍ରଶାନ୍ତ କୁମାର ସାହୁ, ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟଭାନୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR**
No.C-816
E-Mail ID - acephcbam@gmail.com
NATIONAL COMPETITIVE BIDDING THROUGH e-PROCUREMENT
**Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding From | To | Name & Address of Officer Inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | "Construction of 11 MLD WTP and other ancillary works for improvement of water supply to Purusottampur NAC under AMRUT 2.0 (SWAP-III) including 5 years operation & Maintenance cost | Identification No. ACEPHCBAM 11/2024-25 Dt. 21.10.2024 | 771.62 | 12 (Twelve) Calendar Months | 11.00 Hrs. of 28.10.2024 | 17.30 Hrs. of 13.11.2024 | Additional Chief Engineer, P.H. Circle, Berhampur |

The technical bid shall be opened on dt. 16.11.2024 at 12.30 P.M.
Further details can be seen from the e-Procurement portal http://tendersodisha.gov.in
OIPR-13004/11/0010/2425 Sd./- Additional Chief Engineer (PH)

**The Odisha State Co-operative Milk Producers' Federation Limited**
omfed www.omfed.com
D-2, Sahid Nagar, Bhubaneswar-751007
Ph. NO. : 0674-2546030, 2540273, 2540417, 2540974
E-mail ID : omfed@yahoo.com
No.CAD-1438

**TENDER NOTICE**

OMFED invites sealed Techno - commercial offers in separate envelope from manufacturers / suppliers of Multi cyclone dust collector for supply, installation, testing, commissioning and trial run of 03 nos. **Multi cyclone dust collector** for 03 nos 1MTPH Coal fired boilers installed at Salapada Dairy and Keonjhar Dairy of OMFED. Interested bidders may download the Tender Document from the OMFED website www.omfed.com only for reference. Bid document will be available in the https://tendersodisha.gov.in from **10.00 AM of 24.10.2024 to 2.00 PM of 18.11.2024** for bidding. The sealed offer along with EMD of **Rs. 50,000/-** and tender paper cost of **Rs. 4,000/- + 18% GST shall be deposited through online portal** up to **1400 hour on 18.11.2024. The technical Bid shall be opened at the above mentioned address on the same day at 1500 hour.** For details please visit our website. No bid without required EMD shall be accepted. Tenderers are requested to visit OMFED website regularly as any corrigendum / addendum may be published in OMFED website and not in any other media / newspapers.
**OMFED** reserves the right to accept or reject any or all the tenders or part thereof without assigning any reason thereof.

OIPR-06063/11/0058/2425 Sd./- Managing Director

**OFFICE OF THE DHENKANAL MUNICIPAL COUNCIL, DHENKANAL**
No. C-820
**E-Procurement Notice**
**Tender Call Notice No. 5101/DKLMPLTY / Date: 21.10.2024**

1. Name of the Work : "Construction of Dhenkanal Smart Park at Dhenkanal Municipality" Published the website the e-procurement portal **https://tenderodisha.gov.in**
2. No. of works put to tender : One No. of individual work
3. Estimated Cost : Rs.222.8 lakhs
4. Period of Completion : 06 (Six) Months
5. Date and time of availability : From 11.00 hours of Dt.23.10.2024 to 17.30 of Dt.06.11.2024 of bid document in the portal
6. Last date/time for receipt of bids : 17.30 hours of Dt.06.11.2024
7. Date and time of opening of Technical bid : 11.00 hours of Dt.07.11.2024
8. Name and address of the Officer Inviting Bid : Executive Officer, Dhenkanal Municipality, Dhenkanal

Further details can be seen from the e-procurement portal **https://tenderodisha.gov.in.**
**OIPR-13146/11/0016/2425** **Sd./- Executive Officer Dhenkanal Municipality**

Government of Odisha "e" Procurement Notice
**WORKS DEPARTMENT**
No.B-462
**Bid Identification No. CCEKC - 20/2024-25**
e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com
**Letter No. 4816 dt.17.10.2024**

| | | | |
|---|---|---|---|
| 1 | No. of the work | : | 7 number Road & Bridge Works |
| 2 | Estimated cost | : | Rs. 150.17 Lakhs to Rs. 509.99 Lakhs |
| 3 | Class of Contractor | : | "B" & "A" Class |
| 4 | Period of completion | : | 06 (Six) Calendar Months to 09 (Nine) Calendar Months |
| 5 | Date and Time of availability of Bid document in the portal | : | From 11.30 Hours of 28.10.2024 to 16.00 Hours of 12.11.2024 |
| 6 | Last date / Time for receipt of bids in the portal | : | 16.00 Hours of 12.11.2024 |
| 7 | Date of opening of Bid from Portal | : | 11.30 Hours on 13.11.2024 |
| 8 | Name and address of the officer inviting Bid | : | Chief Construction Engineer, Keonjhar (R&B) Circle, Keonjhar-758001 |

Further details can be seen from the e-procurement portal "http://tendersodisha.gov.in"
Sd./- Chief Construction Engineer Keonjhar (R&B) Circle, Keonjhar
OIPR-34033/11/0041/2425

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୧୯୫ ତା:୨୧।୧୦।୨୪
**ବିଜ୍ଞାପନ**

I, Bijoy Kumar Kamani, S/o- Late Nand Kishore Kamani, residing At- Flat No.-401, Metro Apartment, Kaligali, P.O.- Chandinichowk, P.S.- Lalbag, Dist.- Cuttack- 753002, Odisha, declare by this affidavit No.-2269, dated-25.10.2024, that now onwards I shall be known as Bijay Kumar Kamani for all future purposes. D-1759

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**୰ପବିତ୍ର କୁମାର ପଟ୍ଟନାୟକ**
V.I.P. ROAD, PURI

ଆବିର୍ଭାବ: ୧୨।୦୬।୧୯୩୭
ତିରୋଧାନ: ୧୬।୧୦।୨୦୨୪

ଚାହୁଁ ଚାହୁଁ ୧୧ଦିନ ବିତିଗଲାଣି, ବିଶ୍ୱାସ ହେଉନି । ଆମର ପ୍ରିୟ ମଣିଷଟି ଆମ ପାଖରେ ନାହାନ୍ତି। ଆପଣଙ୍କର ଅମାୟିକ ବ୍ୟବହାର ଓ ଭଲପାଇବା, ସ୍ନେହ, ଶ୍ରଦ୍ଧା ଆମମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିବ । ଆପଣ ମୁକ୍ତିଲାଭ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହୋଇଯାଆନ୍ତୁ, ଏହାହିଁ ଆମର ପ୍ରାର୍ଥନା ।

ଶୋକସନ୍ତପ୍ତ- ପତ୍ନୀ: ସରୋଜିନୀ, ପୁତ୍ର: ବୁନୁ, ସୁନୁ, ଟିନୁ, ପୁତ୍ରବଧୂ: କୁନୁମୁନି, ବବି, ସୀମା, ଝିଅ: ଡଲି ଓ ଜଲି, ଜ୍ୱାଇଁ: କୁନିଆ ଓ ତୋଫାନ୍, ଆତ୍ମୀୟସ୍ୱଜନବୃନ୍ଦ ।

ଧ-୧୭୬୦

# ୱର୍ଲିରେ ମିଳିନ୍ଦ, ଆଦିତ୍ୟ ଲଢ଼େଇ

## ମହାରାଷ୍ଟ୍ର ନିର୍ବାଚନ


ମିଳିନ୍ଦ ଦେଓରା


ଆଦିତ୍ୟ ଠାକ୍‌ରେ

**ମୁମ୍ବାଇ,୨୫।୧୦**

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ତାଙ୍କ ଶିବସେନାର ରାଜ୍ୟ ସଭା ସଦସ୍ୟ ମିଳିନ୍ଦ ଦେଓରାଙ୍କୁ ୱର୍ଲି ଆସନରେ ପ୍ରାର୍ଥୀ କରିଛନ୍ତି। ଉଦ୍ଧବ ଠାକ୍‌ରେଙ୍କ ପୁଅ ତଥା ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକ୍‌ରେ ୱର୍ଲିରୁ ପ୍ରାର୍ଥୀ ହୋଇଥିବାବେଳେ ତାଙ୍କ ବିରୋଧରେ ଶାସକ ଶିବସେନା ମିଳିନ୍ଦଙ୍କୁ ଟିକେଟ ଦେବା ପରେ ରାଜ୍ୟ ରାଜନୀତିରେ ଏକ ନାଟକୀୟ ମୋଡ଼ ଆସିଛି।

୪୭ ବର୍ଷୀୟ ବିଚକ୍ଷଣ ରାଜନେତା ମିଳିନ୍ଦ ଦେଓରା କଂଗ୍ରେସରେ ଅଣଦେଖା ହୋଇ ନିକଟରେ ଶିନ୍ଦେ ଗୋଷ୍ଠୀ ଶିବସେନାରେ ସାମିଲ ହୋଇଥିଲେ। ସେ ପୂର୍ବତନ ମନ୍ତ୍ରୀ ଆଦିତ୍ୟଙ୍କୁ ୱର୍ଲି ଆସନରେ ହରାଇପାରିବେ ବୋଲି ଶିନ୍ଦେ ଆଶାବ୍ୟକ୍ତ କରିଛନ୍ତି। ଏନେଇ ମିଳିନ୍ଦ ଆତ୍ମବିଶ୍ୱାସର ସହ ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ଇଟ୍ସ ୱର୍ଲି ନାଓ! ୨୦୧୯ ବିଧାନସଭା ନିର୍ବାଚନ ବେଳେ ଆଦିତ୍ୟ ଏହି ଆସନରୁ ଲଢ଼ି ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ବିଜୟୀ ହେବା ପରେ ଉଦ୍ଧବ ତାଙ୍କୁ ନିଜ କ୍ୟାବିନେଟ୍‌ରେ ସାମିଲ କରିଥିଲେ। ମହାରାଷ୍ଟ୍ରର ୨୮୮ ଆସନରେ ନଭେମ୍ବର ୨୦ରେ ଭୋଟ ଗ୍ରହଣ ଓ ୨୩ରେ ଗଣତି କରାଯିବ।

## ଅଜିତ୍‌ଙ୍କ ଏନ୍‌ସିପିରେ ମିଶିଲେ ଜିଶାନ୍ ସିଦ୍ଦିକି

ଅକ୍ଟୋବର ୧୨ରେ ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକିଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ତାଙ୍କ ପୁଅ ଜିଶାନ୍ ସିଦ୍ଦିକି ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ରେ ଯୋଗଦେଇଛନ୍ତି। ୨୦୧୯ରେ ବାନ୍ଦ୍ରା (ଇଷ୍ଟ) ଆସନରୁ କଂଗ୍ରେସ ଟିକେଟରେ ବିଜୟୀ ହୋଇଥିବା ଜିଶାନ୍ ଏଥର ଏନ୍‌ସିପିରୁ ଲଢ଼ିବେ। ଜିଶାନ୍‌ଙ୍କ ବିରୋଧରେ ଶିବସେନା (ୟୁବିଟି) ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ପୁତୁରା ବରୁଣ ସରଦେଶାଇ।


ଜିଶାନ୍ ସିଦ୍ଦିକି

## ଫଡ଼ନବିସଙ୍କ ସମ୍ପତ୍ତି ୧୩.୨୭ କୋଟି


ନାଗପୁର ସାଉଥ୍-ଇଷ୍ଟ ଆସନରୁ ଦେବେନ୍ଦ୍ର ଫଡ଼ନବିସଙ୍କ ନାମାଙ୍କନପତ୍ର ଦାଖଲ ବେଳେ ତାଙ୍କ ସହ ରହିଛନ୍ତି କେନ୍ଦ୍ରମନ୍ତ୍ରୀ ନୀତୀନ୍ ଗଡ଼କରୀ ଓ ଭାଜପା ନେତୃବୃନ୍ଦ।

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଶୁକ୍ରବାର ନାଗପୁର ସାଉଥ୍ ୱେଷ୍ଟ ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନାମାଙ୍କନପତ୍ରରେ ସଂଲଗ୍ନ ସତ୍ୟପାଠ ଅନୁସାରେ ଭାଜପା ନେତା ଫଡ଼ନବିସଙ୍କ ମୋଟ ସମ୍ପତ୍ତିର ପରିମାଣ ୧୩,୨୭,୪୭,୭୨୮ ଟଙ୍କା। ସେ ନିଜ ନାମରେ ୫୬,୦୭,୮୬୭ ଟଙ୍କାର ଅସ୍ଥାବର ସମ୍ପତ୍ତି ଥିବା ଘୋଷଣା କରିଛନ୍ତି। ଫଡ଼ନବିସଙ୍କ ସ୍ତ୍ରୀ ଅମୃତାଙ୍କ ନାମରେ ୬,୯୬,୯୨,୭୪୮ ଏବଂ ଝିଅ ନାମରେ ୧୦,୨୨,୧୧୩ ଟଙ୍କାର ସମ୍ପତ୍ତି ଥିବା ଦର୍ଶାଇଛନ୍ତି। ୧୯୯୯ରୁ ଏହି ଆସନରୁ ପ୍ରତିନିଧିତ୍ୱ କରୁଥିବା ଫଡ଼ନବିସ ଷଷ୍ଠ ଥର ପାଇଁ ବିଜୟ ଆଶା କରିଛନ୍ତି।

## ଝାଡ଼ଖଣ୍ଡର ଭାଜପା ଷ୍ଟାର ପ୍ରଚାରକ ତାଲିକାରେ ମୋହନ, ଧର୍ମେନ୍ଦ୍ର


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ


କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର, ୨୫।୧୦**
**(ସୁନିତ୍ ମିଶ୍ର)**

ଝାଡ଼ଖଣ୍ଡରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ଶୁକ୍ରବାର ଭାଜପା ତା'ର ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଜାରି କରିଛି। ଏହି ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନାଁ ମଧ୍ୟ ରହିଛି। ସେହିପରି ସମ୍ବଲପୁର ଲୋକ ସଭା ଆସନରୁ ଜିତି କେନ୍ଦ୍ରମନ୍ତ୍ରୀ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ନାଁ ମଧ୍ୟ ଷ୍ଟାର ପ୍ରଚାରକ ତାଲିକାରେ ରହିଛି। ତାଲିକାର ୧୨ ନମ୍ବର ସ୍ଥାନରେ ତାଙ୍କ ନାଁ ରହିଛି। ଷ୍ଟାର ପ୍ରଚାରକ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାଡ଼ଖଣ୍ଡ ଗସ୍ତ କରିଥିଲେ। ବର୍ତ୍ତମାନ ଭାଜପା ତାଙ୍କୁ ବିଧିବଦ୍ଧ ଭାବେ ଷ୍ଟାର ପ୍ରଚାରକ ତାଲିକାରେ ସାମିଲ କରିଛି। ଦଳ ଜାରି କରିଥିବା ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକାରେ ମୁଖ୍ୟମନ୍ତ୍ରୀ ୧୭ ନମ୍ବର ସ୍ଥାନରେ ଅଛନ୍ତି। ଓଡ଼ିଶା ସୀମାନ୍ତକୁ ଝାଡ଼ଖଣ୍ଡ ରାଜ୍ୟ ଲାଗିଛି। ଝାଡ଼ଖଣ୍ଡର ଷଢ଼େଇକଳା ଓ ଜାମଶେଦପୁର ଭଳି ଅନେକ ଅଞ୍ଚଳରେ ଓଡ଼ିଆ ଭାଷାଭାଷୀ ଲୋକ ରହୁଛନ୍ତି। ସେମାନଙ୍କ ଭୋଟ ନିଜ ସପକ୍ଷରେ ନେବା ଲାଗି ଭାଜପା ମୋହନ ମାଝୀ ଏବଂ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଷ୍ଟାର ପ୍ରଚାରକ ତାଲିକାରେ ରଖିଛି। ରାଜ୍ୟରୁ ଅନ୍ୟ କୌଣସି ନେତାଙ୍କ ନାଁ ଏହି ତାଲିକାରେ ନାହିଁ।

## ବାତ୍ୟା ଅଞ୍ଚଳରେ କଂଗ୍ରେସ ପ୍ରତିନିଧି ଦଳ

**ରାଜନଗର, ୨୫।୧୦**
**(ଭାସ୍କର ରାଉତରାୟ)**

ବାତ୍ୟା ଦାନା ରାଜନଗରରେ ବ୍ୟାପକ କ୍ଷୟକ୍ଷତି କରିଛି। ବାତ୍ୟା ଛାଡ଼ିବା ପରେ ବିପନ୍ନ ଲୋକଙ୍କୁ ଭେଟିବାକୁ ଶୁକ୍ରବାର ଅପରାହ୍ନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନ, କେନ୍ଦ୍ରାପଡ଼ା ଲୋକସଭାର ସାଂସଦ ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାସ, କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ପ୍ରଶାନ୍ତ କୁମାର ରାଉତ, ସତ୍ୟପ୍ରିୟ ସାମଲ ପ୍ରମୁଖ ବାତ୍ୟା ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବାତ୍ୟା ବେଳେ ମୃତ୍ୟୁ ହୋଇଥିବା ବାଙ୍କୁଆଳର ହେମାଳିଲତା ବେହେରାଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଛନ୍ତି। ଇଶ୍ୱରପୁର, ନେଥୁରିଆ, ବଗପାଟିଆ ଆଦି ସ୍ଥାନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ବିପନ୍ନଙ୍କ ସହ ଆଲୋଚନା କରିଛନ୍ତି।

## ରାସ୍ତାରୁ ଗଛକାଟି ସଫାକଲେ ବିଧାୟକ


ବାତ୍ୟା ଯୋଗୁ ରାସ୍ତାରେ ପଡିଥିବା ଏକ ଗଛକୁ କଟରରେ କାଟୁଛନ୍ତି ରାଜନଗର ବିଧାୟକ ଧ୍ରୁବ ସାହୁ । (ଡାହାଣରୁ ପ୍ରଥମ)

**ରାଜନଗର, ୨୫।୧୦**
**(ଭାସ୍କର ରାଉତରାୟ)**

ବାତ୍ୟା ଦାନା କେନ୍ଦ୍ରାପଡ଼ା ଜିଲା ରାଜନଗର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରିଛି। ବାତ୍ୟାର ତାଣ୍ଡବରେ ବହୁ ଗଛ ଭାଙ୍ଗିଛି। ଶୁକ୍ରବାର ସକାଳୁ ସ୍ଥାନୀୟ ବିଧାୟକ ଧ୍ରୁବ ସାହୁ ବାତ୍ୟା ଅଞ୍ଚଳ ପରିଦର୍ଶନ କରିବା ବେଳେ ରାସ୍ତାରେ ପଡ଼ିଥିବା ଗଛକୁ ନିଜେ କାଟୁଥିବା ଦେଖିବାକୁ ମିଳିଥିଲା। ହ୍ୟାପପାଣ୍ଟ ଓ ରେନକୋର୍ଟ ପିନ୍ଧି ରାସ୍ତାରେ ପଡ଼ିଥିବା ଗଛକୁ କଟରେ କାଟି ରାସ୍ତା ସଫା କରିଥିଲେ। ବିଧାୟକଙ୍କ ଏହି କାର୍ଯ୍ୟକୁ ଦେଖି ତାଙ୍କ ସହ ଥିବା ତାଙ୍କ ସମର୍ଥକମାନେ ରାସ୍ତାରୁ ଗଛ ସଫା କରିଥିଲେ।

## ଜୁନାଗଡ଼ ଏନ୍ଏସି: ହିମାଦ୍ରୀ ନାଏକଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱ

**ଭବାନୀପାଟଣା,୨୫।୧୦**
**(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୁନାଗଡ଼ ଏନ୍ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ ଅନାସ୍ଥା ପ୍ରସ୍ତାବରେ ନିଜ ପଦ ହରାଇଥିବା ନେଇ ଗୁରୁବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାପରେ ଓଡ଼ିଶା ମ୍ୟୁନିସିପାଲ ମାନୁଆଲ ଆକ୍ଟ ୮୯ (କ) ଅନୁଯାୟୀ ଶୁକ୍ରବାର କଳାହାଣ୍ଡି ଜିଲାପାଳ ଜୁନାଗଡ଼ ଏନ୍ଏସି ଉପାଧ୍ୟକ୍ଷା ହିମାଦ୍ରୀ ନାଏକଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରିଛନ୍ତି। ନୂତନ ଅଧ୍ୟକ୍ଷ ନିର୍ବାଚିତ ନ ହେବା ଯାଏ ହିମାଦ୍ରୀ ଏହି ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି। ପ୍ରକାଶ ଯେ, ଗତ ଅଗଷ୍ଟ ୨୭ରେ ଜୁନାଗଡ଼ ଏନ୍ଏସି ଅଧ୍ୟକ୍ଷ ଥିବା ମୁକେଶ ଅଗ୍ରୱାଲଙ୍କ ବିପକ୍ଷରେ ଅନାସ୍ଥା ଭୋଟ ଗ୍ରହଣ ହୋଇଥିଲା। ଏଥିରେ ୧୨ଜଣ କାଉନ୍‌ସିଲରଙ୍କ ମଧ୍ୟରୁ ୧୦ଜଣ ଅଧ୍ୟକ୍ଷ ଅଗ୍ରୱାଲଙ୍କ ବିପକ୍ଷରେ ଭୋଟ ଦେଇଥିଲେ। ମୁକେଶ ଭାଜପାର ହୋଇଥିବା ବେଳେ ତାଙ୍କ ବିପକ୍ଷରେ ବିଜେଡି କାଉନସିଲରମାନେ ଭୋଟ ଦେଇଥିଲେ।


ହିମାଦ୍ରୀ ନାଏକ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜହ୍ନି ଫୁଲ ଫୁଟିଲା**
**ଗେଙ୍ଗେଇ ନାନୀ ଗାଧୋଇ ଯାଇ**
**ବାପଘରେ ଉଠିଲା।**

ବିବାହ ହୋଇସାରିଥିଲେ ମଧ କେତେକ ଝିଅ ସେମାନଙ୍କ ବାପଘର ପ୍ରତି ଥିବା ସ୍ନେହ ମମତା ତଥା ଭଲପାଇବାକୁ ଭୁଲିପାରି ନ ଥାନ୍ତି। ବାହା ହୋଇ ସାରିବା ପରେ ବୋହୂ ହିସାବରେ ଶାଶୁଘର ପ୍ରତି କିଛି ଦାୟିତ୍ୱ, ତ୍ୟାଗ ଓ ବଳିଦାନ ରହିବା ଶୋଭନୀୟ ହୋଇଥିବାବେଳେ ବାପଘର ପ୍ରତି ଦୁର୍ବଳତା କାରଣରୁ ବୁଲି ଆସିବା ବାହାନା କରି ସେଠାକୁ ଧାଉଁଥିବା ଝିଅ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜିଅନ୍ତେ ନ ଦେଲୁ ତୁଣ୍ଡେ**
**ମଲେ ଦେବୁ ବେଣା ମୁଣ୍ଡେ।**

ବଞ୍ଚିଥିବା ବେଳେ ନ ପଚାରି ମରିଗଲା ପରେ ସମ୍ମାନ କୁଢ଼େଇବାରେ ଲାଭ ବା କ'ଣ ? ଦରକାର ସମୟରେ ଅନ୍ୟକୁ ଦେବା ବା ସାହାଯ୍ୟ କରିବା ସୁଗୁଣର ପରିଚୟ ହୋଇଥାଏ। ଆବଶ୍ୟକ ବେଳେ ନ ଦେଇ ଅନାବଶ୍ୟକ ବେଳେ ଦେବାର ନିରର୍ଥକତା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ


ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

**ଅନ୍ୟାନ୍ୟ ଖବର**

## ବାତ୍ୟା ପରେ ସୁଧୁରୁଛି ରେଳ ଚଳାଚଳ

**ଭୁବନେଶ୍ୱର,୨୫।୧୦**
**(ଅନୁରାଧା ମହାରଣା)**

ବାତ୍ୟାକୁ ଦୃଷ୍ଟିରେ ରଖି ଭଦ୍ରକ-ଧାମରା, କଟକ-ପାରାଦୀପ, ହରିଦାସପୁର-ପାରାଦୀପ, ଯଖପୁରା-କେନ୍ଦୁଝର, କଟକ-ତାଳଚେର ଏବଂ ଖୋର୍ଦ୍ଧା ରୋଡ଼-ଭଦ୍ରକ ରେଳ ସେକ୍ସନଗୁଡିକରେ ଗତ ୨୨ରୁ ୨୯ ତାରିଖ ମଧ୍ୟରେ ୨୦୩ଟି ଟ୍ରେନ୍‌କୁ ବାତିଲ କରାଯାଇଥିଲା। ତେବେ ଶୁକ୍ରବାର ବାତ୍ୟା ପ୍ରଭାବ କମିବା ପରେ ରେଳ ଚଳାଚଳ ସ୍ୱାଭାବିକ ହେବା ଆରମ୍ଭ କରିଛି। ସେହିପରି ପୁରୀ, ପାରାଦୀପ, ଧାମରା, କେନ୍ଦୁଝର ଏବଂ ତାଳଚେର ଶାଖା ଲାଇନ ସମେତ ହାଓଡ଼ା-ଚେନ୍ନାଇ ମୁଖ୍ୟ ରେଳ ଲାଇନର ବ୍ରହ୍ମପୁର-ଭଦ୍ରକ ରେଳ ସେକ୍ସନରେ ଟ୍ରେନ ସେବାକୁ ବାତିଲ କରାଯାଇଥିଲା। ସମ୍ପୃକ୍ତ ସେକ୍ସନରେ ପାଟ୍ରୋଲିଂ ଟିମ୍ ଏବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ପ୍ରବଳ ବର୍ଷାକୁ ନଜରରେ ରଖି ଗୁରୁତ୍ୱପୂର୍ଣ୍ଣ ବ୍ରିଜ, ଛୋଟ ବ୍ରିଜ ଏବଂ ସମ୍ବେଦନଶୀଳ ସ୍ଥାନଗୁଡିକ ଉପରେ ନଜର ରଖାଯାଇଥିବାବେଳେ ବାତ୍ୟାରେ ଯଖପୁରା-ଜାରୋଲି, ନର୍ଗୁଣ୍ଡି-ଭଦ୍ରକ, ହରିଦାସପୁର-ପାରାଦୀପ ଏବଂ କଟକ-ପାରାଦୀପ ରେଳ ସେକ୍ସନରେ କିଛି ରେଳ ଭିତ୍ତିଭୂମି ପ୍ରଭାବିତ ହୋଇପଡିଥିବା ଜଣାପଡିଛି। ତେବେ ପୂର୍ବରୁ ବାତିଲ ଟ୍ରେନଗୁଡିକ ବ୍ୟତୀତ ଯାତ୍ରୀବାହୀ ଟ୍ରେନ ସେବା ପୁନଃ ଆରମ୍ଭ ହୋଇଛି। ଯାତ୍ରୀ ଭିଡ଼ ଏଡ଼ାଇବା ପାଇଁ ପୁରୀରୁ ସାଲିମାର୍ ଏକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ନିଷ୍ପତ୍ତି ହୋଇଛି। ଦକ୍ଷିଣରୁ (ବିଶାଖାପାଟଣା ପାର୍ଶ୍ୱରୁ) ଭୁବନେଶ୍ୱର ଏବଂ ହାଓଡ଼ା ଆଡକୁ ଡାଉନ୍ ଟ୍ରେନଗୁଡିକ ବର୍ତ୍ତମାନ ଚଳାଚଳ କରୁଛି। ସେହିପରି ଖଡ଼ଗପୁର ପାର୍ଶ୍ୱରୁ ବିଶାଖାପାଟଣା ଆଡକୁ ୧୨୨୪୫ ହାଓଡ଼ା-ବାଙ୍ଗାଲୋର ଦୁରନ୍ତ ଏକ୍ସପ୍ରେସ ସମେତ ଅପ୍ ଟ୍ରେନ୍‌ଗୁଡିକ ଚଳାଚଳ ଆରମ୍ଭ କରିଛି। ଭୁବନେଶ୍ୱର ଏବଂ ପୁରୀରୁ ଛାଡୁଥିବା ଟ୍ରେନଗୁଡିକ ନିର୍ଦ୍ଧାରିତ ସମୟ ଅନୁଯାୟୀ ପୁଣିଥରେ ଯାତ୍ରା ଆରମ୍ଭ କରିଛି। କଟକରୁ ସିକନ୍ଦରାବାଦ୍ ହାଓ୍ୱଡ଼ା ଫାଲକନୁମା ଏକ୍ସପ୍ରେସ୍ କଟକରୁ ଯାତ୍ରା କରିଛି। ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ୍ ନିର୍ଦ୍ଧାରିତ ସମୟରେ ଭୁବନେଶ୍ୱରରେ ପହଞ୍ଚିଛି। ଭୁବନେଶ୍ୱରରୁ ଚେନ୍ନାଇ-ହାଓ୍ୱଡ଼ା କରମଣ୍ଡଳ ଏକ୍ସପ୍ରେସ୍ ଯାତ୍ରା କରିଛି। ସେହିପରି ଭଦ୍ରକ-ପାରାଦୀପ, ଭୁବନେଶ୍ୱର ମୁମ୍ବାଇ ସିଏସ୍‌ଏମ୍‌ଟି କୋଣାର୍କ ଏକ୍ସପ୍ରେସ୍, ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ୍, କେନ୍ଦୁଝରଗଡ଼-ପାରାଦୀପ ମେମୁ, ଟାଟାନଗର- ବ୍ରହ୍ମପୁର ବନ୍ଦେଭାରତ, ଅମୃତସର-ବିଶାଖାପାଟଣା ହୀରାକୁଦ ଏକ୍ସପ୍ରେସ, ପୁରୀ-ବାଙ୍ଗିରିପୋଷି ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଛି।

**SATYABADI HIGHER SECONDARY SCHOOL**
At/P.O.: Kalapathar, Via: Biramaharajpur
Block: Ulunda, Dist.: Subarnapur - 767018

The publication for the Guest Lecturer in Odia on dated 15.10.2024 has been postponed until further advertisement due to unavoidable circumstance.

Sd./- Principal-cum-Secretary
Satyabadi H.S. School, Kalapathar

**TPWODL**
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ)
କର୍ପୋରେଟ୍ ଅଫିସ, ବୁର୍ଲା, ସମ୍ବଲପୁର-୭୬୮୦୧୭

**ନୋଟିସ**

**(ତା୦୧।୦୧।୨୦୨୧ରିଖ ପୂର୍ବରୁ ୱେସ୍କୋ ୟୁଟିଲିଟି ସମ୍ବନ୍ଧୀୟ ସାମଗ୍ରୀ ଓ ସେବା ଯୋଗାଣ ପାଇଁ ବକେୟା ବିଲ୍ ଦାଖଲ କରିବାକୁ ସମସ୍ତ ବିକ୍ରେତା/ ସେବା ପ୍ରଦାନକାରୀଙ୍କ ଦୃଷ୍ଟି ଆକର୍ଷଣ)**

ଭେଷ୍ଟିଂ/ଅନ୍ୟାନ୍ୟ ପ୍ରାସଙ୍ଗିକ ଆଦେଶ ଅନୁଯାୟୀ ମାନ୍ୟବର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ପୂର୍ବବର୍ତ୍ତୀ ୱେସ୍କୋ (ବର୍ତ୍ତମାନ ଟିପିଡବ୍ଲ୍ୟୁଓଡିଏଲ୍) ମାମଲାରେ ପ୍ରାକ୍-ଭେଷ୍ଟିଂ ଅବଧି ଅର୍ଥାତ୍ ତା୦୧।୦୧।୨୦୨୧ରିଖ ପୂର୍ବରୁ ସାମଗ୍ରୀ ଏବଂ/କିମ୍ବା ସେବା ଯୋଗାଣ ପାଇଁ ବକେୟା ବିଲ୍/ଦାବି ଦାଖଲ କରିବାର ସମୟସୀମାକୁ ତା୩୧।୧୨।୨୦୨୪ରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

ଉପରୋକ୍ତ ଅନୁଯାୟୀ, ବିକ୍ରେତା ଏବଂ ସେବା ପ୍ରଦାନକାରୀମାନଙ୍କୁ ତା୦୧।୦୧।୨୦୨୧ରିଖ ପୂର୍ବରୁ ସମ୍ପାଦନ କରାଯାଇଥିବା କାର୍ଯ୍ୟ/ପ୍ରଦାନ କରାଯାଇଥିବା ସେବାଗୁଡ଼ିକ ପାଇଁ ୱେସ୍କୋ ୟୁଟିଲିଟି (ବର୍ତ୍ତମାନ ଟିପିଡବ୍ଲ୍ୟୁଓଡିଏଲ) ବିରୁଦ୍ଧରେ ସେମାନଙ୍କର ବକେୟା ଦାବି/ବିଲ୍ ତଥା ତାହା ସପକ୍ଷରେ ପ୍ରାସଙ୍ଗିକ ଦସ୍ତାବିଜକୁ ଟିପିଡବ୍ଲ୍ୟୁଓଡିଏଲର ସମ୍ପୃକ୍ତ ସର୍କଲ/ଡିଭିଜନ/ମୁଖ୍ୟ କାର୍ଯ୍ୟାଳୟରେ ତା୩୦।୧୧।୨୦୨୪ରିଖ ସୁଦ୍ଧା ଦାଖଲ କରିବାକୁ ଅଧିସୂଚିତ କରାଯାଉଛି । ଯାହାଦ୍ୱାରା, ବିତରଣ ଲାଇସେନ୍ସଧାରୀ ତା୩୧।୧୨।୨୦୨୪ରିଖ ପୂର୍ବରୁ ମାନ୍ୟବର ଓଇଆରସିଙ୍କ ନିକଟକୁ ଦାବିଗୁଡ଼ିକୁ ପଠାଇପାରିବେ। ତା୩୦।୧୧।୨୦୨୪ରିଖ ପରେ ଦାବି ଗ୍ରହଣ କରାଯିବ ନାହିଁ।

**GOVERNMENT OF ODISHA** No. B-438
**e-Procurement Notice, Angul (R&B) Division**
**Bid Identification No. 13 of 2024-25**
**e-mail ID: angulrbdivision@yahoo.co.in**

1. Number of Works : 26 (Twenty Six) Number of Building Works
2. Approximate Estimated Cost : Varies from Rs.30.00 lakh to Rs.69.00 Lakhs
3. Period of Completion : 04 (Four) Calendar Months
4. Date & Time of availability of bid document in the portal : Dt.28.10.2024 at 10.00 A.M.
5. Last date/time for receipt of bid in the portal : Dt.12.11.2024 upto 5.00 P.M.
6. Date of Opening Bid : Dt.13.11.2024 at 11.00 A.M.
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders have to participate in ONLINE bidding only.

Further details can be seen from the e-procurement portal **https:/tendersodisha.gov.in**.

**Sd./- Superintending Engineer**
**OIPR-34074/11/0005/2425** **Angul (R&B) Division**

OFFICE OF THE DIVISIONAL FOREST OFFICER
ATHMALLIK FOREST DIVISION No.MM-208
AT/P.O.: ATHMALLIK, DIST.- ANGUL -759125
E-mail: dfoathmallikt@gmail.com, Tel.: 9437004236
**Tender Notice No. 5385/IF/2024** **Date: 24.10.2024**
**Short Tender Notice for Construction of F.G. Quarter at Madhapur Beat under Madhapur Range and Himitira Beat Under Bamur Range, Athmallik Forest Division.**
Sealed tender is hereby invited by the undersigned on behalf of the Governor of Odisha, invites tender for following works from the eligible contractor as detail below.
1. **Name of the work: Construction of F.G. Quarter at Madhapur Beat under Madhapur Range and Himitira Beat under Bamur Range, Athmallik Forest Division.**

| Sl. No. | Name of work | Tender Notice No. | Estimated Cost |
|---|---|---|---|
| 1 | Construction of Forest Guard Quarter at Madhapur Beat under Madhapur Range | 5385/IF-2024 Dt.24.10.24 | 16.98 |
| 2 | Construction of Forest Guard Quarter at Himitira Beat under Bamur Range | 5385(A)/ IF-2024 Dt.24.10.24 | 16.98 |

2. **Place of work:** Athmallik Forest Division.
3. **Period of completion:** 90 days.
4. Commencement of download RFP document on website: www.odishaforest.in, Dt.24.10.2024, Time: 11.00 A.M.
5. **Last date of bid submission** (by messenger / courier / post): Dt.08.11.2024 01.00 P.M. Office of the Divisional Forest Officer, Athmallik Division, P.O./P.S.-Athmallik, Pin- 759125, Dist.- Angul.
6. **Date of General & Technical and Financial Bid opening:** Dt.08.11.2024, Time:04.00 P.M. Office of the Divisional Forest Officer, Athmallik Division, P.O./P.S.-Athmallik, Pin-759125, Dist.- Angul.
7. RFP document cost (Non-refundable): Rs.6,000/- for each building by DD issued by Nationalized Bank in favour of the Divisional Forest Officer, Athmallik Division, payable at Athmallik for each work.
8. **Address for bid submission:** Office of the Divisional Forest Officer, Athmallik Division, At- Athmallik, Angul, Pin-759125.
9. **EMD (Refundable):** Rs.20,000/- for each building by DD issued by Nationalized Bank in favour of the Divisional Forest Officer, Athmallik Division, payable at Athmallik for each work.
10. **Bid validity period :** 3 months from the last date of submission of bid.
11. Latest tender document and addendum / corrigendum, if any, will be published at the websites www.odishaforest.in
12. Disclaimer: Notwithstanding anything else contained to the contrary in this tender document, DFO Athmallik reserves the right to cancel / withdraw / modify fully or partially the "Invitation of Bids" or to reject one or more of the bids without assigning any reason and shall bear no liability whatsoever consequent upon such a decision.

OIPR-08125/11/0006/2425 **Sd./- Divisional Forest Officer, Athmallik Division**



ପୁଣେ ଟେଷ୍ଟରେ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବା ମିଚେଲ ସାଣ୍ଟନର।

# ସ୍ପିନ୍ ଖେଳିବାରେ ଭାରତ ବିଫଳ

**ପୁଣେ, ୨୫।୧୦**

କ୍ୱାଲିଟି ସ୍ପିନ୍ ବୋଲିଂକୁ ମୁକାବିଲା କରିବାରେ ଭାରତୀୟ ବ୍ୟାଟରଙ୍କ ବିଫଳତା ପଦାରେ ପଡ଼ିଛି। ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ମାତ୍ର ୧୫୬ ରନରେ ଅଲ୍ଆଉଟ ହୋଇଛି ଟିମ୍ ଇଣ୍ଡିଆ। ଫଳରେ ଘରୋଇ ମାଟିରେ ନ୍ୟୁଜିଲାଣ୍ଡଠାରୁ ସର୍ବପ୍ରଥମ ଟେଷ୍ଟ ସିରିଜ ପରାଜୟ ଆଶଙ୍କା ବଢ଼ିଛି। ପ୍ରଥମ ଇନିଂସରେ ୨୫୯ ରନ କରିଥିବା ନ୍ୟୁଜିଲାଣ୍ଡ ଶୁକ୍ରବାର ଦ୍ୱିତୀୟ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଦ୍ୱିତୀୟ ଇନିଂସରେ ୫ ଉଇକେଟ ହରାଇ ୧୯୮ ରନ ସଂଗ୍ରହ କରିଛି। ଫଳରେ ୫ ଉଇକେଟ ସୁରକ୍ଷିତ

**ଦ୍ୱିତୀୟ ଟେଷ୍ଟ**

**ନ୍ୟୁଜିଲାଣ୍ଡଠାରୁ ଘରୋଇ ମାଟିରେ ପ୍ରଥମ ସିରିଜ ପରାଜୟ ଆଶଙ୍କା ବଢ଼ିଲା**

ଥାଇ ଭ୍ରମଣକାରୀ ଦଳ ମୋଟ ୩୦୧ ରନରେ ଅଗ୍ରଣୀଲାଭ କରିଛି। ଖେଳ ଆହୁରି ୩ ଦିନ ବାକିଥିବାରୁ ମ୍ୟାଚରୁ ଫଳାଫଳ ବାହାରିବା ନିଶ୍ଚିତ ହୋଇଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୧୬/୧ରୁ ଖେଳ ଆରମ୍ଭ କରିଥିବା ଭାରତ ଦ୍ୱିତୀୟ ଦିବସରେ ଭଲ ଆରମ୍ଭ କରିଥିଲେ ହେଁ ଅସ୍ୱାଭାବିକ ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ମାତ୍ର ୧୫୬ରେ ସୀମିତ ରହି ଯାଇଥିଲା। ଯଶସ୍ୱୀ ଜୟସ୍ୱାଲ ଓ ଶୁବମନ ଗିଲ୍ ଦ୍ୱିତୀୟ ଉଇକେଟରେ ୪୯ ରନ ଯୋଗ କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ଇନିଂସ ଭୁଶୁଡ଼ି ପଡ଼ିଥିଲା। ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟାଇବାରେ ମୁଖ୍ୟ ଭୂମିକା ନେଇଥିଲେ ନ୍ୟୁଜିଲାଣ୍ଡ ସ୍ପିନର ମିଚେଲ ସାଣ୍ଟନର। ସେ ବିରାଟ କୋହଲି (୧)ଙ୍କ ପ୍ରାଇଜ୍ ଉଇକେଟ ସହ ମୋଟ ୭ ବ୍ୟାଟରଙ୍କୁ ଆଉଟ କରିଥିଲେ। ତାଙ୍କ ଶିକାର ହୋଇଥିବା ଅନ୍ୟ ଭାରତୀୟ ବ୍ୟାଟରମାନେ ହେଲେ ଶୁବମନ ଗିଲ୍ (୩୦), ସର୍ଫରାଜ ଖାଁ (୧୧), ରବୀନ୍ଦ୍ର ଜାଡେଜା (୩୮), ରବିଚନ୍ଦ୍ରନ ଅଶ୍ୱିନ (୪), ଆକାଶ ଦୀପ (୬) ଓ ଯଶପ୍ରୀତ୍ ବୁମ୍ରା (୦)। ଟପ୍ ଅର୍ଡରରେ ଜୟସ୍ୱାଲ ଓ ଗିଲ୍ କିଛି ସମୟ ନ୍ୟୁଜିଲାଣ୍ଡ ବୋଲରଙ୍କୁ ମୁକାବିଲା କରିବାରେ ସଫଳ ହୋଇଥିବାବେଳେ ମଧ୍ୟଭାଗରେ ଜାଡେଜା ଏକାକୀ ଲଢ଼ିଥିଲେ। ମାତ୍ର ସାଣ୍ଟନରଙ୍କ ସ୍ପିନ୍ ଜାଲରୁ ମୁକୁଳିବାରେ ଭାରତୀୟ ବ୍ୟାଟର ବ୍ୟର୍ଥ ହୋଇଥିଲେ।



ଡେଭନ କନ୍ୱେଙ୍କ ଆଉଟ ଆବେଦନ କରୁଛନ୍ତି ୱାଶିଂଟନ ସୁନ୍ଦର।

ପିଚ୍ କଣ୍ଡିଶନକୁ ନେଇ ଅନ୍ୟତମ ସ୍ପିନର ଗ୍ଲେନ ଫିଲିପ୍ସଙ୍କୁ ବୋଲିଂରେ ଲଗାଇଥିଲେ ଅଧିନାୟକ ଟମ୍ ଲଥାମ। ସେ ନିରାଶ ନ କରି ୨ଟି ଉଇକେଟ ହାସଲ କରିଥିଲେ।

ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭରୁ ଭାରତ ସ୍ପିନ୍ ଆକ୍ରମଣ କରିଥିଲା। ମାତ୍ର ଘରୋଇ ଦଳ ତୁଳନାରେ ନ୍ୟୁଜିଲାଣ୍ଡ ବ୍ୟାଟରମାନେ ଅପେକ୍ଷାକୃତ ଭଲ ଖେଳିଥିଲେ। ଇନ୍ଫର୍ମ ଡେଭନ କନ୍ୱେ ମାତ୍ର ୧୭ ରନରେ ଆଉଟ ହୋଇଥିଲେ ହେଁ ଅଧିନାୟକ ଲଥାମ ୮୬ ରନର ମୂଲ୍ୟବାନ ଇନିଂସ ଖେଳି ଦଳକୁ ବଡ଼ ଅଗ୍ରଣୀ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ମଧ୍ୟଭାଗରେ ୱିଲ ୟଙ୍ଗ ୨୩ ଓ ଡାରିଲ ମିଚେଲ ୧୮ ରନ କରିବାକୁ ସକ୍ଷମ ହୋଇଥିଲେ। ଖେଳ ବନ୍ଦ ରହିବା ବେଳକୁ ଉଇକେଟ କିପର ଟିମ୍ ବ୍ଲୁଣ୍ଡେଲ ୩୦ ଓ ଫିଲିପ୍ସ ୯ ରନରେ ଅପରାଜିତ ରହିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ପ୍ରଥମ ଇନିଂସରେ ୭ ଉଇକେଟ ନେଇଥିବା ୱାଶିଂଟନ ସୁନ୍ଦର ଦ୍ୱିତୀୟ ଇନିଂସରେ ମଧ୍ୟ ପ୍ରଭାବୀ ବୋଲିଂ କରି ୪ଟି ଉଇକେଟ ଅକ୍ତିଆର କରିଛନ୍ତି। ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଅନ୍ୟ ଉଇକେଟଟି ମିଳିଛି।

ଭାରତ-ନ୍ୟୁଜିଲାଣ୍ଡ ସିରିଜ ୧୯୫୫-୫୬ରୁ ଆରମ୍ଭ ହୋଇଥିଲା। ତେବେ ଭାରତ ମାଟିରେ ନ୍ୟୁଜିଲାଣ୍ଡ ପ୍ରଥମଥର ପାଇଁ ଐତିହାସିକ ଟେଷ୍ଟ ସିରିଜ ବିଜୟ ସମ୍ଭାବନା ସୃଷ୍ଟି କରିଛି। ୨୦୧୨-୧୩ ସିଜନରେ ଇଂଲଣ୍ଡଠାରୁ ହାରିବାପରେ ଭାରତ ଆଉ କେବେହେଲେ ଘରୋଇ ପରିବେଶରେ ଟେଷ୍ଟ ସିରିଜ ହାରିନାହିଁ। ସେବେଠାରୁ ଘରୋଇ ମାଟିରେ ୧୮ ସିରିଜ ଜିତିସାରିଛି ଟିମ୍ ଇଣ୍ଡିଆ। ମାତ୍ର ଏହି ରେକର୍ଡ ଏବେ ଗୁରୁତର ସଙ୍କଟରେ ପଡ଼ିଛି। ନିଜ ମାଟିରେ ଟେଷ୍ଟ କ୍ରିକେଟରେ ଭାରତର ସଫଳ ରନ ଚେଜ୍ ହେଲା ୩୮୭ ରନ। ୨୦୦୮ ଡିସେମ୍ବରରେ ଇଂଲଣ୍ଡ ବିପକ୍ଷରେ ଚେନ୍ନାଇରେ ଭାରତ ଏହି ରନଚେଜ୍ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୨୫୯। ଭାରତ ପ୍ରଥମ ଇନିଂସ: ୧୫୬/ଅଲ୍ଆଉଟ (ରବୀନ୍ଦ୍ର ଜାଡେଜା-୩୮, ଶୁବମନ ଗିଲ-୩୦, ଯଶସ୍ୱୀ ଜୟସ୍ୱାଲ-୩୦, ମିଚେଲ ସାଣ୍ଟନର-୭/୫୩, ଗ୍ଲେନ ଫିଲିପ୍ସ-୨/୨୬, ଟିମ ସୌଦୀ-୧/୧୮)। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୧୯୮/୫ (ଟମ୍ ଲଥାମ-୮୬, ଟମ୍ ବ୍ଲୁଣ୍ଡେଲ-୩୦*, ୱିଲ୍ ୟଙ୍ଗ-୨୩, ୱାଶିଂଟନ ସୁନ୍ଦର-୪/୫୬, ରବିଚନ୍ଦ୍ରନ ଅଶ୍ୱିନ-୧/୬୪)।

**ହକି ଇଣ୍ଡିଆ ଲିଗ୍**

## କୋରେଙ୍କୁ ନେଲା ଦିଲ୍ଲୀ ଏସ୍‌ଜି ପାଇପର୍ସ

**ନୂଆଦିଲ୍ଲୀ, ୨୫।୧୦ (ପି.ଟି.)**

ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଆଗାମୀ ସିଜନ ପାଇଁ ଦିଲ୍ଲୀ ଏସ୍‌ଜି ପାଇପର୍ସ ଅଷ୍ଟ୍ରେଲୀୟ ଷ୍ଟାର ଡିଫେଣ୍ଡର କୋରେ ୱିୟେରଙ୍କୁ ଦଳରେ ନେଇଥିବା କ୍ଲବ ତରଫରୁ ଶୁକ୍ରବାର ଘୋଷଣା କରାଯାଇଛି। ୨୮ ବର୍ଷୀୟ ୱିୟେରଙ୍କୁ ତାଙ୍କ ଦେଶର ଫ୍ଲିନ ଓଗିଲ୍‌ଭିଙ୍କ ସ୍ଥାନରେ ନିଆଯାଇଛି। ଫ୍ଲିନ ବ୍ୟକ୍ତିଗତ କାରଣ ଦର୍ଶାଇ ଲିଗ୍‌ରୁ ଓହରିଯାଇଛନ୍ତି। ୨୮ ବର୍ଷୀୟ ୱିୟେର ତାଙ୍କ ଶକ୍ତିଶାଳୀ ଡ୍ରାଗ୍-ଫ୍ଲିକିଂ ପାଇଁ ଜଣାଶୁଣା। ତାଙ୍କ ଉପସ୍ଥିତି ଫଳରେ ପାଇପର୍ସ ଦଳର ଡିଫେନ୍ସ ଲାଇନଅପ୍ ଅଧିକ ସୁଦୃଢ଼ ହେବ ବୋଲି ଏସ୍‌ଜି ସ୍ପୋର୍ଟ୍ସ, ମିଡିଆ ଆଣ୍ଡ୍ ଏଣ୍ଟରଟେନମେଣ୍ଟ (ଏସ୍‌ଜିଏସ୍‌ଇ) ସୁଇସ ମହେଶ ଭୂପତି ପ୍ରକାଶ କରିଛନ୍ତି। ୱିୟେର ୨୦୧୭ରେ ଅଷ୍ଟ୍ରେଲିଆ ଦଳ ତରଫରୁ ତାଙ୍କର ପଦାର୍ପଣ ମ୍ୟାଚ ଖେଳିଥିଲେ। ପ୍ୟାରିସ ଅଲିମ୍ପିକ୍ସ ଦଳର ମଧ୍ୟ ସେ ଜଣେ ସଦସ୍ୟ ଥିଲେ। ତାଙ୍କର ଯଥେଷ୍ଟ ଅନ୍ତର୍ଜାତୀୟ ଅନୁଭୂତି ରହିଛି। ସେ ଭୁବନେଶ୍ୱରରେ ୨୦୧୮ରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଭାଗ ନେଇଥିଲେ। ଅଷ୍ଟ୍ରେଲିଆ ଏଥିରେ ବ୍ରୋଞ୍ଜ ପଦକ ଲାଭ କରିଥିଲା। ସେ ଆହୁରି ମଧ୍ୟ ୨୦୧୯ ଓସେନିଆ କପ୍ ଏବଂ ଚାଇନାର ନାନ୍‌ଜିଙ୍ଗଠାରେ ଅନୁଷ୍ଠିତ ୨୦୧୪ ୟୁଥ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। କୋରେ ହେଉଛନ୍ତି ଜଣେ ବିଶ୍ୱ ଶ୍ରେଣୀୟ ଖେଳାଳି। ଦଳ ପାଇଁ ସେ ଜଣେ ଅତିରିକ୍ତ ଡ୍ରାଗ୍‌ଫ୍ଲିକିଂ ବିକଳ୍ପ ବୋଲି ଦିଲ୍ଲୀ ଏସ୍‌ଜି ପାଇପର୍ସ ପୁରୁଷ ଦଳର ମୁଖ୍ୟ କୋଚ୍ ଗ୍ରାହମ ଏସ୍‌ଜି ପାଇପର୍ସ ପ୍ରକାଶ କରିଛନ୍ତି।

# ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେବ ଭାରତ

**ନୂଆଦିଲ୍ଲୀ,୨୫।୧୦(ପି.ଟି.)**

ଭାରତୀୟ କୁସ୍ତି ଦଳ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବ। ସରକାର ଶୁକ୍ରବାର ଏହା ସ୍ପଷ୍ଟ କରିଛନ୍ତି। ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ(ଡବ୍ଲ୍ୟୁଏଫ୍ଆଇ) ବୁଧବାର ଆଗାମୀ ବିଶ୍ୱ ଚାମ୍ପିୟନଶିପ୍‌ରୁ ଭାରତୀୟ ଦଳକୁ ପ୍ରତ୍ୟାହାର କରିନେଇଥିଲା। ଫଳତଃ ଏହାଦ୍ୱାରା ପ୍ରଭାବିତ ସମସ୍ତ ୧୨ କୁସ୍ତିଯୋଦ୍ଧା ଶୁକ୍ରବାର ଡବ୍ଲ୍ୟୁଏଫ୍ଆଇ ସଭାପତି ସଞ୍ଜୟ ସିଂଙ୍କ ସହିତ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ବାସଭବନକୁ

**କ୍ରୀଡ଼ା ମନ୍ତ୍ରୀଙ୍କ ହସ୍ତକ୍ଷେପ**

ଯାଇଥିଲେ। ସେମାନେ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି ଜଣାଇଥିଲେ। ସେଠାରେ ପ୍ରାୟ ଏକ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଆଲୋଚନା ପରେ ସଞ୍ଜୟ ସିଂ ଖବରଦାତାମାନଙ୍କୁ କହିଛନ୍ତି, ମହାସଂଘ ବିରୋଧରେ ଯେଉଁ ଅଦାଲତ ଅବମାନନା ମୋକଦ୍ଦମା ହୋଇଛି ସେସବୁ ସରକାର ବୁଝିବେ। ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ସମସ୍ତ କୁସ୍ତି ଯୋଦ୍ଧାମାନଙ୍କର ଟିକେଟ ସଂରକ୍ଷଣ



କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କୁ ସାକ୍ଷାତ ପାଇଁ ଅପେକ୍ଷାରତ ରେସଲର।

ହୋଇ ସାରିଛି। ସେମାନେ ରବିବାର ସକାଳେ ପ୍ରସ୍ଥାନ କରିପାରିବେ। ସରକାର ଡବ୍ଲ୍ୟୁଏଫ୍ଆଇ ଉପରୁ ସସ୍‌ପେଣ୍ଡ ଆଦେଶ ପ୍ରତ୍ୟାହାର କରିବା ଲାଗି କୌଣସି ପ୍ରତିଶ୍ରୁତି ଦେଇଛନ୍ତି କି ବୋଲି ତାଙ୍କୁ ପଚରାଯିବାରେ ମନ୍ତ୍ରୀ କହିଥିଲେ ଏହାର ସମୀକ୍ଷା ହେବ। ଏଥିପାଇଁ ଏକମାସ ସମୟ ଲାଗିବ। ମାଣ୍ଡ୍ୟବ କହିଥିଲେ, ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ। ସମସ୍ତ କ୍ରୀଡ଼ା ମହାସଂଘ ସ୍ୱାଧୀନ ଭାବେ କାର୍ଯ୍ୟ କରିପାରିବେ। ସରକାର କେବଳ ସେମାନଙ୍କୁ ସହାୟତା ପ୍ରଦାନ କରିବେ। ଦେଶରେ କ୍ରୀଡ଼ାର ଅଗ୍ରଗତି ହେଉ। ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସେମାନେ ଭଲ ପ୍ରଦର୍ଶନ କରିବା ଉଚିତ ବୋଲି ମନ୍ତ୍ରୀ କହିଥିଲେ। ଅକ୍ଟୋବର ୨୮ରୁ ଆଲବାନିଆର ଟିରାନାଠାରେ ୧୨ଟି ଅଣଅଲିମ୍ପିକ କାଟେଗୋରିରେ ସିନିୟର ବିଶ୍ୱ ଚାମ୍ପିୟନଶିପ୍ ଆରମ୍ଭ ହେବ। କୁସ୍ତିଯୋଦ୍ଧାମାନେ କୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ତେବେ ଏହାର ଶୁଣାଣି ଶୁକ୍ରବାର ପୂର୍ବରୁ ହୋଇ ପାରିବ ନାହିଁ ବୋଲି କୋର୍ଟ କହିଥିଲେ। ଏହି ପରିପ୍ରେକ୍ଷୀରେ କୁସ୍ତିଯୋଦ୍ଧା ମନୀଷା ଭାନୱାଲା(୬୫କେଜି) କହିଛନ୍ତି, ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ହାସଲ ପର୍ଯ୍ୟାୟରେ ପହଞ୍ଚିବା ଲାଗି ଆମକୁ ୧୦ରୁ ୧୨ ବର୍ଷ ସମୟ ଲାଗିଛି। ବର୍ତ୍ତମାନ ଆମ ନିକଟରୁ ଏହି ସୁଯୋଗ ଛଡ଼ାଇ ନିଆଯାଉଥିଲା। ସୂଚନାଯୋଗ୍ୟ, ମହାସଂଘର ଦୈନନ୍ଦିନ କାର୍ଯ୍ୟ ଦେଖା ଚାହାଁ କରିବା ଲାଗି ଆଡହକ ପ୍ୟାନେଲର ପୁନଃ ପ୍ରବର୍ତ୍ତନ ନିର୍ଦ୍ଦେଶକୁ ପ୍ରତ୍ୟାଖ୍ୟାନ କରିଦେବାରୁ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଡବ୍ଲ୍ୟୁଏଫ୍ଆଇକୁ ସସ୍‌ପେଣ୍ଡ କରିଦେଇଥିଲା। ଫଳରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ହସ୍ତକ୍ଷେପ କରୁଥିବା ଦର୍ଶାଇ ୱାର୍ଲ୍ଡ ଗଭର୍ନିଂ ବଡି ୟୁଡବ୍ଲ୍ୟୁଡବ୍ଲ୍ୟୁ ନିକଟରେ ଫେରାଦ ହେବା ସହ ଡବ୍ଲ୍ୟୁଏଫ୍ଆଇ ବିଶ୍ୱ ଚାମ୍ପିୟନଶିପରୁ ଏହାର ଦଳ ପ୍ରତ୍ୟାହାର କରି ନେଇଥିଲା। ଡବ୍ଲ୍ୟୁଏଫ୍ଆଇ ନିକଟରେ ୨୩ ବର୍ଷରୁ କମ୍ ଏବଂ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ସିଲେକ୍ସନ ଟ୍ରାଏଲ୍ସ ଘୋଷଣା କରିଥିଲା। ତେବେ ଏହାର ବୈଧତାକୁ ନେଇ ଅତୀତରେ ଯୌନଶୋଷଣ ଅଭିଯୋଗରେ ପୂର୍ବତନ ମହାସଂଘର ପୂର୍ବତନ ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କୁ ଗିରଫ ଦାବିରେ ଆନ୍ଦୋଳନ କରିଥିବା କୁସ୍ତି ଯୋଦ୍ଧାମାନେ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସେମାନଙ୍କ ମଧ୍ୟରେ ବଜରଙ୍ଗ ପୁନିଆ, ଭିନେଶ ଫୋଗଟ, ସାକ୍ଷୀ ମଲିକ ଏବଂ ତାଙ୍କ ସ୍ୱାମୀ ସତ୍ୟବ୍ରତ ଅନ୍ୟତମ। ତଥାକଥିତ ଆନ୍ଦୋଳନକାରୀମାନଙ୍କ କ୍ୟାରିୟର ଶେଷ ହୋଇଯାଇଛି। ସେମାନେ ଏହି ବ୍ୟାପାରରେ ମୁଣ୍ଡ ନ ଖେଳାଇବା ଭଲ ବୋଲି ମନୀଷା ଭାନୱାଲା କହିଛନ୍ତି।

# ଓଡ଼ିଶାର ତନଭିଙ୍କୁ ଦ୍ୱିମୁକୁଟ

**ଭୁବନେଶ୍ୱର, ୨୫।୧୦ (ତପନ ସ୍ୱାଇଁ)**

ଚେନ୍ନାଇସ୍ଥିତ ତାମିଲନାଡୁ ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସ ୟୁନିଭର୍ସିଟିରେ ଶୁକ୍ରବାର ୩୬ତମ ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶାର ବ୍ୟାଡ୍‌ମିଣ୍ଟନ ପ୍ରତିଭା ତନଭି ପତ୍ରି ଚମତ୍କାର ପ୍ରଦର୍ଶନ କରି ଦ୍ୱିମୁକୁଟ ହାସଲ କରିଛନ୍ତି। ସେ ଉଭୟ ୧୫ ଓ ୧୭ ବର୍ଷରୁ କମ୍ ସିଙ୍ଗଲ୍‌ସ ଟାଇଟଲ ହାସଲ କରିଛନ୍ତି। ସମ୍ପ୍ରତି ୧୫ ବର୍ଷରୁ କମ୍ ସିଙ୍ଗଲ୍ସ ବର୍ଗରେ ଏସିଆନ ଚାମ୍ପିୟନଥିବା ତନଭି ଚେନ୍ନାଇରେ ଅନୁଷ୍ଠିତ ପ୍ରତିଯୋଗିତାର ୧୫ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ କର୍ଣ୍ଣାଟକର ଆଇକା ଶେଟ୍ଟିଙ୍କୁ ୨୦-୨୨, ୨୧-୯,

**ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ**

୨୧-୧୩ରେ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌ରେ ପରାସ୍ତ ସତ୍ତ୍ୱେ ସେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ସେହିପରି ୧୭ ବର୍ଷରୁ କମ୍ ଫାଇନାଲରେ ସେ ମହାରାଷ୍ଟ୍ରର ନିଶା କୌର ଭାଟୋୟେଙ୍କୁ ୨୧-୭, ୨୧-୭ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଉଭୟ ବିଭାଗରେ ଟପ୍ ସିଡ୍‌ର ମାନ୍ୟତା ପାଇଥିବା ୧୩ ବର୍ଷୀୟା ତନଭି ଖେଳିଥିବା ୧୨ ମ୍ୟାଚରେ ମାତ୍ର ଗୋଟିଏ ଗେମ୍ ଡ୍ରପ୍ କରିଥିଲେ। ଫଳରେ ଭାରତର ଭବିଷ୍ୟତ ଅଲିମ୍ପିକ୍ ଆଶା ବିବେଚିତ ହେଉଥିବା ଏହି ବିଚକ୍ଷଣ ପ୍ରତିଭା ଠିକ୍ ପଥରେ ଅଗ୍ରସର ହେଉଥିବା ପରିଲକ୍ଷିତ ହୋଇଛି।

ଚେନ୍ନାଇରେ ଡବଲକୁ ମିଶାଇଲେ





୨ଟି ଟ୍ରଫି ସହ ଓଡ଼ିଶାର ତନଭି ପତ୍ରି।

ଜାତୀୟ ସ୍ତରରେ ତନଭିଙ୍କ ସ୍ୱର୍ଣ୍ଣ ପଦକ ସଂଖ୍ୟା ୪ରେ ପହଞ୍ଚିଛି। ପୂର୍ବରୁ ସେ ୨୦୨୨ ଓ ୨୦୨୩ରେ ୧୩ ବର୍ଷରୁ କମ୍ ବର୍ଗରେ ୨ ଥର ଚାମ୍ପିୟନ ହୋଇଥିଲେ। ଶୈଳବାଳା ପଣ୍ଡା ଓ ରବି ପତ୍ରିଙ୍କ କନ୍ୟା ତନଭି ସମ୍ପ୍ରତି ବେଙ୍ଗାଲୁରୁ ଭିତ୍ତିକ ପ୍ରକାଶ ପାଦୁକୋନ ବ୍ୟାଡ୍‌ମିଣ୍ଟନ ଏକାଡେମୀରେ ଟ୍ରେନିଂ ନେଉଛନ୍ତି। ଜାତୀୟ ସ୍ତରରେ ଡବଲ ସ୍ୱର୍ଣ୍ଣ ପଦକ ପାଇ ସେ ନିଜ ଏକାଡେମୀର କୋଚ୍ ଏଫଂ ସପୋର୍ଟ ଷ୍ଟାଫ୍, ଓଡ଼ିଶା ସରକାର ଏବଂ ନିଜ ପରିବାରବର୍ଗଙ୍କୁ ଶ୍ରେୟ ଦେଇଛନ୍ତି। ''ଆଗାମୀ ଦିନରେ ୧୭ ଓ ୧୯ ବର୍ଷରୁ କମ୍ ଜାତୀୟ ଟାଇଟଲ ସହ ଏସିଆ ଚାମ୍ପିୟନ ହେବା ମୋର ପରବର୍ତ୍ତୀ ଟାର୍ଗେଟ। ଭବିଷ୍ୟତରେ ଅଲିମ୍ପିକ୍ସରେ ଭାରତ ପାଇଁ ପଦକ ଜିତିବାକୁ ମଧ୍ୟ ମୋର ଆଶା ରହିଛି'' ବୋଲି ତନଭି ପ୍ରକାଶ କରିଛନ୍ତି।

# ରଣଜୀ ଟ୍ରଫି: ଆଜିଠୁ ଓଡ଼ିଶା-ବରୋଦା ମ୍ୟାଚ

**ଭୁବନେଶ୍ୱର, ୨୫।୧୦ (ତପନ ସ୍ୱାଇଁ)**

ଚଳିତ ରଣ୍‌ଜୀ ଟ୍ରଫି କ୍ରିକେଟ ସିଜନରେ ଓଡ଼ିଶା ଏହାର ତୃତୀୟ ମ୍ୟାଚ ବରୋଦା ବିପକ୍ଷରେ ଖେଳିବ। ଶନିବାରଠାରୁ ଭଦୋଦରାର କୋଟାମ୍ବି ଷ୍ଟାଡିୟମରେ ଏହା ଆରମ୍ଭ ହେବ। ରଣ୍‌ଜୀ ଟ୍ରଫି ଏଲିଟ୍ ଗ୍ରୁପ୍ 'ଏ'ର ଏହି ମ୍ୟାଚ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ। ଦଳ ଏପର୍ଯ୍ୟନ୍ତ ୨ଟି ମ୍ୟାଚ ଖେଳି ୪ ପଏଣ୍ଟରେ ରହିଛି। ଅଗରତାଲାରେ ଅନୁଷ୍ଠିତ ତ୍ରିପୁରା ବିପକ୍ଷ ମ୍ୟାଚ ବର୍ଷାରେ ଧୋଇ ଯାଇଥିବାବେଳେ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଜମ୍ମୁ-କଶ୍ମୀର ବିପକ୍ଷ ଡ୍ର' ମ୍ୟାଚରୁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶାକୁ ୩ ପଏଣ୍ଟ ମିଳିଛି। ୮ ଦଳ ବିଶିଷ୍ଟ ଗ୍ରୁପ୍ 'ଏ'ରେ ସମ୍ପ୍ରତି ୬ଷ୍ଠ ସ୍ଥାନରେ ରହିଛି ଓଡ଼ିଶା। ତେଣୁ ଗ୍ରୁପ୍ ଟପ୍ପର ବରୋଦା ବିପକ୍ଷରେ ଦଳକୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ବରୋଦା ୨ ମ୍ୟାଚରୁ ଡବଲ ବିଜୟ ସହ ୧୨ ପଏଣ୍ଟ ପାଇସାରିଛି। ଓଡ଼ିଶା ଓ ବରୋଦା ମଧ୍ୟରେ ପୂର୍ବ ମୁକାବିଲା ଚଳିତବର୍ଷ ପ୍ରାରମ୍ଭରେ ଭଦୋଦରାରେ ଅନୁଷ୍ଠିତ ହୋଇଥିଲା। ଜାନୁୟାରୀ ୫ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ଗ୍ରୁପ୍ 'ଡି' ମ୍ୟାଚରେ ବରୋଦା ୧୪୭ ରନରେ ବିଜୟୀ ହୋଇଥିଲା। ତେଣୁ ସେଠାକାର ପରିବେଶରେ ଘରୋଇ ଦଳକୁ ହରାଇବାକୁ ହେଲେ ଓଡ଼ିଶାକୁ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପଡ଼ିବ।

ଚଳିତ ରଣ୍‌ଜୀ ଟ୍ରଫିରେ ଓଡ଼ିଶା ଏପର୍ଯ୍ୟନ୍ତ ଗୋଟିଏ ମ୍ୟାଚ ଖେଳିବାକୁ ସୁଯୋଗ ପାଇଥିବାବେଳେ କେବଳ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଶତକ ହାସଲ କରି ଫର୍ମର ପରିଚୟ ଦେଇଛନ୍ତି। ଜମ୍ମୁ କଶ୍ମୀର ବିପକ୍ଷ ଦ୍ୱିତୀୟ ଇନିଂସରେ ସନ୍ଦୀପ ପଟ୍ଟନାୟକଙ୍କ ଅପରାଜିତ ୫୫ ରନର ଇନିଂସ ବହୁ ମୂଲ୍ୟବାନ ସାବ୍ୟସ୍ତ ହୋଇଥିଲା। ଏହି ଇନିଂସ ଓଡ଼ିଶାକୁ ଏକ ନିଶ୍ଚିତ ପରାଜୟ ମୁହଁରୁ ରକ୍ଷା କରିଥିଲା।



ଭଦୋଦରାର କୋଟାମ୍ବି ଷ୍ଟାଡିୟମରେ ଓଡ଼ିଶା ରଣଜୀ ଦଳର ଅଭ୍ୟାସ।

ଅଭିଜ୍ଞ ବିପ୍ଲବ ସାମନ୍ତରାୟଙ୍କ ସମେତ ଅନ୍ୟ ବ୍ୟାଟରଙ୍କୁ ଆଗାମୀ ମ୍ୟାଚରେ ଦାୟିତ୍ୱର ସହ ଖେଳିବାକୁ ପଡ଼ିବ। ବୋଲରଙ୍କ ମଧ୍ୟରେ ପଦାର୍ପଣରେ ସୁମିତ ଶର୍ମା ୫ ଉଇକେଟ ସଫଳତା ପାଇଥିଲେ। ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, କାର୍ତ୍ତିକ ବିଶ୍ୱାଳ ପ୍ରମୁଖ କିଛିଟା ପ୍ରଭାବ ପକାଇଛନ୍ତି। ଅନ୍ୟପକ୍ଷରେ ମୁମ୍ବାଇ ବିପକ୍ଷ ପ୍ରଥମ ମ୍ୟାଚରେ ବରୋଦା ବ୍ୟାଟରଙ୍କ ମଧ୍ୟରେ ମିତେଶ ପଟେଲ (୮୬) ଓ ଅତୀତ ସେଠ୍ (୬୬) ଓ କୃନାଲ ପାଣ୍ଡ୍ୟା ଅର୍ଦ୍ଧଶତକ ହାସଲ କରିଥିବାବେଳେ ବୋଲର ଭାର୍ଗବ ଭଟ୍ଟ ପ୍ରଥମ ଇନିଂସରେ ୪ ଓ ଦ୍ୱିତୀୟ ଇନିଂସରେ ୬ ଉଇକେଟ ସଫଳତା ପାଇଛନ୍ତି। ସେହିପରି ସର୍ଭିସେସ ବିପକ୍ଷ ଦ୍ୱିତୀୟ ମ୍ୟାଚରେ ବରୋଦା ପକ୍ଷରୁ ପ୍ରଥମ ଇନିଂସରେ ଶିବାଲିକ ଶର୍ମା (୧୭୮) ଓ ବିଷ୍ଣୁ ସୋଲାଙ୍କି (୧୨୫) ଶତକ ଏବଂ ଅଧିନାୟକ କୃନାଲ ପାଣ୍ଡ୍ୟା (୮୬) ଓ ଅତୀତ ସେଠ୍ (୫୩*) ଅର୍ଦ୍ଧଶତକ ହାସଲ କରିଛନ୍ତି। ବୋଲରଙ୍କ ମଧ୍ୟରେ ସ୍ପିନର ମହେଶ ପିଥିୟା ପ୍ରଥମ ଇନିଂସରେ ୩ ଓ ଦ୍ୱିତୀୟ ଇନିଂସରେ ୬ ଉଇକେଟ ନେଇ ନିଜ ଫର୍ମର ପରିଚୟ ଦେଇଛନ୍ତି।

# ଖୋ ଖୋ ବିଶ୍ୱକପ୍‌ରେ ଭାଗ ନେବେ ୨୪ ଦେଶ

**ନୂଆଦିଲ୍ଲୀ, ୨୫।୧୦ (ପି.ଟି.)**

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଆସନ୍ତାବର୍ଷ ଜାନୁଆରୀ ୧୩ରୁ ୧୯ ତାରିଖ ପର୍ଯ୍ୟନ୍ତ ଖୋଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହେବ। ଏଥିରେ ଇଂଲଣ୍ଡ, ଜର୍ମାନୀ, ନେଦରଲାଣ୍ଡ୍ସ ଓ ଆମେରିକା ସମେତ ୨୪ଟି ଦେଶର ଦଳ ଭାଗ ନେବେ। ଭାରତୀୟ ଖୋ ଖୋ'ର ଜାତୀୟ ମହାସଂଘ ତରଫରୁ ଶୁକ୍ରବାର ଏହା ଘୋଷଣା କରାଯାଇଛି। ଚାମ୍ପିୟନଶିପ୍‌ରେ ଭାଗ ନେଉଥିବା ଆଫ୍ରିକୀୟ ଦେଶଗୁଡ଼ିକ ମଧ୍ୟରେ ଅଛନ୍ତି ଘାନା, କେନିଆ, ଦକ୍ଷିଣ ଆଫ୍ରିକା ଓ ଉଗାଣ୍ଡା। ଏସିଆରୁ ଭାରତ ବ୍ୟତୀତ ବାଂଲାଦେଶ, ଭୁଟାନ, ଇଣ୍ଡୋନେସିଆ, ମାଲେସିଆ, ଇରାନ, ନେପାଳ, ପାକିସ୍ତାନ, ଦକ୍ଷିଣ କୋରିଆ ଓ ଶ୍ରୀଲଙ୍କା ଆଦି ଦେଶର ଦଳ ଅଂଶଗ୍ରହଣ କରିବେ। ସେହିପରି ୟୁରୋପରୁ ଇଂଲଣ୍ଡ, ଜର୍ମାନୀ, ନେଦରଲାଣ୍ଡ୍ସ ଓ ପୋଲାଣ୍ଡ ଭାଗନେବାକୁ ଥିବାବେଳେ ଉତ୍ତର ଆମେରିକାରୁ କାନାଡା ଓ ଯୁକ୍ତରାଷ୍ଟ୍ର ଆମେରିକା ଭାଗ ନେବେ। ଦକ୍ଷିଣ ଆମେରିକାରୁ ବ୍ରାଜିଲ ଓ ପେରୁ ଏବଂ ଓସେନିଆ ଅଞ୍ଚଳରୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଭାଗନେବେ। ଉଭୟ ପୁରୁଷ ଓ ମହିଳା ବିଭାଗରେ ଟୁର୍ନାମେଣ୍ଟ ହେବ। ପ୍ରତ୍ୟେକ କାଟେଗୋରିରେ ୧୬ଟି ଲେଖାଏ ଦଳ ରହିବେ। ପ୍ରତିଯୋଗିତାକୁ ଯେପରି ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ କରି ହେବ ସେଥିପାଇଁ ଫର୍ମାଟ ପ୍ରସ୍ତୁତ କରାଯାଇଛି। ପୁରୁଷ ବିଭାଗରେ ଘାନା, କେନିଆ ଓ ଦକ୍ଷିଣ ଆଫ୍ରିକାକୁ ଶକ୍ତିଶାଳୀ ଦଳ ଭାବେ ବିବେଚନା କରାଯାଉଛି। ଭାରତର ଏହି ପାରମ୍ପରିକ ଖେଳକୁ କିପରି ଏକ ଗ୍ଲୋବାଲ ଗେମ୍‌ରେ ପରିଣତ କରାଯାଇପାରିବ ତାହାକୁ ଦୃଷ୍ଟିରେ ରଖି ଏହି ଚାମ୍ପିୟନଶିପ୍‌ର ଆୟୋଜନ କରାଯାଇଥିବା ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ (କେକେଏଫ୍ଆଇ) ସଭାପତି ସୁଧାଂଶୁ ମିତ୍ତଲ ପ୍ରକାଶ କରିଛନ୍ତି।

KHO KHO™ WORLD CUP INDIA 2025

# ପ୍ରେମ ପ୍ରତିଯୋଗିତା

## ଗଳ୍ପ

**ଡ. ଲଲାଟେନ୍ଦୁ ସାହୁ**

ଏକଥାଟି ପ୍ରେମରୁ ଜାତ, ପ୍ରେମ ପାଇଁ ସଂଗଠିତ ଆଉ ଗୋଟେ ଗୋଟେ ପ୍ରେମୀଯୁଗଳଙ୍କ ପାର୍ଶ୍ୱସ୍ଥ ପରିଧି ଉପରେ କେନ୍ଦ୍ରୀଭୂତ। ଏଠି ଚାରି ପ୍ରକାର ରସିକିଆ ପ୍ରେମର ଅବତାରଣା କରାଯାଇଛି – ସାହିତ୍ୟର ସଫଳତା ଓ ବିଫଳତାଠାରୁ ଦାମ୍ପତ୍ୟର ଅଧିକ ଆବଶ୍ୟକତାକୁ ପ୍ରତିପାଦିତ କରିବାନ୍ୱେଷଣରେ। କାହାର ପ୍ରେମ କେତେ ଗହୀରିଆ, କେତେ ସଫଳ ସେସବୁ ତରାଜୁରେ ମାପିବାର ଯେଉଁ କେତେକ ଅସଫଳ ପ୍ରଚେଷ୍ଟା ତାହା ମଞ୍ଚ ଉପରେ କରାଯାଇଛି। ସେମାନଙ୍କ ଭିତରୁ କେତୋଟି ହାତଗଣତି ମାତ୍ର ଲିପିବଦ୍ଧ ହୋଇପାରିଛି। ଆଉ ଯେତୋଟି ଲିପିବଦ୍ଧ ହୋଇ ପଠିତ ହୋଇଛି, ସେଥିରୁ ଅନେକ ମନଛୁଆଁ ନ ହୋଇ ଅନାଲୋଚିତ ହୋଇ ହଜିଯାଇଛି। ଏଇଟା ସେମିତିଆ ଗୋଟେ ଫର୍ଦ୍ଦ। (ଏଠି ଅଧାପୋଡ଼ା ସଞ୍ଜ ସଳିତାର କାନ୍ଦ କାନ୍ଦ ଚାହାଣି ଯାହା, ପାହାନ୍ତିଆ ପ୍ରହରର କୁନ୍‌କୁନ୍ ଚାନ୍ଦ ବି ତାହା।) ଏଠି ଚାନ୍ଦ ସହ କଇଁର ସମ୍ପର୍କ ଯେତିକି, ସୂର୍ଯ୍ୟ ସହ ପଦ୍ମର ସମ୍ପର୍କ ବି ସେତିକି। ପ୍ରେମରେ କିଏ ଆଗ, କିଏ ପଛ ଏକଥା କେହି କେବେ ତରାଜୁର ପାଲିରେ ପକେଇ ମାପି ପାରି ନାହିଁ। ଏ ଫର୍ଦ୍ଦରେ ଫସିଥିବା ଚାରି ରସିକିଆ ପ୍ରେମିକ ନିଜ ପ୍ରେମକୁ ଅନ୍ୟଠାରୁ ଶ୍ରେଷ୍ଠ ବୋଲି ଯେତେ ବଖାଣିଲେ ବି, ବିଚାରକମଣ୍ଡଳୀ ଶେଷ ସିଦ୍ଧାନ୍ତରେ ଉପନୀତ ନ ହୋଇପାରିବା ବର୍ଣ୍ଣନା କରୁଛି – ପ୍ରେମ ସବୁବେଳେ ଶ୍ରେଷ୍ଠ ଓ ସମସ୍ତଙ୍କ ପ୍ରେମ ନିଜ ନିଜ ସ୍ତରରେ ବି ଶ୍ରେଷ୍ଠ।



(୧)

ସେ ଆଜି ସଚିବସ୍ତରୀୟ ବଡ଼ ଅଫିସର। ଯୁକ୍ତ ତିନି ପଢୁଥିବା ବେଳେ ସହପାଠିନୀ ପ୍ରଜ୍ଞାକୁ ପ୍ରପୋଜ୍ କରି ଅସଫଳ ହେଲା ପରେ ଜ୍ଞାନୋଦୟ ହେଲା। ମନ ଦେଇ ପଢ଼ି ଦ୍ୱିତୀୟ ଚାନ୍ସରେ ସର୍ବଭାରତୀୟ ଉଚ୍ଚତମ ପରୀକ୍ଷାରେ ଶ୍ରେଷ୍ଠ ଦଶ ଭିତରେ ରହି ପୁନଃ ପ୍ରେମ ନିବେଦନ କରି ସଫଳ ହେଲେ। ତାଙ୍କ ଜାଗାରେ ଯଦି ଆଉ କିଏ ଥାଆନ୍ତା ସେ କ'ଣ ସଫଳ ହେଲା ପରେ ତାକୁ ପ୍ରତ୍ୟାଖ୍ୟାନ କରିଥିବା ପ୍ରେମିକାକୁ ପୁନଃ ପ୍ରେମ ନିବେଦନ କରିଥାନ୍ତା! ବରଂ ତାକୁ ଦେଖେଇ ଦେଖେଇ ଆଉ କାହାକୁ ବାହାହୋଇ ଈର୍ଷା ସୃଷ୍ଟି କରେଇଥାନ୍ତା। ଏଣୁ ଶ୍ରେଷ୍ଠ ପ୍ରେମିକ ହିସାବରେ ସେ ପୁରସ୍କାର ପାଇବା ପାଇଁ ପ୍ରଥମ ହକ୍‌ଦାର।

(୨)

ସହରର କେତେ ଜଣ ହାତଗଣତି ନାମୀଦାମୀ ସ୍ଥପତିଙ୍କ ଭିତରେ ଶୁଭେନ୍ଦୁ ବାବୁ ଜଣେ। ତିନି ଦଶନ୍ଧି ହେଲା ସେ ସୁନ୍ଦରରୁ ଅତିସୁନ୍ଦର ନକ୍ସା ସବୁ କରାଇ ଅନେକ ମନଲୋଭା କାରୁକାର୍ଯ୍ୟପୂର୍ଣ୍ଣ ଅଟ୍ଟାଳିକାମାନ ଗଢ଼େଇ ସହରର ଶୋଭାକୁ ବହୁଗୁଣିତ କରିଛନ୍ତି। ଶୁଭେନ୍ଦୁ ବାବୁଙ୍କଠୁ ସମୟ ନେଇ ନକ୍ସା ବନେଇବା ଯେଉଁ କେତେଜଣଙ୍କ ଭାଗ୍ୟରେ ଜୁଟିଛି, ସେମାନଙ୍କ ଭିତରେ ସୌଭାଗ୍ୟ ବାବୁ ଜଣେ। ସୌଭାଗ୍ୟ ବାବୁଙ୍କ ଏକମାତ୍ର ଲଳନା ସୋନାଲି ବି ବାପାଙ୍କ ସାଥିରେ ଯାଏ ସ୍ଥପତିଙ୍କ ଅଫିସକୁ। ଶୁଭେନ୍ଦୁ ବାବୁ ଓ ସୋନାଲି କ୍ରମେ ହାଲୋ–ହାୟରୁ ଫୋନ୍ ନମ୍ବର ଦିଆନିଆ। ତା'ପରେ ମର୍ନିଂ, ଗୁଡ୍‌ନାଇଟ୍ ମେସେଜ୍। ତା'ପରେ ପ୍ରେମ। ସ୍ଥପତି ଦୂରଦ୍ରଷ୍ଟା ହୋଇ ଘରର ନକ୍ସା ଫାଇନାଲ କଲାବେଳକୁ ଗୋଟେ ଆଇସୋଲେସନ୍ ରୁମ୍ ଓ ଗୋଟେ ଅଦୃଶ୍ୟ ଆପାତକାଳୀନ ପ୍ରସ୍ଥାନ ଦ୍ୱାର ସୌଭାଗ୍ୟ ବାବୁଙ୍କ ଦୁର୍ଭାଗ୍ୟକୁ ବଢ଼େଇ ଦେଇଥିଲେ। ସେହି ଆଇସୋଲେଶନ୍ ରୁମ୍‌ରେ ପ୍ରେମ କ୍ରମେ ପ୍ରଣୟ ଆଡ଼କୁ ଗତି କରିବାକୁ ଖୋରାକ ଯୋଗାଇଲା। ଏକ୍‌ଜିଟ୍ ବାଟରେ ସ୍ଥପତି ସୋନାଲିକୁ ନେଇ ଫେରାର୍ ହୋଇଯିବାରେ ସଫଳ ହୋଇଥିଲେ। ଏତିକିବେଳେ ଗୋଟେ କଥା ମନେପଡ଼େ ଯେ ସୌଭାଗ୍ୟ ବାବୁ ପେସାରେ ଜଣେ ହାର୍ଡକୋର କ୍ରିମିନାଲ। ଏତେ ଘଟଣା – ଦୁର୍ଘଟଣାମୟ ରାସ୍ତାରେ ସ୍ଥପତିଙ୍କର ସଫଳ ଯାତ୍ରା ତାଙ୍କୁ ପ୍ରଥମ ପୁରସ୍କାର ପାଇବାରେ ନିଶ୍ଚୟ ସହାୟକ ହେବ।

(୩)

ଜୟବର୍ଦ୍ଧନ ବାବୁ ଜଣେ ଉଚ୍ଚ ପଦସ୍ଥ ଇଞ୍ଜିନିୟର। ତାଙ୍କର ଉପରକୁ ଯେତିକି ଶକ୍ତି, ସାମର୍ଥ୍ୟ ଓ ଅର୍ଥ ଦୃଶ୍ୟମାନ, ତା'ଠୁ ଅନେକ ଗୁଣ ଅଧିକ ତଳକୁ ଥାଇ ଲୁକ୍କାୟିତ ଅବସ୍ଥାରେ ଅଛି। ତାଙ୍କର ସବୁବେଳେ ଗୋଟିଏ ଭୟ ଏତେ ସବୁ ଆୟ ଲୁଚେଇବେ କେଉଁଠି। ଏଥିପାଇଁ ସେ ନିଜ ସ୍ତ୍ରୀକୁ ଆନୁଷ୍ଠାନିକ ଭାବେ ଛାଡ଼ପତ୍ର ଦେଇ ସମ୍ପତ୍ତିର ବହୁଳାଂଶ ତାଙ୍କ ନାଁରେ କରିଦେବାକୁ ଥରେ ଅଧେ ଭାବିଛନ୍ତି। ବିରାଡ଼ି କପାଳକୁ ଶିକା ଛିଡ଼ିବା ଭଳି ସ୍ତ୍ରୀ ବି ଏଥିରେ ରାଜି ହୋଇ ଘଟଣାକୁ ଅନ୍ତିମ ପର୍ଯ୍ୟାୟରେ ଯଥାଶୀଘ୍ର ପହଞ୍ଚେଇଦେଲେ। ଜୟବର୍ଦ୍ଧନ ଏବେ ଆଶ୍ୱସ୍ତ ହେଲେ। ଦିନ କେଇଟା ସରକାରୀ ଭାବେ ଛାଡ଼ପତ୍ର ଦିଆଦେଇ ହୋଇ ପୂର୍ବବତ୍ ସୁଖୀ ଦାମ୍ପତ୍ୟ ଜୀବନ କାଟିଛନ୍ତି କି ନାହିଁ ଦିନେ ସ୍ତ୍ରୀ – ଜୟା ଆଉ କାହା ସହ ଫେରାର ହୋଇଗଲେ। ଧନାଗମର ଏତେ ବ୍ୟାପକ ସୁଅକୁ ହୃଦୟଙ୍ଗମ କରୁକରୁ ପୁନଃ ବିବାହ କରି ଠୁଳ ହେବାକୁ ଯାଉଥିବା ସମ୍ପତ୍ତିର ବହୁଳାଂଶ ନୂଆ ସ୍ତ୍ରୀଙ୍କ ନାମରେ କରିବାକୁ ସିଦ୍ଧାନ୍ତ କଲେ। ଏଥିରେ କେବଳ ଗୋଟେ ଅସୁବିଧାର ଆଶଙ୍କା ଥିଲା– ଏ ପରିଣତ ବୟସରେ ବିବାହ କଲେ ଲୋକେ କ'ଣ କହିବେ? ସିଦ୍ଧାନ୍ତରେ ଉପନୀତ ହେବାକୁ କିଛି ସମୟ ନିଜକୁ ନିଜେ ଦେଲେ। କିନ୍ତୁ ଏ ଭିତରେ ଫେରାର ହୋଇ ଛାଡ଼ପତ୍ର ନେଇଥିବା ସ୍ତ୍ରୀ କ୍ଷମାପ୍ରାର୍ଥନା କରି ପ୍ରତ୍ୟାବର୍ତ୍ତନ କଲେ। କାଳବିଳମ୍ବ ନ କରି ଜୟବର୍ଦ୍ଧନ ପୁଣି ଜୟାଙ୍କୁ ଗ୍ରହଣ କଲେ– କିନ୍ତୁ ନୂଆ ନାଁ ଜିୟାରେ। ଫେରାର ସ୍ତ୍ରୀ ଫେରିଆସିବା ପରେ ବି ରାମଚନ୍ଦ୍ରଙ୍କ ପରି ଅଗ୍ନି ପରୀକ୍ଷା ନ କରାଇ ସେ ତାଙ୍କୁ ଗ୍ରହଣ କରିଥିବାରୁ ସର୍ବକାଳୀନ ଶ୍ରେଷ୍ଠ ପ୍ରେମିକ ସେ ହେବାପାଇଁ ମଧ୍ୟ ହକ୍‌ଦାର।

(୪)

ଜଣେ ସାଧାରଣ କାଚରା ହିସାବରେ ଗାଁ ଗାଁ ବୁଲି ମହିଳାମାନଙ୍କୁ ଚୁଡ଼ି ପିନ୍ଧାଇ ତା' ଜୀବଦଶା ଭିତରେ ସେ ଯେଉଁ ଭାଟିଆ ଯୋଗାଡ଼ କରିପାରିଛି ତା'ଠୁ କେତେ ହଜାର ଗୁଣ ଅଧିକା ଗୋଟେ ସୁନ୍ଦରୀ ତରୁଣୀର ମନ କିଣିନେଇଛି। ବାହାଘରର ମାସ ଦିଇଟା ଯାଇଛି କି ନାହିଁ ରାହୁ ତା' ଉପରେ ନଜର ପକେଇଛି। ଏମିତିରେ ତ ସର୍ବସାଧାରଣ ତାକୁ ସହ୍ୟ କରିପାରୁ ନ ଥିଲେ ଏବେ ରାଜାପୁଅଙ୍କ ନଜର ତା' ସ୍ତ୍ରୀ ଠି ଲାଗିଯାଇଛି। ରାଜା ପ୍ରଥା ନ ଥିଲେ ବି ରାଜପ୍ରାସାଦ, ତାଙ୍କ ଉତ୍ତରାଧିକାରୀ ଓ ସେଇ ଥାଟ ଏବେ ବି ବହନ କରୁଥିବା ତାଙ୍କ ବଂଶଜ ସେହି ପୁରୁଣା ରୋଗରେ ସଂକ୍ରମିତ– ସୁନ୍ଦରୀ ସ୍ତ୍ରୀ ଦେଖିଲେ କଳେବଳେ କୌଶଳେ ନିଜର କରିନେବାକୁ ଆପ୍ରାଣ ଉଦ୍ୟମ। ଦିନ କେଇଟାରେ କାଚରାର ସ୍ତ୍ରୀ ଅପହୃତ ହୋଇ ଚାଲିଗଲା। କାଚରା ଖୋଜି ଖୋଜି ଦୁଆର ବାଡ଼େଇଲା। ଭଡ଼ାଟିଆ ଗୁଣ୍ଡା ଧରିନେଲେ କାଚରାକୁ। ଅପହୃତା ମହିଳା କାଚରାକୁ ନ ଚିହ୍ନିଲା ଭଳି ଆଚରଣ କରି ଚୁଡ଼ି ମାଗିଲା। ବିଚରା ଚୁଡ଼ି ପିନ୍ଧେଇଲା। ଆରପାଳିକୁ ନାଲିରଙ୍ଗର ପାଣି ଚୁଡ଼ି ବି ମଗେଇଲା। ଦିନେ କାଚରା ସଙ୍ଗରେ ଅଭେଦ୍ୟ ଦୁର୍ଗରୁ ଅପହୃତା ଫେରାର ହୋଇଗଲା। ଚାଲିଗଲେ ସେମାନେ ଗୋଟେ ଅପହଞ୍ଚ ଇଲାକାକୁ। ସେଠି ଗଢ଼ିଲେ ନୂଆ ବାସ। ଆରମ୍ଭ କଲେ ନୂଆ ଇନିଂସ୍। ଆଜି ଏ ରସିକିଆ ପ୍ରେମ ପ୍ରତିଯୋଗିତାରେ କାଚରା ବି ଦାବିଦାର ଅଛି ପ୍ରଥମ ପ୍ରାଇଜ୍ ପାଇଁ।

ଶେଷ ପ୍ରାପ୍ତ ଖବର ଅନୁସାରେ ଏ ପ୍ରତିଯୋଗିତାକୁ ଆୟୋଜନକାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ କରିଦେଇଛନ୍ତି। ଆଉ ଦଳେ ବିରୋଧୀ କହୁଛନ୍ତି ପ୍ରେମରେ କିଏ ବଡ଼ ସାନ ସେଇଟା କ'ଣ ମାପି ହେବ? ସମସ୍ତଙ୍କ ପ୍ରେମ ସମସ୍ତଙ୍କ ଜାଗାରେ ମହାନ୍। ଆଇଏଏସ୍‌ର ପ୍ରେମ କାଚରା ପ୍ରେମଠୁ ବଡ଼ କିମ୍ବା ସାନ ହୋଇ ନ ପାରେ। ବୋଧହୁଏ ସେବେଠୁ ଏଭଳି ବିବାଦୀୟ ପ୍ରତିଯୋଗିତା କେଉଁଠି ଆୟୋଜନ ହେବାର କେହି ଶୁଣିନାହାନ୍ତି। ଜୟ ପ୍ରେମୀ, ଜୟ ଭାରତଭୂମି।

ମୋ: ୮୩୨୮୯୭୧୭୧୦

## କବିତା

### ନିକମା

**ନିରାକାର ଦାସ**

ସବୁଦିନେ ଭୋକ... ଭୋକ... ଭୋକ...
ସବୁବେଳେ ଛାତ... ଛାତ... ଛାତ...
ନାହିଁ ନାହିଁରେ ଫଟଉଥିଲ ଦେଶ।
ଏବେ ଖା' ଠା ଠା ଭାତ
ଯା' ନିକମା ନିଦ
ପଙ୍ଖାର ପଣତରେ ପୋଛୁଥା ସ୍ୱେଦ।

ମାଗଣା ପାଇଁ ଦୌଡ଼ୁ ମୁଲକଯାକ,
ନାଚୁଥା ମାଙ୍କଡ଼ ନାଚ।
ଧରେଇ ଦେଇଛୁ ଧର୍ମର ଅସ୍ତ୍ର
କାଟୁଥା ନିଜ ନିଜ ବେକ।
ନଚେତ୍ ବସିଥା ହୋଇ ବାବନାଭୂତ।

ଆଉ ଥିବ ଯେ ଉଠେଇବ ସ୍ୱର,
ଯୋଡ଼ିବ ବିପ୍ଳବର ପର।
ତୁମ ଧୀ ଶକ୍ତିର ଧ୍ୱଜଭଙ୍ଗ ଧଳାଫୁଲ
କାମନାରେ କାରୁକାର୍ଯ୍ୟ କଳାଫୁଲ
ଶୁଙ୍ଘେଇ ଶୁଙ୍ଘେଇ ବନଉଛୁ
ମଣିଷକୁ ମେଣ୍ଢା, ବିଜ୍ଞାନୀକୁ ବଳଦ।

ଖୋଳୁଥା ଶୋଷଣର ସାତତାଳ ପଙ୍କରୁ
ବୁଢ଼ୀ ଅସୁରୁଣୀ ଭେଦ।
ଏମିତି ହେଲେ ସିନା
ପିଇବୁ ଅୟସର ପୀୟୂଷ
ପିନ୍ଧିବୁ ସମ୍ପଦର ଶୌର୍ଯ୍ୟ
ବ୍ୟବସ୍ଥାକୁ ବନେଇପାରିବୁ ବିଷ।

ମୋ: ୯୪୩୭୦୧୩୧୩୯

### ବୟସ

**ତନ୍ମୟଜ୍ୟୋତି ନାୟକ**

ଅପରାହ୍ଣ ବାରଣ୍ଡାରେ ବସି ବସି ଭାବୁଛି ଏମିତି
ସବୁ କିଛି କାଲି ପରି ଆଖି ଆଗେ ଜୀବନ୍ତ ଯେମିତି।
ସବୁ କିଛି କାଲି ପରି ନୂଆ ଯାହା ଖବରକାଗଜ
କପ୍, ପ୍ଲେଟ୍ ବାକି ଯାହା ନୂଆ ନୁହଁ ଅନେକ ପୁରୁଣା;
ଠିକ୍ ତୁମ ପରି ହେ ମୋର ବୟସ!

ଲୁଚକାଳି ଖେଳୁଥିବା ଅବୋଧ ବାଳକ।
ଖେଳିବାକୁ ବେଳ କାହିଁ? ଏବେ ଦେଖେ ଆଖି ଆଗେ ନଈ,
ନଈର ସେ ଅସୁମାରି ସ୍ରୋତ ଧାରେ ଦେବିକି ଭସାଇ –
ଯେତେସବୁ ସ୍ମୃତି ଦେଲ, ଦୁଃଖ–ସୁଖ କାନ୍ଦ ଆଉ ହସ
କିପରି ବା ଭୁଲିଯିବି ଲେଖିବାକୁ ନିଅଣ୍ଟ ଆୟୁଷ।
ପଛକୁ ଚାହିଁଲେ ଦେଖେ ଆସିଲିଣି ଅନେକ ଯୋଜନ
ଖାଲ, ଢିପ କଣ୍ଟା–ଫୁଲ ଆଉ କେତେ ମାନ ଅଭିମାନ
ଆଗକୁ ପଡ଼ିଛି ରାସ୍ତା ଏବେ ସ୍ପଷ୍ଟ ହୁଏ ଦିବାଲୋକେ
ବାକିଥିବା କାହାଣୀକୁ ବଖାଣେ ମୁଁ ବସି ନିଜପାଖେ।

ଜୀବନ ଓ ଯୌବନର ତୁମେ ହିଁ ତ ମୋର ମୂକସାକ୍ଷୀ
ତୁମେ ହିଁ କରିଛ ସବୁ ଆଉ କିଛି ରଖିଦେଲ ବାକି
ବାକିଥିବା କାମସବୁ କରିବାକୁ ଯେବେ ଭାବିଥିଲି
ସହସା ଡାକିଲ ତୁମେ, 'ଏବେ ବେଳ ଆସ ସଙ୍ଗେ ଚାଲି'।
ଚାଲିଲି ଅନେକ ବାଟ, ଏବେ କୁହ ଆଉ କେତେ ଦୂର!
ପହଞ୍ଚିଗଲେ ମୁଁ ସେଠି ନେଇଆଣି ଦେବ ମୋ' ଖବର,
କହିଦେବ– କାନ୍ଦିବେନି କେହି,
ଚିତାନଳ ପାଶେ ମୋର କବିତାଟେ ଦେବେ ଯଦି ଗାଇ
ସେତକ ହେବ ହିଁ ମୋର ଶେଷ ଇଚ୍ଛା, ଶେଷ ମନ୍ତ୍ର ଶ୍ରୁତି
ଲଭିବ ପରାଣ ମୋର ସ୍ୱର୍ଗପୁରେ ଅମୂଲ ମୁକତି।

ଆଉ ସେଦିନ ଏ ପୃଥିବୀର ସୀମାନ୍ତରେ ଛିଡ଼ାହେଇ ତୁମେ
ଦେଖିନେବ ଆକାଶରେ ଆଜିପରି ଚାଲିଯାଏ ମେଘ
ପତ୍ର ଯେବେ ଝଡ଼ିଯାଏ ଗୋଟିଗୋଟି ଦିନ ଯେତେ ଯାଏ
ସବୁକିଛି ଘଟିଯାଏ, ତିଳେ ହେଲେ ରହେନାହିଁ ଦାଗ
ସେଦିନ, ସେଦିନ ଏ ପୃଥିବୀର ଏ ସଂକୀର୍ଣ୍ଣ ପରିସର ବ୍ୟାପୀ
ତୁମେ ମୋତେ ଖୋଜିଯିବ ଆଜିପରି ତଥାପି ତଥାପି।

ମୋ: ୭୨୦୫୭୯୫୦୨୨

### ଅହଲ୍ୟାର ବର୍ତ୍ତମାନ

**ନୀଳମଣି ସାହୁ**

ସୂକ୍ଷ୍ମ ରେଣୁରେ ପରିଣତ ହେବାକୁ
ବାଲି ମାଟି ସହ ମିଶିଯିବାକୁ
ଯିବାକୁ ଧ୍ୱଂସପ୍ରାପ୍ତ ହୋଇ,
କାନ୍ତାରରେ ମୋର ବିଜନ ପ୍ରତୀକ୍ଷା
ପ୍ରତୀକ୍ଷାର ଅନ୍ତ ନାହିଁ ସତ୍ୟ,
ତାକୁ ଅନନ୍ତ କରିବାକୁ
ମୋର ପ୍ରାଣସ୍ୱର୍ଶୀ ନିବେଦନ!

ତୁମ ପାଦସ୍ପର୍ଶ ପାଇଁ ପ୍ରତୀକ୍ଷାରେ
ନୁହେଁ ମୁଁ ପତିତା, ମୁଁ ପତିତା ସେଥିପାଇଁ
ଯିଏ ମୋତେ ମିଶେଇଦେବ
ଏ ପବିତ୍ର ମାଟିରେ
ଝଡ଼ ବର୍ଷା ପବନର ପ୍ରାଣସ୍ପର୍ଶ ଦେଇ।

ଯାହା ହୁଏ ତୁମଠୁ ଆରମ୍ଭ
ତାହା ପୁଣି ଅନ୍ୟ ପାଇଁ ପାପ
ପରକୀୟା ତୁମଠାରୁ ସୃଷ୍ଟି
ତେବେ ମୋ ପାଇଁ ସେ ପାପବୃଷ୍ଟି,
ଶିଳାର କଷଟି!

ସହସ୍ରାକ୍ଷ ପାଇଗଲେ ସହସ୍ର ଯୋନିକୁ
ମୋତେ କାହିଁ ଦିଆଗଲା ପଥରର ପ୍ରାଣ?
ଏ ତ ଅନ୍ୟାୟ, ଗଣତନ୍ତ୍ର ନୁହେଁ
ସମାନ ଦୋଷ ପାଇଁ ଯେ ଦଣ୍ଡରେ ଭିନ୍ନତା!
ହଁ, ଦୁର୍ବଳ ଯେ ସବୁବେଳେ ଅଭିଶପ୍ତା।

ଛଳନାର ଛଦ୍ମବେଶେ ସେ ତ ଆସିଥିଲେ
ମୋର ଗନ୍ତବ୍ୟ ନ ଥିଲା ତାଙ୍କ ଦରବାରେ
ସାଜିବାକୁ ରାଜସଭା ନୃତ୍ୟର ନର୍ତ୍ତକୀ
ତଥାପି କଠୋର ଶାସ୍ତି ମୋତେ ଦିଆଗଲା
ମୋର ଚିରନ୍ତନ ପ୍ରଶ୍ନବାଚୀ!

ତୁମେ କଳିଯୁଗ କଳ୍କୀ!
ଜଳାଇବ ଧୂମକେତୁ ନକ୍ଷତ୍ର ମଣ୍ଡଳ,
ଜାଳିଦେବ ସୃଷ୍ଟି ସବୁ କ୍ଷଣକ ମଧ୍ୟରେ
ତା' ଭିତରେ ଜଳିଯିବ ମୋର ଉଦ୍ଧରଣ
ସେଥିପାଇଁ ତୁମ ଲାଗି ନୁହେଁ ମୋ ପ୍ରତୀକ୍ଷା
ପ୍ରତୀକ୍ଷାର ଅନ୍ତ ହେଉ ପୁନଃ ପ୍ରତୀକ୍ଷାରେ!

ଯେବେ ବି ଆସିବ,
ବିନ୍ଦୁକୁ ଉଦ୍ଧାର କରି ସିନ୍ଧୁକୁ ଧ୍ୱଂସିବ!
ଧୂଳିରେଣୁ ଧରି ହାତେ ଧୂସର ନାଶିବ!
ପତ୍ରଟିଏ ତୋଳି ଧରି ବୃକ୍ଷକୁ ଛେଦିବ!
ସେଥିପାଇଁ ପ୍ରତୀକ୍ଷା ମୋ ନ ହେଉ ନିରବ।

ମୋ: ୭୦୦୮୦୭୦୧୬୬

## ପୁସ୍ତକ ପରିଚୟ

### ପୂଜା ପତ୍ରିକା – ୨୦୨୪

#### ଭିଜାମାଟି



**ସମ୍ପାଦିକା:** ଚିନ୍ମୟୀ ଷଡ଼ଙ୍ଗୀ
**ସାଇଜ୍:** ଏ–୪, ପୃ.ସଂ.୨୦୮,
**ମୂଲ୍ୟ:** ଟ.୧୦୦/–

ମୋ ଗାଁ: ମୋ ପିଲାଦିନ ବିଶେଷାଙ୍କ ଭାବେ ପ୍ରକାଶ ପାଇଛି। ଏଥିରେ ଯେଉଁ ପ୍ରବୀଣ ଲେଖକମାନଙ୍କ ଲେଖା ରହିଛି, ସେମାନେ ହେଲେ ପ୍ର. ଆଦିକନ୍ଦ ସାହୁ, ଅଧ୍ୟାପକ ବିଶ୍ୱରଂଜନ, ବୈଷ୍ଣବ ଚରଣ ମହାନ୍ତି, ପୀତବାସ ରାଉତରାୟ ଓ ଅର୍ଚ୍ଚନା ନାୟକ। ହୃଷୀକେଶ ମଲ୍ଲିକ, ସୁରେନ୍ଦ୍ର ପାଣିଗ୍ରାହୀ, ମମତା ଦାଶ ଓ ରକ୍ଷକ ନାୟକଙ୍କ କବିତା ସାଙ୍ଗକୁ ରହିଛି ସରୋଜିନୀ ସାହୁଙ୍କ ଅନୁସୃଜନ।

#### ଝରଣା



**ସମ୍ପାଦକ:** ମନୋଜ କୁମାର ଜେନା
**ସାଇଜ୍:** ଏ–୪, ପୃ.ସଂ.୧୬୦,
**ମୂଲ୍ୟ:** ଟ.୧୦୦/–

'ଓଡ଼ିଆ ଅସ୍ମିତା' ଶୀର୍ଷକରେ ସମ୍ପାଦକୀୟରେ ସମ୍ପାଦକ 'ଅସ୍ମିତା'ର ବ୍ୟାଖ୍ୟା କରିଛନ୍ତି ନାନା ଦୃଷ୍ଟାନ୍ତର ଉପସ୍ଥାପନା ସହ। ପ୍ରବନ୍ଧ ବିଭାଗରେ ଡ. ଶରତ ଚନ୍ଦ୍ର ରଥ, ଡ. ବିବେକାନନ୍ଦ ପାଣିଗ୍ରାହୀ, ଶ୍ରୁତକୀର୍ତ୍ତି ତ୍ରିପାଠୀ, ଡ. ଦେବାଶିଷ ମହାପାତ୍ର; ଗଳ୍ପ ବିଭାଗରେ ଡ. ପ୍ରତିଭା ମହାରଥୀ, ସତ୍ୟ ମିଶ୍ର, ଆନନ୍ଦ ଚନ୍ଦ୍ର ପହି, କାଳିନ୍ଦୀ ଚରଣ ଭଞ୍ଜ, ଡ. ଉପେନ୍ଦ୍ର ପ୍ରସାଦ ନାୟକ; କବିତା ବିଭାଗରେ ଡ. ପ୍ରସନ୍ନ କୁମାର ମହାନ୍ତି, ନୀହାରିକା ରାୟ ବରାଳ, ମୌସୁମୀ ଦାସ; ଅନୁବାଦରେ ଡ. ବିନୋଦିନୀ ପାତ୍ର, ଭ୍ରମଣ କାହାଣୀରେ ଗୋପାଳ ଚନ୍ଦ୍ର ମିଶ୍ର ଓ ସାକ୍ଷାତ୍‌କାରରେ ସ୍ଥାନିତ ଡ. ଶକୁନ୍ତଳା ବଳିୟାରସିଂହ।

#### ଆମ ପଞ୍ଚବଟୀ



**ସାଇଜ୍:** ଏ–୪, ପୃ.ସଂ.୩୭୬
**ମୂଲ୍ୟ:** ଟ.୩୦୦/–

ସୁଶାନ୍ତ କୁମାର ନାୟକଙ୍କ ସମ୍ପାଦନାରେ 'ଆମ ପଞ୍ଚବଟୀ' ପୂଜାସଂଖ୍ୟା ପ୍ରକାଶ ପାଇଛି। ଏଥିରେ ଘୃଣା ନୁହେଁ, ପ୍ରେମ ହିଁ ହେଉ ଆମ ଉପାସନା ଶୀର୍ଷକ ସମ୍ପାଦକୀୟ ପ୍ରକାଶ ପାଇଛି। ଗଳ୍ପରେ ବିଭୂତି ପଟ୍ଟନାୟକ, ସଦାନନ୍ଦ ତ୍ରିପାଠୀ, ଅଧ୍ୟାପକ ବିଶ୍ୱରଂଜନ, ତରୁଣ କୁମାର ସାହୁ ଓ କାଶୀନାଥ ନନ୍ଦୀ ପ୍ରମୁଖ ରହିଛନ୍ତି। ପ୍ରବନ୍ଧରେ ଡ. ବାବାଜୀଚରଣ ପଟ୍ଟନାୟକ, ବିଜୟାନନ୍ଦ ସିଂ, ଫଣୀନ୍ଦ୍ର ଭୂଷଣ ନନ୍ଦ ଓ ସୌଭାଗ୍ୟବନ୍ତ ମହାରଣା ରହିଛନ୍ତି। ସେହିପରି କବିତାରେ ଫନୀ ମହାନ୍ତି, ବଂଶୀଧର ଷଡ଼ଙ୍ଗୀ, ଭଗବାନ ଜୟସିଂହ, ଅମରେନ୍ଦ୍ର ଖଟୁଆ ଓ ସେନାପତି ପ୍ରଦ୍ୟୁମ୍ନ କେଶରୀ ପ୍ରମୁଖଙ୍କ ଲେଖା ପ୍ରକାଶିତ ହୋଇଥିବାରୁ ପତ୍ରିକାର ଶ୍ରୀ ବୃଦ୍ଧି ହୋଇଛି।

#### ସାହିତ୍ୟ ଚର୍ଚ୍ଚା



**ସମ୍ପାଦକ:** ନିହାର ରଂଜନ ଶତପଥୀ
**ସାଇଜ୍:** କ୍ରାଉନ୍, ପୃ.ସଂ.୬୮,
**ମୂଲ୍ୟ:** ଟ.୪୦/–

'ତୃତୀୟ ନୟନ' ଶୀର୍ଷକରେ ସମ୍ପାଦକୀୟ, ବେଶି ବଡ଼ ନୁହେଁ; ଅଥଚ ବୁଦ୍ଧିଦୀପ୍ତ ଓ ଭାବ–ପ୍ରସାରୀ। ଦେବୀଙ୍କର ତୃତୀୟ ନୟନ, ଯାହା ଜ୍ଞାନର ପ୍ରତୀକ। ବଳଦେବ ମହାରଥୀଙ୍କ ଅଙ୍କିତ ପ୍ରଚ୍ଛଦ ମଧ୍ୟ ଦେବୀଙ୍କର ତ୍ରି–ନେତ୍ରକୁ ନେଇ। ନାରୁ ମହାନ୍ତି, ଅଧ୍ୟାପକ ବିଶ୍ୱରଂଜନ, ଅନିଲ କୁମାର ପାଢ଼ୀ ଓ ରବି ସ୍ୱାଇଁଙ୍କ ଗଳ୍ପ ସାଙ୍ଗକୁ ପତ୍ରିକାରେ ସ୍ଥାନିତ ଦୋଳଗୋବିନ୍ଦ ବିଶୀ, ବସନ୍ତ କୁମାର ପଣ୍ଡା, ମାନସ ରଂଜନ ମହାପାତ୍ର ଓ ଆଦିକନ୍ଦ ସାହୁଙ୍କ ପ୍ରବନ୍ଧ; ଅଜୟ କୁମାର ମିଶ୍ରଙ୍କ ବ୍ୟଙ୍ଗ ରଚନା ଏବଂ ଅଭୟ ଦାଶଙ୍କ ରମ୍ୟରଚନା ପତ୍ରିକାରେ ସ୍ଥାନିତ ହୋଇଛି। କବିତା ଲେଖିଛନ୍ତି ସୁଶ୍ରୀ ସଂଗୀତା ମିଶ୍ର। ସାକ୍ଷାତ୍‌କାରରେ ଅଛନ୍ତି ମନୋରମା ବିଶ୍ୱାଳ ମହାପାତ୍ର।

## କାଳକାଳକୁ



**"ଲେଖାଯାଉଥିବା କବିତାଟି କେବେ ସରେ ନାହିଁ, ତାକୁ ଛାଡ଼ିଦିଆଯାଏ।"**
**–ପଲ୍ ଭାଲେରୀ**

**ପଲ୍ ଭାଲେରୀଙ୍କ** ଜନ୍ମ ୩୦ ଅକ୍ଟୋବର ୧୮୭୧ରେ ଓ ପରଲୋକ ୨୦ ଜୁଲାଇ ୧୯୪୫ରେ। ସେ ଏକାଧାରରେ କବି, ପ୍ରାବନ୍ଧିକ ଓ ଦାର୍ଶନିକ। 'The Young Fate' ହେଉଛି ତାଙ୍କର ସବୁଠୁଁ ପ୍ରସିଦ୍ଧ କବିତା। ଭାଲେରୀଙ୍କୁ ଶେଷ ପ୍ରତୀକବାଦୀ ଓ ପ୍ରଥମ ଉତ୍ତର–ପ୍ରତୀକବାଦୀ ଭାବେ ଗ୍ରହଣ କରାଯାଏ। ସାହିତ୍ୟକୁ ଅମର ଅବଦାନ ପାଇଁ ବିଭିନ୍ନ ସମୟରେ ୧୨ ଥର ତାଙ୍କ ନାମ ନୋବେଲ ପୁରସ୍କାର ପାଇଁ ପ୍ରସ୍ତାବିତ ହୋଇଛି। କୁହାଯାଏ ଯେ ଯଦି ସେ ସେହିବର୍ଷ ମୃତ୍ୟୁବରଣ କରି ନ ଥା'ନ୍ତେ, ତେବେ ୧୯୪୫ରେ ତାଙ୍କୁ ନୋବେଲ ପୁରସ୍କାର ଦେବାକୁ ସ୍ୱିଡିଶ୍ ଏକାଡେମୀ ମନସ୍ଥ କରିଥିଲେ।

## ଜୀବନ

**ମିନିଗଳ୍ପ**

**ସୁଧୀର କୁମାର ଦ୍ୱିବେଦୀ**

ହରିହର ଆଦୌ ବିଶ୍ୱାସ କରି ପାରୁ ନ ଥିଲେ ଯେ ସେ ଏତେବଡ଼ ଟ୍ରେନ୍ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ହାତ ଗୋଡ଼ ଭାଙ୍ଗିବା, ଖଣ୍ଡିଆଖାବରା ହେବା ତ ଦୂରର କଥା ତାଙ୍କ ଚୁଟିଟିଏ ମଧ୍ୟ ଉପୁଡ଼ି ନ ଥିଲା। ଓଲଟି ପଡ଼ିଥିବା ବଗି ମଧ୍ୟରେ ଭଗବାନ୍ ତାଙ୍କୁ ଯେମିତି ଘଣ୍ଟି ଘୋଡ଼ାଇ ରଖିଦେଲେ। ଦୁର୍ଘଟଣାଗ୍ରସ୍ତ ଟ୍ରେନ୍‌ରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଅକ୍ଳେଶରେ ବାହାରକୁ ବାହାରି ଆସି ସେ ଅନ୍ୟ ମୃତାହତ ଲୋକଙ୍କୁ ସହାୟତାର ହାତ ବଢ଼ାଇ ଦେଇଥିଲେ ରାତି ପାହିବା ପର୍ଯ୍ୟନ୍ତ। ଅବଶ୍ୟ ସେ ଯେ ବଞ୍ଚିଯାଇଛନ୍ତି, ଏକଥା ଘର ଲୋକଙ୍କୁ ଫୋନ୍ କରି ତାଙ୍କ ମୌଳିକ କର୍ତ୍ତବ୍ୟଟି ସମ୍ପାଦନ କରିଦେଇଥିଲେ। ଦୁର୍ଘଟଣାର ଦୁଇଦିନ ପରେ ସକାଳ ଦଶଟା ବେଳକୁ ଗୋଟେ ବସ୍ ତାଙ୍କୁ ମାଗଣାରେ ଗାଁ ମୁଣ୍ଡରେ ଛାଡ଼ିଦେଇ ଗଲା।

ମୃତାହତ ଲୋକଙ୍କ ଆର୍ତ୍ତନାଦ ଶୁଣିଶୁଣି, ଖଣ୍ଡବିଖଣ୍ଡିତ ରକ୍ତାକ୍ତ ମୃତ ଶରୀର ସବୁ ଦେଖି ଦେଖି ତଥା ଦୁର୍ଘଟଣା ଦିନ ସାରା ରାତି ପରିଶ୍ରମଜନିତ କ୍ଲାନ୍ତି ଯୋଗୁ ମୁଣ୍ଡଟା ତାଙ୍କର ଭାରି ଭାରି ଲାଗୁଥିଲା। ବସ୍‌ଷ୍ଟପ୍‌ରେ ଥିବା ନଳକୂଅରେ ହାତଗୋଡ଼ ଧୋଇ ମୁନ୍ଦେ ପାଣି ପିଇଲେ।

ଘରକୁ ଫେରିବାକୁ ତାଙ୍କୁ ଆଦୌ ଇଚ୍ଛା ହେଉ ନ ଥିଲା। ଏମିତି ତ ଆସନ୍ତା ଛଅମାସ ସେ ଘରୁ ଛୁଟି ନେଇ କୋଲକାତା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ ଦାଦନ ଖଟିବାକୁ। ହେଲେ ଦୁଇଦିନ ପରେ ସକୁଶଳ ବାହୁଡ଼ିବାକୁ ପଡୁଛି ସେହି ନାହିଁ ନାହିଁର ସଂସାରକୁ। ଦାରିଦ୍ର୍ୟ ଆଉ ଅଭାବ ତାଙ୍କର ଯେମିତି ଚିର ସହଚର ପାଲଟିଯାଇଛି। ଘର କହିଲେ ବାପା ଜେଜେ ଅମଳର ଭିଟାମାଟି ଖଣ୍ଡକ। ଦି ବଖରା ଆଜବେଷ୍ଟସ୍ ଘର। ଆଜବେଷ୍ଟସ୍ ଠାଏ ଠାଏ ଫାଟିଯାଇଥିବାରୁ ବର୍ଷା ପାଣିରୁ ରକ୍ଷା ପାଇବା ପାଇଁ ତା' ଉପରେ ପଲିଥିନ ଢଙ୍କାଯାଇଛି। ସେହି ଘରେ ମୁଣ୍ଡ ଗୁଞ୍ଜିଥା'ନ୍ତି ପାଞ୍ଚ ପ୍ରାଣୀ କୁଟୁମ୍ବ–



ସେ, ତାଙ୍କ ପତ୍ନୀ ଆଉ ତିନି ବଡ଼ିଲା ଝିଅ। ତାଙ୍କୁ ଲାଗୁଥିଲା ଏତେ ବଡ଼ ଦୁର୍ଘଟଣାରୁ ବଞ୍ଚିଯାଇ ସେ ଯେମିତି ବାଜି ହାରିଯାଇଛନ୍ତି। ଈଶ୍ୱରଙ୍କ ନିକଟରେ ସେ ଆଦୌ କୃତଜ୍ଞ ରହିପାରୁ ନ ଥିଲେ। ପାଣି ଫୋଟକା ପରି ଜୀବନଟା ତାଙ୍କ ପାଇଁ ପଥର ପାଲଟିଗଲା କେମିତି ସେଦିନ। ପଞ୍ଚାବନ ବର୍ଷ ବୟସରେ ତାଙ୍କର ଯଦି କିଛି ହୋଇ ଯାଇଥା'ନ୍ତା, ସଂସାରଟା କ'ଣ ଅଚଳ ହୋଇ ଯାଉଥିଲା? ଘରଟା ମରାମତି ହୋଇ ପାରିଥା'ନ୍ତା, ସାନ ଝିଅଟି ଚାକିରି ପାଇଥା'ନ୍ତା, ବଡ଼ ଦୁଇ ଝିଅଙ୍କ ବାହାଘର ହୋଇ ପାରିଥା'ନ୍ତା, ଘରୁ ଦାରିଦ୍ର୍ୟ ସବୁଦିନ ପାଇଁ ଚାଲି ଯାଇଥାନ୍ତା।

ଏ ଦାଦନ ଜୀବନରୁ ବି ମୁକ୍ତି ମିଳିଯାଇଥାନ୍ତା।

ମଣିଷ ଜୀବନ ଅନିଶ୍ଚିତ। ତେବେ ଏ ଜୀବନ ମୃତ୍ୟୁ ଖେଳରେ ତାଙ୍କର ଏତେ ବଡ଼ କ୍ଷତି ହେବ ବୋଲି ସେ ଏବେ ବି କଳ୍ପନା କରି ପାରୁ ନ ଥିଲେ।

ଖାଲି ମାଗଣା ବସ୍ ଟିକେଟ୍ ଖଣ୍ଡିକରେ ସନ୍ତୁଷ୍ଟ ରହିବାକୁ ପଡ଼ିଲା, ବାସ୍।

ଏମିତି କେତେ କ'ଣ ଭାବି ଭାବି ସେ ତାଙ୍କ ଘର ଦାଣ୍ଡ ଦୁଆରରେ କେତେବେଳେ ଯେ ପହଞ୍ଚି ଯାଇଛନ୍ତି ତାଙ୍କର ହେତୁ ନ ଥିଲା। ହରିହରଙ୍କ ଉପରେ ପ୍ରଥମେ ନଜର ପଡ଼ିଲା ତାଙ୍କ ସାନ ଝିଅର। ସେ ଖୁସିରେ କୁରୁଳି ଉଠି ଚିତ୍କାର କରି ଉଠିଲା– "ମାଆ, ନାନୀ, ଆସ ଦେଖ, ବାପା ଆସିଗଲେ।" ହରିହରଙ୍କ ପତ୍ନୀ ବାଲ୍ଟିଏ ହଳଦୀ ପାଣି ଆଣି ତାଙ୍କୁ ଏକରକମ ଗାଧୋଇ ଦେଲେ। ସେ ଓ ତିନି ଝିଅ ତାଙ୍କ ଚରଣ ସ୍ପର୍ଶ କଲେ। ହରିହରଙ୍କୁ ଫେରିପାଇ ସମସ୍ତଙ୍କ ଆଖିରେ ଲୁହ ଜକେଇ ଆସିଲା। କାନ୍ଦ କାନ୍ଦ ସ୍ୱରରେ ତାଙ୍କ ପତ୍ନୀ କହିଲେ– "ଆମେ ଭିକ ମାଗି ବରଞ୍ଚ ଚଳିଯିବା, ଆଉ କେବେ ବି ଘରୁ ପାଦ କାଢ଼ିବନି। ଆମ ସମସ୍ତଙ୍କ ପାଇଁ ତୁମ ଜୀବନ ହିଁ ସବୁ କିଛି।"

ମୋ: ୯୪୩୯୯୧୫୪୧୬



ଜୋହର ବାହରୁଠାରେ ଶୁକ୍ରବାର ନ୍ୟୁଜିଲାଣ୍ଡ ବିପକ୍ଷରେ ଗୋଲ ସ୍କୋର ପରେ ଭାରତୀୟ ଖେଳାଳିମାନେ ଖୁସି ମୁହୂର୍ତ୍ତରେ।

**ସୁଲତାନ ଜୋହର କପ୍ ହକି**

# ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ୍ ଡ୍ର

**ଜୋହର ବାହରୁ, ୨୫।୧୦ (ପି.ଟି.)**

ସୁଲତାନ ଅଫ୍ ଜୋହର କପ୍ ହକି ପ୍ରତିଯୋଗିତାର ରାଉଣ୍ଡ ରବିନ ପର୍ଯ୍ୟାୟରେ ଶୁକ୍ରବାର ଖେଳାଯାଇଥିବା ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ ୩-୩ରେ ରୋମାଞ୍ଚକ ଡ୍ର ଭାବେ ଶେଷ ହୋଇଛି। ଭାରତ ତରଫରୁ ଗୁଜୋତ ସିଂ (୬ଷ୍ଠ ମିନିଟ), ରୋହିତ (୧୭ତମ) ଓ ଟାଲେମ ପ୍ରିୟୋବର୍ତ୍ତ (୬୦ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିବା ବେଳେ ନ୍ୟୁଜିଲାଣ୍ଡ ଡ୍ରାଗ୍-ଫ୍ଲିକର ଜଣ୍ଟି ଏଲମେସ (୧୭ତମ, ୩୨ତମ ଓ ୪୫ତମ) ହ୍ୟାଟ୍ରିକ୍ ଗୋଲ ସ୍କୋର କରିଥିଲେ। ଦଳ ତଥାପି ୧୦ ପଏଣ୍ଟ ସହ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ବଜାୟ ରଖିଛି। ତେବେ ଦଳ ଫାଇନାଲକୁ ଉନ୍ନୀତ ହେବ କି ନା ତାହା ଗ୍ରେଟ୍ ବ୍ରିଟେନ ବନାମ ଜାପାନ ଏବଂ ଅଷ୍ଟ୍ରେଲିଆ ବନାମ ମାଲେସିଆ ମ୍ୟାଚର ଫଳାଫଳ ଉପରେ ନିର୍ଭର କରେ।



ତୁର୍କମେନିସ୍ତାନ ବିପକ୍ଷରେ ଗୋଲ ଦେବାପରେ ଉଲ୍ଲସିତ ଭାରତର ରିଷି ସିଂ।

**୧୭ ବର୍ଷରୁ କମ୍ ଫୁଟ୍‌ବଲ**

# ତୁର୍କମେନିସ୍ତାନକୁ ହରାଇଲା ଭାରତ

**ଚୋନ୍‌ବୁରି, ୨୫।୧୦ (ପି.ଟି.)**

ଏଏଫ୍‌ସି (ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ) ୧୭ ବର୍ଷରୁ କମ୍ ଏସିଆନ କପ୍ ୨୦୨୫ କ୍ୱାଲିଫାୟର୍ସରେ ଭାରତ ଶୁକ୍ରବାର ତୁର୍କମେନିସ୍ତାନକୁ ୧-୦ ଗୋଲରେ ହରାଇ ଦେଇଛି। ବିଜୟସୂଚକ ଗୋଲ୍‌ଟିକୁ ରିଷି ସିଂ ଖେଳର ୪୪ତମ ମିନିଟରେ ସ୍କୋର କରିଥିଲେ। ଏହି ବିଜୟ ଦ୍ୱାରା ଭାରତ ଦୁଇଟି ମ୍ୟାଚରୁ ୬ ପଏଣ୍ଟ ହାସଲ କରିଛି। ଦଳ ରବିବାର ନିଜ ଗ୍ରୁପ୍‌ରେ ଏହାର ଅନ୍ତିମ ମ୍ୟାଚ ଆୟୋଜକ ଥାଇଲାଣ୍ଡ ବିପକ୍ଷରେ ଖେଳିବ। ଭାରତ ଏହାର ଓପନିଂ ମ୍ୟାଚରେ ବ୍ରୁନେଇକୁ ୧୩-୦ ଗୋଲ୍‌ରେ ପରାସ୍ତ କରିଥିଲା।







Prestige Xclusive

**BHUBANESWAR, Rabi Takies Chhak:** opposite to Kedar Gouri Resort, Mob: 7750925223; **Bapuji Nagar:** 105 Bapuji Nagar, Behind Yes Bank (Old Post Office Lane) Lane No 08, Ph: 0674-2597141/9937138998; **Bapuji Nagar:** 237,Pani TankiLane, Bapuji Nagar, Ph: 0674 2597685, Mob: 9777744071, **Sunderpada:** Shop No. 11, Vinayak Enclave, Mob: 7008463572; **Satyangar:** 10, Janpath, Satyangar, Mob: 8280056821, **ID Market:** Shop No FG 3, I.D. Market, Near Reliance Fresh, IRC Village Mob: 9861404879, **Damana:** 248, SailashreeVihar Road, Damana, Mob: 7327902258, **Baramunda:** A/37, Ruchika Market, Baramunda, Mob: 9937073674, **Raghunathpur:** Shop no - S5, Manson Green, Raghunathpur, Nandankanan road Mob: 8895390144; **CUTTACK, Dolmundai:** Hotel Akbari complex, Dolomundai, Haripur Road, Ph: 0671 2910337; Mob: 9348222581, **CDA:** Plot No.CM/3 (In front of Police Station), Markat Nagar, Sector - 7, Mob: 8917442506, 8280079702, **Rourkela:** Daily Market, Near Reliance Trend, Rourkela, Mob:9777457774 , **BALUGAON:** Chilika Road, Balugaon, Mob: 8984858783; **KENDRAPARA:** KakatChhak, Ph: 06727 221241; Mob: 9040562233; **DHENKANAL:** I.G. Super Market, near SBI ATM, Mob: 9337477279/9348178750; **BOLANGIR:** A.B.S.S. Road, Near Samaleswari Temple, Ph: 06652 232419; Mob: 9437331171, 9437241863; **SEMILIGUDA:** Infront of RAM Mandir Gate, Main Road, Mob: 8328800974. **BARGARH:** C/o: New patra needs, infront of Gopal Goshala, NH-6, Main Road, Mob: 9776323188; **SAMBALPUR,** Golbazaar: Near Durga Temple, Mob: 9338194750, **Berhampur:** Plot No 1865/2608, Khata No 833/395, Aska Road, opposite Chaturbhuj Petrol Pump- 09337748007, **Khordha:** Shop No- 140 & 145, Municipality Complex, New Bus Stand, in front of Bajaj Showroom, Mob: 9552614450

**AUTHORISED DEALERS & SUB DEALER:-** **BHUBANESWAR:-** Reeta-06742597111, Crockery Plaza- Mob: 9938399889, BNM Enterprises- Mob: 7008480152, Lingaraj Store- Mob: 7978209549, Sulochana Enterprises- Mob: 9338067682, Spectra Vision, Mob: 9937722277, Pratap Sewing Machine- Mob: 9937138544, Utkal Light House- Mob: 9937019272, Tammana Trading- Mob: 7004248554, Utkal Sales- Mob: 9853150619, Triveni Agency- Mob: 9937612806, Ghar Sansar Mart- Mob: 7205377126, Balaji Electonics- Mob: 9938469841, Jatni-D B Enterprises- Mob: 9078919100, Khordha-Mahorana Enterprises- Mob: 7978018288, Kitchen Plaza- Mob: 9337756820, Sai Traders- Mob: 7008298692-Bhubaneswar, S B Enterprises- Mob: 9437310480, Tarini Aluminium Stores- Mob: 9438568797, B S Enterprises, Mob: 9861155551, Sai Associate- Mob: 9937065641, **CUTTACK:-** Union Sales Emporium- Mob: 9338461472, Nigam Store- Mob: 8249064237, Janata General Store- Mob: 9937966355, Aurobinda Plastic- Mob: 8763923528, Friends Electrical- Mob: 9438510061, Arbinda Home Appliances- Mob: 9438480346, Puspak Agency- Mob: 7205016581, Balaji Distributor- Mob: 8763153928, Sanjaya Electronics- Mob: 9777777529-Salepur, Maa Padmavati Bastralaya- Mob: 8908194534-Rahama- **PARADEEP:-** Krishna Enterprise, Satapathy Enterprises- Mob: 9437088525-Kujanga, **ROURKELA:-** Prestige- Mob: 7064584070. Kitchen Accessories- Mob: 7008058146; Sundergarh-Laxmi Steel- Mob: 8895443777, Samuka Steel Center- Mob: 9437331074; Bhadrak- Mahalaxmi Home Appliances- Mob: 7381628318, Radhika Furniture-9437991876, Baripada-Aerovision- Mob: 9861828643; Angul-Saralia Trading- Mob: 9439471222, Nayagarh-Ganapati Home Appliances- Mob: 9583281930

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ